ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କୃଷକମାନଙ୍କ ବିକାଶ ପାଇଁ ନିଆଯାଉଛି ପଦକ୍ଷେପ | ୬



ହସିବାରୁ ପ୍ରିୟଙ୍କାଙ୍କୁ ଶକ୍ତ ଚାପୁଡ଼ା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com
ଏକବିଂଶତମ ବର୍ଷ ସଂଖ୍ୟା-୨୮୯ Vol. 21 No-289 17 JANUARY 2025 FRIDAY BHUBANESWAR ଶୁକ୍ରବାର, ୧୭ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦









ଦକ୍ଷତା ଓ ଶିଳ୍ପର ତ୍ୱରିତ ବିକାଶ ପାଇଁ
ଓଡ଼ିଶାରେ ନୂଆ ଅଧ୍ୟାୟର
ଶୁଭାରମ୍ଭ

ମହାମହିମ ରାଷ୍ଟ୍ରପତି, ସିଙ୍ଗାପୁର ଜନରାଜ୍ୟ
ଶ୍ରୀ ଥର୍ମନ୍ ଶନ୍ମୁଗରତ୍ନମ୍‌ଙ୍କୁ
ଓଡ଼ିଶା ବାସୀଙ୍କ
ଭବ୍ୟ ସ୍ୱାଗତ

ବିକଶିତ ଭାରତ@2047 ପାଇଁ ସମୃଦ୍ଧ ଓଡ଼ିଶା@2036 ଲକ୍ଷ୍ୟରେ
ଏକାଧିକ ମହତ୍ତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର

**ଭବିଷ୍ୟତ ପାଇଁ ଦକ୍ଷତା ବିକାଶ : ଓଡ଼ିଶାରେ ଏହି କ୍ଷେତ୍ରର ବ୍ୟାପକତା**
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

**ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ**
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

**ଅକ୍ଷୟ ଶକ୍ତି ଜ୍ଞାନ କୌଶଳ ସମ୍ପର୍କରେ ଗବେଷଣା**
ଶକ୍ତି ବିଭାଗ, ଓଡ଼ିଶା ସରକାର ଓ ଆଇଆଇଟି ଭୁବନେଶ୍ୱର ଏବଂ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭରସିଟି, ସିଙ୍ଗାପୁର

**ଗ୍ରୀନ ହାଇଡ୍ରୋଜେନ୍ କରିଡର୍**
ଇପିକଲ ଏବଂ ସେମ୍ବକର୍ପ, ସିଙ୍ଗାପୁର

**ଇଣ୍ଡଷ୍ଟ୍ରିଆଲ୍ ପାର୍କ**
(ଇଡକୋ ଏବଂ ସେମ୍ବକର୍ପ, ସିଙ୍ଗାପୁର)

**ପେଟ୍ରୋଲିୟମ୍, କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ ନିବେଶ କ୍ଷେତ୍ର (ପିସିପିଆଇଆର)**
ଇଡକୋ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର

**ନୂତନ ସହରର ବିକାଶ**
ବିଡିଏ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର)

**ଓଡ଼ିଶାର ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନର ସୁଦୃଢ଼ୀକାରଣ**
ବୈଦ୍ୟୁତିକ ଅଣୁବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସରକାର ଏବଂ ଜିଏଫ୍ ଟିଏନ୍, ସିଙ୍ଗାପୁର)



ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

DADLS-88
OIPR 15001/13/0371/2425

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର






କଟକ,(ଭାସ୍କର ନ୍ୟୁଜ): ସିଏମ ଟ୍ରଫି ୨୦୨୬ ନିମନ୍ତେ ୧୫ ବର୍ଷରୁ କମ୍ ଇଂଟର କ୍ଲବ୍ ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିଅନସିପ ଆଜି ରେଭେନସା ବିଶ୍ୱବିଦ୍ୟାଳୟ ଖେଳପଡିଆଠାରେ ଉଦଘାଟିତ ହୋଇଯାଇଛି । ବିଧାୟକ ଚୌଦ୍ୱାର-କଟକ ଶ୍ରୀ ସୌଭିକ ବିଶ୍ୱାଳ, ବିଧାୟିକା ବାରବାଟୀ-କଟକ ଇଂ. ସୋଫିଆ ଫିର୍ଦ୍ଦୋସ, ବିଧାୟକ କଟକ ସଦର ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଦତାତ୍ରୟ ଭାଉସାହେବ ଶିନ୍ଦେ, ରେଭେନସା ବିଶ୍ୱବିଦ୍ୟାଳୟର କୁଳସଚିବ କାହ୍ନୁ ଚରଣ ମଲିକ, ଜିଲ୍ଲା କ୍ରୀଡା ଅଧିକାରୀ ରଶ୍ମିରନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଫୁଟବଲ ଚାମ୍ପିୟନସିପକୁ ଉଦଘାଟନ କରିଥିଲେ । ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ରେଭେନସା ବିଶ୍ୱବିଦ୍ୟାଳୟ ପଡିଆରେ ଏହି ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ପ୍ରତ୍ୟହ ସକାଳ ୯ଟାରୁ ଦିନ ୧୧ଟା ୩୦ ଏବଂ ଦିନ ୨ଟାରୁ ୪ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ କ୍ଲବଗୁଡିକ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଆଜି ପ୍ରଥମ ଦିନରେ ଜୁନିଅର ଗାଲାଂଟ ଓ ୱାଇଏଏଫସି ଚୌଦ୍ୱାର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ୱାଇଏଏଫସି ଚୌଦ୍ୱାର ବିଜୟୀ ହୋଇଥିଲା । ପ୍ରତିଯୋଗୀତାରେ ମୋଟ ପ୍ରତିଯୋଗିତାରେ ୧୩ ଟି ଦଳ ଅଂଶଗ୍ରହଣ କରିଛନ୍ତି ।

### ସରିଲା ଆଦିବାସୀ ମେଳା

## ୧୨ ଦିନରେ ୯ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରିଲା ରାଜ୍ୟସ୍ତରୀୟ ଆଦିବାସୀ ମେଳା । ଭୁବେନଶ୍ୱରର ୟୁନିଟ-୩ ଆଦିବାସୀ ପଡ଼ିଆଠାରେ ଗତ ୧୨ ଦିନବ୍ୟାପୀ ଚାଲିଥିବା ମେଳା ସଫଳତାର ସହ ଶେଷ ହୋଇଛି । ଏହି ୧୨ ଦିନ ମଧ୍ୟରେ ସାଢେ ୯ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ବେଳେ ପ୍ରାୟତଃ ୧୦ ଲକ୍ଷରୁ ଅଧିକ ଜନସମାଗମ ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ଦୁଇ ଗୁଣା ଥିଲା । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ନିତ୍ୟାନନ୍ଦ ଗଣ୍ଡ ମେଳାର ସଫଳତା ସମ୍ପର୍କରେ ସୂଚନା ଦେଇଛନ୍ତି । ଉଦଯାପନୀ ସମାରୋହରରେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭଦ୍ରା ଉପସ୍ଥିତ ଥିବା ବେଳେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ, ଅନୁସୂଚିତ ଜାତି କଲ୍ୟାଣ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ ମଞ୍ଚାସୀନ ଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଚଳିତ ବର୍ଷର ଆଦିବାସୀ ମେଳା ଆମ ପାଇଁ ଥିଲା ସ୍ୱତନ୍ତ୍ର । ପ୍ରବାସୀ ଭାରତୀୟ ଦିବସ ଆମେ ପାଳନ କରିଛୁ, ପ୍ରଥମ ଥର ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ପହଂଚାଇବାରେ ସଫଳତା ପାଇଛୁ । ସେ ଏହା ମଧ୍ୟ କହିଛନ୍ତି, ମୁଖ୍ୟଧାରାର ବିକାଶରେ ଆଦିବାସୀଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯିବ । ରାଜ୍ୟ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିବା ସହିତ, ଆଦିବାସୀଙ୍କ ସାମୂହିକ ଆକାଂକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କ ସ୍ୱାର୍ଥ ପ୍ରତି ଯତ୍ନବାନ ହେଉଛନ୍ତି । ଆଦିବାସୀ ସଶକ୍ତିକରଣ ଏବଂ ଜୀବିକା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ସହିତ, ଆଦିବାସୀଙ୍କ ମଧ୍ୟରେ ଅଧିକ ସଚେତନତା ବୃଦ୍ଧି ପାଉଛି । ସେହିପରି ନବରଙ୍ଗପୁର ବିଧାୟକ ଆଦିବାସୀ ମେଳା ଆୟୋଜନର ଭୁରି ଭୁରି ପ୍ରଶଂସା କରିଥିବା ବେଳେ କୋଟପାଡ଼ ବିଧାୟକ ଓଡ଼ିଶା ମାଟିକୁ ଆଦିବାସୀ ପ୍ରଦେଶର ମାଟି ବୋଲି ବର୍ଣ୍ଣନା କରିଛନ୍ତି । ଉଦଯାପନୀ ସନ୍ଧ୍ୟାରେ ଜର୍ଣ୍ଣାଲ 'ଆଦିବାସୀ: ୬୪ତମ ଖଣ୍ଡ' ଉନ୍ମୋଚିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ବାର୍ଷିକ ରିପୋର୍ଟକୁ ମୁଖ୍ୟ ଅତିଥି ଅନାବରଣ କରିଛନ୍ତି । ୬ ଜଣ ସଫଳ ଜନଜାତି ଚାଷୀ, ୬ ଜଣ କ୍ଷୁଦ୍ର ଉଦ୍ୟୋଗୀ ଓ ଜଣେ ଜନଜାତି କଳାକାରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୩ ଟି ଶ୍ରେଷ୍ଠ କୁଡ଼ିଆ ଓ ୩ ଜଣ ଜନଜାତି ବ୍ୟବସାୟୀଙ୍କୁ ପୁରସ୍କୃତ କରାଯାଇଛି । ଚଳିତ ବର୍ଷ ପ୍ରବାସୀ ଭାରତୀୟ ଦିବସକୁ ଧ୍ୟାନରେ ରଖି ୧୮୮ ଷ୍ଟଲ୍ ପ୍ରସ୍ତୁତ କରାଯାଇଥିବା ବେଳେ ୨୦ ଟି ଆଦିବାସୀ କୁଡ଼ିଆ ନିର୍ମାଣ କରାଯାଇଥିଲା ଫଳରେ ସହର ମଧ୍ୟରେ ଆଦିବାସୀ ଗ୍ରାମର ଅନୁଭୂତି ପାଇଥିଲେ ଜନସାଧାରଣ । ଗଦବା, ପାଉଡିଭୂୟାଁ, ଡଙ୍ଗରିଆ କନ୍ଧ, ଜୁଆଙ୍ଗ, ସଉରା, ହିଲ୍ ଖଡ଼ିଆ, କୁଟିଆ କନ୍ଧ, ଚୁକୁଟିଆ ଭୁଞ୍ଜିଆ, ବଣ୍ଡା, ଭୂମିଜ, ସାନ୍ତାଳ, କୋୟା, ମୁଣ୍ଡା, ଖଡ଼ିଆ, ପରଜା, ଓରାଓଁ, ଗଣ୍ଡ, ଭାତୁଡ଼ି, କିସାନ ଏବଂ କୋହ୍ଲ ପ୍ରମୁଖ ଜନଜାତିଙ୍କର ବାସସ୍ଥଳୀର ନମୁନା ସର୍ବସାଧାରଣରେ ବେଶ୍ ପ୍ରଶଂସିତ ହୋଇଥିଲା । ଚଳିତ ବର୍ଷ ଆଦିବାସୀ ମେଳାରେ ୧୪୦ଟି ଜନଜାତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଭାଗ ନେଇଥିଲେ । ମୋଟ୍ ୪୯ ଟି ଗ୍ରୁପ୍ ର ୯୮୦ ଜଣ ଜନଜାତି ପ୍ରତିଭା ୭୦ ପ୍ରକାରର ଜନଜାତି ନୃତ୍ୟ ମଂଚରେ ପରିବେଷଣ କରିଛନ୍ତି । ମୋଟ୍ ୨୫୩୦ ଜଣ ଜନଜାତି ଏହି ମେଳାରେ ଅଂଶଗ୍ରହଣ କରିଥିବା ବେଳେ ମୋଟ୍ ୧୪୨୦ ଜଣ ଜନଜାତି ମହିଳା ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି ।



ଲୋକସେବା ଭବନରେ ଗୁରୁବାର ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ସରଣସିଂହଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଉଛନ୍ତି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାତୃ ବିୟୋଗ

କଟକ(ଭାସ୍କର ନ୍ୟୁଜ): ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାତୃ ବିୟୋଗ । ଗତକାଲି ରାତି ୯:୩୦ ଘଟିକା ସମୟରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ମାତା ଲୋଭାବତୀ ପରିଡା ୮୯ ବୟସରେ ଦେହତ୍ୟାଗ କରିଛନ୍ତି। ସେ ସ୍ୱର୍ଗତ ଶ୍ରୀବନ୍ତ ପରିଡାଙ୍କ ଧର୍ମପତ୍ନୀ ଥିଲେ। ବୟସାଧିକ କାରଣ ହେତୁ କଟକର ଅଶ୍ୱିନୀ ହସ୍ପିଟାଲରେ ସେ ବହୁ ଦିନ ଧରି ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ପରଲୋକରେ ନିଆଳି ଓ ନିମାପଡାରେ ଶୋକର ଛାୟା ଖେଳିଯାଇଛି।

### ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ମାତା ଲୋଭାବତୀ ପରିଡାଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ପୂଜ୍ୟା ମାତା ଲୋଭାବତୀ ପରିଡାଙ୍କ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ବର୍ଷ ବୟସ ହୋଇଥିଲା। ସ୍ୱର୍ଗତାଃ ପରିଡା ଜଣେ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତାଃ ଲୋଭାବତୀ ପରିଡାଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ସମବେଦନା ଜଣାଇ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି।

### ଜାତିଭିତ୍ତିକ ଜନଗଣନା ପାଇଁ ଦାବି ରଖିଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଠାରେ ଉପସ୍ଥିତ ଥିବା ପାର୍ଲିଆମେଣ୍ଟାରୀ କମିଟି ଅନ୍ ୱେଲଫେୟାର ଅଫ ଓବିସିର ଅଧକ୍ଷ ଶ୍ରୀ ଗଣେଶ ସିଂଙ୍କୁ ଭେଟି ଜାତିଭିତ୍ତିକ ଜନଗଣନା ଓ ଓଡ଼ିଶାର ଏସ୍‌ଇବିସିଙ୍କୁ ଜାତୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ଦୃଢ଼ ଦାବୀ ଜଣାଇଛନ୍ତି । ବିଜେଡିର ପ୍ରତିନିଧି ମଣ୍ଡଳୀରେ ଦଳର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ଼ଃ ଅରୁଣ କୁମାର ସାହୁ, ରାଜ୍ୟସଭା ସଂସଦ ସୁବାଶିଷ ଖୁଣ୍ଟିଆ, ବିଧାୟକ ପ୍ରଶାନ୍ତ ବେହେରା, ସୁଶାନ୍ତ ରାଉତ, ସୌଭିକ ବିଶ୍ୱାଳ, ଧ୍ରୁବ ସାହୁ, ଅନନ୍ତ ନାରାୟଣ ଜେନା, ସାରଦା ପ୍ରସାଦ ଜେନା, ପ୍ରଦୀପ ସାହୁ, ଡ଼ଃ ପ୍ରିୟବ୍ରତ ମାଝୀ ପ୍ରମୁଖ ଶ୍ରୀ ସିଂଙ୍କୁ ଭେଟି ଏହି ସନ୍ଦର୍ଭରେ ଏକ ସ୍ମାରକ ପତ୍ର ଦେଇଥିଲେ ।

### ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସହ ହିମାଚଳ ପ୍ରଦେଶ ବୈଷୟିକ ଶିକ୍ଷାମନ୍ତ୍ରୀଙ୍କ ସୌଜନ୍ୟମୂଳକ ସାକ୍ଷାତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୁରୁବାର ଅପରାହ୍ନରେ ହିମାଚଳ ପ୍ରଦେଶର ବୈଷୟିକ ଶିକ୍ଷା ମନ୍ତ୍ରୀ ରାଜେଶ ଧର୍ମାନୀଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଲୋକସେବା ଭବନସ୍ଥ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଉତ୍ତରୀୟ ଓ କୋଣାର୍କ ଚକ୍ରର ସ୍ମାରକ ପ୍ରଦାନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଧର୍ମାନୀ ବିଶ୍ୱ ଦକ୍ଷତା କେନ୍ଦ୍ର, ବୈଷୟିକ ଶିକ୍ଷା ବିଭାଗ ପରିଦର୍ଶନ କରିଥିଲେ । ଇଂଜିନିୟରିଂ ଛାତ୍ରଛାତ୍ରୀମାନେ ଟ୍ରେନିଂ ପ୍ଲେସ୍‌ମେଣ୍ଟରେ ଦେଶବିଦେଶରେ ନିଯୁକ୍ତି ପାଇଥିବା ଜାଣି ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କର ଉନ୍ନତି କାମନା କରିଥିଲେ । ଭବିଷ୍ୟତରେ ଓଡ଼ିଶାକୁ ରୋଲ୍ ମଡେଲ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶା ପ୍ରକଟ କରିଥିଲେ । ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଧର୍ମାନୀଙ୍କୁ ଅବଗତ କରାଇଥିଲେ । ହିମାଚଳ ପ୍ରଦେଶର ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଅକ୍ଷୟ ସୁଦ୍ଦଙ୍କ ସମେତ ହିମାଚଳ ପ୍ରଦେଶର ବିଭାଗୀୟ କର୍ମକର୍ତ୍ତା ଓ ଅଧିକାରୀବୃନ୍ଦ ଏହି ସାକ୍ଷାତ ଆଲୋଚନା ସମୟରେ ଉପସ୍ଥିତ ଥିଲେ ।

### ଆଦର୍ଶ ବିଦ୍ୟାଳୟରେ ବିଧାୟକ ଓ ସାଂସଦ କୋଟା ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଦର୍ଶ ବିଦ୍ୟାଳୟରେ ବିଧାୟକ ଓ ସାଂସଦ କୋଟା ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ । ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଧାୟକ ଏବଂ ସାଂସଦଙ୍କ କୋଟାରେ ଛାତ୍ରଛାତ୍ରୀଙ୍କୁ ଆଡମିସନ କରାଯାଉଛି । ତେଣୁ କୋଟାକୁ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରି ପତ୍ର ଲେଖିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ । ଚିଠିରେ ସେ ଲେଖିଛନ୍ତି ଯେ, ଆମ ରାଜ୍ୟରେ ସ୍କୁଲ ଶିକ୍ଷାର ମାନରେ ଉନ୍ନତି ସହ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରତ୍ୟେକ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି । ବିଦ୍ୟାଳୟରେ ସଂପୃକ୍ତ ବ୍ଲକର ମେଧାବୀ ବିଦ୍ୟାର୍ଥୀ ବିନା ଦ୍ୱିଧାରେ ପ୍ରବେଶିକା ପରୀକ୍ଷାରେ ନିଜର ସାମର୍ଥ୍ୟ ଅନୁସାରେ ପ୍ରସ୍ତୁତ ପୂର୍ବକ କୃତକାର୍ଯ୍ୟ ହୋଇ ଅଧ୍ୟୟନ ନିମନ୍ତେ ପ୍ରବେଶ କରିପାରୁଛନ୍ତି ।

### ସହର ସମସ୍ୟା ସମ୍ପର୍କିତ ଜନହିତ ମାମଲା

## ୨ ମାଇକ୍ରୋ କମ୍ପୋଷ୍ଟ୍ ପ୍ଲାଣ୍ଟ୍ ବନ୍ଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ): କଟକ ସହରର ବହୁବିଧ ସମସ୍ୟା ସମ୍ପର୍କିତ ଜନହିତ ମାମଲାରେ ସହରରେ ଥିବା ୨ ମାଇକ୍ରୋ କମ୍ପୋଷ୍ଟ୍ ପ୍ଲାଣ୍ଟ୍ ବନ୍ଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କଟକ ସହର ସମ୍ପର୍କିତ ଜନହିତ ମାମଲାର ଶୁଣାଣି କରି ଗୁରୁବାର ହାଇକୋର୍ଟ ଏପରି ଆଦେଶ ଦେଇଛନ୍ତି । କଟକ ସହର ମଧ୍ୟରେ ଥିବା ତେଲେଙ୍ଗା ବଜାରରେ ଥିବା କମ୍ପୋଷ୍ଟ୍ ପ୍ଲାଣ୍ଟ୍ ଏବଂ ସତୀଚୌରା ସ୍ମଶାନ ନିକଟରେ ଥିବା ମାଇକ୍ରୋ କମ୍ପୋଷ୍ଟ୍ ପ୍ଲାଣ୍ଟ୍‌କୁ ବନ୍ଦ କରିବା ପାଇଁ ହାଇକୋର୍ଟ କଟକ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି । ଶୁକ୍ରବାର ଦିନଠାରୁ ଦୁଇ ମାଇକ୍ରୋ କମ୍ପୋଷ୍ଟ୍ ପ୍ଲାଣ୍ଟରେ ଆଉ ଅଳିଆ ଆବର୍ଜନା ନ ପକାଇବାକୁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ସହର ମଧ୍ୟରେ ଥିବା ତେଲେଙ୍ଗା ବଜାର ନିକଟସ୍ଥ ରଘୁନାଥଜୀଉ ମନ୍ଦିର ପାର୍ଶ୍ୱରେ ଥିବା କମ୍ପୋଷ୍ଟ୍ ପ୍ଲାଣ୍ଟ୍ ଏବଂ ସତୀଚୌରା ନିକଟରେ ଥିବା ମାଇକ୍ରୋ କମ୍ପୋଷ୍ଟ୍ ପ୍ଲାଣ୍ଟ୍ ଦ୍ୱାରା ସହରରେ ପରିବେଶ ଦୂଷିତ ହେଉଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବିଶେଷ କରି ସହରର ମଧ୍ୟଭାଗରୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ହାଇକୋର୍ଟ ଆଦେଶ ଦିଅନ୍ତୁ ବୋଲି ମାମଲାର ଶୁଣାଣିବେଳେ ଅଦାଲତଙ୍କୁ ବୋଲି ପ୍ରାର୍ଥନା କରାଯାଇଥିଲା ।

### ୧୩ ଆଇନଜୀବୀଙ୍କୁ ବରିଷ୍ଠ ମାନ୍ୟତା

କଟକ(ଭାସ୍କର ନ୍ୟୁଜ): ଆଡଭୋକେଟ୍ ଆକ୍ଟ ୧୯୬୧ର ରୁଲ୍‌ସ (୭)୧ ଅଫ୍ ଦି ଓଡିଶା ହାଇକୋର୍ଟ (ଡେଜିଗ୍ନେସ୍ ଅଫ୍ ସିନିୟର୍ ରୁଲ୍‌ସ, ୨୦୧୯ ଅନୁସାରେ ହାଇକୋର୍ଟର ମୁଖ୍ୟ ବିଚାରପତି ୧୩ ଜଣ ଆଇନଜୀବୀଙ୍କୁ ବରିଷ୍ଠ ଆଇନଜୀବୀର ମାନ୍ୟତା ପ୍ରଦାନ କରିଛନ୍ତି । ଏ ନେଇ ଓଡିଶା ହାଇକୋର୍ଟ ପକ୍ଷରୁ ନୋଟିସ୍ ଜାରି କରାଯାଇଛି । ପ୍ରକାଶିତ ନୋଟିସ୍‌ରେ ଆଇନଜୀବୀ ସଞ୍ଜୟ କୁମାର ଆଚାର୍ଯ୍ୟ, ଅନୁପ୍ କୁମାର ବୋଷ, ବଂଶୀଧର ବାଗ, ବିବେକାନନ୍ଦ ଭୂୟାଁ, ଭବାନୀ ଶଙ୍କର ତ୍ରିପାଠୀ, ସୁଶାନ୍ତ କୁମାର ଦାସ, କମଳ ବିହାରୀ ପଣ୍ଡା, ଅମିତାଭ ଦାସ, ଦୟାନନ୍ଦ ମହାପାତ୍ର, ଗୋପାଳ କୁମାର ଅଗ୍ରୱାଲ, ବିଜ୍ଞାନ କୁମାର ଶର୍ମା, ବିଭୁ ପ୍ରସାଦ ତ୍ରିପାଠୀ, ଆଦିତ୍ୟ ନାରାୟଣ ଦାସ ପ୍ରମୁଖଙ୍କୁ ବରିଷ୍ଠ ଆଇନଜୀବୀ ଭାବେ ଘୋଷଣା କରାଯାଇଛି ।

### ପ୍ରଭାତୀ ପରିଡ଼ାଙ୍କ ମାଆଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଭାତୀ ପରିଡ଼ାଙ୍କ ମାଆଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମାନନୀୟା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ମାତା ଲୋଭାବତୀ ପରିଡ଼ାଙ୍କ ଦେହାନ୍ତ ଖବର ଶୁଣି ମୁଁ ଦୁଃଖିତ ଏବଂ ମର୍ମାହତ । ପୁଣ୍ୟାତ୍ମାର ସଦଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି ।

### ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ ସହ ବିଏମ୍‌ସିର ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୋବାଇଲ ହ୍ୱାଟ୍ସ ଆପ୍ ଚାର୍ଟବୋଟ୍ ଜରିଆରେ ଏଣିକି ନାଗରିକମାନେ ହୋଲ୍ଡିଂ ଟାକ୍ସ, ଘର ଭଡା, ଦୋକାନ ଘର ଭଡା, ଆଦି ସମସ୍ତ ଟାକ୍ସ ପୈଠ କରିବା ସହ ବିଭିନ୍ନ ସମସ୍ୟା ମଧ୍ୟ ଉପସ୍ଥାପନ କରିପାରିବେ । ଏଥିପାଇଁ ଆଜି ଇଣ୍ଡସଇଣ୍ଡ ବ୍ୟାଙ୍କ ସହ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ହ୍ୱାଟ୍ସଆପ୍ ଚାର୍ଟବୋଟ୍ ଦ୍ୱାରା ପ୍ରସ୍ତୁତ ଏହି ସଫ୍ଟୱେୟାରରେ ନାଗରିକମାନେ ନିଜ ଘର କିମ୍ବା ଦୋକାନର ହୋଲ୍ଡିଂ ନମ୍ବର ଲେଖିଥିଲେ, ଆପେ ଆପେ ତାଙ୍କର ସମସ୍ତ ତଥ୍ୟ ବାହାରି ପଡିବ । କେତେ ଦିନ ହେଲା ଟାକ୍ସ ବା ଭଡା ଦେଇ ନାହାଁନ୍ତି, କେତେ ଟଙ୍କା ଦେବାକୁ ହେଉଛି, କାହା ପାଖକୁ ପଠାଇବାକୁ ପଡିବ ଆଦି ଘରର ସମସ୍ତ ତଥ୍ୟ ବାହାରି ପଡିବ । ତେଣୁ ନାଗରିକଙ୍କୁ ଆଉ ବାରମ୍ବାର ୱାର୍ଡ ଅଫିସ କିମ୍ବା ବିଏମ୍‌ସି ମୁଖ୍ୟାଳୟକୁ ଦୌଡିବାକୁ ପଡିବ ନାହିଁ । ବୁଝାମଣା ପତ୍ର ସ୍ୱାକ୍ଷରିତ ଉପଲକ୍ଷେ ବିଏମସିି ଏକାମ୍ର ହଲରେ ଆୟୋଜିକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ କର୍ପୋରେଟରଙ୍କ ସହ ବିଏମ୍ ସି ପକ୍ଷରୁ ମେୟର ସୁଲୋଚନା ଦାସ, କମିଶିର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ଅଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ । ସେହିପରି ଇଣ୍ଡସଇଣ୍ଡ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କର ରାଜ୍ୟ ମୁଖ୍ୟ ଅରୂପ ମହାପାତ୍ର, ଆଞ୍ଚଳିକ ମୁଖ୍ୟ ପ୍ରଶାନ୍ତ ଗୌଡ, ରାଜ୍ୟ ବୈଷୟିକ ମୁଖ୍ୟ ଶୁଭାଶିଷ ସାହୁ, ଏମରଟେକ୍ ସଲ୍ୟୁସନର ମୁଖ୍ୟ ସନ୍ତୋଷ ରେଡ୍ଡୀଙ୍କ ସହ ବ୍ୟାଙ୍କର ଭାଇସ୍ ପ୍ରେସିଡେଣ୍ଟ ଶୁଭକାନ୍ତ ଶତପଥି ଓ ଦେବକାନ୍ତ ସାମଲଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି ।

### ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଏବଂ ସେଲ୍‌କୋ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ କ୍ଷୁଦ୍ର ଶିଳ୍ପର ବିକାଶ ନିମନ୍ତେ ସୌର ଶକ୍ତିର ବିନିଯୋଗ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ଏବଂ ସେଲ୍‌କୋ ଫାଉଣ୍ଡେସନ୍ ମାଧ୍ୟମରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି । ଏହି ସହଭାଗିତାର ଲକ୍ଷ୍ୟ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବା ତଥା ପ୍ରଦୂଷଣ ମୁକ୍ତ ଏବଂ ସୁଲଭ ମୂଲ୍ୟରେ ବ୍ୟବସାୟିକ ଅନୁଷ୍ଠାନମାନଙ୍କୁ ସୌର ଶକ୍ତି ଉପଲବ୍ଧ କରାଇ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା । ଆୟୋଜିତ ସ୍ୱାକ୍ଷର ସମାରୋହ ପ୍ରମୁଖ ଅଂଶୀଦାରମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଏସ୍.କେ. ତାଲକଦାର, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଧକ୍ଷ ରିଷି ସିଂହ, ମହାପ୍ରବନ୍ଧକ ତୃପ୍ତି ରଞ୍ଜନ ସ୍ୱାଇଁ, ମହାପ୍ରବନ୍ଧକ ଶ୍ୱେତଭ କୁମାର ଏବଂ ସେଲ୍‌କୋ ଫାଉଣ୍ଡେସନ୍‌ର ମୁଖ୍ୟ ଆର୍ଥିକ ଅଧିକାରୀ ଭି.କେ. ଜୋବି ପ୍ରମୁଖ ଉପସ୍ଥିତ ଥିଲେ । ସେଲ୍‌କୋ ଫାଉଣ୍ଡେସନ ଭଳି ସଙ୍ଗଠନ ସହିତ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକର ସହଭାଗିତା ଦ୍ୱାରା ତୃଣମୂଳ ସ୍ତରର ପ୍ରଭାବକୁ ବୃଦ୍ଧି କରାଯାଇପାରିବ ବୋଲି ନାବାର୍ଡର ସିଜିଏମ୍ ନିଜର ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ, ଅଭିନବ ଏବଂ ସୁଲଭ ଆର୍ଥିକ ଉତ୍ପାଦ ମାଧ୍ୟମରେ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସହଯୋଗ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ । ଏହି ସହଭାଗିତା ରାଜ୍ୟରେ ସୌର ଶକ୍ତିର ବିକାଶ ପାଇଁ ପଥ ପ୍ରଶସ୍ତ କରିବ, କ୍ଷୁଦ୍ର ବ୍ୟବସାୟ, ଚାଷୀ ଏବଂ ଗ୍ରାମୀଣ ପରିବାରକୁ ପ୍ରଦୂଷଣ ମୁକ୍ତ ଶକ୍ତି ବ୍ୟବହାର ପାଇଁ ସକ୍ଷମ କରିବ, ଯାହାଦ୍ୱାରା ସାମାଜିକ ଆର୍ଥିକ ବିକାଶ ହୋଇପାରିବ ବୋଲି ଆଶା କରାଯାଉଛି । ଓଜିବିରୁ ପ୍ରଭୂ ପ୍ରସାଦ ମିଶ୍ର, ସେଲ୍‌କୋ ଫାଉଣ୍ଡେସନରୁ ସଞ୍ଜୟ ତ୍ରିପାଠୀ, ସତ୍ୟପ୍ରିୟ ସାହୁ, ଗୌତମ ପ୍ରଧାନ ଏବଂ ଉଭୟ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

### ଚାଷୀଙ୍କ ହିତରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ

## ଅଢେଇ ମାସ ମଧ୍ୟରେ ପ୍ରାୟ ସାଢେ ୬ ଲକ୍ଷ କଲ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୋଗ୍ୟ ଚାଷୀ ଯେଭଳି ନିଜର ପ୍ରାପ୍ୟ ପାଇବାରୁ ବଂଚିତ ନହୁଅନ୍ତି ଏଥି ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି । ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିସରରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି । ଚାଷୀ ମାନଙ୍କ ସ୍ୱାର୍ଥ ସାଧନ ଓ ସେମାନଙ୍କୁ ସର୍ବାଧିକ ଲାଭ ଦେବା ଲକ୍ଷ୍ୟ ନେଇ ଏହି କକ୍ଷ କାର୍ଯ୍ୟକ୍ଷମ ହୋଇଛି । ଏହାଦ୍ୱାରା ଧାନ ବିକ୍ରୟ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ଚାଷୀ ମାନେ ତୁରନ୍ତ ସେମାନଙ୍କ ଅଭିଯୋଗ ଏହି କକ୍ଷ ମାଧ୍ୟମରେ କରିପାରୁଛନ୍ତି । ଯାହାଦ୍ୱାରା ସମ୍ପୃକ୍ତ ସମସ୍ୟାର ସମାଧାନ କରାଯାଇ ପାରୁଛି। ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ମାନେ ନିଯୁକ୍ତ ହୋଇ ଧାନକିଣା ପ୍ରକ୍ରିୟା ତଦାରଖ କରୁଛନ୍ତି । କୌଣସି ଅଭିଯୋଗ ଥିଲେ ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରାଯାଇପାରୁଛି । ବର୍ତ୍ତମାନ ଏହି ଟୋଲ ଫ୍ରି ନମ୍ବର ମାଧ୍ୟମରେ ଏକ ଲକ୍ଷ ୪୧୬୮ଟି ଇନକମିଙ୍ଗ କଲ ରହିଛି । ଏଥିରେ ସର୍ବାଧିକ ପ୍ରାୟ ୯୦ ହଜାର କଲ ଟୋକାନ ସମ୍ବନ୍ଧୀୟ ରହିଛି । ସେହିଭଳି ଏହି କେନ୍ଦ୍ରରୁ ଏକ ଲକ୍ଷ ୧୨ ହଜାର ୧୧ଟି କଲ ଆଉଟଗୋଇଙ୍ଗ କଲ ରହିଛି । ଏଥିମଧ୍ୟରେ ପ୍ରାୟ ୭୦ ହଜାର ଚାଷୀଙ୍କ ମତାମତ ଓ ୩୯ ହଜାର କଲ ଭାଗଚାଷୀ ଯାଂଚ ସମ୍ପର୍କିତ କଲ ରହିଛି । ସେହିଭଳି ଇଣ୍ଟରଆକ୍ଟିଭ ଭଏସ ରେସପନ୍ସ ସିଷ୍ଟମ ମାଧ୍ୟମରେ ମଧ୍ୟ ୪ଲକ୍ଷ ୨୯ ହଜାର ୬୫୦ଟି କଲ କରାଯାଇଛି । ଏଥିମଧ୍ୟରେ ପ୍ରାୟ ୩ଲକ୍ଷ ୧୫ ହଜାର କଲ କେବଳ ଟୋକନ ସମ୍ପର୍କରେ କରାଯାଇଥିବା ଜଣାପଡିଛି । ଏହିଭଳି ଭାବେ ପ୍ରାୟ ସାଢେ ୬ ଲକ୍ଷ କଲ କରାଯାଇଛି ।

### ବସ୍ତିବାସିନ୍ଦାଙ୍କୁ ଗୋଟିଏ ସ୍ଥାନରେ ଥଇଥାନ ଦାବି

କଟକ(ଭାସ୍କର ନ୍ୟୁଜ): କଟକ ସହରରେ ଥିବା ବିଭିନ୍ନ ସରକାରୀ ଜମି, ଅନାବାଦି ଓ ଗୋଚର ଜମିରେ ଦୀର୍ଘଦିନ ଧରି ରହି ଆସୁଥିବା ବସ୍ତି ବାସିନ୍ଦାଙ୍କୁ ଗୋଟିଏ ସ୍ଥାନାରେ ଥଇଥାନ କରିବାକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ମଞ୍ଚ ପକ୍ଷରୁ କୁହାଯାଇଛି ଯେ ବସ୍ତି ବାସିନ୍ଦାଙ୍କୁ ଭାଗ ନକରି କର୍ମସ୍ଥଳୀରେ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ଥଇଥାନ କରାଯିବା ଉଚିତ୍ । ସିଏମସିର ୫୪ ନମ୍ବର ୱାର୍ଡ ଅଧୀନରେ ଥିବା ନୂଆବଜାର ଜଗନ୍ନାଥ ରୋଡ ବସ୍ତିରେ ୧୨୧ ଶ୍ରମଜୀବୀ ପରିବାର ବାସ କରନ୍ତି । ଏହି ବସ୍ତି ବାସିନ୍ଦାମାନେ ଦୀର୍ଘ ୪୦ରୁ ଉର୍ଦ୍ଧ୍ୱ ସମୟ ଧରି ବସବାସ କରିଆସୁଛନ୍ତି । ବସ୍ତିର ସବୁ ଲୋକ ସେହି ସ୍ଥାନୀୟ ଅଞ୍ଚଳରେ ମୂଲମଜୁରୀ କରି ପରିବାର ପ୍ରତିପୋଷଣ କରଥାନ୍ତି । ତେବେ ବସ୍ତିର ବିଭିନ୍ନ ପରିବାରକୁ କଟକ ମହାନଗର ନିଗମ ପକ୍ଷରୁ ଅଲଗା ଅଲଗା କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି । ଯାହା ଫଳରେ ଏହି ଅଞ୍ଚଳରେ ରହୁଥିବା ଲୋକେ ନିଜର ଜୀବିକା ହରାଇବେ।



ରବିନ୍ଦ୍ରମଣ୍ଡପଠାରେ ମନନ ନାଟ୍ୟ ଅନୁଷ୍ଠାନର ୪୬ତମ ଜନ୍ମବାର୍ଷିକୀ ନାଟକ ମହୋତ୍ସବରେ ମଞ୍ଚସ୍ଥ ନାଟକ 'ନାୟିକା'ର ଏକ ମନୋରମ ଦୃଶ୍ୟ ।

## ସରିଲା ଏକାମ୍ର ଉତ୍ସବ: ଶେଷ ସନ୍ଧ୍ୟାରେ ଦୁଲୁକିଲା ମଞ୍ଚ

- ସମ୍ବଲପୁରୀ ଗୀତର ତାଳରେ ଝୁମିଲା ଭୁବନେଶ୍ୱର
- ରୋମାଞ୍ଚିତ କଲା ପାଇକ ଆଖଡ଼ା କଳା କୌଶଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): 'ଲଚକମଣୀ ଜୁରାବେଣୀ.... ଆଲୋ ମୋ ରିବନଫିତା'...'ଏଟା କଣ ହେଲାରେ.... ମୋତେ ଲଭ ହେଲାରେ....' ଏମିତି ମନଛୁଆଁ ଗୀତର ଗୁଞ୍ଜନ ଶୀତୁଆ ସନ୍ଧ୍ୟାକୁ ହଠାତ୍ ? ଉଷ୍ମ ହିଟ୍ ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ। ତାଙ୍କର ଗୀତଗୁଡ଼ିକୁ କିଏ ମୋବାଇଲ୍‌ରେ ରେକର୍ଡ କରି ରଖୁଥିଲା ତ କିଏ ଲାଇଭ୍ ଭିଡ଼ିଓ ତିଆରି କରି ସେୟାର କରୁଥିଲା। ଶେଷ ସନ୍ଧ୍ୟାରେ ସମ୍ବଲପୁରୀ କଣ୍ଠଶିଳ୍ପୀଙ୍କ ଲାଇଭ କରି ଦେଇଥିଲା। ଏକାସ୍ୱରରେ ଚିତ୍କାର କରି ନିଜ ସିଟ୍‌ରୁ ଉଠି ଯାଇଥିଲେ ଦର୍ଶକ। ଏକାମ୍ର ଉତ୍ସବର ଶେଷ ସନ୍ଧ୍ୟାରେ ଅନୁଷ୍ଠିତ ସଙ୍ଗୀତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗାୟକ ରୁକୁସୁନା ମଞ୍ଚକୁ ଆସିବା କ୍ଷଣି ନିଜ ସିଟ୍‌ରୁ ଉଠିଯାଇ ମଞ୍ଚତଳେ ଗଦା ହୋଇ ଯାଇଥିଲେ ଶହ ଶହ ଦର୍ଶକ। ନା କାହା ହାତରୁ ମୋବାଇଲ ଖସୁଥିଲା ନା ପାଟିରୁ ବନ୍ଦ ହେଉଥିଲା ସଂଗୀତ। ଗୋଟିଏ ପରେ ଗୋଟିଏ ରୁକୁସୁନାଙ୍କ ସମ୍ବଲପୁରୀ ପ୍ରଦର୍ଶନ ରହିଥିବା ବେଳେ ଅପୂର୍ବ ସନ୍ଧ୍ୟା ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ରୁକୁସୁନାଙ୍କ ପୂର୍ବରୁ ଶେଷ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଦୀପ୍ତି ସ୍ୱାଇଁ, କ୍ଷୀରୋଦ ଅନେକ ହିଟ୍ ଓଡ଼ିଆ ଗୀତ ଗାଇ ଦର୍ଶକଙ୍କ ହୃଦୟ ଜିଣିଥିଲେ । ଖୋର୍ଦ୍ଧାର ପାଇକ ଆଖଡ଼ାର ପାଇକ ନୃତ୍ୟ ଅପୂର୍ବ ଦୁଃଶାସିକ କଳା କୌଶଳ ସମସ୍ତଙ୍କୁ ରୋମାଂଚିତ କରିଥିଲା। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡ଼ିଏ) ପକ୍ଷରୁ ଇଡ଼କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'ଏକାମ୍ର ଉତ୍ସବ-୨୦୨୫କୁ ଗତ ୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ପ୍ରବାସୀ ଭାରତୀୟ ଦିବସ (ପିବିଡି)ର ୧୮ତମ ସଂସ୍କରଣ ପାଳନ ନେଇ ଚଳିତ ଥର ଏହି ଉତ୍ସବକୁ ଭବ୍ୟ ଭାବେ ଆୟୋଜନ ହୋଇଥିଲା। ଏକାମ୍ର ଉତ୍ସବକୁ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇଥିଲା । ପାର୍କ ଉତ୍ସବ, ଖାଦ୍ୟ ମହୋତ୍ସବ, ସହର ଆଲୋକୀକରଣ, ଫ୍ଲି-ମାର୍କେଟ ଏବଂ ଏକାମ୍ର ୱାକ୍ ଭଳି କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ପ୍ରଦର୍ଶନୀ ପଡ଼ିଆରେ ଖାଦ୍ୟ ମହୋତ୍ସବରେ ଓଡିଆ, ଉତ୍ତର ଭାରତୀୟ, ଦକ୍ଷିଣ ଭାରତୀୟ ଏବଂ ଅନ୍ତର୍ଜାତୀୟ ଖାଦ୍ୟର ଷ୍ଟଲମାନ ଉପଲବ୍ଧ ରହିଥିଲା। ଅନୁରୂପ, ଭୁବନେଶ୍ୱରର ମଧୁସୂଦନ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ବୁଦ୍ଧ ପାର୍କ, ଫରେଷ୍ଟ ପାର୍କ ଏବଂ ଅବଦୁଲ କଲାମ ପାର୍କ ଭଳି ୫ ଗୋଟି ପ୍ରମୁଖ ପାର୍କରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ସାଂସ୍କୃତିକ ତଥା ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ତଥା ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ସୃଜନଶୀଳତାକୁ ନେଇ ଉତ୍ସବ ପାଇଁ ପରୀକଳ୍ପନା ହୋଇଥିଲା । ଶେଷ ଦିନର ପାର୍କ ଉତ୍ସବ ସନ୍ଧ୍ୟାରେ ଓଲିଉଡ଼ ସେଲିବ୍ରିଟି ଯଥା ଏଲି ପାଢ଼ୀ, ଶୈଳେନ୍ଦ୍ର, ପୁନମ, ସ୍ୱରାଜ, ପ୍ରିୟା, ନିଜ ଓଲିଉଡ଼ ଗୀତର ତାଳେ ତାଳେ ଦର୍ଶକଙ୍କୁ ନଚେଇଥିଲେ। ସେହିପରି ଖ୍ୟାତନାମା କଳାକାର ସମ୍ପଦ, ଜିତ, ରାହୁଲ, ସ୍ତିତିଙ୍କ ଦ୍ୱାରା ଲାଇଭ ସଂଗୀତ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ କୌଶଳୀ କାରିଗରଙ୍କ ଦ୍ୱାରା ଓଡ଼ିଶାର ପାରମ୍ପରିକ କଳା ଓ ଖାଦ୍ୟ ସାମଗ୍ରୀର ପ୍ରଦର୍ଶନୀ ହୋଇଥିଲା ।





# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ସୈଫଙ୍କୁ ଛୁରାମାଡ଼ | ୬

‘ଧୁମ୍ ୪’ ପାଇଁ ପ୍ରସ୍ତୁତ ହେଉଛନ୍ତି ରଣବୀର | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୮୯ Vol. 21 No-289 17 JANUARY 2025 FRIDAY BHUBANESWAR ଶୁକ୍ରବାର, ୧୭ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଆଜି ଓଡ଼ିଶା ଆସୁଛନ୍ତି ସିଙ୍ଗାପୁର ରାଷ୍ଟ୍ରପତି



ଭୁବନେଶ୍ୱର, ୧୬।୧ (ଭାସ୍କର ନ୍ୟୁଜ): ଶୁକ୍ରବାରଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ସିଙ୍ଗାପୁର ରାଷ୍ଟ୍ରପତି ସନମୁଗ ରତ୍ନମ। ସେ ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ● ପୃଷ୍ଠା ୫ ଦେଖନ୍ତୁ

### ଡାଲମିଆ ସିମେଣ୍ଟ କାରଖାନାରେ ଅଘଟଣ

ରାଜଗାଙ୍ଗପୁର, ୧୬।୧ (ଭାସ୍କର ନ୍ୟୁଜ): ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କାରଖାନାରେ ବଡ଼ଧରଣର ଅଘଟଣ ଘଟିଛି। କୋଇଲା ହପର ଭୁଶୁଡ଼ି ୩ରୁ ୪ ଶ୍ରମିକ ଚାପିହୋଇ ରହିଥିବା କୁହାଯାଉଛି। ଉଦ୍ଧାର ପାଇଁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। କାରଖାନା ପରିସରକୁ ୩ଟି ଆମ୍ବୁଲାନ୍ସ ପଠାଯିବା ସହ ସ୍ଥାନୀୟ ତହସିଲଦାର ମଧ୍ୟ ଉପସ୍ଥିତ ରହିଛନ୍ତି। କାରଖାନା ବାହାରେ ଏହାକୁ ନେଇ ଚାପା ଉତ୍ତେଜନା ଲାଗିରହିଛି। ଶ୍ରମିକଙ୍କ ପରିବାରବର୍ଗ କାରଖାନା ଗେଟ୍ ଆଗରେ ବସି ରହିଛନ୍ତି।

## ମାଓଦମନ ଅଭିଯାନକୁ ବଡ଼ ସଫଳତା

# ୧୨ ମାଓବାଦୀ ନିହତ



- ୧୨ ମାଓବାଦୀ ନିହତ ନେଇ ଏସ୍‌ପିଙ୍କ ସୂଚନା
- ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ
- ଆଇଇଡି ବିସ୍ଫୋରଣରେ ୨ ଯବାନ ଗୁରୁତର
- ସର୍ଚ୍ଚ ଅପରେସନ ଜୋରଦାର

ମାଲକାନଗିରି/ରାୟପୁର, ୧୬।୧ (ବ୍ୟୁରୋ): ମାଓ ଦମନ ଅଭିଯାନକୁ ବଡ଼ ସଫଳତା। ୨୦୨୬ ମାର୍ଚ୍ଚ ସୁଦ୍ଧା ସମଗ୍ର ଦେଶରୁ ମାଓବାଦ ଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବାପରେ ମାଓ ଦମନ ଅପରେସନକୁ ଜୋରଦାର କରାଯାଇଛି। ଏହି କ୍ରମରେ ଗୁରୁବାର ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ବଡ଼ଧରଣର ଗୁଳିକାଣ୍ଡ ଘଟିଛି। ଏଥିରେ ୧୨ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ଦକ୍ଷିଣ ବସ୍ତର ଜଙ୍ଗଲରେ ମାଓବାଦୀମାନେ ଆଡ୍ଡା ଜମାଇ ବଡ଼ଧରଣର ହିଂସାକାଣ୍ଡ ଘଟାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ନେଇ ଗୁଇନ୍ଦା ଖବର ମିଳିବା ପରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ଅପରେସନ ଆରମ୍ଭ ହୋଇଥିଲା। ଡିଆରଜି, କୋବ୍ରା ଏବଂ ସିଆରପିଏଫର ଯବାନମାନେ ମିଳିତ ଭାବେ ଅପରେସନ ପାଇଁ ଜଙ୍ଗଲରେ ପହଞ୍ଚିବା ପରେ ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ସୁରକ୍ଷାକର୍ମୀ ଏହାର ପାଲଟା ଜବାବ ମଧ୍ୟ ଦେଇଥିଲେ। ଏଥିରେ ୧୨ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏବେ ବି ସଂପୃକ୍ତ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ତେବେ ଏଥିପୂର୍ବରୁ ମାଲକାନଗିରି ସୀମାନ୍ତ ବିଜାପୁରରେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ବିସ୍ଫୋରଣରେ ଦୁଇଜଣ ଯବାନ ଆହତ ହୋଇଥିଲେ। ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲା ପୁଟକେଲ ଅଞ୍ଚଳରେ ସିଆରପିଏଫ ଓ କୋବ୍ରା ବାହିନୀର ମିଳିତ ଟିମ୍ ତଲାସୀ ଅଭିଯାନ ଚଲାଇଥିବାବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ହଠାତ୍ ବିସ୍ଫୋରଣ ଘଟାଯାଇଥିଲା। ଆହତ ଯବାନମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ ଏଥିପୂର୍ବରୁ ଦାନ୍ତେୱାଡ଼ା ଓ ନାରାୟଣପୁର ଜିଲ୍ଲା ସୀମାରେ ଥିବା ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୪ ମାଓବାଦୀ ନିହତ ହୋଇଥିଲେ। ଏଥିପୂର୍ବରୁ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ମଧ୍ୟ ୮ ଯବାନ ଓ ଯବାନଙ୍କୁ ନେଇ ଯାଉଥିବା ଗାଡ଼ିର ଡ୍ରାଇଭର ସହିଦ ହୋଇଥିଲେ। ଏହାପରେ ସୁରକ୍ଷାକର୍ମୀ ଏହାର ପ୍ରତିଶୋଧ ନେବାପାଇଁ ଯୋଜନା ପ୍ରସ୍ତୁତ କରିଥିଲେ।



ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ପଦ୍ମ ବିଜେତାଙ୍କୁ ମାସିକ ୩୦ ହଜାର

ଭୁବନେଶ୍ୱର, ୧୬।୧ (ଭାସ୍କର ନ୍ୟୁଜ): ରାଜ୍ୟରେ ଥିବା ପଦ୍ମ ପୁରସ୍କାର ବିଜେତାଙ୍କୁ ସହାୟତା ରାଶି ଦେବେ ରାଜ୍ୟ ସରକାର। ମାସିକ ୩୦ ହଜାର ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯିବା ନେଇ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଘୋଷଣା ସହ ବିଜ୍ଞପ୍ତି ଜାରି କରାଯାଇଛି। ଚଳିତ ଜାନୁଆରୀ ମାସଠାରୁ ଏହି ସହାୟତା ରାଶି ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ପଦ୍ମପୁରସ୍କାର ବିଜେତାଙ୍କ ବିଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ଥିବା ଉଲ୍ଲେଖନୀୟ ଅବଦାନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଫଳରେ ରାଜ୍ୟର ସମସ୍ତ ଜୀବିତ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ମାସିକ ୩୦ହଜାର ଟଙ୍କା ● ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ବଡ଼ ଉପହାର

# ୮ମ ବେତନ କମିଶନକୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ, ୧୬।୧: କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ବଡ଼ ଉପହାର। ଅଷ୍ଟମ ବେତନ କମିଶନଙ୍କୁ ମଞ୍ଜୁରି ପ୍ରଦାନ କଲା କେନ୍ଦ୍ର କ୍ୟାବିନେଟ୍। ଫଳରେ କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ପେନସନଧାରୀ ଏହାର ଲାଭ ଉଠାଇପାରିବେ। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନରେ ବସିଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହାକୁ ମଞ୍ଜୁରି ପ୍ରଦାନ କରାଯାଇଛି। କେନ୍ଦ୍ର କର୍ମଚାରୀ ସଂଗଠନ ଏଥିପାଇଁ କ୍ୟାବିନେଟ୍ ସଚିବଙ୍କୁ ଭେଟି ୮ମ ବେତନ କମିଶନ ଗଠନ କରିବାକୁ ଲଗାତାର ଦାବିକରି ଆସୁଥିଲେ। ମୋଦୀ ସରକାରଙ୍କ ଏହି ନିଷ୍ପତ୍ତି ସଂପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ



ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ମୋଦୀ ସରକାରଙ୍କ ଏହି ନିଷ୍ପତ୍ତି ଏଭଳି ସମୟରେ ଆସିଛି, ଯେତେବେଳେ କେନ୍ଦ୍ରୀୟ କର୍ମଚାରୀ ଓ ପେନସନରଙ୍କ ମହଙ୍ଗା ଭତ୍ତା ବଢ଼ାଇ ୫୩ ପ୍ରତିଶତ କରି ଦିଆଯାଇଛି। କେନ୍ଦ୍ର କର୍ମଚାରୀ ଓ ପେନସନର ଦୀର୍ଘ ସମୟ ଧରି ଏଭଳି ଆଶ୍ୱସ୍ତି ପାଇବା ନେଇ ଆଶା କରିଥିଲେ। ଏଭଳି ସ୍ଥିତିରେ ଆଶା କରାଯାଉଛି, ● ପୃଷ୍ଠା ୫ ଦେଖନ୍ତୁ









"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



# ସରୁଛି ହମାସ୍-ଇସ୍ରାଏଲ୍ ଯୁଦ୍ଧ

## ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅନ୍ତ କେବେ?

ଗତ ୧୫ ମାସ ଧରି ଚାଲିଥିବା ହମାସ୍-ଇସ୍ରାଏଲ୍ ଯୁଦ୍ଧର ଖୁବ୍‌ଶୀଘ୍ର ପରିସମାପ୍ତି ଘଟିବାକୁ ଯାଉଛି। ନବବର୍ଷର ପ୍ରାକ୍ କାଳରେ ସମଗ୍ର ବିଶ୍ୱ ପାଇଁ ଏହା ଯେ ଏକ ଆଶ୍ୱସ୍ତିକର ଖବର, ଏଥିରେ ସନ୍ଦେହର ଅବକାଶ ନାହିଁ। ୨୦୨୩ ମସିହା ଅକ୍ଟୋବର ୭ ତାରିଖରେ ଆତଙ୍କବାଦୀ ସଂଗଠନ ହମାସ୍ ପ୍ରଥମେ ଇସ୍ରାଏଲ୍ ଉପରେ ଆକ୍ରମଣ ଆରମ୍ଭ କରିବା ପରେ ଦୁଇପକ୍ଷ ମଧ୍ୟରେ ଭୟଙ୍କର ଯୁଦ୍ଧର ସୂତ୍ରପାତ ହୋଇଥିଲା ଏବଂ ଏଥିରେ ହଜାର ହଜାର ନିରୀହ ଲୋକଙ୍କର ପ୍ରାଣହାନି ଘଟିଛି। ସମଗ୍ର ଗାଜା ଅଞ୍ଚଳ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଗୋଟିଏ ପଟେ ରୁଷ-ୟୁକ୍ରେନ୍ ଯୁଦ୍ଧ ଜାରିଥିବା ବେଳେ ଅନ୍ୟପଟେ ହମାସ୍-ଇସ୍ରାଏଲ୍ ଯୁଦ୍ଧର ବିଭୀଷିକା ସାରା ଦୁନିଆକୁ ଅତିମାତ୍ରାରେ ପ୍ରଭାବିତ କରିଥିଲା। ତେବେ ଦୁଇଦିନ ପୂର୍ବେ ହମାସ୍-ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ବିରତି ରାଜିନାମା ସ୍ୱାକ୍ଷରିତ ହୋଇଥିବାରୁ ଦୁଇଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାର ସମ୍ଭାବନା ଉଜ୍ଜ୍ୱଳ ହୋଇ ଉଠିଛି। ଯୁକ୍ତରାଷ୍ଟ୍ର ଆମେରିକା, କାତାର ଏବଂ ଇଜିପ୍ଟର ମଧ୍ୟସ୍ଥତାରେ ଏହି ରାଜିନାମା ସମ୍ପନ୍ନ ହୋଇଥିବା ବେଳେ ଦୋହାରେ ଏହା ସ୍ୱାକ୍ଷରିତ ହୋଇଛି। ରାଜିନାମାର ସର୍ତ୍ତ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ହମାସ୍ ୩୩ ଇସ୍ରାଏଲ୍ ପଣବନ୍ଦୀଙ୍କୁ ମୁକ୍ତ କରିବ, ଯାହାଙ୍କ ମଧ୍ୟରେ ୫ଜଣ ମହିଳା ଅନ୍ତର୍ଭୁକ୍ତ । ଏହି ୫ଜଣ ମହିଳା ସୈନିକଙ୍କ ବଦଳରେ ଇସ୍ରାଏଲ୍ ୨୫୦ଜଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଖଲାସ କରିବାକୁ ସମ୍ମତ ହୋଇଛି। ହମାସ୍ ପାଖରେ ବର୍ତ୍ତମାନ ୯୪ଜଣ ଇସ୍ରାଏଲ୍ ପଣବନ୍ଦୀ ରହିଛନ୍ତି। ଯୁଦ୍ଧ ଆରମ୍ଭ ହେବା ସମୟରେ ହମାସ୍ ସମୁଦାୟ ୨୫୧ ଇସ୍ରାଏଲ୍ ନାଗରିକଙ୍କୁ ପଣବନ୍ଦୀ କରି ରଖିଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ୩୪ଜଣଙ୍କର ଇତିମଧ୍ୟରେ ମୃତ୍ୟୁ ଘଟିଛି। ଯଦିଓ ପ୍ରଥମ ପର୍ଯ୍ୟାୟରେ ୪୨ଦିନ ପାଇଁ ଏହି ଯୁଦ୍ଧ ବିରତି ରାଜିନାମା ସ୍ୱାକ୍ଷରିତ ହୋଇଛି, ମାତ୍ର ପରେ ପରେ ଏହା ସ୍ଥାୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜିନାମା ଅନୁଯାୟୀ ଉତ୍ତର ଗାଜାରୁ ବିସ୍ଥାପିତ ହୋଇଥିବା ପାଲେଷ୍ଟିନୀୟ ନାଗରିକ ନିଜ ଘରକୁ ଫେରିବେ ଏବଂ ସେହି ଅଞ୍ଚଳରେ ଇସ୍ରାଏଲ୍ ସେନା ରହିବେ। ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଏକ ବଫର୍ ଜୋନ୍ ପ୍ରତିଷ୍ଠା କରାଯିବ। ତେବେ ବଫର ଜୋନ୍‌କୁ ନେଇ ହମାସ୍ ଓ ଇସ୍ରାଏଲ୍ ପକ୍ଷରୁ ପୃଥକ୍ ପୃଥକ୍ ଦାବି ରଖାଯାଇଛି। ଉଭୟ ଦେଶର ସୀମାରେ ଦୁଇ କିଲୋମିଟର ଯାଏଁ ବଫର ଜୋନ୍ କରିବାକୁ ଇସ୍ରାଏଲ୍ ଦାବି କରିଥିବା ବେଳେ ଯୁଦ୍ଧ ପୂର୍ବବର୍ତ୍ତୀ ୩୦୦ରୁ ୫୦୦ମିଟର ବଫର୍ ଜୋନ୍ ବ୍ୟବସ୍ଥା ପୁନର୍ବାର ବଜାୟ ରଖିବାକୁ ହମାସ୍ ଦାବି କରିଛି। ଯୁଦ୍ଧରେ ପ୍ରାଣ ହରାଇଥିବା ହମାସ୍ ମୁଖ୍ୟଙ୍କ ମୃତଦେହ ହସ୍ତାନ୍ତର କରିବାକୁ ଇସ୍ରାଏଲ୍ ସ୍ପଷ୍ଟ ମନା କରିଦେଇଛି। ଏହି ବୈଠକରେ ଆମେରିାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଯୁଦ୍ଧ ବିରତି ରାଜିନାମାକୁ ଆଗେଇ ନେବାରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରମୁଖ ଭୂମିକା ଥିବାରୁ ବୈଠକରେ ତାଙ୍କ ପ୍ରତିନିଧିଙ୍କୁ ସାମିଲ କରାଯାଇଛି। ହମାସ୍-ଇସ୍ରାଏଲ୍ ଯୁଦ୍ଧର ସାମୟିକ ଅନ୍ତ ଘଟିବାକୁ ଯାଉଥିବା ବେଳେ ରୁଷ୍-ୟୁକ୍ରେନ୍ ଯୁଦ୍ଧର କେବେ ପରିସମାପ୍ତି ଘଟିବ ତାକୁ ସାରା ଦୁନିଆ ଉତ୍ସୁକତାର ସହ ଅପେକ୍ଷା କରିଛି। ଗତ ୨୦୨୨ ଫେବୃଆରୀ ମାସରେ ରୁଷ୍ ପ୍ରଥମେ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିବା ପରେ ଦୁଇଦେଶ ମଧ୍ୟରେ ଭୀଷଣ ଯୁଦ୍ଧ ଅବ୍ୟାହତ ରହିଛି ଏବଂ ଏଥିରେ ଧନଜୀବନର ଅପରିସୀମ କ୍ଷତି ଘଟି ସାରିଲାଣି। ଦୁଇପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ମାନବ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରୁଷ୍-ୟୁକ୍ରେନ୍ ଯୁଦ୍ଧର ମଧ୍ୟ ତୁରନ୍ତ ପରିସମାପ୍ତି ଘଟିବା ଏକାନ୍ତ ଆବଶ୍ୟ।

# ତ୍ରିରଙ୍ଗା ଝଣ୍ଡା, ଜାନୁଆରୀ ୨୬ ଓ ଗାନ୍ଧୀ



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

ଭାରତୀୟ ଗଣତନ୍ତ୍ର ଗଣପର୍ବ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଫରଫର୍ ହୋଇ ଉଡ଼େ ଆମ ଗର୍ବ ଓ ଗୌରବର ପ୍ରତୀକ ଜାତୀୟ ପତାକା। ୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହେଲା ଏବଂ ସେହି ଗୌରବାବହ ଦିବସର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏଯାବତ୍ ନିରନ୍ତର ଭାବେ ଆମେ ପାଳି ଆସୁଛୁ ଆମ ସ୍ୱାଧୀନତା ଦିବସ। କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ୧୭ବର୍ଷ ପୂର୍ବରୁ ସ୍ୱାଧୀନତା ସଂଗ୍ରାମ କାଳରେ ୧୯୩୦ରୁ ଜାନୁଆରୀ ୨୬କୁ ପାଳନ କରାଯାଉଥିଲା ପୂର୍ଣ୍ଣ ସ୍ୱରାଜ ଦିବସ ଭାବେ। ସେହି ଅମ୍ଳାନ ସ୍ମୃତିକୁ ସବୁଦିନ ପାଇଁ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ରଖିବା ଲାଗି ୧୯୫୦ ଜାନୁଆରୀ ୨୬ରେ ଆମ ଦେଶର ସମ୍ବିଧାନ ଲାଗୁ କରାଗଲା ଏବଂ ସେବେଠାରୁ ଅଗଷ୍ଟ ୧୫ ଭଳି ଜାନୁଆରୀ ୨୬କୁ ବି ଆମେ ଜାତୀୟ ଦିବସ ଭାବେ ପାଳନ କରିଆସୁଛୁ।

୧୯୨୯ ଡିସେମ୍ବର ୩୧ ଅର୍ଦ୍ଧରାତ୍ରରେ ଲାହୋରର ରାବୀ ନଦୀ କୂଳରେ ସେତେବେଳର କଂଗ୍ରେସ ସଭାପତି ପଣ୍ଡିତ ଜବାହରଲାଲ ନେହେରୁ ତ୍ରିରଙ୍ଗା ଝଣ୍ଡା ଉତ୍ତୋଳନ ସହ ଅଧିବେଶନର ଶୁଭାରମ୍ଭ କରିଥିଲେ। ୧୯୩୦ ଜାନୁଆରୀ ୨ ତାରିଖରେ ଏହି ଅଧିବେଶନରେ ଗୃହୀତ ହୋଇଥିଲା ଏକ ଐତିହାସିକ ପ୍ରସ୍ତାବ। ଏହି ପ୍ରସ୍ତାବରେ ପୂର୍ଣ୍ଣ ସ୍ୱରାଜ ଘୋଷଣା ସହ ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦେଶର କୋଣ ଅନୁକୋଣରେ ଲୋକେ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳନ କରିବା ସହ ସାମୂହିକ ଭାବେ ସଂକଳ୍ପପତ୍ର ପାଠ କରୁଥିଲେ। ଏଥିରେ କୁହାଯାଇଥିଲା ଯେ ବ୍ରିଟିଶ୍ ଶାସନର ବଶ୍ୟତା ସ୍ୱୀକାର କରିବା ହେଉଛି ଈଶ୍ୱର ଓ ମଣିଷ ଜାତି ନିକଟରେ ଏକ ଭୟଙ୍କର ଅପରାଧ। ଏହି ସଂକଳ୍ପପତ୍ରରେ ପୁଣି ଉଲ୍ଲେଖ ଥିଲା, 'ପୃଥିବୀର ସବୁ ମଣିଷଙ୍କ ଭଳି ଭାରତୀୟମାନଙ୍କର ବି ପୂର୍ଣ୍ଣ ସ୍ୱାଧୀନତା ପାଇବାର ଅଧିକାର ରହିଛି। ବଞ୍ଚିବା ପାଇଁ ସେମାନେ ଯେଉଁ ନିରନ୍ତର ପରିଶ୍ରମ କରନ୍ତି ତାହାର ସୁଫଳ ସେମାନଙ୍କୁ ମିଳିବା ଦରକାର। ଶାରୀରିକ ଓ ମାନସିକ ଅଭିବୃଦ୍ଧି ଲାଗି ସୁଯୋଗ ପାଇବାକୁ ସେମାନେ ହକ୍‌ଦାର। ବ୍ରିଟିଶ୍ ସରକାର ଭାରତୀୟମାନଙ୍କୁ ଏହି ଅଧିକାରରୁ ବଞ୍ଚିତ କରିଛି। ସୁସ୍ଥ ଓ ସ୍ୱଚ୍ଛଳ ଭାବେ ଆମକୁ ବଞ୍ଚିବାର ସୁଯୋଗ ଦେଉନାହିଁ। ସରକାର ଆମକୁ ଏ ଅଧିକାର ଦେଉନଥିବା ବେଳେ ଏହାକୁ ଛଡ଼େଇ ନେବା ଓ ସତ୍ୟାଗ୍ରହ ବଳରେ ସରକାରକୁ ଧ୍ୱଂସ କରିବାର ଅଧିକାର ସାଧାରଣ ଲୋକଙ୍କର ରହିଛି। ଇଂରେଜ ସରକାର ଭାରତୀୟମାନଙ୍କୁ ଶୋଷଣ କରିବା ସହିତ ଆମ ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରକୁ ବି ସମ୍ପୂର୍ଣ୍ଣ ନଷ୍ଟ କରୁଛନ୍ତି। ତେଣୁ ବ୍ରିଟିଶ୍ ସାମ୍ରାଜ୍ୟ ବାହାରେ ଭାରତ ପାଇଁ ଆମେ ପୂର୍ଣ୍ଣ ସ୍ୱରାଜ ଚାହୁଁଛୁ....।'

ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସଂକଳ୍ପପତ୍ରର ଏହା କିୟଦଂଶ। ଏହା ସମଗ୍ର ଦେଶରେ ଚମକ୍ ସୃଷ୍ଟି କରିଥିଲା। ଏଠାରେ ଉଲ୍ଲେଖନୀୟ ଯେ ୧୮୮୫ ମସିହାରେ ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍ କଂଗ୍ରେସ ସଙ୍ଗଠନ ଆରମ୍ଭ କରିଥିଲେ ମଧ୍ୟ ଏହା ଏକପ୍ରକାର ସମ୍ଭ୍ରାନ୍ତ ଓ ଶିକ୍ଷିତ ଲୋକଙ୍କ ଆସର ଥିଲା। ୧୯୧୫ରେ ଗାନ୍ଧୀଜୀ ଦକ୍ଷିଣ ଆଫ୍ରିକାରୁ ଆସି ଭାରତର ସାଧାରଣ କ୍ଷେତ୍ରରେ କାମ ଆରମ୍ଭ କରିବା ପରେ କଂଗ୍ରେସ ସତେଯେମିତି ନୂତନ ଜୀବନ୍ୟାସ ପାଇଲା। ଅଳ୍ପ କେତେ ଶହ ଲୋକଙ୍କୁ ନେଇ ହେଉଥିବା କଂଗ୍ରେସ ଅଧିବେଶନର ଚିତ୍ର ବଦଳିଲା ୧୯୧୯ର ଅମୃତସର ଅଧିବେଶନରେ। ଏହି ଅଧିବେଶନରେ ୭୦୩୧ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ୧୯୨୦ ଡିସେମ୍ବର ମାସରେ ନାଗପୁରଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ପ୍ରତିନିଧିଙ୍କ ସଂଖ୍ୟା ୨୦ହଜାରରୁ ଅଧିକ ଥିଲା। ଏହି ପ୍ରତିନିଧିମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଚାଷୀ, ଶ୍ରମିକ, ସମାଜସେବୀ ଓ ସମାଜର ଅନ୍ୟ ସାଧାରଣ ବର୍ଗର। ଏହି ଅଧିବେଶନ ଓଡ଼ିଶା ପାଇଁ ବି ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଗାନ୍ଧୀଜୀଙ୍କ ଉଦ୍ୟମ କ୍ରମେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଥମ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠନ ଲାଗି ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା। ଏଠାରେ ଉଲ୍ଲେଖନୀୟ ଯେ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ପ୍ରାୟ ୧୫ବର୍ଷ ପୂର୍ବରୁ ଓଡ଼ିଶାକୁ ଜାତୀୟସ୍ତରରେ ମିଳିଥିଲା ସ୍ୱତନ୍ତ୍ର ରାଜନୈତିକ ପରିଚିତି। ଏହି ସମୟରେ ବି ଅସହଯୋଗ ଓ ଖିଲାପତ୍ ଆନ୍ଦୋଳନ ଦାନା ବାନ୍ଧିଥିଲା।

### ଗାନ୍ଧୀ ବିଚାର

ଭାରତର ସ୍ୱାଧୀନତା ସଂଗ୍ରାମକୁ ଗତିଶୀଳ କରିଥିଲା ତ୍ରିରଙ୍ଗା ଝଣ୍ଡା। ୧୯୨୧ରେ ବେଜୱାଡ଼ା ଠାରେ ଗାନ୍ଧୀଜୀଙ୍କୁ ଭେଟିଥିଲେ ପିଙ୍ଗାଲି ଭେଙ୍କେୟା। ସେ ସେନାବାହିନୀରୁ ଅବସର ନେଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ଭେଙ୍କେୟାଙ୍କ ସହ ଦୀର୍ଘ ଆଲୋଚନା ପରେ ଚୂଡ଼ାନ୍ତ ରୂପ ନେଇଥିଲା ତ୍ରିରଙ୍ଗା ଝଣ୍ଡା। ଏହାର ମଧ୍ୟ ଭାଗରେ ଗାନ୍ଧୀଜୀଙ୍କ ପରାମର୍ଶ କ୍ରମେ ଚରଖା ସ୍ଥାନୀତ ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ୱାଧୀନ ଦେଶର ପତାକା ପ୍ରସ୍ତୁତ ବେଳେ ତ୍ରିରଙ୍ଗା ଝଣ୍ଡାର ଚରଖା ସ୍ଥାନରେ ରହିଲା ଅଶୋକ ଚକ୍ର।

ସ୍ୱାଧୀନତା ଆନ୍ଦୋଳନ କାଳରେ ତ୍ରିରଙ୍ଗା ଝଣ୍ଡା ଆମ ସଂଗ୍ରାମ, ସ୍ୱାଭିମାନ ଓ ସଂହତିର ପ୍ରତୀକ ଥିଲା। ଏହାର ଟେକ ରଖିବା ପାଇଁ କେତେ ଯେ ସହିଦ ହୋଇଛନ୍ତି ତା'ର ହିସାବ ନାହିଁ। ବାସ୍ୟମ୍ ନାମକ ଜଣେ ଯୁବକ ମାଡ୍ରାସର ସେନା ଶିବିର ଭିତରେ ପଶି ତ୍ରିରଙ୍ଗା ଝଣ୍ଡା ଉଡ଼ାଇବାର ଦୁଃସାହସ କରିଥିଲେ। ଲାଲ୍ ବାହାଦୂର ଶାସ୍ତ୍ରୀ ଆହ୍ଲାବାଦର ସୁଉଚ୍ଚ କ୍ଲକ୍ ଟାୱାର ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିଲେ ବ୍ରିଟିଶ୍ ସେନା ଓ ପୁଲିସର ବ୍ୟୁହ ଭେଦକରି। ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ, ଅସହଯୋଗ ଆନ୍ଦୋଳନ, ଭାରତଛାଡ଼ ଆନ୍ଦୋଳନ ଆଦି କାଳରେ ତ୍ରିରଙ୍ଗା ଝଣ୍ଡା ଥିଲା ଦେଶ ମାତୃକା ପାଇଁ ବଳିଦାନ ଦେବା ଲାଗି ପ୍ରେରଣାର ଉତ୍ସ।

ସତ୍ୟାଗ୍ରହ ସଂଗ୍ରାମର ସେନାପତି ଗାନ୍ଧୀଜୀ ଏକଦା ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, 'ସ୍ୱାଧୀନତା ପାଇଁ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଛି। ତମେମାନେ ଏଥିରେ ଭାଗିଦାର ହୁଅ। ମୃତ୍ୟୁ ଭୟକୁ ଦୂରେଇ ଦିଅ। ଯେତେବେଳେ ଆମ ଦେଶର ସ୍ୱାଧୀନତା ସଂଗ୍ରାମ ନୂଆ ଇତିହାସ ରଚନା କରାଯିବ ସେଥିରେ ସ୍ୱାଧୀନତା ପାଇଁ ଲଢ଼େଇ କରି ମୃତ୍ୟୁବରଣ କରିଥିବା ଛାତ୍ରଛାତ୍ରୀମାନଙ୍କ ନାମ ରହିବ। ମୃତ୍ୟୁକୁ ସାମ୍ନା କରିବା ପାଇଁ ଶକ୍ତି ଆବଶ୍ୟକ। ଏ ଶକ୍ତି ସଂଖ୍ୟାର ଖେଳରେ ସୀମିତ ନୁହେଁ। ଏଥିପାଇଁ ଚରିତ୍ରବାନ, ଶକ୍ତିବାନ ଓ ନିର୍ଭିକ ଯୁବକ ଯୁବତୀଙ୍କ ଆବଶ୍ୟକତା ରହିଛି। ଇତିହାସ କେବଳ ସେଇମାନଙ୍କୁ ମନେରଖେ ଯେଉଁମାନେ ଦେଶ ମାତୃକା ପାଇଁ ନିଜ ଜୀବନକୁ ବଳିଦେବାକୁ ପ୍ରସ୍ତୁତ ଥାଆନ୍ତି।' ବଳିଦାନର ଏହି ମହାପର୍ବରେ ଓଡ଼ିଶାର ଇରମ୍, ତୁରିଗଡ଼ିଆ, ଖଇରାଡିହି, ଲୁଣିଆ, ପାପଡ଼ାହାଣ୍ଡି, ମାଥିଳି, ନିମାପଡ଼ା, କାଇପଡ଼ା, କଳାମାଟିଆ ଆଦିର ସହିଦମାନେ କାଳ କାଳକୁ କୀର୍ତ୍ତି ରଖିଯାଇଛନ୍ତି।

ତାଙ୍କ ଜୀବନର ପ୍ରଥମ ଜାନୁଆରୀ ୨୬ ଗାନ୍ଧୀ ପାଳିଥିଲେ ୧୯୩୦ ମସିହାରେ ଅହମ୍ମଦାବାଦରେ ଅନୁଷ୍ଠିତ ଲକ୍ଷାଧିକ ଲୋକଙ୍କ ଜନସଭାରେ। ଜେଲ୍ ଭିତରେ ବି ସେ ୫ଥର ପାଳିଛନ୍ତି ଜାନୁଆରୀ ୨୬। ମଦୁରାଇ, ଦିଲ୍ଲୀ, ସେବାଗ୍ରାମ, ବର୍ଦ୍ଦୋଳି, ୱାର୍ଦ୍ଧା, ମାଡ୍ରାସ୍ ଆଦିରେ ବି ବିଭିନ୍ନ ବର୍ଷରେ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳନ ଅବସରରେ ଗାନ୍ଧୀଜୀ ଦେଶବାସୀଙ୍କୁ ଦେଇଥିଲେ ପ୍ରେରଣାଦାୟୀ ଆହ୍ୱାନ। ତେବେ ୧୯୪୭ର ନୋଆଖାଲି ଶାନ୍ତି ଯାତ୍ରା କାଳରେ ବନ୍‌ସାଠାରେ ଗୋଟିଏ ଗୋଷ୍ଠୀ ସବୁଜ ପତାକା, ଆଉ ଗୋଟିଏ ଗୋଷ୍ଠୀ ଗେରୁଆ ପତାକା ଓ ଆଉ କିଛି ସହଯାତ୍ରୀ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଜାନୁଆରୀ ୨୬ରେ ଜିଦ୍ ଧରିବା ପରିପ୍ରେକ୍ଷୀରେ ଗାନ୍ଧୀଜୀ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ସ୍ଥଗିତ ରଖିଥିଲେ। ଏହା ତାଙ୍କ ମନରେ ଆଘାତ ପହଞ୍ଚାଇ ଥିଲା।

ଏହି ତ୍ରିରଙ୍ଗା ଝଣ୍ଡା ତଳେ ସ୍ୱାଧୀନତା ସଂଗ୍ରାମ କାଳରେ ଗାନ୍ଧୀଜୀ ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ ଇଂରେଜ ଶାସନର ଅବସାନ ପାଇଁ ଭାରତବର୍ଷକୁ ଯେଉଁ ଅପୂର୍ବ ସୁଯୋଗ ମିଳିଛି ତାକୁ ହାତଛଡ଼ା କରିବା ଚରମ ନିର୍ବୋଧତା। ଏଥିପାଇଁ ସେ ସତ୍ୟ ଓ ଅହିଂସା ଆଧାରରେ ସାମାଜିକ, ଆର୍ଥିକ, ରାଜନୈତିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଗ୍ରାମ୍ୟ ସ୍ତରରୁ ବ୍ୟାପକ ସଂସ୍କାର ଆଣି ଗ୍ରାମ ସ୍ୱରାଜର ପରିକଳ୍ପନା କରୁଥିଲେ। ସରକାର ପାଗଳ ହୋଇଗଲେ ଲୋକେ ତାଙ୍କ ପାଗଳାମୀର ଉତ୍ତର ପାଗଳପଣରେ ନ ଦେଇ ସୁସ୍ଥ ମସ୍ତିଷ୍କରେ ଦେଲେ ପରିସ୍ଥିତିକୁ ସହଜରେ ଜିଣିହେବ। ଅହିଂସା ହିଂସା ଠାରୁ ଢେର୍ ଗୁଣ ଅଧିକ ଶକ୍ତିଶାଳୀ। ଶକ୍ତି ଦୈହିକ କ୍ଷମତାରୁ ଆସେନାହିଁ, ଆସେ ଦୃଢ଼ ଇଚ୍ଛାଶକ୍ତିରୁ। ଯେତେବେଳେ ଭାରତୀୟମାନେ ଅନୁଭବ କରିବେ ଯେ ଲକ୍ଷେ ଇଂରେଜ ଭାରତ ମାଟିରେ ୩୦କୋଟି ଲୋକଙ୍କୁ ଦବାଇ ରଖିପାରିବେ ନାହିଁ ସେତେବେଳେ ଇଂରେଜମାନଙ୍କ ହାତରୁ ଅସ୍ତ୍ର ଖସିପଡ଼ିବ। ଏ ପରିପ୍ରେକ୍ଷୀରେ ଇଂରେଜମାନଙ୍କୁ ଆହ୍ୱାନ ଦେଇ ଅସହଯୋଗ ଆନ୍ଦୋଳନ କାଳରେ ଗାନ୍ଧୀଜୀ କହିଥିଲେ, 'ତୁମେ ଆମକୁ ଶୁଳୀରେ ଚଢ଼େଇ ପାର, କାରାଗାରରେ ଫିଙ୍ଗିପାର କିନ୍ତୁ ଆମ ସହଯୋଗ ପାଇବ ନାହିଁ। ଯାହାକିଛି ସହଯୋଗ ପାଇବ ତାହା ଫାଶୀ ଖୁଣ୍ଟରୁ ବା ଜେଲ୍‌ଖାନାରୁ....ଆଜିର ବ୍ରିଟିଶ୍ ସାମ୍ରାଜ୍ୟ ସଇତାନୀର ପ୍ରତୀକ। ଯେଉଁମାନେ ଈଶ୍ୱରଙ୍କୁ ଭଲ ପାଆନ୍ତି ସେମାନେ ସଇତାନକୁ ଭଲ ପାଇପାରିବେ ନାହିଁ। ବ୍ରିଟିଶ୍ ସାମ୍ରାଜ୍ୟ ଯେଉଁ ଜଘନ୍ୟ ଅତ୍ୟାଚାର କରିଛି ସେଥିପାଇଁ ସେମାନଙ୍କୁ ଉଭୟ ଈଶ୍ୱର ଓ ଭାରତବର୍ଷ ନିକଟରେ କ୍ଷମା ମାଗିବାକୁ ପଡ଼ିବ, ନହେଲେ ସେମାନେ ଧ୍ୱଂସ ହୋଇଯିବେ। ଯଦି ଇଂରେଜ ସରକାର କୃତ କର୍ମ ପାଇଁ କ୍ଷମା ନ ମାଗେ ତା' ହେଲେ ସେହି ସାମ୍ରାଜ୍ୟକୁ ସତ୍ୟାଗ୍ରହ ମାର୍ଗରେ ଧ୍ୱଂସ କରିବା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପରମ କର୍ତ୍ତବ୍ୟ।' ସ୍ୱଦେଶୀ ଆନ୍ଦୋଳନ କାଳରେ ବିଦେଶୀ ବସ୍ତ୍ର ପୋଡ଼ିକୁ ରବୀନ୍ଦ୍ର ନାଥ ଠାକୁର ଓ ସି.ଏଫ୍ ଆଣ୍ଡ୍ରୁଜ୍ ଗ୍ରହଣ କରିପାରୁନଥିଲେ। ବିଦେଶୀ ଲୁଗା ପୋଡ଼ିବା ପରିବର୍ତ୍ତେ ଏହାକୁ ଗରିବ ଲୋକଙ୍କ ମଧ୍ୟରେ ବାଣ୍ଟିଦେବା ପାଇଁ ସେମାନେ ମତ ରଖୁଥିଲେ। ଏହାର ଉତ୍ତରରେ ନମ୍ରତା ଓ ଦୃଢ଼ତାର ସହ ଗାନ୍ଧୀଜୀ କହିଥିଲେ, 'ବିଦେଶୀ ବସ୍ତ୍ର ପୋଡ଼ି ଆମେ ଆମ ଲଜ୍ଜାରେ ଅଗ୍ନି ସଂଯୋଗ କରୁଛୁ। ଆମର ଗରିବ ଓ ବସ୍ତ୍ରହୀନ ଲୋକଙ୍କୁ ବିଦେଶୀ ବସ୍ତ୍ର ଦେଇ ମୁଁ ସେମାନଙ୍କୁ ଅପମାନିତ କରିପାରିବି ନାହିଁ କି ମୋ ଲଜ୍ଜାକୁ ସେମାନଙ୍କ ଦେହରେ ଗୁଡ଼େଇ ଦେବିନାହିଁ।' ଲାଠି ଗୁଳିର ସମ୍ମୁଖୀନ ସହ ଜେଲ୍‌ବରଣ ପାଇଁ ସାରା ଦେଶ ପ୍ରସ୍ତୁତ ହେଲେ ସ୍ୱାଧୀନତା ସହଜରେ ଆସିବ ବୋଲି ଗାନ୍ଧୀଜୀଙ୍କ ଆହ୍ୱାନକୁ ଗ୍ରହଣ କରି ହଜାର ହଜାର ସହିଦ ହେଲେ। ଲକ୍ଷ ଲକ୍ଷ ସଂଗ୍ରାମୀ କାରା ଓ ନିର୍ଯାତନା ବରଣ କଲେ ଏବଂ ସେମାନଙ୍କ ସାଧନା ବଳରେ ଆମେ ପାଇଲୁ ସ୍ୱାଧୀନତା। କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ୬ମାସ ନପୁରୁଣୁ ଏକ ବିକୃତ ବିଚାରର କୁତ୍ସିତ ଷଡ଼ଯନ୍ତ୍ର କ୍ରମେ ଗାନ୍ଧୀଜୀ ସହିଦ ହେଲେ ୧୯୪୮ ଜାନୁଆରୀ ୩୦ ଅପରାହ୍ନ ୫ଟା ୧୭ ମିନିଟ୍‌ରେ।

ବିଶ୍ୱ ପାଇଁ ସମର୍ପିତ ଭାରତମାତାର ଏହି ବରପୁତ୍ରଙ୍କୁ ଆଜି ସମଗ୍ର ବିଶ୍ୱ ଝୁରୁଛି। ଗଦା ଗଦା ସମସ୍ୟାର ପାହାଡ଼କୁ ଅତିକ୍ରମ କରିବା ପାଇଁ ଗାନ୍ଧୀ ବିଚାର ଯେ ଏକମାତ୍ର ଉପଚାର ସେକଥା ବି ଦେଶ ବିଦେଶରେ ମୁକ୍ତ କଣ୍ଠରେ ସ୍ୱୀକାର କରାଯାଉଛି। ଜାନୁଆରୀ ୨୬କୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରିବା ବେଳେ ଆମ ପବିତ୍ର ସମ୍ବିଧାନର ୫୧ (କ) ଧାରା ପ୍ରତି ନାଗରିକଙ୍କୁ ଚେତାଇ ଦେଉଛି ସ୍ୱାଧୀନତା ସଂଗ୍ରାମର ଘୋଷିତ ପ୍ରତିଶ୍ରୁତିର ପ୍ରତିପାଳନ ଲାଗି ପ୍ରତିବଦ୍ଧତାକୁ। ବ୍ୟକ୍ତିଗତ ସ୍ୱାର୍ଥ ଛାଡ଼ି ଦେଶ ଓ ଜାତିର ବିକାଶ ପାଇଁ ତ୍ୟାଗ ଓ ସେବାର ଭିତ୍ତିଭୂମିରେ ସମର୍ପିତ ସାଧକମାନେ ଯେ ଇତିହାସର ମୋଡ଼ ବଦଳାଇ ଦେଇପାରିବେ ଏ କଥା ବି ଆମ ଗର୍ବ ଓ ଗୌରବର ପ୍ରତୀକ ତ୍ରିରଙ୍ଗା ଝଣ୍ଡା ପ୍ରତି ମୁହୂର୍ତ୍ତରେ ଆମ ସମସ୍ତଙ୍କୁ ଚେତାଇ ଦେଉଛି।

# ନୂଆ ଜୀବନ ଅପେକ୍ଷାରେ ଆରଟିଆଇ !



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ନାଗରିକମାନଙ୍କୁ ସଶକ୍ତିକରଣ ଏବଂ ପ୍ରଶାସନରେ ସ୍ୱଚ୍ଛତା ଲକ୍ଷ୍ୟ ନେଇ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ୟୁପିଏ ସରକାରଙ୍କ ଅମଳରେ ପାର୍ଲାମେଣ୍ଟରେ ପ୍ରଣିତ ଐତିହାସିକ ବିଧେୟକ ସୂଚନା ଅଧିକାର (ଆରଟିଆଇ) ଆଇନ ଦେଶରେ କାର୍ଯ୍ୟକାରୀ ହେବାରେ ଆସନ୍ତା ବର୍ଷ ଦୁଇଦଶନ୍ଧି ପୂରଣ କରିବାକୁ ଯାଉଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ହତାଦାର ତଥା ଆନ୍ତରିକତା ଅଭାବ ଯୋଗୁଁ ଆଇନ ତା'ର ସାମର୍ଥ୍ୟ, ପାରଦର୍ଶିତା ହରାଇଥିବା ନିଃସନ୍ଦେହରେ କୁହାଯାଇପାରିବ ଆଇନ ନେଇ କୌଣସି ଉତ୍ସବ ମନାଇବାର ଆବଶ୍ୟକତା ଯଥାର୍ଥ ମନେହୁଏ ନାହିଁ। ଆଇନର ସାମର୍ଥ୍ୟ ଶକ୍ତି ହ୍ରାସ ବାରମ୍ବାର ସଂଶୋଧନ ଏହାର ମୁଖ୍ୟକାରଣ ବୋଲି କୁହାଯାଇପାରେ। କେବଳ ଏତିକି ନୁହେଁ, ଆଇନର ଶକ୍ତି ହ୍ରାସ କରି ତଥ୍ୟ ବା ସୂଚନା ଜାଣିବାକୁ ମନା କରିବା କିମ୍ବା ଜାଣିଶୁଣି ବିଳମ୍ବ କରାଇବା ବର୍ଷ ବର୍ଷ ଧରି ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଆହୁରି ମଧ୍ୟ ଆଇନକୁ ବୁଡାଇ ଦେବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟସ୍ତରରେ ସୂଚନା ଅଧିକାର କମିଶନମାନଙ୍କ କାର୍ଯ୍ୟଧାରାକୁ ପଙ୍ଗୁ କରି ଦିଆଯାଇଛି। କହିବା ବାହୁଲ୍ୟ ଯେ, ଜାତୀୟ ସ୍ତରରେ ଥିବା କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି)ରେ ୮ଟି ସୂଚନା କମିଶନରଙ୍କ ପଦବୀ ଦୀର୍ଘ ବର୍ଷ ବର୍ଷ ଧରି ଖାଲି ପଡିଥିବାବେଳେ ରାଜ୍ୟସ୍ତରରେ ମଧ୍ୟ ଏହି ସଂଖ୍ୟା କିଛି କମ୍ ନୁହେଁ। ଦେଶର ୩୦ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ଉପରେ ଅଧାରୁ ଅଧିକ ସୂଚନା କମିଶନର ପଦବୀ ଖାଲି ପଡିଛି। ଏପରିକି ବହୁ ରାଜ୍ୟରେ ମୁଖ୍ୟ ସୂଚନା କମିଶନର ବା ଅଧ୍ୟକ୍ଷ ବିନା ସୂଚନା କମିଶନର କାର୍ଯ୍ୟାଳୟ କେବଳ ରହିଛି। ରାଜ୍ୟସ୍ତରରେ ସୂଚନା ଅଧିକାର କମିଶନ କାର୍ଯ୍ୟାଳୟ ଅକାମୀ ହୋଇପଡିଥିବା କହିଲେ ହୁଏତ ଅତିରଞ୍ଜିତ ହୋଇନପାରେ। ଯାହାର ପରିଣତି ସ୍ୱରୂପ ସୂଚନା ପାଇବା ଲାଗି ଆବେଦନ ସଂଖ୍ୟା ଫଇସଲା ନହୋଇ ବଢିଚାଲିଛି। ମିଳିଥିବା ତଥ୍ୟ କହେ, କେବଳ କେନ୍ଦ୍ରୀୟ ସୂଚନା କମିଶନର(ସିଆଇସି)ଙ୍କ କାର୍ଯ୍ୟାଳୟରେ ୨୩୦୦ରୁ ଊର୍ଦ୍ଧ୍ୱ ଆବେଦନ ଦୀର୍ଘ ମାସ ମାସ ଧରି ପଡିଛି। ଖାଲି ପଡିଥିବା କମିଶନର ପଦବୀଗୁଡିକ ପୂରଣ ପାଇଁ କମିଶନ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏଥିପ୍ରତି ନା କେନ୍ଦ୍ର, ନା ରାଜ୍ୟ ସରକାରମାନେ କେହି ବି କର୍ଣ୍ଣପାତ କରୁନଥିବା କୁହାଯାଏ। ନିକଟରେ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତୀୟ ଏକ ପିଟିସନର ଶୁଣାଣି କରିବା ଅବସରରେ ବହୁସଂଖ୍ୟକ କମିଶନର ପଦବୀ ଖାଲି ପଡିବା ନେଇ ପ୍ରଶ୍ନ ଉଠାଇବା ସଙ୍ଗେ ସଙ୍ଗେ ଗଭୀର ଉଦ୍‌ବେଗ ପ୍ରକାଶ କରି ତୁରନ୍ତ ପଦବୀଗୁଡିକ ପୂରଣ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ମଧ୍ୟ କେନ୍ଦ୍ର ସରକାର ଶୁଣାଣି କରିବା ଅବସରରେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ମଧ୍ୟ ପ୍ରଣିଧାନ ଯୋଗ୍ୟ। ଯଦି କାମ କରିବାକୁ ଲୋକ ନାହାନ୍ତି, ତେବେ ଆରଟିଆଇର ବ୍ୟବହାର କ'ଣ ବୋଲି ପ୍ରଶ୍ନ କରିବା ସହ ଖାଲି ପଦବୀଗୁଡିକ ସମୟଭିତ୍ତିକ ପୂରଣ ପାଇଁ ଏକ ରିପୋର୍ଟ ତଲବ କରିଛନ୍ତି। ଯାହା ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ନିଦ୍ରା ଭଙ୍ଗ କରିବା ନେଇ ଆଶା ଉଜ୍ଜିବତ କରେ। ଏହା ନିଃସନ୍ଦେହ ଯେ, ସୂଚନା ଅଧିକାର ଆଇନ ଦେଶରେ ଏକ ଯୁଗାନ୍ତକାରୀ ଆଇନ ହେବା ନେଇ ଆଶା ସଞ୍ଚାର କରାଯାଉଥିଲା, ଏଇଥିପାଇଁ ଯେ, ଆଇନ ବଳରେ ପ୍ରଶାସନରେ ଦୁର୍ନୀତି, ହେରଫେର, ଅନିୟମିତତା ହ୍ରାସ ପାଇବ, ଏବଂ ତାହା ସାର୍ବଜନୀନ ହେବ। ଏହି ଆଇନ ଦେଶର ସାଧାରଣ ଲୋକଙ୍କ ପାଇଁ ଏକ ଅମୋଘ ଅସ୍ତ୍ର ହେବା ନେଇ ଆଶା କରାଯାଉଥିଲା। ଆଇନ ଉଲ୍ଲଙ୍ଘନ ନେଇ କଠୋର ଦଣ୍ଡବ୍ୟବସ୍ଥା ଥିବାବେଳେ ଆବେଦନ ଉପରେ ଯଦି କମିଶନର ଅଭାବ ଯୋଗୁଁ ଶୁଣାଣି ବିଳମ୍ବିତ ହୁଏ, ତେବେ ତାହା ନ୍ୟାୟିକ ପାଇବା ସଦୃଶ। କଥାରେ ଅଛି ବିଳମ୍ବିତ ନ୍ୟାୟ, ବିଡମ୍ବିତ ନ୍ୟାୟ। ସୂଚନା କମିଶନର ଅଚଳାବସ୍ଥା ଏବଂ ଶୁଣାଣୀରେ ଅହେତୁକ ବିଳମ୍ବ ଯୋଗୁଁ ଏବେ ଆଇନ ମୃତପ୍ରାୟ ବୋଲି କହିଲେ ଭୁଲ ହୋଇନପାରେ। କହିବା ବାହୁଲ୍ୟ ଯେ, ଆଇନରେ ବାରମ୍ବାର ସଂଶୋଧନ କମିଶନରଙ୍କ କାର୍ଯ୍ୟାକାଳ ହ୍ରାସ, କମିଶନର ଭାବେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଏବଂ କମିଶନର ନିଯୁକ୍ତିରେ ଅହେତୁକ ବିଳମ୍ବ ଜନସାଧାରଣଙ୍କୁ ସୂଚନା ବା ତଥ୍ୟ ପାଇବା ଲାଗି ନିରୁତ୍ସାହିତ କରୁଛି। ଆରଟିଆଇ ଆଇନକୁ ନୂଆ ଜୀବନ ଦେଇ ଜନସାଧାରଣ ପୁନଃ ସକ୍ରୀୟ କରାଗଲେ, ଗଣତନ୍ତ୍ରରେ ସେମାନେ ସକ୍ରୀୟ ଅଂଶୀଦାର ହୋଇପାରିବେ। ଏହି ଐତିହାସିକ ଆଇନ ଏବେ ନୂଆ ଜୀବନ ଅପେକ୍ଷାରେ।

# ପୋଷ୍ୟ ପ୍ରାଣୀ ବଦଳାନ୍ତି ମାନସିକ ପୀଡ଼ା



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

କୁହୁଡ଼ିଭରା ସକାଳୁ ସେ ଦିନ ବନ୍ଧୁ ବିରଞ୍ଚି ସୁଦୂର ଜାପାନରୁ ଫୋନ୍ କରିଥିଲେ। ସେ ତାଙ୍କର ଜଣେ ପରିଚିତଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ନେଇ ମୋ ସହ ପରାମର୍ଶ ଚାହିଁଥିଲେ। ତାଙ୍କ କହିବା ମୁତାବକ ସେ ରହୁଥିବା ଆପାର୍ଟମେଣ୍ଟରେ ତାଙ୍କର ଜଣେ ପରିଚିତ ବନ୍ଧୁ ଯାହାଙ୍କର ଦୀର୍ଘଦିନ ଧରି ମାନସିକ ସମସ୍ୟା ଥିଲା ସେ କିଛିଦିନ ହେବ କିଛି ଘରୋଇ ପୋଷା କୁକୁରଙ୍କ ସହ ଆଶ୍ଚର୍ଯ୍ୟଜନକ ଭାବେ ସମୟ କାଟୁଛନ୍ତି ଏବଂ ଏହାର ପରବର୍ତ୍ତୀ ସମୟରେ ତାଙ୍କୁ ମାନସିକ ଭାବେ ସୁସ୍ଥକର ଲାଗୁଛି ବୋଲି ତାଙ୍କ ପରିବାରବର୍ଗ ଅନୁଭବ ମଧ୍ୟ କରୁଛନ୍ତି। ମୁଁ ବନ୍ଧୁ ବିରଞ୍ଚିଙ୍କୁ ବ୍ୟସ୍ତ ନହୋଇ ମୁଁ କହିଲି ଆମ ମାନସିକ ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ କୁହାଯାଏ 'ଆନିମଲ ଆସିଷ୍ଟେଡ୍ ଥେରାପି'। ଏହାକୁ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଇଂଲଣ୍ଡର ଇୟର୍କ ରିଟ୍ରିଟ୍ ମନୋରୋଗ ପୁନର୍ବାସନ କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇ ବେଶ ସଫଳତା ପାଇବା ପରେ ଊନବିଂଶ ଶତକରେ ଇଂଲଣ୍ଡ ଓ ଆମେରିକାର କେବଳ ସରକାରୀ ନୁହେଁ ଘରୋଇ ମାନସିକ ଚିକିତ୍ସା ପ୍ରତିଷ୍ଠାନ ଓ ନିରାମୟ କେନ୍ଦ୍ରରେ ଏହା କାର୍ଯ୍ୟକାରୀ ହେଲା। ପରେ ଅର୍ଥାତ୍ ୧୯୪୪ ବେଳକୁ ଯାହାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ କୁହାଯାଏ ସେ ସମୟରେ ରେଡ଼କ୍ରସ ସଂସ୍ଥାର ଆମେରିକାନ ପ୍ରଶିକ୍ଷଣପ୍ରାପ୍ତ ପୋଷ୍ୟ ପ୍ରାଣୀମାନେ ଡାକ୍ତରଖାନାରେ ମାନସିକ ଭାବେ ଗୁରୁତର ହୋଇଥିବା ଓ ଅସୁସ୍ଥ ହୋଇଥିବା ବର୍ଗଙ୍କ ପାଇଁ ଉପଶମର ବଡ଼ ସହାୟକ ପାଲଟିଥିଲେ।

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ଼ ଏବଂ ମାଇକେଲ ଚିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲ୍ୟାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ, ଡେଲା ସୋସାଇଟି ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀମାନଙ୍କୁ ଆରୋଗ୍ୟ କରାଇବା। ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସଜାତୀୟ ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସଅର୍ଡ଼ର, ଗୁରୁତର ଆଘାତ ପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜିମ୍ ଆକ୍ରାନ୍ତ ଶିଶୁମାନଙ୍କ ଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ ପ୍ରତିଷ୍ଠାନ। ଯାହାକି ୨୦୧୨ ମସିହାରେ ପୋଷ୍ୟ ସାଥି ବା ପେଟ ପାର୍ଟନସ ଭାବେ ନୂଆ ନାମରେ ନାମିତ ହୋଇଥିଲା। ତେବେ କାଲିଫର୍ଣିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ ମାନସିକ, ଶାରୀରିକ ଏପରିକି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଚିତ ହେଉଛନ୍ତି। ଆମେ ସାଧାରଣରେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁ ଗାଈଙ୍କ ଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲଫିନମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡିତଙ୍କ ଶାରୀରିକ ସୁସ୍ଥତା ଓ ସମୟ ଅତିବାହିତ କରି ସେମାନଙ୍କୁ ମାନସିକ ଭାବେ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ମର୍ମରେ ଓୟେସ୍କ ଜର୍ଣ୍ଣାଲ ଅଫ ନର୍ସିଂ ରିସର୍ଚ୍ଚ ପ୍ରତିକାଟିକୁ ଏଠାରେ ଉପସ୍ଥାପନ କରୁଛୁ। ସେଠାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୱାରିୟମ୍‌ର ରଙ୍ଗୀନ ମାଛ ହେଉ ବା ଡଲଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ। ସଂପ୍ରତି ଆମେରିକା ବ୍ୟତୀତ ନେଦରଲ୍ୟାଣ୍ଡ, ସୁଇଜରଲ୍ୟାଣ୍ଡ ଓ ବେଲଜିୟମରେ ପଶୁମାନଙ୍କ ସହିତ ଆଲିଙ୍ଗନ ଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ଓ ଏହାକୁ ମାନସିକ ଉପଶମ ପାଇଁ ବିଶେଷକରି ପ୍ରିଜନ ପେଟ ପାର୍ଟନସିପ୍ ପୋଗ୍ରାମ ମାଧ୍ୟମରେ କାରାଗାରର ବନ୍ଦୀମାନେ ପୋଷ୍ୟପ୍ରାଣୀଙ୍କ ପ୍ରଶିକ୍ଷଣ ଦେଇ ମାନସିକ ରୋଗୀମାନଙ୍କ ରୋଗ ନିରାମୟରେ ସାହାଯ୍ୟ କରୁଛନ୍ତି।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ। ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି। ପ୍ରଶିକ୍ଷିତ ପୋଷ୍ୟଜନ୍ତୁମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେସନ ଓ ମାନିବ ଫାଉଣ୍ଡେସନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁର ଏବଂ ଫାର ବଲ ଷ୍ଟୋରୀ, ଦିଲ୍ଲୀ। ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟ ପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା। ଜର୍ଣ୍ଣାଲ ଅଫ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ ମସିହାରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଡାଲ ଉଲ୍ଲେଖ କରିଛନ୍ତି ମାନସିକ ରୋଗୀ ଏବଂ ପୋଷ୍ୟମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କର ଦେହରେ ନିଉରୋକେଶିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତରେ ଅତ୍ୟନ୍ତ ଫଳପ୍ରଦ। ମାସାନୁସେଟସ ଜେନେରାଲ ହସ୍ପିଟାଲର ଗବେଷକ ଡାକ୍ତର ଲରିସ ଏସ ପଲଙ୍କ ମତରେ ସିଜୋଫ୍ରେନିଆ, ଅଲଜିମରସ, ଡିମେନସିଆ, ମ୍ୟାନିକ ଡିପ୍ରେସନ ପ୍ରଭୃତି ମାନସିକ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ପ୍ରଶିକ୍ଷଣ ପ୍ରାପ୍ତ ପ୍ରାଣୀମାନଙ୍କର ନିବିଡ଼ ସଂଯୋଗ ଫଳରେ ସେମାନଙ୍କ ଶରୀରରେ ନିଉରୋଟ୍ରାନ୍ସମିଟର ସିରୋଟାନିନ୍ ଏବଂ ଏଣ୍ଡୋରଫିନର କ୍ଷରଣମାତ୍ରା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଷ୍ଟ୍ରେସହରମୋନ କର୍ଟିସଲ ଓ ଆଡ୍ରେନାଲିନର କ୍ଷରଣମାତ୍ରା ହ୍ରାସ ପାଏ, ଫଳରେ ସେମାନଙ୍କ ଠାରେ ଅନେକାଂଶରେ ଦୂରୀଭୂତ ହୋଇଯାଏ ମାନସିକ ଅବସାଦ ଓ ଶାରୀରିକ ଅବସନ୍ନତା।

ସାଧାରଣତଃ ପୋଷ୍ୟ ପ୍ରାଣୀମାନଙ୍କ ସହ ମାନସିକ ପୀଡ଼ିତମାନେ ସମୟ ଅତିବାହିତ କରିବା ଦ୍ୱାରା ସେମାନଙ୍କ ଠାରେ ଇମ୍ୟୁନୋଗ୍ଲୋବୁଲିନ୍‌ର ମାତ୍ରା ବଢ଼ିଥାଏ। ଆମେରିକାନ ହାର୍ଟ ଆସୋସିଏସନର ତଥ୍ୟ ଅନୁଯାୟୀ ପୋଷ୍ୟ ପ୍ରାଣୀ ଭିତ୍ତିକ ଚିକିତ୍ସା ମଧ୍ୟ ଫଳପ୍ରଦ ହୋଇଥାଏ। ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତପିଣ୍ଡ ସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି ଯାହାଦ୍ୱାରା ହୃଦରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରେ ରୋଗ ଜନିତ ଉଦ୍‌ବେଗ ୨୪ ଶତାଂଶ ହ୍ରାସ ଘଟୁଛି। ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ ଦେଢ଼ଶହ ମିନିଟର ହାଲକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରସସ୍ତ ଯାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ କରିଥାଏ। ତେବେ ଏହି ଗବେଷଣାର ଅନ୍ୟ ଏକ ତଥ୍ୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାହା ହେଉଛି ଆପଣ ପୋଷା ଆଦରର କୁକୁରଟି ଆପଣଙ୍କ ସହ ଯେଉଁ ସଯତ୍ନ ସ୍ନେହ ଆଦର ଓ ଯତ୍ନବତ ଭାବ ପ୍ରବଣତା ଆପଣଙ୍କୁ ପ୍ରଦାନ କରିଥାଏ ତାହା ଜଣେ ମାନସିକ ପୀଡ଼ିତର ଶରୀରରେ ଅକ୍ସିଟୋସିନ ଓ ପ୍ରୋଲାକ୍ଟିନ ହରମୋନର କ୍ଷରଣକୁ ଶରୀରରେ ବଢ଼ାଇ ଦେଇଥାଏ ଯାହା ଜଣଙ୍କୁ ବିଶେଷକରି ସଂପୃକ୍ତ ମାନସିକ ପୀଡ଼ିତଜଣଙ୍କୁ କ୍ରୋଧ ସମ୍ବରଣ ଓ ଆବେଗ ପରିବର୍ତ୍ତନରେ ତାଙ୍କ ମାନସିକ କ୍ଷତକୁ ଉପଶମ କରି ଜୀବନ ଛନ୍ଦକୁ ଆନନ୍ଦମୟ କରିବାର ପ୍ରେରଣା ଦେଖାଇଥାଏ। ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତମାନଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନ ଆନନ୍ଦମୟ ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ। ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ଆପଣଙ୍କୁ କିଛିଦିନ ତଳର ଭୁବନେଶ୍ୱରର ଏକ ଘଟଣା ମନେପକାଇ ଦେଉଛି। ଏକ ପୋଷ୍ୟ କୁକୁର ଘରକୁ ଆସୁଥିବା ବିଷାକ୍ତ ସାପ ଠାରୁ ମାଲିକର ଜୀବନ ବଞ୍ଚାଇବା ପାଇଁ ନିଜେ ଲଢ଼ି ଜୀବନକୁ ଉତ୍ସର୍ଗ କରିଥିଲା। ଏପରି ଅନେକ ଘଟଣା ଆମମାନଙ୍କର ହାତ ପାହାନ୍ତାରେ ରହିଛି। ଗ୍ରାମ୍ୟ ଜୀବନରେ ଆପଣଙ୍କ ଗାଈଗୋରୁ ବାଛୁରୀ ଏପରିକି ପୋଷା ପକ୍ଷୀମାନେ କିପରି ସଯତ୍ନ ଭଲପାଇବା ଓ ବିଶେଷକରି ଗୋରୁଗାଈମାନେ ମଣିଷ ମୁହଁରେ ଶ୍ରଦ୍ଧେୟ ଅନାବିଳର ଯେଉଁ ମହାର୍ଘ ମୁହଁ ଘଷା ସ୍ନେହ ପ୍ରଦାନ କରିଥାନ୍ତି ତାହା ଅନେକଙ୍କର ସ୍ମରଣୀୟ ଥିବ। ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ପୋଷ୍ୟ ପ୍ରାଣୀମାନଙ୍କୁ ଆଦର ଯତ୍ନ କଲାବେଳେ ସର୍ବପ୍ରଥମେ ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ପୀଡ଼ିତର ପରିବାର ବର୍ଗଙ୍କ ଏପରି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରେରଣା ରହିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ବାଲୁଗାଁ(ଭାସ୍କର ନ୍ୟୁଜ): ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ ୬ଷ୍ଠ ପରିଷଦ ପରିଚାଳନା ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିବେଶନରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚ୍ଚନ୍ଦନ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚ଼ନା କରିଥିଲେ। ଅଧିବେଶନରେ ମୁଖ୍ୟମନ୍ତ୍ରୀ ବିଶେଷ ସହାୟତା ପ୍ରଗତି, ମୁକ୍ତା ଯୋଜନାର ପ୍ରଗତି, ବିଭିନ୍ନ କେନ୍ଦ୍ରୀୟ/ରାଜ୍ୟ ପେନସନ୍ ସ୍କିମ ସ୍ଥିତି, ପିଏମ୍ ସମ୍ମାନ ନିଧି, ପିଏମ୍ କିଷାନ ଯୋଜନା, ପିଏମ୍ ବିଶ୍ୱକର୍ମା ଯୋଜନା, ଷ୍ଟ୍ରିଟ୍ ଲାଇଟ, ସ୍ମାର୍ଟ ପାର୍କ ଏବଂ ଅନ୍ୟ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିସହିତ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସରସ ସୁନ୍ଦର ଭାବେ ଗଢିତୋଳିବା ପାଇଁ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବାଲୁଗାଁ ଏନ୍ଏସି ଅନ୍ତର୍ଗତ ୮୦ ବର୍ଷରୁ ଉର୍ଦ୍ଧ୍ୱ ୩୦ ଜଣ ବୃଦ୍ଧବୃଦ୍ଧା ଓ ୮୦ ଶତକଡ଼ାରୁ ଉର୍ଦ୍ଧ୍ୱ ୨୦ ଜଣ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ବୈଠକରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, କନିଷ୍ଠ ଯନ୍ତ୍ରୀ ବିମଳ ମିଶ୍ର, ସମସ୍ତ କାଉନସିଲର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



### ବଡ଼ବିଲ ମହୋତ୍ସବ ଉଦ୍‌ଘାଟିତ

## ମିନି-ଭାରତ ଆମ ବଡ଼ବିଲ ସହରର ଭାଇଚାରା, ସଂସ୍କୃତି ଓ ପରମ୍ପରା ଅନନ୍ୟ: ମୁଖ୍ୟମନ୍ତ୍ରୀ



କେନ୍ଦୁଝର(ଭାସ୍କର ନ୍ୟୁଜ): ବଡ଼ବିଲ ମହୋତ୍ସବ ପଡ଼ିଆଠାରେ ଆୟୋଜିତ ହେଉଥିବା ବଡ଼ବିଲ ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ହେଇଯାଇଛି । ଉଦ୍‌ଘାଟନୀ ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଚମ୍ପୁଆ ସନାତନ ମହାକୁଡ଼, ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ମହୋତ୍ସବ କାର୍ଯ୍ୟକାରୀ କମିଟି ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ, ସମ୍ପାଦକ ନୀଳମଣି ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଭିଭାଷଣ ଆରମ୍ଭରେ ଉପସ୍ଥିତ ଜନତାଙ୍କୁ ନୂତନ ବର୍ଷ ଓ ମକର ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦୁଝର ଜିଲ୍ଲା ତଥା ବଡବିଲ୍ ଅଞ୍ଚଳର ଗୌରବମୟ ଐତିହ୍ୟ, ପରମ୍ପରା, କଳା, ସଂସ୍କୃତି ଓ ବିକାଶର ନିଛକ ପ୍ରତିଛବି ବହନ କରୁଥିବା ବଡବିଲ୍ ମହୋତ୍ସବର ରୌପ୍ୟ ଜୟନ୍ତୀ ଅବସରରେ ଯୋଗ ଦେଇଥିବାରୁ ଖୁସି ବ୍ୟକ୍ତ କରିଥିଲେ । ଭାରତ ବର୍ଷର ପ୍ରତ୍ୟେକ ରାଜ୍ୟର ଅଧିବାସୀ ଏଠାରେ ଜୀବିକା ଅର୍ଜନ ପାଇଁ ଆସି ବସବାସ କରିଥାନ୍ତି । ଏହି ସହରକୁ ଏକ ମିନି-ଭାରତ କହିଲେ ଅତ୍ୟୁକ୍ତି ହେବନାହିଁ । ବଡବିଲ୍ ହେଉଛି ସାଂପ୍ରଦାୟିକ ସଦ୍‌ଭାବ ଓ ଭାଇଚାରାର ଅଞ୍ଚଳ । ଏଠାକାର ଅଧିବାସୀମାନେ ଜୀବନ ଜୀବିକା ପାଇଁ ଦିନରାତି ଏକାକାର କରି ଦେଇଥାନ୍ତି । ବ୍ୟସ୍ତ ମଣିଷର ବ୍ୟସ୍ତତା ଭିତରେ ମନରେ ଟିକିଏ ଖୁସି ଆଣିବା ପାଇଁ ୧୯୯୯ ମସିହାରେ ପ୍ରଥମ କରି ଆରମ୍ଭ ହୋଇଥିଲା ଏହି ବଡବିଲ୍ ମହୋତ୍ସବ । ଅଞ୍ଚଳର ଅଧିବାସୀଙ୍କ ସକ୍ରିୟ ଅଂଶ ଗ୍ରହଣରେ ସ୍ଥାନୀୟ କଳା, ସଂସ୍କୃତି ଓ ପ୍ରତିଭାର ପ୍ରଦର୍ଶନ ଥିଲା ଏହି ମହୋତ୍ସବ ଆୟୋଜନର ମୂଳ ଉଦ୍ଦେଶ୍ୟ । ଏହି ମହୋତ୍ସବ ଆରମ୍ଭ ପାଇଁ ବିଶିଷ୍ଟ ସମାଜସେବୀ ବିଜୟ ମହାନ୍ତି, ଅଧ୍ୟାପକ ଅଶ୍ୱିନୀ କୁମାର ସାହୁ, ବିଶିଷ୍ଟ ବ୍ୟବସାୟୀ ରାଜୁ ମେହେଟ୍ଟା, ଆସ୍ଥା ମହିଳା ସମିତିର ସଦସ୍ୟା ଏବଂ ରକ୍ସି ଯୁବକ ସଂଘ ପ୍ରଭୃତିଙ୍କ ପ୍ରମୁଖ ଅବଦାନ ରହିଥିଲା । ରୌପ୍ୟ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସେମାନଙ୍କୁ ସ୍ମରଣ କରିବା ସହ ଆନ୍ତରିକ ଧନ୍ୟବାଦ ଓ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଆଦିବାସୀଙ୍କ ମଧ୍ୟରେ ସାକ୍ଷରତା ପ୍ରସାର କ୍ଷେତ୍ରରେ ଅବଦାନ ପାଇଁ ୨୦୦୧ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ମହାନ ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ସ୍ମରଣ କରି ଭକ୍ତିପୂତ ସମ୍ମାନ ଜଣାଇଥିଲେ । ଅନ୍ୟ ସମସ୍ତ ମଞ୍ଚାସୀନ ସମ୍ମାନିତ ଅତିଥି ନିଜ ବକ୍ତବ୍ୟରେ ବଡ଼ବିଲ ମହୋତ୍ସବର ନିରନ୍ତର ଆୟୋଜନ ନିମନ୍ତେ ଆୟୋଜକଙ୍କୁ ସାଧୁବାଦ ଜଣାଇବା ସହ ଏହାର ସର୍ବବିଧ ସଫଳତା କାମନା କରିଥିଲେ । ସାଂସ୍କୃତିକ ବିଚିତ୍ରାର ପ୍ରଥମ ସୋପାନରେ ଚିତ୍ତାକର୍ଷକ ଡେମସା ନୃତ୍ୟ ପରିବେଷଣ କରାଯାଇଥିଲା ଏବଂ ପରେ ପରେ ମହମ୍ମଦ ଡାନିସ ଏବଂ ସାଥୀଙ୍କ ଦ୍ୱାରା ମନମୁଗ୍ଧକର ସଂଗୀତ ପରିବେଷଣ କରାଯାଇଥିଲା ।

## ପ୍ରେସ୍ କ୍ଲବ୍ ଜାଗା ଜବରଦଖଲ ଉଦ୍ୟମ ନେଇ ସାମ୍ବାଦିକଙ୍କ ଧାରଣା




ନିମାପଡ଼ା, ୧୬।୧ (ଭାସ୍କର ନ୍ୟୁଜ): ନିମାପଡ଼ା ପ୍ରେସ୍ କ୍ଲବ୍ ଜମି ହଡ଼ପ ପାଇଁ ରୀତିମତ ଚକ୍ରାନ୍ତ ଚାଲିଥିବା ବେଳେ ଦୁଇଜଣ ବ୍ୟବସାୟୀ ପ୍ରେସ୍ କ୍ଲବ୍ ଜାଗାକୁ ଜବର ଦଖଲ କରିବା ପାଇଁ ବାଲି ଗୋଡ଼ି ଜମାଇବା ଦ୍ୱାରା ପ୍ରେସ୍ କ୍ଲବ୍‌ର ସଦସ୍ୟମାନେ ସେହି ସ୍ଥାନରେ ଧାରଣା ଦେବା ସହ ବିକ୍ଷୋଭ କରିଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ୭ଦିନ ପାଇଁ ଘର କାର୍ଯ୍ୟ ହୋଇପାରିବ ନାହିଁ ବୋଲି ବନ୍ଦ କରିଥିବା ବେଳେ ଗଣମାଧ୍ୟମ ପାଇଁ ଉଦ୍ଦିଷ୍ଟ ସଂପତିକୁ ବ୍ୟବସାୟୀ ହାତେଇବା ପାଇଁ ଚକ୍ରାନ୍ତ କରିଥିବା ବେଳେ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି । ଯାହାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିବା ବେଳେ ଏହି ଘଟଣା ଜିଲ୍ଲାପାଳ ପର୍ଯ୍ୟନ୍ତ ଯିବ ବୋଲି ସାମ୍ବାଦିକମାନେ କହିଛନ୍ତି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ପ୍ରେସ୍ କ୍ଲବ୍ ଗୃହ ନିର୍ମାଣ ପାଇଁ ସେତେବେଳର ଜିଲ୍ଲାପାଳ ପ୍ରେସ୍ କ୍ଲବ୍ ନାମରେ ୫ ଡ଼ିସିମିଲି ଜାଗା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରେସ୍ କ୍ଲବ୍ ସଭାପତିଙ୍କ ନାମରେ ୫ ଡ଼ିସିମିଲି ଜାଗାର ପାଉତି ମଧ୍ୟ ରହିଛି । ମାତ୍ର ଘରବାରୀ କିସମ ନଥିବା ଦୁଇଜଣ ବ୍ୟବସାୟୀ ବିନା ଆଦେଶରେ ୟୁକୋ ବ୍ୟାଙ୍କ ସମ୍ମୁଖରେ ଗୃହ ନିର୍ମାଣ କରିଛନ୍ତି । ଗୃହ ନିର୍ମାଣ କରିଥିବା ସମ୍ମୁଖ ଭାଗଟି ପ୍ରେସ୍ କ୍ଲବ୍ ନାମରେ ଜାଗା ରହିଥିବା ବେଳେ ଏହି ଜାଗାକୁ ରୀତିମତ ଦଖଲ କରିବା ପାଇଁ ଚକ୍ରାନ୍ତ କରିଥିବା ଜାଣିପାରି ନିମାପଡ଼ା ପ୍ରେସ୍ କ୍ଲବ୍‌ର ସଦସ୍ୟମାନେ ଏ ସଂପର୍କରେ ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେ । ବର୍ତ୍ତମାନ ମଧ୍ୟ ଥାନାରେ ଅଭିଯୋଗ କରାଯାଇଛି । ବ୍ୟବସାୟୀ ତହସିଲଦାର ଓ ଚକବନ୍ଦୀ ଚିହ୍ନଟ କରିଥିବା ପ୍ରେସ୍ କ୍ଲବ୍ ଜାଗାରେ ପିଲର ପକା ଯାଇଥିଲା । ରାତି ଅଧରେ ବ୍ୟବସାୟୀ ଏହି ପିଲରକୁ ଉପାଡ଼ି ଫୋପାଡ଼ି ଦେଇଥିଲେ । ପ୍ରେସ୍ କ୍ଲବ୍ ଜାଗାରେ ବାଲି, ଗୋଡ଼ି, ସିମେଣ୍ଟ ଗଦା କରି ଦୀର୍ଘଦିନ ହେବ ବ୍ୟବସାୟୀ ଜବର ଦଖଲ କରିଥିବାରୁ ଏହାକୁ ବିରୋଧ କରି ପ୍ରେସ୍ କ୍ଲବ୍ ସଭାପତି ରଂଜନ କୁମାର ପଟ୍ଟନାୟକ, ସତ୍ୟ ଖବର ସଂପାଦକ ତଥା ପ୍ରେସ୍ କ୍ଲବ୍‌ର ସଦସ୍ୟ ଅକ୍ଷୟ କୁମାର ନାୟକ, ପ୍ରଦ୍ୟୁମ୍ନ ବେହେରା, ଚିତ୍ତରଂଜନ ମହାନ୍ତି, ବିଚିତ୍ରାନନ୍ଦ ସାହୁ, ରଂଜନ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର କର, ସୁକାନ୍ତ କର, ରମାକାନ୍ତ ବେହେରା, ଅକ୍ଷୟ ବେହେରା, ଶକ୍ତି ପ୍ରସାଦ ରଥ, ଅଶୋକ ବେହେରା, ନିବେଦିତା ମିଶ୍ର, ସୁଦର୍ଶନ ବେହେରା, ତପନ ପଣ୍ଡା, ନଳିନୀକାନ୍ତ ପରିଡ଼ା, ସତ୍ୟମ୍ ଯୋଶେଫ୍ ଲେଙ୍କା ପ୍ରମୁଖ ସେଠାରେ ଧାରଣା ଦେବା ସହ ବିକ୍ଷୋଭ କରିଥିଲେ । ଘଟଣା ସ୍ଥଳରେ ନିମାପଡ଼ା ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁଙ୍କ ସମେତ ସେଠାରେ ପହଞ୍ଚି ସାମ୍ବାଦିକଙ୍କୁ ବୁଝାସୁଝା କରିବା ସହ ଏଠାରେ କାର୍ଯ୍ୟ ବନ୍ଦ କରାଗଲା ବୋଲି କହି ଥାନାକୁ ଡ଼କାଇ ତାଙ୍କ ସହିତ ଆଲୋଚନା କରିଥିଲେ । ଆସନ୍ତା ୨୭ ତାରିଖରେ ଉପ-ଜିଲ୍ଲାପାଳଙ୍କ ଅପିଲ୍ ତାରିଖ ଥିବାରୁ ୨୭ ତାରିଖ ପର୍ଯ୍ୟନ୍ତ ସମୟ ମଗାଯାଇଛି । ପ୍ରଶାସନ ସମସ୍ୟା ନ ଶୁଣିଲେ ସାମ୍ବାଦିକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ୧୮ରୁ ଶିମିଳିପାଳ ବନଖଣ୍ଡରେ ପକ୍ଷୀ ଗଣନା

ବାରିପଦା(ଭାସ୍କର ନ୍ୟୁଜ): ଆସନ୍ତା ୧୮ରେ ଶିମିଳିପାଳ ବନଖଣ୍ଡରେ ଆରମ୍ଭ ହେବ ପକ୍ଷୀ ଗଣନା। ଏଥିନିମନ୍ତେ ବାରିପଦା ବନଖଣ୍ଡ ପକ୍ଷରୁ ବନରକ୍ଷୀ, ବନ ଅଧିକାରୀ, ଛାତ୍ରଛାତ୍ରୀ, ପ୍ରମୁଖ ଏନଜିଓ, ପରିବେଶବିତ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକଟି ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବନ ଅନୁଭାଗ ଅଧିନସ୍ଥ ସଂକଳ୍ପ ଭବନରେ ଅନୁଷ୍ଠିତ ହୋଇଥିଲା। ବାରିପଦା ବନଖଣ୍ଡରେ ୪୪ଟି ସାଇଟ ପକ୍ଷୀ ଗଣନାରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଚଳିତବର୍ଷ ଏହି ପ୍ରକ୍ରିୟାରେ ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସାମିଲ କରିବା ପାଇଁ ଯୋଜନା କରାଯାଇଛି। ଏହି ସାଇଟରେ ବନ୍ୟପ୍ରାଣୀ ସଂରକ୍ଷଣ ଦଳ ଉପସ୍ଥିତ ରହିବେ ଏବଂ ପକ୍ଷୀଗଣନା ସମୟରେ କୌଣସି ପ୍ରାକୃତିକ ଜୈବମଣ୍ଡଳର କାର୍ଯ୍ୟକାରିତାରେ ବିଶୃଙ୍ଖଳା ସୃଷ୍ଟି ନହୁଏ ସେ ବିଷୟରେ ଧ୍ୟାନ ଦିଆଯିବ। ବୈଠକରେ ବନ୍ୟପ୍ରାଣୀ ରକ୍ଷକ ବିବେକାନନ୍ଦ ପଟ୍ଟନାୟକ, ସଂଗ୍ରାମ ଏନଜିଓ ସଂସ୍ଥାପିକା ସଂଯୁକ୍ତା ବସା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ପକ୍ଷୀ ସଂରକ୍ଷଣ ଏବଂ ଗଣନାର ଆବଶ୍ୟକତା ବିଷୟରେ ବିଶେଷ ଆଲୋଚନା କରିଥିଲେ। ଶିମିଳିପାଳରେ ଓରିଅଲ, ରେଡ଼ ଜଙ୍ଗଲ ଫଲ, ଏସିଆନ୍ ଟିଟ୍, ଭଳି ଦୁର୍ଲଭ ପକ୍ଷୀ ଦେଖା ଯାଉଥିବାରୁ ଏହି ଗଣନାର ଆବଶ୍ୟକତା ଗୁରୁତ୍ୱ ରହିଛି। ଏଣୁ ଗଣନା ଟିମ୍‌ରେ ୫ ଜଣ ଲେଖାଏଁ ବ୍ୟକ୍ତି ରହିବେ। ଟିମ୍‌ରେ ବନବିଭାଗ କର୍ମଚାରୀ, ପରିବେଶବିତ୍, ବନ୍ୟପ୍ରାଣୀ ବିଶେଷଜ୍ଞ ଓ ସ୍ଥାନୀୟ ସାଧାରଣ ଲୋକଙ୍କୁ ସାମିଲ କରାଯାଇଛି ଏବଂ ବିଶେଷ ପ୍ରଶିକ୍ଷଣ ଦିଆଯାଇଛି। ବୈଠକରେ ଅତିରିକ୍ତ ବନ ସଂରକ୍ଷକ ରବିନାରାୟଣ ମହାନ୍ତି ବନବିଭାଗ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପକ୍ଷୀଙ୍କ ବିଷୟରେ ବିଶଦ ବିବରଣୀ ଦେବା ସହ ବୈଜ୍ଞାନିକ ତଥ୍ୟ ଉପସ୍ଥାପନ କରିଥିଲେ।

## ଦିନ ଦ୍ୱିପହରରେ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍

କେନ୍ଦୁଝର(ଭାସ୍କର ନ୍ୟୁଜ): ଗତକାଲି ଦିନ ଠିକ୍ ୧ଟା ୪୭ରେ ଦୁଇଜଣ ଲୁଟେରା ବାଇକ୍‌ରେ ଆସି ଜଣେ ମହିଳାଙ୍କ ବେକରୁ ସୁନା ଚେନ ଟାଣି ନେଇ ଫେରାର ହେଇଯାଇଛନ୍ତି । ପୋଲିସ ଗୁରୁବାର ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଛି । ଜଣେ ଦୋକାନୀ ପାଖରୁ ସିସିଟିଭି ଫୁଟେଜ୍ ନେଇଛି । ଠିକ୍ ଏସ୍‌ପି ଅଫିସ୍ ପଛରେ ଥିବା ପିଡବ୍ଲୁଡି ଅଫିସ୍ ସାମ୍ନାରେ ଏହି ଲୁଟ୍ ହୋଇଛି । ଅବଶ୍ୟ ଆଗରେ ବହୁତ ସିସିଟିଭି କ୍ୟାମେରା ଲୋକେ ନିଜ ଦୋକାନ ସାମ୍ନାରେ ଲଗାଇଛନ୍ତି । କଲେଜ ଛକ ଆଡ଼େ ଏହି ଦୁଇ ଲୁଟେରା ଲୁଟ ପରେ ବାଇକରେ ଛୁ ମାରିଥିଲେ । ସ୍ଥାନୀୟ ଲୋକେ ଧରିବାକୁ ଗୋଡାଇ ଥିଲେ ମଧ ଲୁଟେରା ଖସି ଯାଇଥିଲେ । ପଛରେ ଆଉ ଏକ ବାଇକ୍‌ରେ ୨ ଯୁବକ ଥିଲେ, ସେମାନେ ବୋଧେ ଲୁଟେରାଙ୍କ ସାଥୀ ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି । ଏହି ଘଟଣା ପରେ ମହିଳା ଜଣକ ଏତଲା ଦେଇଥିବା ବେଳେ ପୋଲିସ ଅଧିକ ତଦନ୍ତ କରୁଛି । ଏସ୍‌ପି ଅଫିସ୍ ପାଖ ଦିନରେ ବଜାର ଉପରେ ଏହି ଘଟଣା ଘଟିଥିବାରୁ ପୋଲିସ ଲାଗି ଏକ ଶକ୍ତ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଆଗକୁ ସହରର ସମସ୍ତ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅପରାଧୀଙ୍କୁ ପୋଲିସ୍ ଧରିବ ବୋଲି ସାଧାରଣ ଲୋକେ ଆଶାପୋଷଣ କରିଛନ୍ତି ।

## ପୋଖରୀରେ ପଶିଲା କାର, ଦୁଇ ମୃତ

କୋଣାର୍କ(ଭାସ୍କର ନ୍ୟୁଜ): ବୁଧବାର ବିଳମ୍ବିତ ରାତିରେ କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତା ଜୁଣେଇ ବଂଶୀବଜାର ନିକଟରେ ସଡକ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଛି । ନିମାପଡ଼ା ଗୁହାଳପଡାର ସନ୍ଦିପ ମହାପାତ୍ର (୩୮) ଓ ଭେଟିଆମଲ୍ଲ ମେଦିନୀପୁରର ସନାତନ ସେନାପତି (୨୦) । ସନ୍ଦିପଙ୍କ ଗୁରୁବାର ଆଇନ ପରୀକ୍ଷା ଦେବାର ଥିଲା । ସେ ଭୁବନେଶ୍ୱର ଟିସିଏସ କମ୍ପାନୀରେ ଚାକିରି କରିଥିଲେ । ଦୁଇ ଆହତ ହେଲେ ଭେଟିଆମଲ୍ଲ ଦାନ୍ତୁଣିର ମନିଷ ସେନାପତି(୨୮) ଓ ବାଲିପାଟଣା ଖୋର୍ଦ୍ଧାର ପୁନ୍ନି ପରିଡ଼ା(୨୦) । ନୀଳରଙ୍ଗର କାର ନମ୍ବର (କେଏ ୦୩ ଏନଡି ୪୮୩୬)ରେ ୪ଜଣ ସାଥି ହୋଇ କୋଣାର୍କ ବୁଲିବାକୁ ଆସିଥିଲେ । କୋଣାର୍କରୁ ଭୁବନେଶ୍ୱର ଫେରୁଥିବା ବେଳେ ରାତି ୧୨ଟା ୩୦ରେ ବଂଶୀବଜାର ନିକଟରେ କାରଟି ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶିଯାଇଥିଲା । ଫଳରେ କାରଟି ଓଲଟି ପଡ଼ିଥିଲା । ଖବରପାଇ କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ, କୋଣାର୍କ ପୋଲିସ ଓ ସ୍ଥାନୀୟ ବାସିନ୍ଦା ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଗୁରୁତର ଆହତଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ବାରଙ୍ଗ(ଭାସ୍କର ନ୍ୟୁଜ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଗୁରୁବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୩୪୭ ଜଣ ପଞ୍ଜୀକୃତ କରିଥିଲେ । ଶିବିରରେ ବହୁ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଭିନ୍ନକ୍ଷମ ଭାଇ ଓ ଭଉଣୀଙ୍କୁ ଚିହ୍ନଟ କରିଥିଲେ। । ସେଥିମଧ୍ୟରୁ ଚଳନଶକ୍ତି ବାଧିତ ୧୫୨, ଶ୍ରବଣ ବାଧିତ ୪୭, ଦୃଷ୍ଟି ବାଧିତ ୩୭, ମାନସିକ ୮୮ ଓ ସ୍ନାୟୁ ବାଧିତ ୨୩ ଜଣ ଦିବ୍ୟାଙ୍ଗ ମହିଳା ଓ ପୁରୁଷମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ୍: ୩ କୋର୍ଟଚାଲାଣ



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ତଳ ଗୁମାଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଙ୍ଗୁରୁ ତାଡିଙ୍ଗିଙ୍କ ହତ୍ୟା ଘଟଣାର ୧୦ମାସ ବିତିଯିବା ପରେ ତାର ପର୍ଦ୍ଦାଫାସ୍ କରିଛି ନାରାୟପାଟଣା ପୋଲିସ । ଏନେଇ ନାରାୟଣପାଟଣା ପୋଲିସ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏକ ଜମିଜମା ଘଟଣାକୁ ନେଇ ଘଟିଥିବା ଏସ୍‌ଡିପିଓ ମନୋବ୍ରତା ଶତପଥୀ ସ୍ପଷ୍ଟ କରିଛନ୍ତି । ପ୍ରକାଶଥାଉ କି ଗତବର୍ଷ ମାର୍ଚ୍ଚ ମାସ ୧୪ ତାରିଖରେ କେହି ହତ୍ୟା କରିଥିବା ନେଇ ନାରାୟଣପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି । ଖବର ନେବାରେ ଜଣାପଡ଼ିଛି କି ପୂର୍ବତନ ସରପଞ୍ଚ ସାଙ୍ଗୁରୁ ହଳ ନେଇ ଜମିକୁ ଚାଷ କରିବାକୁ ଯାଇ ଆଉ ଫେରିନଥିଲେ । ପରିବାର ଲୋକେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ଖୋଜଖବର ମିଳିନଥିବା ବେଳେ ଆରଦିନ ସକାଳେ ନିଜ ଘରଠାରୁ ଦୁଇ କିଲୋମିଟର ଦୂର ଏକ ଗାତ ଭିତରେ ତାଙ୍କୁ କେହି ହତ୍ୟାକରି ଫିଙ୍ଗିଦେଇ ଚାଲି ଯାଇଥିବା ପରିବାର ଲୋକେ ଦେଖି ନାରାୟଣ ପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ହେଲେ ସେହି ସମୟରେ ନାରାୟଣ ପାଟଣା ଥାନା ଅଧିକାରୀ କୌଣସି ତଦନ୍ତ ନକରି ଏକ ମାମଲା ରୁଜୁ କରି ଚୁପ୍ ବସି ପଡ଼ିଥିଲେ । ପରିବାରବର୍ଗ ବାରମ୍ବାର ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଭଗବାନଙ୍କ ଭରସାରେ ରହି ଯାଇଥିଲେ । ବର୍ତ୍ତମାନ ନାରାୟଣପାଟଣା ଥାନାରେ ନୂତନ ଥାନା ଅଧିକାରୀ ପ୍ରମୋଦ ନାୟକ ଯୋଗଦେଇ ସମସ୍ତ ପୁରୁଣା ଫାଇଲ୍ ଦେଖି ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତାର ପର୍ଦ୍ଦାଫାସ କରିଥିବାରୁ ମୃତ ପୂର୍ବତନ ସରପଞ୍ଚଙ୍କ ପରିବାର ଖୁସିବ୍ୟକ୍ତ କରି ଡେରିରେ ହେଉ ପଛେ ଆମକୁ ଉଚିତ୍ ନ୍ୟାୟ ମିଳିଛି ବୋଲି ପ୍ରକାଶ କରିଛନ୍ତି ।

## ବିଭିନ୍ନ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣରେ ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଜିତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତେ ଛାତ୍ରୀମାନେ ସେମାନଙ୍କର କୌଶଳ ପ୍ରଦର୍ଶନ କରିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁଙ୍କ ସମେତ ଗୌରାଙ୍ଗ ଚରଣ ମହାରଣା, ପ୍ରଭାତ କୁମାର ଜେନା, ଅନିଲ କୁମାର ଧୀର, ଗ୍ରନ୍ଥାଗାରିକ ନନ୍ଦକିଶୋର ଧୀର ଓ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଅଧ୍ୟାପିକା ଧାନୀ ମୁର୍ମୁ ସଂଯୋଜିକା (ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ) ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଏହି ଶିବିରରେ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ମିଶ୍ର, ସୁଧାକର ସାହୁ ବିଜୟ କୁମାର ସାହୁ, ଅନନ୍ତ ନାରାୟଣ ବାରିକ୍ ଓ ଅଧ୍ୟାପିକା ଅଭିସ୍ପା ମିଶ୍ର ଉପସ୍ଥିତ ଥିଲେ । ଦୀର୍ଘ ଆଠଦିନ ଧରି ଚାଲିଥିବା ଏହି ଶିବିରରେ ସମୁଦାୟ ୯୯ ଜଣ ପ୍ରଶିକ୍ଷଣ ନେଇଥିଲେ । ମାଷ୍ଟର ଟ୍ରେନର ସାଗରିକା ସାହୁ ପ୍ରଶିକ୍ଷଣ ଦେଇଥିଲେ ଓ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜିକା ମଧୁସ୍ମିତା ସ୍ୱାଇଁ ପରିଚାଳନା କରିବା ସହ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡି ଓ ବିଜେପିର ବ୍ୟାନର ଚିରା ନେଇ ଉତ୍ତେଜନା




ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ରାଜନୈତିକ ବିବାଦ ତୀବ୍ରତର ହେବାରେ ଲାଗିଛି । ଏହାର ଏକ ନଗ୍ନ ନମୁନା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମପଞ୍ଚାୟତରେ ଦେଖିବାକୁ ମିଳିଛି । ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ବିଜେଡି ଓ ବିଜେପିର ନବବର୍ଷର ଅଭିନନ୍ଦନ ବ୍ୟାନରକୁ ଜଣେ ନିର୍ଦ୍ଦିଷ୍ଟ ରାଜନେତାଙ୍କ ସମର୍ଥକମାନେ ଚିରି ଦେଇଥିବା ଅଭିଯୋଗ ହୋଇଛି । ଏହି ବ୍ୟାନର ଚିରା ଘଟଣାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି । ଜିଗ୍ନିପୁର ବଜାରରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଓ ମାହାଙ୍ଗା ବିଜେପି ଯୁବନେତା ସୁମନ୍ତ ଘଡେଇଙ୍କ ପୃଥକ ପୃଥକ ଭାବେ ନବବର୍ଷର ଅଭିନନ୍ଦନ ବ୍ୟାନର ଲଗାଯାଇଥିଲା । ଗତକାଲି ରାତ୍ରରେ ସ୍ଥାନୀୟ ଅଞ୍ଚଳର ଜଣେ ରାଜନେତାଙ୍କ ଇଙ୍ଗିତରେ ବିଜେପି ଓ ବିଜେଡିର ଅଭିନନ୍ଦନ ବ୍ୟାନରକୁ ଚିରି ଦିଆଯାଇଥିବା ଦେଖିବାକୁ ମିଳିଥିଲା । ସିସିଟିଭିରେ ଏହାର ଦୃଶ୍ୟ କଏଦ୍ ହୋଇଛି । ଘଟଣା ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଅଞ୍ଚଳର ଜଣେ ରାଜନେତାଙ୍କ ଇଙ୍ଗିତରେ ବାରମ୍ବାର ବିଜେପି ଓ ବିଜେଡି କର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଥିବା ଯୋଗୁ ଆଇନଶୃଙ୍ଖଳାର ଅଧୋଗତି ଘଟିଛି । ପ୍ରଶାସନ ତରଫରୁ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏଠାରେ ରାଜନୈତିକ ଆକ୍ରୋଶ ଓ ସଙ୍ଘର୍ଷ ଭୟଙ୍କର ରୂପେ ଧାରଣ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ବେଆଇନ୍ ଗୋମାଂସ ଜବତ, ଦୁଇ ଅଟକ



ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହିସ୍ଥିତ ସିଆଇଏସ୍ଏଫ୍ ବଜାରରେ ଥିବା ଏକ ଔଷଧ ଦୋକାନୀଙ୍କଠୁ ଗୁରୁବାର ସନ୍ଧ୍ୟାରେ ଗୋଡିସାହି ଫାଣ୍ଡି ପୋଲିସ ଗୋମାଂସ ଜବତ କରିଛି । ଖବର ଅନୁଯାୟୀ ସିଆଇଏସ୍ଏଫ୍ ଛକରେ କଟକ ମେଡିସିନ ଷ୍ଟୋର ନାମକ ଏକ ଔଷଧ ଦୋକାନ ରହିଛି । ଦୋକାନୀ ଜଣକ ଜଣେ ପଶ୍ଚିମବଙ୍ଗ ଯୁବକକୁ ଗୋ-ମାଂସ ବିକ୍ରି କରୁଥିଲେ । ସ୍ଥାନୀୟ ଅଞ୍ଚଳର କିଛି ଯୁବକମାନେ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରୁ ଉଭୟଙ୍କୁ ଅଟକ ରଖି ପଚରାଉଚରା କରୁଛି ।

## ୧୮ରେ ଚିଲିକା ପକ୍ଷୀ ଓ ୨୦ରେ ଡ଼ଲଫିନ ଗଣନା

ବାଲୁଗାଁ(ଭାସ୍କର ନ୍ୟୁଜ): ଆସନ୍ତା ୧୮ରେ ପକ୍ଷୀ ଓ ୨୦ରେ ଡ଼ଲଫିନ ଗଣନା ନେଇ ଗୁରୁବାର ଚନ୍ଦ୍ରାପୁରସ୍ଥିତ ଆର୍ଦ୍ରଭୂମି ଅନୁସନ୍ଧାନ ଏବଂ ତାଲିମ କେନ୍ଦ୍ର ସଭାଗୃହରେ ପ୍ରେସ ବିବୃତିରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି । ସକାଳ ୬ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ସାତପଡ଼ା, ରମ୍ଭା, ବାଲୁଗାଁ, ଟାଙ୍ଗୀ ଏବଂ ଚିଲିକା ରେଞ୍ଜରେ ୨୧ ଗୋଟି ଟିମ ପକ୍ଷୀ ଗଣନାରେ ନିୟୋଜିତ ରହିବେ ଏବଂ ପ୍ରତି ଟିମ୍‌ରେ ୬ରୁ ୭ଜଣ ଗଣନାକାରୀ ଯୋଗଦେବେ । ଗଣନା କାର୍ଯ୍ୟରେ ଜିପିଏସ, ବାଇନାକୁଲାର, ସ୍କୋଟିଂ ସ୍କୋପ, ଓ୍ୱାକିଟକି, ନୋଟ ବୁକ ଆଦି ବ୍ୟବହାର କରାଯିବ । ଗଣନାରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟି, ଓଡିଶା ବନ୍ୟପ୍ରାଣୀ ବିଭାଗ କର୍ମଚାରୀ, ଓୟୁଏଟି ଛାତ୍ରଛାତ୍ରୀ, ପକ୍ଷୀ ବିଶେଷଜ୍ଞ, ପକ୍ଷୀ ସୁରକ୍ଷା ସମିତିର ସଦସ୍ୟମାନେ ସାମିଲ ହେବେ ବୋଲି ସୂଚନା ମିଳିଛି । ତାଲିମରେ ୧୩୦ରୁ ଉର୍ଦ୍ଧ୍ୱ ପକ୍ଷୀ ଗଣନାକାରୀ ସାମିଲ ହେଉଥିବା ବେଳେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଷ ରାମସିଂ ଖୁଣ୍ଟିଆ ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବା ନେଇ ଡ଼ିଏଫଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି । ସେହିପରି ଚିଲିକାରେ ବିରଳ ଇରାଓ୍ୱାଡି ପ୍ରଜାତିର ଓ ସାତପଡ଼ା ମୁହାଣରେ ବଟଲ ରୋଜ ପ୍ରଜାତିର ଡ଼ଲଫିନ ଦେଖିବାକୁ ମିଳିଥିବା ବେଳେ ୨୦ରେ ଡ଼ଲଫିନ ଗଣନା ଅନୁଷ୍ଠିତ ହେବ । ଏହି ଗଣନା ୨୧ରେ ମଧ୍ୟ ଜାରି ରହିବ । ଏଥିପାଇଁ ୧୯ରେ ଡ଼ଲଫିନ ଅଭୟାରଣ୍ୟ ସାତପଡ଼ା ଓ ବାଲୁଗାଁରେ ପୃଥକ ଭାବେ ଗଣନାକାରୀଙ୍କୁ ତାଲିମ ପ୍ରଦାନ କରାଯିବ । ଡ଼ଲଫିନ ଗଣନା ନିମିତ୍ତ ସମୁଦାୟ ୨ଟି ରେଞ୍ଜ କରାଯାଇଛି । ସାତପଡ଼ାରେ ୮ ଓ ବାଲୁଗାଁରେ ୧୦ଟି ଟିମ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ପ୍ରତି ଟିମରେ ୫ରୁ ୬ଜଣଙ୍କ ସମେତ ଦୁଇଜଣ ଡଙ୍ଗା ଚାଳକ ରହିବା ନେଇ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କୁହାଯାଇଛି । ବୈଠକରେ ଡ଼ିଏଫଓ ଅମ୍ଲାନ ନାୟକ, ବନ୍ୟପ୍ରାଣୀ ବନଖଣ୍ଡ ରେଞ୍ଜର ରଶ୍ମିତା ଜେନା, ଏସିଏଫ୍ ପ୍ରମୋଦ ସେଠୀ, ବୈଜ୍ଞାନିକ ଡ଼ ଆର୍‌ଏମ୍ ସାମଲ, ସିଡିଏ କର୍ତ୍ତୃପକ୍ଷ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସୂର୍ଯ୍ୟମନ୍ଦିର ପରିଦର୍ଶନରେ ସିଙ୍ଗାପୁର କନ୍‌ସଲ୍ ଜେନେରାଲ



କୋଣାର୍କ(ଭାସ୍କର ନ୍ୟୁଜ): ଆସନ୍ତା ୧୮ତାରିଖରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସୁଛନ୍ତି ସିଙ୍ଗାପୁର ରାଷ୍ଟ୍ରପତି । ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଗୁରୁବାର ପୂର୍ବାହ୍ନରେ ସିଙ୍ଗାପୁର କନସଲ ଜେନେରାଲ ଚିୟଙ୍ଗ ମିଙ୍ଗ ଫୁଙ୍ଗ ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ସୂର୍ଯ୍ୟମନ୍ଦିରରେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା, ଏସପି ବିନୀତ ଅଗ୍ରୱାଲ, ନିମାପଡା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ । ରାଷ୍ଟ୍ରପତି ଏଠାରେ ପହଞ୍ଚିବା ପରେ ସୂର୍ଯ୍ୟମନ୍ଦିର, ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଛବିରାଣୀ ସାହୁ, ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୮୦ ଲିଟର ଦେଶୀମଦ ଜବତ ଅଭିଯୁକ୍ତ କୋର୍ଟଚାଲାଣ

ବଡ଼ଚଣା(ଭାସ୍କର ନ୍ୟୁଜ): ବଡଚଣା ଥାନା ଅର୍ନ୍ତଗତ ତେଲିଗଡ ଠାରେ ଗୁରୁବାର ଭୋରରୁ ବେଆଇନ ଭାବେ ଦେଶି ମଦ ନମ୍ବର ବିହୀନ ଜୁପିଟର ସ୍କୁଟିରେ ଦୁଇଜଣ ବ୍ୟକ୍ତି ନେଇ ଯାଉଥିବା ସମୟରେ ବଡ଼ଚଣା ଥାନା ଅଧିକାରୀ ଅଶିତ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟଜଣେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ଢେଙ୍କାନାଳ ଜିଲ୍ଲାର ବାବାଜି ସେଠିଙ୍କ ପୁତ୍ର ଅଶୋକ ସେଠି ଘର ନୂଆପଡ଼ା ନିଅଲ ପ୍ରସାଦ ଥାନାର ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ବଡ଼ଚଣା ପୋଲିସ ୮୦ ଲିଟର ଦେଶୀ ଚୋରା ମଦ ଜବତ କରିବା ସହ ଜଣକୁ ଗିରଫ କରି ଏହାର କେସ ନଂ ୨୩/୨୫ ରାଜ୍ୟ ଅବକାରୀ ନିୟମ ଧାରା ୫୨ (ଏ)ରେ କେସ୍ ରୁଜୁ କରି ଯୁବକଙ୍କୁ କୋର୍ଟ ଚାଲାଣ କରିଛନ୍ତି । ଅନ୍ୟ ବ୍ୟକ୍ତିଙ୍କୁ ଖୁବ୍‌ଶିଘ୍ର ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ତ୍ରିଲୋଚନ ସାମନ୍ତରାୟ ଜଣାଇଛନ୍ତି ।

## ଚାରିଛକ ଥାନାର ପ୍ରତିଷ୍ଠା ଦିବସ ଓ ଆମ ପୋଲିସ କାର୍ଯ୍ୟକ୍ରମ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ଥାନାର ପ୍ରତିଷ୍ଠା ଦିବସ ଓ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବା ପାଇଁ ସ୍ଥିର ହୋଇଥିବା ବେଳେ ହଠାତ୍ ଉପ-ମୁଖ୍ୟମନ୍ତ୍ରୀ ମାଆଙ୍କ ଦେହାନ୍ତ ଘଟିବାରୁ କାର୍ଯ୍ୟରେ ଯୋଗ ଦେଇପାରି ନଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ଚାରିଛକ ଥାନାର ପ୍ରତିଷ୍ଠା ଦିବସ ଗୁରୁବାର ପୂର୍ବାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ସମୟରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚାରିଛକ ଥାନା ଅଧିକାରିଣୀ ମମତାରାଣୀ ବିଶ୍ୱାଳଙ୍କ ଦ୍ୱାରା ଆୟୋଜିତ ଆମ ପୋଲିସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ପତି ଯୋଗ ଦେଇଥିବା ବେଳେ ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ କୁମାର ମଲ୍ଲିକ ସମେତ ଚାରିଛକ ଥାନାର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଓଝା, ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, ଗୋପିନାଥ କର, ନିରୋଦ ବରଣ ଖୁଂଟିଆ ଯୋଗ ଦେଇଥିଲେ । ଚାରିଛକ ଥାନା ମାନ୍ୟତା ପାଇବା ୨ ବର୍ଷ ପୂରି ଯାଇଛି । ଏହି ଥାନାରେ ମମତାରାଣୀ ବିଶ୍ୱାଳ ଯୋଗ ଦେବା ପରେ ଟ୍ରାଫିକ ସମସ୍ୟା ସୁଧୁରିଛି । ଏହି ଅବସରରେ ଦୁଇଜଣ ବରିଷ୍ଠ ନାଗରିକଙ୍କୁ ମାନପତ୍ର ପ୍ରଦାନ କରାଯାଇଛି । ଛୋଟ ଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆମ ପୋଲିସ କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣ ପୋଲିସର ନିକଟତର ହୋଇ କାର୍ଯ୍ୟ କରିବେ ବୋଲି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିବା ଥାନାଧିକାରିଣୀ କହିଛନ୍ତି ।

### ଦୀର୍ଘବର୍ଷ ଧରି ଅଚଳ ସୋଲାର ପ୍ରକଳ୍ପ ଓ ନଳକୂପ

## ଜଳକଷ୍ଟ ଭୋଗୁଛନ୍ତି ଡାଇକ-୨ ଗ୍ରାମବାସୀ: ଅଭିଯୋଗ ଶୁଣୁନାହାନ୍ତି ବିଭାଗୀୟ କର୍ତ୍ତୃପକ୍ଷ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ବିଭିନ୍ନ ଗ୍ରାମରେ ଦେଖାଦେଇଛି ଜଳ ସଙ୍କଟ । ମୁଖ୍ୟତଃ ବସୁଧା ଯୋଜନାରେ ପାନୀୟ ଜଳ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି । ଦୀର୍ଘବର୍ଷ ହେଲା ଅଚଳ ହୋଇପଡିଛି ସୋଲାର ପ୍ରକଳ୍ପ ଓ ନଳକୂପ । ଗାଁରେ ଥିବା ଅନ୍ୟ ଦୁଇଟି ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରି ଚାଲୁଛନ୍ତି । ଆବଶ୍ୟକୀୟ ପାଣି ମିଳୁନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁ ଠାରୁ କିଛି କିମି ଦୂରରେ ଚିତ୍ରକୋଣ୍ଡା ଜଳଭଣ୍ଡାର ଥାଇ ମଧ ଜଳକଷ୍ଟ ଭୋଗୁଛନ୍ତି ଗାଁ ଲୋକେ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଟର୍ନେଲକ୍ୟାମ୍ପ ପଞ୍ଚାୟତ ଅଧିନସ୍ତ ଡାଇକ-୨ ଗ୍ରାମରେ । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘବର୍ଷ ହେବ ଗାଁରେ ଅଚଳ ହୋଇପଡିଛି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ । ଗାଁରେ ଥିବା ମୋଟ ୩ଟି ନଳକୂପ ମଧ୍ୟରୁ ଦୁଇଟି ନଳକୂପରୁ ଲୌହ ମିଶ୍ରିତ ଜଳ ବାହାରୁଛି । ଯାହା ଆଦୌ ପାନୀୟ ଉପଯୋଗୀ ନୁହେଁ । ଅନ୍ୟ ଏକ ମାତ୍ର ନଳକୂପ ଜଳ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି । ଏହି ଗାଁରେ ଦୀର୍ଘମାସ ପୂର୍ବେ ଖୋଳା ଯାଇଥିବା ଏକ ନୂତନ ନଳକୂପର ହ୍ୟାଣ୍ଡେଲ ଲଗାଯାଇନାହିଁ । ବର୍ତ୍ତମାନ ପୋଖରୀରେ ଜଳ ଶୁଖିବାରେ ଲାଗିଛି । ଜଳ ସଙ୍କଟ ଲାଗି ରହିଥିବାରୁ ଗାଁରେ ବସବାସ କରୁଥିବା ପ୍ରାୟ ୩୦ ରୁ ଉର୍ଦ୍ଧ ପରିବାର ଲୋକଙ୍କ ସମେତ ଗାଈ ଗୋରୁ ଓ ଅନ୍ୟ ଗୃହପାଳିତ ପ୍ରାଣୀ ଜଳ ମୁନ୍ଦାଏ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି । ଗାଁରେ ଷ୍ଟ୍ରିଟ ଲାଇଟ ନାହିଁ । ଫଳରେ ସଞ୍ଜ ହେଲେ ଲୋକେ ରାସ୍ତାରେ ଯାତାୟାତ କରିବାରେ ବହୁତ ହଇରାଣ ହେଉଛନ୍ତି । ଗାଁ ମଝିରେ ତଥା ମନ୍ଦିର ସମ୍ମୁଖରେ ଥିବା ବରଗଛ ତଳେ ଏକ ମଣ୍ଡପ ମଧ୍ୟ ନାହିଁ । ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହେଲେ ଉପରୋକ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବହୁବାର ପଞ୍ଚାୟତ, ବ୍ଲକ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ଆଗରେ ଯେତେ ନେହୁରା ହୋଇ ଅଭିଯୋଗ ଜଣାଇଲେ ବି କେହିବି କର୍ଣ୍ଣପାତ କରୁନାହାନ୍ତି ବୋଲି ଗାଁର ମେମ୍ବର ସମରା ଖିଲ, ପର୍ଶୁରାମ ଖରା, ଲଇଛନ ଦଳେଇ, ଅର୍ଜୁନ ଖିଲ, ସଦା ଖିଲ, ଭଗବତୀ ଖରା, ସଂପୂର୍ଣ୍ଣା ଖିଲ, ଡାଲିମା ଖିଲ, ପ୍ରତିମା ଖିଲଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଗତ-୨୦୧୮-୧୯ ମସିହାରେ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା । ଏନେଇ ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ସୁଗୁଡା ଚରଣ ହେମ୍ବ୍ରମଙ୍କ ମତାମତ ଜାଣିବା ପାଇଁ ତାଙ୍କ ମୋବାଇଲ ନମ୍ବରରେ ବହୁବାର ଫୋନ କରାଯାଇଥିଲା କିନ୍ତୁ ତ ଫୋନ ବନ୍ଦ ଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରି ନଥିଲା । ଏ ସମ୍ପର୍କରେ ଟର୍ନେଲକ୍ୟାମ୍ପ ପଞ୍ଚାୟତର ନିର୍ବାହୀ ଅଧିକାରୀ ହେମନ୍ତ କୁମାର ଭୂୟାଁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପାନୀୟ ଜଳ ପ୍ରକଳ୍ପର ମରାମତି କାର୍ଯ୍ୟ ଜଳ ଓ ପରିମଳ ବିଭାଗ ଦ୍ୱାରା କରାଯାଉଛି । ଉକ୍ତ ଗ୍ରାମରେ ବାକିଥିବା ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରୋପଜାଲ ପଠାଯାଇଛି । ଅନୁମୋଦନ ହୋଇ ଆସିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ । ଗ୍ରାମରେ ଦୀର୍ଘବର୍ଷ ଧରି ଲାଗିରହିଥିବା ଉପରୋକ୍ତ ସମସ୍ୟାର ତୁରନ୍ତ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଏହାର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଛତ୍ରପୁର, (ଭାସ୍କର ନ୍ୟୁଜ୍ ): ଜାତୀୟ ଯୁବ ଦିବସ ଅବସରରେ ଛତ୍ରପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୁଥମାସ୍ ସେବା ସଂଘର ୧୫ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଚଣ୍ଡିଛକରେ ସଭାପତି ବନମାଳୀ ନେପାକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇ ସଂଘର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଛତ୍ରପୁର ଏନ୍ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ସଂଘର ଉପସଭାପତି କେ.ରମେଶ, ଉପଦେଷ୍ଟା ବି.ଶ୍ରୀନିବାସ, ସେଣ୍ଟ୍ ଜାଭିୟର୍ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷା ସ୍ମୃତିରେଖା ବେହେରା, ତ୍ରିଲୋଚନ ବେହେରା ଓ ଏମ.ରାଜେଶ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ସୟଦ ମୁକ୍ତାର ବାର୍ଷିକ ବିବରଣୀ ପାଠ ସହ ସଂଯୋଜନା କରିଥିଲେ । ବିଶିଷ୍ଟ କଳାକାର, ସାମାଜିକକର୍ମୀଙ୍କ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ନୃତ୍ୟ ସଂଗଠନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ସେହିପରି ଗତ ସପ୍ତାହରେ ଅନୁଷ୍ଠିତ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା ।

## ପୁସ୍ତକ ମେଳା ଉଦ୍‌ଘାଟିତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ୨୬ତମ ଜଗତସିଂହପୁର ପୁସ୍ତକ ମେଳାକୁ ମୁଖ୍ୟ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ପ୍ରଫେସର ଡ଼ ବୈଷ୍ଣବ ଚରଣ ସାମଲ ପୁସ୍ତକମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଡ. ସାମଲ କହିଛନ୍ତି ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର । ପୁସ୍ତକ ଚରିତ୍ର ଗଠନରେ ସହାୟକ ହୋଇଥାଏ । ପୁସ୍ତକ ମେଳା ଶାନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ଭାଇଚାରା ବଢାଏ । ସାହିତ୍ୟିକ, ଲେଖକ, କବି ଓ କଳାକାର ହେଉଛନ୍ତି ଜଣେ ଜଣେ ମିନି ଈଶ୍ୱର ସଦୃଶ୍ୟ । ପୁସ୍ତକମେଳାରେ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ ଜଗତସିଂହପୁରର ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇ, ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ ପ୍ରମୁଖ । ପୁସ୍ତକ ମେଳା କେବଳ ପୁସ୍ତକ ବିକ୍ରି ନୁହେଁ ବରଂ ଏହା ଏକ ସାଂସ୍କୃତିକ ପରିସର । ଏହି ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ଜଗତସିଂହପୁର ଜିଲ୍ଲାପାଳ ତଥା ସାଂସ୍କୃତିକ ପରିଷଦଙ୍କ ଅଧ୍ୟକ୍ଷ ଜେ. ସୋନାଲ କହିଲେ ପୁସ୍ତକ ପଠନ ଚରିତ୍ର ଗଠନରେ ସହାୟକ ହୋଇଥାଏ । ଏହି ପୁସ୍ତକମେଳାକୁ ମୁଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି । ଯେଉଁ ପିଲାମାନେ ଛୋଟ ବେଳୁ ପୁସ୍ତକ ପ୍ରତି ଆକର୍ଷିତ ହୁଅନ୍ତି ସେମାନେ ବିଭିନ୍ନ କ୍ଷେତ୍ରରେ ଉନ୍ନତି କରନ୍ତି । କେବଳ ନିଜ କ୍ୟାରିୟର ପ୍ରତି ଦୃଷ୍ଟି ନ ଦେଇ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ୟମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ଯୋଗ ଦେଇ ଅଧ୍ୟକ୍ଷା, ଜଗତସିଂହପୁର ପୌର ପରିଷଦ ଅର୍ଚ୍ଚନା ସିଂହ କହିଲେ ଯେ ପୁସ୍ତକ ହେଉଛି ମଣିଷର ଏକମାତ୍ର ବନ୍ଧୁ ଯାହା ସାର ଜୀବନ ଆମକୁ ଉପାଦେୟ ଶିକ୍ଷା ଦେଇଥାଏ । ଏଥର ପୁସ୍ତକମେଳାରେ ରାଜ୍ୟର ବହୁ ସୁନାମଧନ୍ୟ ପ୍ରକାଶନ ସଂସ୍ଥା, ଓରମାସ୍ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ଷ୍ଟଲ୍ ସହ ଖାଦ୍ୟ ମେଳା, ମିନା ମଜାର, ମିକିମାଉସ ଷ୍ଟଲ ଆଦି ଶତାଧିକ ଷ୍ଟଲ ଖୋଲାଯାଇଛି । ପୁସ୍ତକମେଳା ସହିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି । ନବବର୍ଷରେ ଏହି ପୁସ୍ତକମେଳା ଜିଲ୍ଲାବାସୀଙ୍କୁ ଅଧିକ ଉତ୍ସବ ମୁଖର କରିବ । ପ୍ରାରମ୍ଭରେ କାର୍ଯ୍ୟକାରିଣୀ ସଭ୍ୟ ସାରଦା ପ୍ରସାଦ ଦାସ ଯୋଗ ଦେଇ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉକ୍ତ ଆସରଟି ବର୍ଷୀୟାନ ରାଜନେତା ଡା. ଦାମୋଦର ରାଉତଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ହୋଇଥିଲା । ଜିଲ୍ଲାପାଳ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଓ ସ୍ମାରକୀ ପ୍ରଦାନ କରିଥିଲେ । ଏହି ମେଳାରେ ୭୩ ଟି ବହି ଷ୍ଟଲ୍, ଓରମାସ୍ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୩୬ ଟି ଶିଳ୍ପ ଷ୍ଟଲ୍ ଓ ୨୦ଟି ଖାଦ୍ୟ ଷ୍ଟଲ୍ ଖୋଲାଯାଇଛି । ଏହି ପୁସ୍ତକମେଳାରେ ବିଜ୍ଞାନ, ସାହିତ୍ୟ, ଉପନ୍ୟାସ, ଭ୍ରମଣ କାହାଣୀ, ଜୀବନୀ, ଆତ୍ମଜୀବନୀ, ଗ୍ରନ୍ଥାବଳୀ, କ୍ଷୁଦ୍ର ଗଳ୍ପ, କବିତା, କାବ୍ୟ ବିଭାଗର ପୁସ୍ତକ ମିଳୁଛି । ଏହି ପୁସ୍ତକମେଳା ଜାନୁୟାରୀ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବ । ବିଭିନ୍ନ ଦିବସରେ କୁଇଜ୍ ପ୍ରତିଯୋଗିତା, କବିତା ପାଠୋତ୍ସବ, ଗୀତ, ନୃତ୍ୟ ଆଦି ପରିବେଷଣ ହେବ । ପ୍ରାରମ୍ଭରେ ଅତିଥିମାନେ ସାରଳାଙ୍କ ଜ୍ୟୋତିକୁ ଜିଲ୍ଲାପାଳ, ସମସ୍ତ ପ୍ରଶାସନିକ ଅଧିକାରୀ, ପୌରାଧ୍ୟକ୍ଷା ଓ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାରେ ଶୋଭାଯାତ୍ରାରେ ଆଣି ପୁସ୍ତକମେଳା ପରିସରରେ ସ୍ଥାପନ କରିଥିଲେ । ଏହି ପୁସ୍ତକମେଳା ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସଂପାଦକ ଡ଼ ସୁଧୀର କୁମାର ମହାନ୍ତି, ନରେଶ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ଭଗବାନ ଦାଶ, ନଟବର ବାରିକ ଡ଼ ପ୍ରଦୀପ କୁମାର ଶତପଥୀ, ଡ଼ ଅଜୟ କୁମାର ମିଶ୍ର, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଦୋଳ ଗୋବିନ୍ଦ ଦାଶ, ପ୍ରଭାତ ଦାଶ, ମନୋଜ ଦାଶ, ଅମର ଜ୍ୟୋତି ସାହୁ, ରଶ୍ମୀରଂଜନ ମିଶ୍ର, ସୁବାସ ରାଉତ, ଅତନୁ ସ୍ୱାଇଁ, ଭରତ ସାହୁ, ଅମ୍ବିକା ପ୍ରସାଦ ମହାନ୍ତି, ଗୋପାଳକୃଷ୍ଣ ମିଶ୍ର, ହେମନ୍ତ କୁମାର ରଥ, ପ୍ରଦିପ୍ତ ମିତ୍ର, ଡ଼ା କୈଳାସ ମଲ୍ଲିକ, ମନୋଜ ମହାପାତ୍ର, ମାନସ କୁମାର ରଥ, ଅବନୀକାନ୍ତ ମହାରଣା, ଦେବୀ ପ୍ରସାଦ ଚୌଧୁରୀ, କୃଷ୍ଣଚନ୍ଦ୍ର ପ୍ରଧାନ, ଡ଼ ନିରଞ୍ଜନ ବିଶ୍ୱାଳ, ସରୋଜକାନ୍ତ ସାହୁ,ପ୍ରଦିପ୍ତ ଚୌଧୁରୀ, ସୁଦର୍ଶନ ବେହେରା,ସହରର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ କମିଟି ସଦସ୍ୟ ମାନସ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ ।



## ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଜଗତସିଂହପୁର (ଭାସ୍କର ନୁଜ) : ଅଲ ଫର ୟୁ ସେବା ସଂଗଠନ ପକ୍ଷରୁ ରଘୁନାଥପୁର ଅଞ୍ଚଳ ଗୁଆଲିପୁର, ରେଢୁଆ ଏବଂ ଜଗତସିଂହପୁର ଶିଶୁ ଆଶ୍ରମରେ ଥିବା ଅସହାୟ, ନିଃସହାୟ ବ୍ୟକ୍ତି ଓ ଛାତ୍ରଛାତ୍ରୀ ମାନଙ୍କ ମୁହଁରେ ହସ ଫୁଟାଇବା ଲକ୍ଷ୍ୟ ନେଇ ନିଜସ୍ୱ ଉପାର୍ଜିତ ଅର୍ଥରେ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଏହି ଜନ ମଙ୍ଗଳ କାର୍ଯ୍ୟକ୍ରମରେ ଅଲ ଫର ୟୁ ସେବା ସଂଗଠନର କର୍ମକର୍ତ୍ତା ଆର୍ଯ୍ୟ ଭୂଷଣ ରାଉତରାୟ, ବିଭୁ ପ୍ରସାଦ, ଏସ କେ ସାହିଲ, ଏସ କେ ସାକୀର, ଆହ୍ୱାନ ଜେନା, ଦେବାଶିଷ, ସୋମ୍ୟ ରଞ୍ଜନ, ବିଶ୍ୱ ରଞ୍ଜନ, ସଂଗ୍ରାମ, ବଣ୍ଟି, ସୁବ୍ରତ, ଅରବିନ୍ଦ, ଅନିଲ ପ୍ରଭୃତି ନିଜସ୍ୱ ଉପାର୍ଜିତ ଧନରେ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ପିଲାମାନଙ୍କର ଏ ପ୍ରକାର ମାନସିକତାକୁ ସାଧାରଣରେ ଚର୍ଚ୍ଚା କରିବା ସହ ଏହି ବୟସରେ ଏଭଳି ମହତ୍ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।।



## ପୂର୍ବତନ ପଞ୍ଚାୟତ ପ୍ରତିନିଧିଙ୍କ ବନ୍ଧୁମିଳନ

ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ଏକାଠି ହୋଇ ରହିବା, ଅସୁବିଧା ସ୍ଥଳେ ସମସ୍ତେ ଉପସ୍ଥିତ ହେବା, ଜନସାଧାରଣଙ୍କ ସମସ୍ୟାକୁ ନିଜ ସମସ୍ୟା ଭାବି ସୁରୁଖୁରୁରେ କରିବାକୁ ଚେଷ୍ଟା କରିବା । ଏହା ଥିଲା ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକର ପୂର୍ବତନ ସରପଞ୍ଚ ମାନଙ୍କ ବନ୍ଧୁମିଳନ ଅବସରରେ ଆହ୍ୱାନ । ପୂର୍ବତନ ସରପଞ୍ଚ ସଭାପତି ରାଜେନ୍ଦ୍ର ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର ପଞ୍ଚାୟତ ପ୍ରତିନିଧି ମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହିଣ୍ଡୁଲା ଗ୍ରାମ ନିକଟସ୍ଥ କାଳୀମନ୍ଦିର ପରିସରରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ମାନେ ଏକତ୍ରିତ ହୋଇଥିଲେ । ପୁରୁଷୋତ୍ତମପୁର ବ୍ଲକରେ ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରୁନ ଥିବା ନେଇ ଆଲୋଚନା କରିଥିଲେ ଏବଂ ସମସ୍ତେ ଏକଜୁଟ ହୋଇ ଉପର ସ୍ତରରେ ଚାପ ସୃଷ୍ଟି କଲେ ଲୋକଙ୍କ ସମସ୍ୟା ଦୂର ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଏଥିରେ ସଂଘ ସଂପାଦକ ପୂର୍ବତନ ସରପଞ୍ଚ ଗୋପାଳ ସେଠିଙ୍କ ସହ ପ୍ରମୋଦ ମହାନ୍ତି, କୈଳାସ ଗୌଡ଼, ପ୍ରଶାନ୍ତ ପ୍ରଧାନ, ଚିରଞ୍ଜିବୀ ବିଷୋୟୀ, ଅମର ସ୍ୱାଇଁ, ନାରାୟଣ ପାଣିଗ୍ରାହୀ, ରମେଶ ବେହେରା, ରବୀନ୍ଦ୍ର ବେହେରା, ନିର୍ମଳ ସାହୁ, ଗୌରୀ ରାଉଳ, ଗୋବର୍ଦ୍ଧନ ବିଷୋୟୀ, କାହ୍ନୁ ଚରଣ ନାୟକ, ସତ୍ୟ ନାରାୟଣ ଗୌଡ଼ ଓ ହରିକୃଷ୍ଣ ବେହେରାଙ୍କ ସହ ପ୍ରମୁଖ ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ମାନେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ଆଲୋଚନା କରିଥିଲେ ।



## ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପ୍ରାଥମିକ କୃଷି ସମବାୟ ସମିତିରେ ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ସମବାୟ ସମିତି ସମୁହର ସହକାରୀ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ, କେନ୍ଦ୍ରାପଡା ତହସିଲଦାର ତାପସରଞ୍ଜନ ଦେହୁରୀ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କେନ୍ଦ୍ରାପଡା ଶାଖା ପରିଚାଳକ ତାପସ କୁମାର ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରି ସରକାରୀ ନୀତିନିୟମ ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହିତ ଏହି ଧାନମଣ୍ଡିକୁ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭରତପୁର ପ୍ରାଥମିକ ସମବାୟ ସମିତିର ସମ୍ପାଦକ ସୁବୋଧ କୁମାର ଲେଙ୍କା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତିର ସଭାପତି ବସନ୍ତ କୁମାର ରାଉତ, ଉପସଭାପତି ମମତା ଜେନା, ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ରାଉତ, ଅକ୍ଷୟ କୁମାର ମନ୍ତ୍ରୀ, ଅଗସ୍ତି ସେଣ, ଶ୍ରୀଧର ସାମଲ, କିଶୋର ଚନ୍ଦ୍ର ଜେନା, ଜ୍ଞାନପ୍ରସନ୍ନ ରାଉତ, ସନ୍ତୋଷ କୁମାର ଦାସ, ଗୌରାଙ୍ଗ ଚରଣ ଲେଙ୍କା, ପ୍ରସନ୍ନ କୁମାର ମଲିକ, ମନୋରମା ସ୍ୱାଇଁ, ଅର୍ଚ୍ଚନା ନାୟକ, ତୁଳସୀ ସେଠୀ,ବିଶ୍ୱଜିତ ସାମଲ ସମିତିର ସହକାରୀ ସମ୍ପାଦକ ଜଗନ୍ନାଥ ସେଣ, କର୍ମଚାରୀ ଶାରଦା ପ୍ରସନ୍ନ ରାଉତ ଓ ସ୍ମୃତି ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



## ବ୍ରାହ୍ମଣସାଇଲୋ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



କଣ୍ଟାପଡା, (ଭାସ୍କର ନ୍ୟୁଜ୍ ) : କଣ୍ଟାପଡା ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ସେବା ସମବାୟ ସମିତିର ସଭାପତି ସୁରେନ୍ଦ୍ର କୁମାର ପାତ୍ରଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ରାଜକିଶୋର ମାହାଳି, ଶାନ୍ତନୁ କୁମାର ପ୍ରଧାନ, ଉପେନ୍ଦ୍ର ନାଥ ଜେନା, ଦିପ୍ତେନ୍ଦୁ କୁମାର ମହାନ୍ତି, ସରୋଜ କୁମାର ଦାସ, ସଚିତ୍ର ମୋହନ ବେହେରା, ସରାଳା ସାମନ୍ତରାୟ, ଗଗନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ରାହ୍ମଣସାଇଲୋ ସରପଞ୍ଚ ତୃପ୍ତୀମୟୀ ରାଉତରାୟ, ପୋସ୍ତଳ ସରପଞ୍ଚ ସସ୍ମିତା ସାସେନି, ଜିଲ୍ଲା ପରିଷଦ ପିୟୁଷ ମିଶ୍ର, ସମିତି ସଭ୍ୟ ପ୍ରଶାନ୍ତ ପାଢୀ, ଆତ୍ମା ଅଧ୍ୟକ୍ଷ ପ୍ରଦପ୍ତ ପାତ୍ର, ଏଆର୍‌ସିଏସ୍ ସ୍ନିଗ୍ଧାରାଣୀ ଶତପଥୀ, ତହସିଲ୍‌ଦାର୍ କଣ୍ଟାପଡା, ବିଡିଓ କଣ୍ଟାପଡା ଓ କିଶୋର କୁମାର ସ୍ୱାଇ ଆର୍‌ଆଇ ଧାନମଣ୍ଡଳ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭ୍ରମରବର ପ୍ରଧାନ, ଚନ୍ଦ୍ରମଣି ପଣ୍ଡା, ରବୀନ୍ଦ୍ର ମାହାଳି, ଗଗନ ମହାପାତ୍ର, ଜୁବୁଲି କିଶୋର ସ୍ୱାଇଁ, ବ୍ରହ୍ମାନନ୍ଦ ପାଢୀଙ୍କ ସହିତ ୧୬ ଜଣ ଚାଷୀ ଉପସ୍ଥିତ ଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୋଲଗଡ, (ଭାସ୍କର ନ୍ୟୁଜ୍ ): ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଶିବିର ଅଭିଯାନ ଓ ବୟୋଶ୍ରୀମେଳା-୨୫ ବୋଲଗଡ଼ ପଂଚାୟତ ସମିତି ଆନୁକୂଲ୍ୟରେ ବ୍ଲକ ପରିସରରେ ଆୟୋଜିତ ହୋଇଥିଲା । ଏଥିରେ ଶାରୀରିକ ଭିନ୍ନକ୍ଷମ ୨୧୦ ଜଣ, ଶ୍ରବଣ ବଧିର ୯୭, ଦୃଷ୍ଟି ବାଧିତ ୪୮ଜଣ ଓ ମାନସିକ ଅନଗ୍ରସର ୧୧୪ଜଣ, ଏହିପରି ସର୍ବମୋଟ ୪୬୯ ଜଣ ହିତାଧିକାରୀ ପଞ୍ଜିକୃତ ହୋଇଥିଲେ । ଖୋର୍ଦ୍ଧାସ୍ଥିତ ମୁଖ୍ୟ ଚିକିତ୍ସାଳୟର ସମସ୍ତ ବର୍ଗର ବିଶେଷଜ୍ଞମାନେ ସମସ୍ତ ପଞ୍ଜିକୃତ ରୋଗୀ ମାନଙ୍କୁ ଚିକିତ୍ସା ସହ ପରୀକ୍ଷା ନିରୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିଥିଲେ ଓ ସୁପରାମର୍ଶ ଦେଇଥିଲେ । ସେହିପରି ବସରେ ଯାତାୟତ ନିମନ୍ତେ ୨୬ଜଣ, ଡିଆର୍‌ଆଇ ଋଣ ପାଇଁ ୧୦ଜଣ ଓ ଭିନ୍ନକ୍ଷମ ଆସେସମେଣ୍ଟ ବ୍ୟବହାର ପାଇଁ ୬ ଜଣ ଏହିପରି ମୋଟ ୪୨ଜଣ ଭିନ୍ନକ୍ଷମ ହିତାଧିକାରୀ ସୁବିଧା ସୁଯୋଗ ପାଇଁ ଆବେଦନ କରିଛନ୍ତି । ଆୟୋଜକ ବୋଲଗଡ ବ୍ଲକ ପ୍ରଶାସନ ପକ୍ଷରୁ ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଡ଼ଃ ରତିକାନ୍ତ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ପୂଜା ପୁଷ୍ପାଞ୍ଜଳି ଖଟେଇ, ପ୍ରୋଗ୍ରାମ ଆସିଷ୍ଟାଣ୍ଡ ଅଧିକାରୀ ମିତା ପ୍ରଧାନ, ମୁଖ୍ୟ କିରାଣୀ ନରସିଂହ ମହାପାତ୍ର, ଜୁନିୟର ଆସିଷ୍ଟାଣ୍ଟ ଦେବକାନ୍ତ ଗୁରୁ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଏହି ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ପଂଚାୟତ ସମିତିର ସମସ୍ତ କର୍ମଚାରୀ ଓ ବ୍ଲକର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ମାନେ ସହାୟତା ଦେଇ ପରିଚାଳନା କରିଥିଲେ ।



## ୧୮ରୁ ପକ୍ଷୀ ଗଣନା ପାଇଁ ତାଲିମ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଚଳିତ ମାସ ୧୮ ତାରିଖରେ ପକ୍ଷୀ ଗଣନା ହେବ । ତେଣୁ ପକ୍ଷୀ ଗଣନା ଉପରେ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ନେଇ, ସ୍ଥାନୀୟ ଚାରା ଉଦ୍ୟାନ କେନ୍ଦ୍ର ଠାରେ, ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଆସନ୍ତା ୧୮ ତାରିଖରୁ ଗଣନା ଆରମ୍ଭ ହେବାକୁ ଥିବା ବେଳେ, ଏଥିପାଇଁ ୨୪ଟି ଜଳାଶୟରେ ଗଣନା ହେବାକୁ ସ୍ଥିର କରାଯାଇଛି । ବିଭିନ୍ନ ଜଳଭଣ୍ଡାର ସମେତ ଜଳାଶୟ ନିକଟରେ କରାଯିବାକୁ ସ୍ଥିର ହୋଇଥିବା କହିଛନ୍ତି, ବନଖଣ୍ଡ ଅଧିକାରୀ ।

## ୟୁ ବି ହାଇସ୍କୁଲରେ ଏନ୍‌ସିସି ଆର୍ମୀ ଦିବସ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ଆର୍ମୀ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଏନ୍‌ସିସି ଆର୍ମୀ ଉଇଙ୍ଗ୍ ସେକେଣ୍ଡ୍ ଅଫିସର୍ ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନ୍‌ସିସି ଏୟାର ଉଇଙ୍ଗ୍ ଏଏନ୍ ଓ ଫାଷ୍ଟ ଅଫିସର୍ ପ୍ରଶାନ୍ତ କୁମାର ପ୍ରଧାନ ଉପସ୍ଥିତ ହୋଇଥିଲେ । ଉଭୟ ଏଏନ୍‌ଓ ଶ୍ରୀ ମିଶ୍ର ଏହି କ୍ୟାଡେଟମାନଙ୍କୁ ଡ୍ରିଲ୍ ପ୍ୟାରେଡ୍, ୱିପନ୍ ଟ୍ରେନିଂ ଏବଂ ଅନ୍ୟାନ୍ୟ କେତେକ ଏନ୍‌ସିସି ସମ୍ବନ୍ଧୀୟ ବିଷୟରେ ଉଭୟ ତତ୍ତ୍ୱ ଭିତ୍ତିକ ଓ ଅଭ୍ୟାସ ଭିତ୍ତିକ ତାଲିମ୍ ପ୍ରଦାନ କରିଥିଲେ । ଏଥିରେ ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର କ୍ୟାଡେଟ ଭାଗନେଇଥିଲେ । ତତ୍ ପରେ ଆର୍ମୀ ଡେ ପାଳନ ନିମିତ୍ତ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ସ୍କୁଲ ହତା ସଫେଇ କରିଥିଲେ ଏବଂ 'ପ୍ଲାଷ୍ଟିକ କୁ ନା' ସମ୍ବନ୍ଧୀୟ ଶପଥଗ୍ରହଣ କରିଥିଲେ । ଏଥି ନିମନ୍ତେ ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ ୨ ଓଡ଼ିଶା ବାଟାଲିୟନ ଏନ୍‌ସିସିର କମାଣ୍ଡିଙ୍ଗ୍ ଅଫିସର୍ ଓ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍‌ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।




## ନିଆଳିରେ ବିଭିନ୍ନ ସ୍ଥାନରେ ମକର ମେଳା

ନିଆଳି, (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ୍‌ରେ ବିଭିନ୍ନ ଜାଗାରେ ଧୁମ୍‌ଧାମ୍‌ରେ ମକର ଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି । ଅଁଲୋ ପଞ୍ଚାୟତ କାଳିଆ ଘାଇ ଛକରେ ମକର ଯାତ୍ରା ଅନୁଷ୍ଠିତ ହୋଇଛି । ସେହିଭଳି ଜଲ୍ଲାରପୁର ପଞ୍ଚାୟତ ଲୁଣିଗାଁରେ ୫୩ ତମ ସାଧୁ ବାବାଙ୍କ ମକର ଯାତ୍ରା ଓ ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଏକ ବିଶାଳ ନାମ ସଂକୀର୍ତ୍ତନ କରାଯାଇ କଳସ ବୁଡାଇ ଏକ ଦିନିକିଆ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ପୂଜାରେ କର୍ତ୍ତା ଭୀମସେନ ରାଉତ ଓ କୁନି ରାଉତ ହୋଇଥିବା ବେଳେ ଲୁଣିଗାଁ ଗ୍ରାମରେ ୫୩ତମ ସାଧୁ ବାବାଙ୍କ ମକର ଯାତ୍ରା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାକୁ ୫୩ ବର୍ଷ ତଳେ ହରିହର ସେଠ୍ ଆରମ୍ଭ କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ନାରାୟଣ ବିଶ୍ୱାଳ, ପୂର୍ଣ୍ଣନନ୍ଦ ନାୟକ, ବିଚତ୍ରା ନନ୍ଦ ରାଉତ, ପରିକ୍ଷୀତ ରାଉତ, ବାବୁରାମ ନାଏକ ସହଯୋଗ କରୁଛନ୍ତି । ଲୁଣିଗାଁରେ ଏହିଭଳି ମକର ଯାତ୍ରାକୁ ନେଇ ଗ୍ରାମବାସୀ ଉତ୍ସବ ମୁଖର ଅଛନ୍ତି । ସେହିଭଳି ନିଆଳି ବ୍ଲକ୍‌ର ମାଧବ, ପହଙ୍ଗା, ଏରଞ୍ଚ, ଷଡାଂଶ, ବିଳାଶୁଣୀ, ରତନପୁର ଓ ନିଆଳିର ଶୋଭନେଶ୍ୱର ମନ୍ଦିରରେ ମକର ସଂକ୍ରାନ୍ତି ଉପଲକ୍ଷେ ଧୁମ୍‌ଧାମ୍‌ରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । ସଂନ୍ଧ୍ୟାରେ ବିଭିନ୍ନ ଜାଗାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ପୂଜା କମିଟି ପକ୍ଷରୁ ସୂଚାନ ଦିଆଯାଇଛି ।

## ଚକ ରଘୁନାଥେଶ୍ୱର ଶୈବ ପୀଠରେ ମକର ମେଳା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ସଦର ବ୍ଲକ ଅନ୍ତର୍ଗତ କାଂଝାରି ଡ୍ୟାମ ନିକଟସ୍ଥ ଚକ ଗ୍ରାମରେ ଥିବା ରଘୁନାଥେଶ୍ୱର ଶୈବ ପୀଠରେ ମକର ମେଳା ଆରମ୍ଭ ହୋଇଛି । ଟୁସୁ ମେଳା ଓ ସାମୂହିକ ଟୁସୁ ଭସାଣି ଏହି ମେଳାର ମୁଖ୍ୟ ଆକର୍ଷଣ ହୋଇଥିବାରୁ ମକର ସଂକ୍ରାନ୍ତି ଦିନ ଏଠାରେ ପ୍ରବଳ ଜନ ସମାଗମ ହୋଇଥିଲା । ଆଖପାଖ ଗ୍ରାମ ଗୁଡିକରୁ ମହିଳା ମାନେ ସତୀତ୍ୱ ଓ ସ୍ୱାଭିମାନର ପ୍ରତୀକ କିମ୍ବଦନ୍ତୀ ବର୍ଣ୍ଣିତ ଟୁସୁ ଦେବୀଙ୍କ ପ୍ରତିମୂର୍ତ୍ତି ଗୁଡିକୁ ସୁନ୍ଦର ସାଜସଜ୍ଜା କରି ଶୋଭାଯାତ୍ରାରେ ଆଣି ମେଳା ପଡିଆରେ ଟୁସୁମେଳା କରିବା ସହିତ ବିଶେଷ ଟୁସୁ ଗୀତ ପରିବେଷଣ କରିଥିଲେ । କିମ୍ବଦନ୍ତୀ ଅନୁସାରେ ଟୁସୁ ନାମ୍ନୀ କୁଡୁମୀ ହିନ୍ଦୁ କନ୍ୟା ଅଣ ହିନ୍ଦୁ ଯବନ ସମ୍ରାଟଙ୍କ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ତାଙ୍କୁ ବଳ ପୂର୍ବକ ଅପହରଣ କରିବାକୁ ଅପଚେଷ୍ଟା କରାଯାଇଥିଲା । କିନ୍ତୁ ଟୁସୁ ଦେବୀ ନିଜର ସତୀତ୍ୱ ଓ ସ୍ୱାଭିମାନ ରକ୍ଷା ପାଇଁ ଏହି ମକର ସଂକ୍ରାନ୍ତି ଦିନ ନଦୀର ପ୍ରଖର ସ୍ରୋତକୁ ଡେଇଁ ଆତ୍ମ ବିସର୍ଜନ କରିଥିଲେ । ନାରୀତ୍ୱର ମର୍ଯ୍ୟାଦା ରକ୍ଷା ପାଇଁ ପ୍ରାଣ ବଳି ଦେଇଥିବା ଟୁସୁ ଦେବୀଙ୍କ ସ୍ମୃତି ଓ ସମ୍ମାନାର୍ଥେ ମହିଳା ମାନେ ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଟୁସୁ ମୂର୍ତ୍ତି ବିସର୍ଜନ କରିଥାନ୍ତି । ଟୁସୁ ମୂର୍ତ୍ତି ସବୁକୁ ଧାଡିରେ ନେଇ ଶିବ ମନ୍ଦିର ପରିକ୍ରମା କରାଯାଇ ନିକଟସ୍ଥ ଜଳାଶୟରେ ସାମୂହିକ ବିସର୍ଜନ କରାଯାଇ ଥିଲା । ମକର ମେଳା ପରିଚାଳନା କମିଟି ତରଫରୁ ଉପଯୁକ୍ତ ସାଜସଜ୍ଜା ଓ ଟୁସୁ ଗୀତ ପରିବେଷଣକୁ ଦୃଷ୍ଟିରେ ରଖି ଟୁସୁ ଦଳ ଗୁଡିକୁ ପୁରସ୍କୃତ କରା ଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ରଘୁନାଥପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଗୌରୀ ନାଏକ ସଭାପତି କରିଥିଲେ । ମୁଖ୍ୟ ଅତିଥିଭାବେ ମଇଦାନକେଲ ସରପଞ୍ଚ ତଥା ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗିରଥି ସିଂହ, ମୁଖ୍ୟବକ୍ତା ଭାବେ ବରିଷ୍ଠ ବିଜେପି ନେତା ଦିଲ୍ଲୀପ କୁମାର ପଣ୍ଡା, ସମ୍ମାନୀତ ଅତିଥିଭାବେ ରଘୁନାଥପୁର ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ମମତା ବେହେରା, ନାଏବ ସରପଞ୍ଚ କବିତା ମହାକୁଡ଼, ବିଜେପି ନରଣପୁର ମଣ୍ଡଳ ସଭାପତି ଚିନ୍ତାମଣି ମହାନ୍ତ, ରୂପେଶ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ କୃତୀ ଟୁସୁଦଳଙ୍କୁ ପୁରସ୍କୃତ କରିଥିଲେ । ଚକ ୱାର୍ଡ ମେମ୍ବର ଭକ୍ତ ବନ୍ଧୁ ମହାନ୍ତ, ମଜୁରପଶି ୱାର୍ଡ ମେମ୍ବର ଚମ୍ପାବତୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ଅଭିମନ୍ୟୁ ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମକର ମେଳା କମିଟିର ଟଙ୍କଧର ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ମୁରଲୀଧର ମହାନ୍ତ, ରୋହିତ କୁମାର ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ବସନ୍ତ ମହାନ୍ତ, ଲମ୍ୱୋଦର ନାଏକ, ମାଧବ ମୁଣ୍ଡା, ଚକ୍ରଧର ମହାନ୍ତ, ସନ୍ତୋଷ କୁମାର ମହାନ୍ତ, ହୋଲି ମହାନ୍ତ, ବିରବଲ ମହାନ୍ତ, ରଞ୍ଜନ ବାରିକ, ପ୍ରଦୀପ ନାଏକ, ଯୁଧିଷ୍ଠିର ମହାନ୍ତ, ବନମାଳୀ ମହାନ୍ତ, ଲିଟୁ ମହାନ୍ତ, କୃତ୍ତିବାସ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଫ୍ରୀ ସୋ ଅପେରା ଏବଂ ଝୁମର ମେଲୋଡି ପରିବେଷଣ କରାଯାଉଛି । କାଂଝାରି ଡ୍ୟାମ ବୁଡି ଅଂଚଳରୁ ବିସ୍ଥାପିତ ହୋଇ ୪୦ ବର୍ଷ ହେଲାଣି ରଘୁନାଥେଶ୍ୱର ଶୈବ ପୀଠ ଚକ ଗ୍ରାମରେ ଅବସ୍ଥାପିତ ହୋଇ କେନ୍ଦୁଝର ଦେବୋତ୍ତର ବିଭାଗ ଦ୍ୱାରା ପଞ୍ଜିକୃତ ହୋଇଛି । ଚଳିତବର୍ଷ ୨୧ଟି ଟୁସୁ ଦଳ ଏହି ମେଳାରେ ଯୋଗ ଦେଇଥିଲେ । ୧ମ ପୁରସ୍କାର -ପୋଇପାଣି ଟୁସୁଦଳ, ୨ୟ -ଗଣ୍ଡଶିଳା (ସୀତାବିଞ୍ଜି ), ୩ୟ -ମୁଣ୍ଡଟାଙ୍ଗର, ୪ର୍ଥ -ଧୋବା ପିଟଣା ଏବଂ ଅନ୍ୟ ସବୁ ଟୁସୁ ଦଳଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା ।



## ମୀନକେତନ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ

ବ୍ୟାସନଗର, (ଭାସ୍କର ନ୍ୟୁଜ୍ ) : ଅବିଭକ୍ତ ବଡକଇଁଛି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଯାଜପୁର ଜିଲ୍ଲାର ଜଣାଶୁଣା ଜନନେତା ମୀନକେତନ ରାଉତଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ମୀନକେତନ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ ବିଶିଷ୍ଟ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ଦୀପାଞ୍ଜଳ ହାଇସ୍କୁଲ ପ୍ରାଙ୍ଗଣରେ ଆୟୋଜିତ ସ୍ମୃତି ସମ୍ମାନ ଉତ୍ସବ - ୨୦୨୫ରେ ଯୋଗଦାନ କରିଥିବା ଅତିଥିମାନେ କହିଛନ୍ତି ମୀନକେତନ ଜଣେ ରାଜନେତା ଥିଲେ । ସେ ସମାଜରେ ସଂସ୍କାର ଆଣିବା ସହିତ ସ୍ୱାବଲମ୍ବନଶୀଳ ସମାଜ ପାଇଁ କୃଷି ଓ କୃଷକର ଉନ୍ନତି ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିଲେ । ପନିପରିବା ଚାଷ କରି କିପରି ଅଧିକ ଲାଭ କୃଷକମାନେ ପାଇ ପାରିବେ ତାଙ୍କର ଉଦ୍ୟମ ଥିଲା ଖୁବ ପ୍ରଶଂସନୀୟ । କ୍ରୀଡା, ଶିକ୍ଷା, କଳା, ଗୋସମ୍ପଦର ସୁରକ୍ଷା ତଥା ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ଦିଗରେ ସେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିଲେ । ଜଣେ ସଫଳ ଓ ଆଦର୍ଶ ସରପଞ୍ଚ ଭାବେ ପରିଚୟ ସୃଷ୍ଟି କରି ପାରିଥିଲେ । ଏହା ଛଡ଼ା ଗନ୍ଧଣ ପଞ୍ଚାୟତ ଗଠନରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡ଼ଃ ରୁଦ୍ରନାରାୟଣ ପୃଷ୍ଟି, ମୁଖ୍ୟବକ୍ତା ସର୍ବଭାରତୀୟ ବେସରକାରୀ କଲେଜ ଶିକ୍ଷକ ମହାସଂଘର ଉପସଭାପତି ଡଃ ଦୁଷ୍ମନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ପ୍ରହ୍ଲାଦ ପଣ୍ଡା, ଇଂ ବିଶ୍ୱଜିତ ମହାନ୍ତି ଓ ଗୀତିକବି ପ୍ରତାପରୁଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମୀନକେତନଙ୍କ ଆଦର୍ଶରେ ଅନୁପ୍ରାଣିତ ଶିକ୍ଷାବିତ୍ ପ୍ରଭାକର ସାହୁ, ଅଗ୍ରଣୀ ଚାଷୀ ଦିବାକର ବିଶ୍ୱାଳ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ କୀର୍ତ୍ତନ ବିହାରୀ ସାହୁ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସମାଜସେବାରେ କୃତିତ୍ୱ ଅର୍ଜନ କରିଥିବା କରୋନା ଯୋଦ୍ଧା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବସନ୍ତ କୁମାର ପଣ୍ଡା, କଳାକାର ଚନ୍ଦ୍ରଶେଖର ପୁହାଣ, କ୍ରୀଡାବିତ୍ ଭାବରେ ଖବରଦାତା ରଞ୍ଜିତ ରାଉତ, କୃଷକ ହାଡିବନ୍ଧୁ ପାତ୍ର, କୃତୀ ଶିକ୍ଷକ ରଞ୍ଜନ କୁମାର ବାରିକ, କୃତୀ ଛାତ୍ର ଶ୍ରେୟାଂଶୁ ଦ୍ୱିବେଦୀଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା । ଏଥି ସହିତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତୀତ୍ୱଅର୍ଜନ କରିଥିବା ଛାତ୍ର ସୁଦାମ ଚରଣ ରାଉତ, ନରୋତ୍ତମ ବେହେରା, ଛାତ୍ରୀ କାଜଲ ସେଠୀ, ପୂଜା ଗୁରୁଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ସଂସଦର ସମ୍ପାଦକ ପ୍ରଦୀପ କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ପାଳ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଅନନ୍ତ ପାତ୍ର, ଜୟଦେବ ସାହୁ, ସୁରେଶ ପରିଡ଼ା, ଅମୂଲ୍ୟ କୁମାର ଭୂୟାଁ, ରାଜକିଶୋର ପଣ୍ଡା, ସୁବାଷ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।






ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : କର୍ମଚାରୀ ଭବିଷ୍ୟନିଧି ସଂଗଠନର କେନ୍ଦ୍ରିୟ କମିଟିରେ ଅଖିଳ ଭାରତ ଟ୍ରେଡ ୟୁନିୟନର କଂଗ୍ରେସ (AITUC) କୁ ସାମିଲ୍ କରିବା ଦାବିରେ ଆଜି ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ (ଏଆଇଟିୟୁସି) ଗଞ୍ଜାମ ଜିଲ୍ଲା ଓ କୋରାପୁଟ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ଆଞ୍ଚଳିକ ଭବିଷ୍ୟନିଧି କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ସହିତ କମିଶନର ପ୍ରକାଶ ନାରାୟଣ ସିଂଙ୍କୁ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା କାର୍ଯ୍ୟାଳୟ ଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଆଞ୍ଚଳିକ କମିଶନରଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ସେଠାକାର ଶ୍ରମିକ ନେତା ପ୍ରବୀଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଶ୍ରମିକ ନେତାମାନେ ଉଦ୍‌ବୋଧନ ଦେଇ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ନବଗଠିତ କେନ୍ଦ୍ରୀୟ କମିଟିରୁ ଭାରତର ସର୍ବ ପୁରାତନ ଓ ସର୍ବ ବୃହତ ଶ୍ରମିକ ସଂଗଠନ ଏଆଇଟିୟୁସିକୁ ବାଦ ଦେଇଥିବାରୁ ତୀବ୍ର ସମାଲୋଚନା କରିଥିଲେ। ଏଥି ସହିତ ଯଥାଶୀଘ୍ର କେନ୍ଦ୍ରୀୟ କମିଟିରେ ଏଆଇଟିୟୁସିକୁ ସାମିଲ କରିବା ପାଇଁ ଦୃଢ଼ ଦାବି କରିଥିଲେ। ଅନ୍ୟଥା ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ପରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି, ପ୍ରଦୀପ ସେଠୀ, କାମଦେବ ନାହାକ, ପ୍ରବୀଣ ଦାଶ, ହରିହର ପାତ୍ର ଓ ରୋହିତ ବିଷୋୟୀ ଏକ ପ୍ରତନିଧି ଦଳରେ ଯାଇ ଶ୍ରମ କମିଶନରଙ୍କୁ ଉପରୋକ୍ତ ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ବିନା ଫଳକରେ ଚାଲିଛି ରାସ୍ତାକାମ

- ଅଭିଯୋଗ ପରେ ବ୍ଲକ ପ୍ରଶାସନ ନିରବ
- ଯନ୍ତ୍ରୀ, ଠିକାଦାର ଓ ସରପଞ୍ଚ ସ୍ୱାମୀଙ୍କ ନାଲି ଆଖିରେ ଦଳିତ ପରିବାର ଚୁପ୍



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ନିକଟସ୍ଥ ମାଣପୁର ପଞ୍ଚାୟତର କଲରାବାଙ୍କ ଗ୍ରାମର ୧୬ନଂ ୱାର୍ଡର ନଦୀବନ୍ଧ ଠାରୁ ସେଠୀ ସାହି ରାସ୍ତାର ପୁନଃ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି। ଏଠାରେ ପ୍ରକାଶ ଥାଉକି ଏହି ରାସ୍ତାଟି ଜାନୁୟାରୀ ୨୦୦୯ ମସିହାରେ ନଦୀବନ୍ଧ ଠାରୁ ସିନିବାସ ସେଠୀ ହାଉସ ପର୍ଯ୍ୟନ୍ତ ଏକ ଲକ୍ଷ ଟଙ୍କା ବ୍ୟୟରେ ନିଶ୍ଚିତକୋଇଲ ପଞ୍ଚାୟତ ସମିତି ପକ୍ଷରୁ ନିର୍ମାଣ କରାଯାଇଥିଲା। ଏହି ରାସ୍ତାରଟି ଏବେ ଭାଙ୍ଗିରୁଜି ଯିବାରୁ ଏହାର ପୁନରୁଦ୍ଧାର ରାସ୍ତାକାର୍ଯ୍ୟ କରାଯାଉଥିଲେ ବି ସିନିବାସ ସେଠୀ ଘର ପାଖରୁ ପ୍ରାୟ ୧୦ଫୁଟ ରାସ୍ତାକୁ ଛାଡି ରାସ୍ତାର ମରାମତି କାର୍ଯ୍ୟ କରାଯାଉଛି। ଯାହାଫଳରେ ସିନିବାସ ପରିବାରଙ୍କୁ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଥିବାକୁ ନେଇ ସିନିବାସ ସେଠୀ କଟକ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ମୋବାଇଲ ଯୋଗେ ନିଶ୍ଚିତ କୋଇଲ ବିଡିଓଙ୍କୁ ଅବଗତ କରାଇଥିଲେ। ଅଭିଯୋଗ ପାଇ ଜିଲ୍ଲାପାଳ କିଶାନନଗର ତହସିଲଦାରଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ବେଖାତିର କରି ବ୍ଲକ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଛୁଟି ଦିନରେ ଏହି ରାସ୍ତାକାମ ଅତିନିମ୍ନ ମାନର କରାଯାଇଛି ବୋଲି ସିନିବାସ ପ୍ରକାଶ କରିଛନ୍ତି। ଅପରପକ୍ଷରେ କାର୍ଯ୍ୟାରମ୍ଭ ପୂର୍ବରୁ ଏଠାରେ ଫଳକ ଲଗାଯାଇ ପଞ୍ଚାୟତ ସମିତି ନାମ, କାର୍ଯ୍ୟର ନାମ, ବ୍ୟୟଅଟକଳ ପରିମାଣ ଓ ପାଣ୍ଠିର ନାମ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲେଖାଯିବା କଥା। କିନ୍ତୁ ତାହା ଏଠାରେ କରାଯାଇନାହିଁ। ଯାହାକୁ ନେଇ ସିନିବାସପରିବାର ଏହାର ପ୍ରତିରୋଧ କରିବାକୁ ଚାହୁଁଥିଲେ ବି ସେ ଦଳିତ ପରିବାର ହୋଇଥିବାରୁ ସରପଞ୍ଚଙ୍କ ସ୍ୱାମୀ, ଠିକାଦାର ଓ ଯନ୍ତ୍ରୀଙ୍କ ନାଲିଆଖିରେ ସେମାନେ ଭୟରେ ପାଟିଖୋଲୁ ନାହାଁନ୍ତି ବୋଲି ସିନିବାସ ଗଣମାଧ୍ୟମରେ ଆଗରେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

# ଶିରିଡି-ନାସିକ ଅଭିମୁଖେ ୮୫ ତୀର୍ଥଯାତ୍ରୀ





ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହୋଇ ଶିରିଡି-ନାସିକ ଅଭିମୁଖେ ଯାତ୍ରା କରିଛନ୍ତି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ୍ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯକ୍ରମରେ ଅତିରିକ୍ତ ଜିଲ୍ଲାପାଳଙ୍କ ପୌରୋହିତ୍ୟରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଓ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀମାନଙ୍କୁ ଆଧାତ୍ମିକ ଦିଗ୍‌ଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ଏସ୍କର୍ଟ ଅଫିସର ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ପ୍ରଶାନ୍ତ କୁମାର ମହାପାତ୍ର ଓ ରାଧା ମୋହନ ଜେନା ସହାୟକ ଅଧିକାରୀ ଭାବେ ଗସ୍ତ କରିଛନ୍ତି। ଆସନ୍ତାକାଲି ତା.୧୭.୦୧.୨୦୨୫ରିଖ ପୂର୍ବାହ୍ନ ୧୧.୪୫ ସମୟରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ଶିରିଡି-ନାସିକ ଅଭିମୁଖେ ଯାତ୍ରା କରିବେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶୁଭ ଉଦ୍‌ଘାଟନ କରିବେ। ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ବିଭିନ୍ନ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ।

## ମେଧାବୃତ୍ତି ପାଇଲେ ପ୍ରତ୍ୟାଶା



ଡେରାବିଶ (ଭାସ୍କର ନ୍ୟୁଜ୍) : ୨୦୨୪-୨୫ ଶିକ୍ଷା ବର୍ଷରେ ଡେରାବିଶ ବ୍ଲକର ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ବ୍ଲକ ଅଞ୍ଚଳର ୭ଟି ବିଦ୍ୟାଳୟର ୭ଜଣ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ରତାଦିଆ ଖଣ୍ଡସାହି ହାଇସ୍କୁଲର ତୃତୀୟ ଶ୍ରେଣୀ ଛାତ୍ରୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ ମିଶ୍ର ଏହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତ୍ୟାଶା ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ଚନ୍ଦ୍ରକାନ୍ତ ମିଶ୍ର ଓ ରାନୁବାଳା ମିଶ୍ରଙ୍କ କନ୍ୟା ଅଟନ୍ତି। ପିଲାଟି ବେଳୁ ପ୍ରତ୍ୟାଶାଙ୍କ ପାଠପଢ଼ା ପ୍ରତି ଆଗ୍ରହ ଜନ୍ମାଇବାରେ ତାଙ୍କ ଜେଜ ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ମିଶ୍ରଙ୍କ ଉଦ୍ୟମ ଯୋଗୁ ଏହା ହୋଇପାରିଛି। ତାଙ୍କର ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ତାଳପଦାରେ ବାଳିକା ଆତ୍ମରକ୍ଷା ଶିବିର

ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ମାଣିକଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଳିକା ଆତ୍ମରକ୍ଷା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ସତ୍ୟବ୍ରତ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଅଧ୍ୟାପିକା ସୁଜାତା ମହାପାତ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂଯୋଜିକା ସଞ୍ଜିତା ଦ୍ୱିବେଦୀଙ୍କ ସଂଯୋଜନାରେ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିରରେ ପ୍ରଶୀକ୍ଷିକା ଭାବେ କବିତା ନାୟକ ଓ ହରିପ୍ରିୟା ନାୟକ ବାଳିକାମାନଙ୍କୁ ଆତ୍ମରକ୍ଷା ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପିକା ମଧୁସ୍ମିତା ନାୟକ, ଅଞ୍ଜଳି ମହାନ୍ତି, ଅନସୂୟା ଶତପଥୀ ପ୍ରମୁଖ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଶେଷରେ ଆତ୍ମରକ୍ଷା ଶିବିରରେ ଅଂଶଗ୍ରହଣ କରିଥିବା ବାଳିକାମାନଙ୍କୁ ବିଦ୍ୟାଳୟର ଅଧକ୍ଷ ଶ୍ରୀ ବେହେରା ପ୍ରମାଣପତ୍ର ପ୍ରଦାନ କରିଥିଲେ। କ୍ରୀଡ଼ାଶିକ୍ଷକ ଅମରନାଥ ନାୟକ, ଗ୍ରନ୍ଥାଗାରିକ ଅଞ୍ଜନ କୁମାର ଶତପଥୀ, ନାରାୟଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଏଦୀଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ

ଭଦ୍ରକ (ଭାସ୍କର ନ୍ୟୁଜ୍) : ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କାରାଗାରରେ ଭଦ୍ରକରେ ରହୁଥିବା ବିଚାରଧୀନ କଏଦୀମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଇଥିଲା। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ଏହି ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ କଏଦୀମାନଙ୍କୁ ସଚେତନ କରାଇଥିଲେ ଯେପରି ବିଚାରଧୀନ କଏଦୀମାନେ କାରାଗାରରୁ ମୁକ୍ତ ହେଲାପରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଏହି ଧନ୍ଦାମୂଳକ ପ୍ରଶିକ୍ଷଣର ସାହାରା ନେଇ ନିଜର ଜୀବିକାର୍ଜନ କରିପାରିବେ। ମହାପାତ୍ର ସୌମ୍ୟ ସୁଜିତ୍ ସାହୁ, ପ୍ରଶିକ୍ଷକ, ସୂର୍ଯ୍ୟଘର ଯୋଜନା (ସୋଲାର ପେନାଲ) କିପରି ଆମର ଦୈନନ୍ଦିନ ଜୀବନରେ ବିଜୁଳିର ମାତ୍ରାଧିକ ବିଲକୁ କମାଇ ପାରିବ ସେ ସଂପର୍କିତ ତଥ୍ୟମାନ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନିତା ନାୟକ, ଜିଲ୍ଲା ତାଲିମ୍ ଓ ନିଯୁକ୍ତି ଅଧିକାରୀ ଭଦ୍ରକ, ଗାୟତ୍ରୀ ବେହେରା, ଶୁଭସ୍ମିତା ସୁତ୍ରଧର ପ୍ରମୁଖ ପ୍ରଶିକ୍ଷକ, ଜିଲ୍ଲା ତାଲିମ୍ କେନ୍ଦ୍ର ଭଦ୍ରକ ଓ ଚେତନା ପାତ୍ର ଜେଲର ଭଦ୍ରକ ଜିଲ୍ଲା କାରାଗାର ଭଦ୍ରକ, ଘନଶ୍ୟାମ ନାୟକ, ସହାୟକ ଜେଲର, ଜିଲ୍ଲା କାରାଗାର, ଭଦ୍ରକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ୭ ଦିନିଆ ଶ୍ରୀମଦ ଭାଗବତ କଥା ଆରମ୍ଭ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆରେ ରମେଶ କୁମାର ସୋନି ଓ ମୋହିନୀ ଦେବୀଙ୍କ ଦ୍ୱାରା ଆୟୋଜିତ ୭ ଦିନିଆ ଶ୍ରୀ ଭାଗବତ କଥା ବୁଧବାର ଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋନି ପରିବାର ତଥା ସମସ୍ତ ମାରୱାଡ଼ି ସମାଜ ପକ୍ଷରୁ ନୂଆ ସାହିରୁ କଳସ ଯାତ୍ରା ଆରମ୍ଭ ହୋଇ ସିନେମା ହଲ ଛକ, ଏନ୍ ଏ ସି ଛକ ଦେଇ ରାମ ଭାଟିକାରେ ପହଞ୍ଚିଥିଲା। ସେଠାରେ ସମସ୍ତ ନିତିକାନ୍ତି ପରେ ସନ୍ଧ୍ୟାରୁ ଭାଗବତ ପାଠ ଆରମ୍ଭ ହୋଇଛି। ଏହି ଭାଗବତ ପାଠ ନିମନ୍ତେ ରାଜସ୍ଥାନରୁ ପଣ୍ଡିତ ଧର୍ମେସ ଜି ମହାରାଜ ଆସିଛନ୍ତି। ତାଙ୍କ ଦ୍ୱାରା ଭାଗବତ ପାଠ ସହିତ ଆଧାତ୍ମିକ ଚର୍ଚ୍ଚା ହେଉଛି ଏଥିରେ ମାରୱାଡ଼ି ସମାଜ ସହିତ କରଞ୍ଜିଆ ର ଜନସାଧାରଣ ଯୋଗ ଦେଇ ଭାଗବତ ପାଠ ଶ୍ରବଣ କରି ଦିବ୍ୟ ଜ୍ଞାନ ଲାଭ କରୁଛନ୍ତି। ଏହା ୭ ଦିନ ଚାଲି ୨୧ ତାରିଖ ଉଦଯାପନ ହେବ ବୋଲି ଆୟାଜକ ରମେଶ କୁମାର ସୋନି ପ୍ରକାଶ କରିଛନ୍ତି।

# 'ସଡ଼କ ସୁରକ୍ଷା, ପରିବାର ରକ୍ଷା'




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାନୁଆରୀ ମାସ ବ୍ୟାପି ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ଓ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ରିବନ ପଟ୍ଟନାୟକ, ସମ୍ମାନୀତ ଅତିଥି ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା କୁନୀଲତା ରାଉତ, ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଜିତେନ୍ଦ୍ର କୁମାର ସାମଲ, ଅଧ୍ୟାପିକା ରାଜଲକ୍ଷ୍ମୀ କର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ ବିଗତ କିଛି ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଯାଇଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା କମ୍ କରିବାକୁ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବା ସମୟ ଆସିଯାଇଛି। ସଡ଼କ ସୁରକ୍ଷାକୁ ଜନ ଅଭିଯାନରେ ପରିଣତ କରିବାକୁ ହେବ। ସଚେତନ ବାର୍ତ୍ତା ପ୍ରତି ଗାଁ ଓ ଘରେ ଘରେ ପହଞ୍ଚାଇବାକୁ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ। ଏହି ଅଭିଯାନରେ ସମାଜର ସବୁବର୍ଗର ବ୍ୟକ୍ତି, ଅନୁଷ୍ଠାନ, ସଂଗଠନ ଯୋଡି ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ଅତିଥି ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା କୁନିଲତା ରାଉତ କହିଛନ୍ତି ସଡ଼କ ସୁରକ୍ଷାର ସମସ୍ତ ଶୃଙ୍ଖଳାକୁ ଯଦି ଆମେ ପାଳନ କରିବା ତେବେ ଆମ ଜୀବନ ବଞ୍ଚିବା ସହ ଅନ୍ୟର ଜୀବନକୁ ମଧ୍ୟ ସୁରକ୍ଷିତ ରଖାଯାଇପାରିବ ବୋଲି ମତ ଦେଇଥିଲେ। ମଞ୍ଚାସିନ ଅତିଥି ଉପସ୍ଥିତ ରହି କଲେଜ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିଥିଲେ। ଦ୍ରୁତଗତିରେ ଗାଡି ନଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନକରିବା, ହେଲମେଟ ବ୍ୟବହାର କରିବା, ଡ୍ରାଇଭିଂ ଲାଇସେନ୍ସ କରିବା, ମଦ୍ୟପାନ କରି ଗାଡି ଚଳାନ୍ତୁ ନାହିଁ, ସିଟ୍ ବେଲ୍ଟ ବ୍ୟବହାର କରିବା, ନାବାଳକ ଓ ନାବାଳିକା ଗାଡି ନ ଚଳାଇବା ଆଦି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହା ସହ ଯଦି ଦୁର୍ଘଟଣାଗ୍ରସ୍ତ ପ୍ରଥମ ଘଣ୍ଟାରେ ଡାକ୍ତରଖାନା ପହଞ୍ଚାଇ ଦିଅନ୍ତି ଜୀବନ ରକ୍ଷାର ଆଶା ବୃଦ୍ଧି ପାଏ। ସର୍ବଶେଷରେ କଲେଜ ଅଧ୍ୟାପିକା, ଅଧ୍ୟାପକ, ଅସ୍ତରଙ୍ଗ ପୁଲିସ ସମେତ ଛାତ୍ରଛାତ୍ରୀ ସଡ଼କ ସୁରକ୍ଷା ଜୀବନ ରକ୍ଷା ସହ ସଚେତନତା ବାର୍ତ୍ତା ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଅସ୍ତରଙ୍ଗ ବଜାର ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଆଞ୍ଚଳିକ ପରିବହନ କର୍ମଚାରୀ ଅଶୋକ କୁମାର କାସ୍ତ, ସଞ୍ଜୟ ମଲ୍ଲ, ସୁଭାଶିଷ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## କାୟାକଳ୍ପ ଟିମ୍‌ର ଚିତ୍ରକୋଣ୍ଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ଏହି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ସ୍ୱଚ୍ଛତା ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟସେବା କିପରି ଭାବରେ ଯୋଗାଯାଉଛି ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଷ୍ଟାଫଙ୍କ ସଂଖ୍ୟା ସହ ସମସ୍ତ କାଗଜପତ୍ର ଯାଞ୍ଚ କରିଛନ୍ତି । ଟିମ୍‌ର ଗସ୍ତ ସମୟରେ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡା. କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ ଷ୍ଟାଫ୍ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକୁ ସ୍ୱାସ୍ଥ୍ୟକେନ୍ଦ୍ରର କିରାଣୀ ରାଜେନ୍ଦ୍ର ପ୍ରସାଦ ଦାସ ପରିଚାଳନା କରିଥିଲେ।

# ଆସିକାରେ ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଆସିକା ଅଞ୍ଚଳରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ଉଦ୍ଦେଶ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ନିକଟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଆସିକାରେ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ଟିପିଏସ୍‌ଓଡିଏଲ୍ ଆସିକା ଅଞ୍ଚଳର ଉପଭୋକ୍ତାଙ୍କ ପାଇଁ ଏକ ସ୍ଥିର ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ସହ ଏହାର ଭିତ୍ତିଭୂମିକୁ ସୁଦୃଢ଼ କରିଛି। କମ୍ପାନୀ ପକ୍ଷରୁ ଆସିକାର ବଡ଼ନଦୀଠାରେ ଏକ ନୂତନ ୟୁଆର+୬ ଟାୱାର ସ୍ଥାପନ କରାଯାଇଛି। ବନ୍ୟା ଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଏବଂ ବନ୍ୟା ସମୟରେ ସମ୍ଭାବ୍ୟ ବିଦ୍ୟୁତଜନିତ ଦୁର୍ଘଟଣାରୁ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଭିତ୍ତିଭୂମି ସ୍ଥାପନ କରାଯାଇଛି। ପୂର୍ବରୁ ବଡ଼ନଦୀ ଉପରେ ପରିବାହୀର ଗ୍ରାଉଣ୍ଡ କ୍ଲିୟରାନ୍ସ କମ୍ ଥିଲା ଏବଂ ବନ୍ୟା ସମୟରେ ୩୩ କେଭି ବିଦ୍ୟୁତ ଲାଇନ୍ ଜଳସ୍ତର ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିଲା। ମତ୍ସ୍ୟଜୀବୀ ଏବଂ ଜନସାଧାରଣଙ୍କ ପ୍ରତି ଥିବା ବିପଦକୁ ଏଡ଼ାଇବା ପାଇଁ ବିଦ୍ୟୁତ୍ କାଟ ହିଁ ଏକମାତ୍ର ସମାଧାନ ଥିଲା। କିନ୍ତୁ ବର୍ତ୍ତମାନ ବଡ଼ ନଦୀଠାରେ ନୂତନ ୟୁଆର+୬ ଟାୱାର ସ୍ଥାପନ ହେବା ପରେ ଗ୍ରାଉଣ୍ଡ କ୍ଲିୟରାନ୍ସ ୨୪ ମିଟରକୁ ବୃଦ୍ଧି ପାଇଛି, ଯାହାଦ୍ୱାରା ୩୩ କେଭି ଲାଇନ କଣ୍ଡକ୍ଟର ଜଳସ୍ତର ଛୁଇଁବା ଆଶଙ୍କା ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି ଏବଂ ଆଖପାଖ ବାସିନ୍ଦାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିଛି। ଏହାବ୍ୟତୀତ ୟୁଆର+୬ ଟାୱାରର ଦୃଢ଼ତା ଯୋଗୁଁ ଯେକୌଣସି ଘୂର୍ଣ୍ଣିବଳୟ କିମ୍ବା ଝଡ଼ବର୍ଷା ସମୟରେ ବିଜୁଳି ଯୋଗାଣ ହୋଇପାରିବ। ଏହାଦ୍ୱାରା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୭ଟି ପଞ୍ଚାୟତର ପ୍ରାୟ ୧୩ ହଜାରରୁ ଅଧିକ ଉପଭୋକ୍ତା ଉପକୃତ ହେବେ ଏବଂ ବିଜୁଳି ସେବାର ଗୁଣବତ୍ତା ଓ ବିଶ୍ୱସନୀୟତାରେ ଯଥେଷ୍ଟ ଉନ୍ନତି ଘଟିବ। ନିରବଚ୍ଛିନ୍ନ ବିଜୁଳି ଯୋଗାଣ ଦିଗରେ ଦୃଢ଼ ପ୍ରତିବଦ୍ଧତାର ସହ ଟିପିଏସ୍‌ଓଡିଏଲ୍ ଆସିକା ଉପଖଣ୍ଡ ଡାକ୍ତରଖାନା(ଏସଡିଏଚ)ରେ ୧୧ କେଭି ରିଙ୍ଗ ମେନ୍ ୟୁନିଟ୍ (ଆରଏମୟୁ) ସ୍ଥାପନ କରିଛି। ଏହି ୟୁନିଟ୍ ଦୁଇଟି ଫିଡର- ବସ୍‌ଷ୍ଟାଣ୍ଡ ଫିଡର ଏବଂ ମେଡିକାଲ ଫିଡରରୁ ବିଜୁଳି ଗ୍ରହଣ କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ ଘଣ୍ଟିଆ ବିଜୁଳି ଉପଲବ୍ଧ କରାଇଥାଏ। ଆରଏମୟୁ ସ୍ଥାପନ କରିବାର ମୁଖ୍ୟ ଫାଇଦା ହେଉଛି ଯଦି କୌଣସି ଗୋଟିଏ ଫିଡରରେ କିଛି ବିଭ୍ରାଟ ହୁଏ, ତଥାପି ଅନ୍ୟ ଫିଡର ସାହାଯ୍ୟରେ ବିଜୁଳି ଯୋଗାଣ କରାଯାଇପାରିବ, ଯାହାଫଳରେ ଆସିକା ମେଡିକାଲକୁ ୨୪×୭ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ହେବ। ଏହି ପଦକ୍ଷେପ ଡାକ୍ତରଖାନାରେ ଉତ୍ତମ ସ୍ୱାସ୍ଥ୍ୟସେବ ପ୍ରଦାନରେ ସହାୟକ ହେବା ସହ ଯେକୌଣସି ବିପର୍ଯ୍ୟୟ ସମୟରେ ମଧ୍ୟ ଚିକିତ୍ସାଳୟ ଭଳି ଜରୁରି ସେବାକୁ ବିଜୁଳି ଯୋଗାଣ ସୁନିଶ୍ଚିତ କରେ। ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଉପଭୋକ୍ତାଙ୍କୁ

### ସୁରକ୍ଷା ଏବଂ ଭରସାଯୋଗ୍ୟ ବିଜୁଳି ସେବା ଉପରେ ପ୍ରାଥମିକତା

ନିରବଚ୍ଛିନ୍ନ ବିଜୁଳି ଯୋଗାଣ କରିବା ଦିଗରେ ପ୍ରତିବଦ୍ଧ ରହିଆସିଛି। ଆସିକାଠାରେ ନୂତନ ଭାବେ ସ୍ଥାପିତ ହୋଇଥିବା ୟୁଆର+୬ ଟାୱାର ସ୍ଥାନୀୟ ଅଞ୍ଚଳରେ ବିଶ୍ୱସନୀୟ ବିଜୁଳି ସେବା ସୁନିଶ୍ଚିତ କରିବା ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ। ପ୍ରାଥମିକତା ଭିତ୍ତିରେ ଡାକ୍ତରଖାନା ଭଳି ଗୁରୁତ୍ୱପୂର୍ଣ୍ଣ ସେବା କେନ୍ଦ୍ରକୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପାଇଁ ଆରଏମୟୁ ଭଳି ଅଭିନବ ଉପାୟ ମାଧ୍ୟମରେ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ଆମ ଟିମ୍ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି।"

## କାଉପଡ଼ାରେ ଧାନମଣ୍ଡି ଉଦ୍‌ଘାଟିତ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତିରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସମିତିର ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡେରାବିଶ ତହସିଲର ଅତିରିକ୍ତ ତହସିଲଦାର ବିଶ୍ୱମୋହନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କାଉପଡ଼ା ରାଜସ୍ୱ ନିରୀକ୍ଷକ ସାଇଦର୍ଶିନୀ ଲେଙ୍କା, ସହକୃଷି ଅଧିକାରୀ ଆଶୁତୋଷ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କ ମଧ୍ୟରେ ରାମଚନ୍ଦ୍ର ନାୟକ, ବାଳକୃଷ୍ଣ ସେଠୀ, ହେମନ୍ତ କୁମାର ନାୟକ, ଝରି ସେଠୀ, ଧାନକିଣା କମିଟି ମେମ୍ବର ଲକ୍ଷ୍ମୀଧର ମହାପାତ୍ର, ଦିପକ କୁମାର ବେହେରା, ନିତାଇ ଚରଣ ପ୍ରଧାନ, ରମେଶ ଚନ୍ଦ୍ର ଦାଶ, ଗୋପାଳ ଚନ୍ଦ୍ର ଲେଙ୍କା ଏବଂ ପରିଚାଳନା ପରିଷଦର ସଭ୍ୟସଭ୍ୟା ପ୍ରମୁଖ ଯୋଗଦେଇ ଏଫଏକ୍ୟୁ ମାନର ନିୟନ୍ତ୍ରଣ ଯେପରି ପ୍ରତିବନ୍ଧକ ସୃଷ୍ଟି ନକରିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଏହି ସମିତିରେ ଚଳିତ ବର୍ଷ ୪୬୫ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଥିବା ବେଳେ ଏହି ମଣ୍ଡିରେ ସୋମବାର, ବୁଧବାର ଏବଂ ଶନିବାର ଧାନ କ୍ରୟ କରାଯିବ ବୋଲି ସମ୍ପାଦିକା ସୁମନ ସଙ୍ଗିତା ଦାସ ପ୍ରକାଶ କରିଛନ୍ତି।




## ରାଶିଫଳ

ଶୁକ୍ରବାର, ୧୭ ଜାନୁଆରୀ ୨୦୨୫



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢ଼ିପାରେ। ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ। ଆପଣ ବନ୍ଧୁ ଏବଂ ପରିବାରର ଆବଶ୍ୟକତାରେ ଅଟକି ଯାଇପାରନ୍ତି। ପେଟ ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା ଅଛି।



**ବୃଷ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଆର୍ଥିକ ଦିଗ ଦୃଢ଼ ହେବ। ଘରର ଉପଯୋଗୀ ଜିନିଷଗୁଡ଼ିକ ବୃଦ୍ଧି ପାଇବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ। ଭ୍ରମଣ ଯୋଗ ମଧ୍ୟ ଅଛି।



**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିପାରେ। ନିଦ୍ରା ଅଭାବ ହେବ। ମୁଣ୍ଡବିନ୍ଧା ଏବଂ ଆଖିରେ ଉତ୍ତେଜନା ଦେଖାଦେଇପାରେ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣଙ୍କ ଜୀବନସାଥୀ ଆପଣଙ୍କର ଅନୁଭବ ବୁଝିବେ। ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ । ଆପଣ ଧର୍ଯ୍ୟବାନ ହେବା ଉଚିତ୍।



**ତୁଳା:** ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ସନ୍ଧ୍ୟାରେ ଅତିଥିମାନଙ୍କ ଆଗମନ ସହିତ ଘରର ପରିବେଶ ମଧ୍ୟ ସୁଖଦ ରହିବ। ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ। ମନ୍ଦିରରେ ଘିଅ ଦୀପ ଜାଳନ୍ତୁ, ପତି-ପତ୍ନୀଙ୍କ ସମ୍ପର୍କ ମଜବୁତ ହେବ।



**ଧନୁ:** ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ । ଆପଣ ବ୍ୟବସାୟରେ ନୂତନ ଯୋଜନା କରିପାରିବେ। ଯାହା ଭବିଷ୍ୟତରେ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ।



**ମକର:** ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ। ବିବାହିତ ଲୋକମାନେ ସୁଖ ପାଇପାରିବେ। ପ୍ରେମ ବଢ଼ିବ।



**କୁମ୍ଭ:** କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୌଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢ଼ିବାର ସମ୍ଭାବନା ମଧ୍ୟ ଅଧିକ।



ଗ୍ରହାଚାର୍ଯ୍ୟ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଭେଜାଙ୍ଗିବାଡ଼ା ଗ୍ରାମରେ ଜିଲ୍ଲାର ପ୍ରସିଦ୍ଧ ମକର ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି ମକର ମେଳାକୁ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କାଲିମେଳା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ମାଲା ମାଡ଼ି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ସମାଜସେବୀ ଉତ୍ତମ ଓଝା, ପ୍ରହଲ୍ଲାଦ ବସୁ, ଭବାନୀ ଶଙ୍କର ମୁଖାର୍ଜୀ, ଭେଜାଙ୍ଗିବାଡ଼ା ସରପଞ୍ଚ ସନ୍ତୋଷ କବାସୀ, ପୂର୍ବତନ ସରପଞ୍ଚ କୈଳାସ ପାତ୍ରଙ୍କ ସହିତ ମକର ମେଳା କମିଟି ସଭାପତି ଗଙ୍ଗା କବାସୀ ଓ ଉପସଭାପତି ଗଙ୍ଗା ମାଡ଼ି, ତେଲେରାଇ ସରପଞ୍ଚ ମୁତା ସୋଡ଼ି, କୋୟା ସମାଜ ସଭାପତି ବାଗା ମାଡ଼କାମୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନେ ଭେଜାଙ୍ଗିବାଡ଼ା ବଜାରରେ ଥିବା ବାଲରାଜ, ପୋତରାଜ ଓ କାନାମରାଜଙ୍କ ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରିବା ପରେ ଦେବୀ ମୁତ୍ୟାଲୁମାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ କଳସ ଶୋଭାଯାତ୍ରା ବାହାରି ମକର ମେଳା ପଡ଼ିଆରେ ପହଞ୍ଚିଥିଲା। ସେଠାରେ ପାରମ୍ପରିକ ଭାବେ କୁକୁଡ଼ା ଗାଳିରେ ବ୍ୟବହୃତ କାତିଗୁଡ଼ିକୁ ପୂଜା କରାଯାଇଥିଲା। ସୂଚନାଯୋଗ୍ୟ ଭେଜାଙ୍ଗିବାଡ଼ା ମକର ମେଳାର ପରିଚୟ ହେଉଛି କୁକୁଡ଼ା ଲଢ଼େଇ। ଏହି କୁକୁଡ଼ା ଲଢ଼େଇରେ ମାଲକାନଗିରି ଜିଲ୍ଲା ସହ ପଡ଼ୋଶୀ ଛତିଶଗଡ଼,ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶର ଲୋକେ ଏଠାକୁ ଆସି କୁକୁଡ଼ା ଲଢ଼େଇରେ ସାମିଲ ହୋଇ ଖେଳର ମଜା ନେଇଥାନ୍ତି। ଗୋଟିଏ ଗୋଟିଏ ଲଢ଼େଇ କୁକୁଡ଼ା ଗଞ୍ଜାର ଦାମ ୧୦ ହଜାର ଟଙ୍କା ହୋଇଥିବାବେଳେ ବିଭିନ୍ନ ସ୍ଥାନରୁ ବଛା ବଛା କୁକୁଡ଼ା ଗଞ୍ଜା ଏହି କୁକୁଡ଼ା ଲଢ଼େଇରେ ସାମିଲ ହୋଇଥାନ୍ତି ।

# ବାବା ବୁଢ଼ା ଚାଉଁରିଆଙ୍କ ବାର୍ଷିକ ମଣ୍ଡେଇ ଉତ୍ସବ ପାଳିତ



ଝରିଗାଁ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଚଚା ପଞ୍ଚାୟତ ସଦର ମହକୁମାର ଇଷ୍ଟଦେବ ବାବା ବୁଢ଼ା ଚାଉଁରିଆ ଦେଓଙ୍କ ବାର୍ଷିକ ଉତ୍ସବ ମଣ୍ଡେଇ ବେଶ୍ ଧୂମଧାମରେ ପାଳିତ ହୋଇଯାଇଛି ।ପ୍ରତିବର୍ଷ କେବଳ ଗୋଟିଏ ଦିନ ହିଁ ମଣ୍ଡେଇ ଉତ୍ସବ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ଏହି ମଣ୍ଡେଇ ଦୁଇଦିନ ଧରି ପାଳନ କରାଯାଇଛି । ବାବା ବୁଢ଼ା ଚାଉଁରିଆଙ୍କ ମଣ୍ଡେଇ ଉତ୍ସବରେ ଯୋଗ ଦେବା ପାଇଁ ପୋଡାଗଡ଼, ଛତିଶଗଡ, କଳାହାଣ୍ଡି, ଜଗଦଳପୁର, ବସ୍ତର ଆଦି ପଡୋଶୀ ବ୍ଲକ, ଜିଲ୍ଲା ଓ ରାଜ୍ୟର ଶତାଧିକ ଦେବାଦେବୀ ନିଜ ନିଜର ଲାଠି, କୁରଚୀ, ଆଂଗା, ବିମାନ, ଶିରା, ଦିଶାରୀ, ପୂଜାରୀ ଓ ରଇତମାନଙ୍କୁ ସାଙ୍ଗରେ ଧରି ବାବା ବୁଢ଼ା ଚାଉଁରିଆଙ୍କ ମନ୍ଦିରରେ ଉପସ୍ଥିତ ହୋଇଛନ୍ତି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମଣ୍ଡେଇ ଉପଲକ୍ଷେ ସହସ୍ରାଧିକ ଉଠା ଦୋକାନୀ ଓ ମିନା ବଜାର ଆସି ମଣ୍ଡେଇକୁ ଜନ ସମୁଦ୍ର କରିଛନ୍ତି । ଜନସାଧାରଣ ମାନଙ୍କ ମନୋରଞ୍ଜନ ନିମନ୍ତେ ଗ୍ରାମର ସିଦ୍ଧି ବିନାୟକ ପୂଜା କମିଟି ତଥା ଚଚା ମଣ୍ଡେଇ କମିଟି ପକ୍ଷରୁ ପ୍ରଥମ ରଜନୀରେ କଳାହାଣ୍ଡିର ବୀରବାଦ୍ୟ ଘୁମୁରା ପ୍ରତିଯୋଗିତା ସାଙ୍ଗକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ମେଲୋଡି ସବୁର ଆୟୋଜନ କରାଯାଇଥିବାବେଳେ ଦ୍ୱିତୀୟ ରଜନୀରେ ମଧ ମେଲୋଡି ସାଙ୍ଗକୁ ଦୁଇଟି ଦେଶିଆ ନାଟକର ଆୟୋଜନ କରାଯାଇଥିଲା ।ମଣ୍ଡେଇ କମିଟିର ସଭାପତି ଝରିଗାଁ ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ, ବାବା ବୁଢ଼ା ଚାଉଁରିଆଙ୍କ ପୂଜାରୀ ଛବିଲାଲ ପୂଜାରୀ, ସମ୍ପାଦକ ଦଳପତି ମାଝୀ, ନରସିଂ ମାଝୀ, ଗଣପତି ପୂଜାରୀ, ରୂପଧର ଗାଣ୍ଡା, ହରିଶ୍ଚନ୍ଦ୍ର ପ୍ରଧାନୀ,ଗାଁର ଗାଉଁଟିଆ ପିତାମ୍ବର ପୂଜାରୀ, ଦଳପତି ମାଝୀ, ଜଳନ୍ଧର ଉତରା, ଶୁକଲରାମ ପୂଜାରୀ, ହିରଣ୍ୟ ହରିଜନଙ୍କ ସମେତ ସମସ୍ତ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ବାବା ବୁଢ଼ା ଚାଉଁରିଆଙ୍କ ମଣ୍ଡେଇ ଉତ୍ସବଟି ବେଶ୍ ଆଡମ୍ବର ସହକାରେ ପାଳିତ ହୋଇଥିବା ଦେଖିବାକୁ ମିଳିଛି ।

# ମତଦାତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କୋରାପୁଟ(ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ମତଦାତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର ଅଧ୍ୟକ୍ଷତା କରି ଆସନ୍ତା ୨୫ ତାରିଖରେ ହେବାକୁ ଥିବା ମତଦାତା ଦିବସ ପାଳନ ଉପରେ ଆଲୋଚନା କରିଥିଲେ। ଏହା ପୂର୍ବରୁ ଆସନ୍ତା ୨୦ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ, ରଚନା, ଚିତ୍ରାଙ୍କନା, ବକ୍ତୃତା ଏବଂ ସ୍ଲୋଗାନ ଆଦି ପ୍ରତିଯୋଗିତା କରାଯାଇ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ନେଇ ୨୧ତାରିଖରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା କରାଯିବ । ଏଥିରେ ଯେଉଁମାନେ କୃତିତ୍ୱ ଅର୍ଜନ କରିବେ ସେମାନଙ୍କୁ ୨୫ତାରିଖ ଦିନ ପୁରସ୍କୃତ କରାଯିବ।

# ନଗରପାଳଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

# ହାଇକୋର୍ଟଙ୍କ ଶୁଣାଣି ପର୍ଯ୍ୟନ୍ତ ଫଳାଫଳ ସ୍ଥଗିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବ୍ରଜରାଜନଗର ନଗରପାଳ ଯାଜ୍ଞସେନୀ ଓରାମଙ୍କ ବିରୁଦ୍ଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ ହୋଇଥିବା ବେଳେ ଅନ୍ୟପଟେ ମାନ୍ୟବର ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣୀ ପର୍ଯ୍ୟନ୍ତ ଏହାର ଫଳାଫଳ ସ୍ଥଗିତ ରହିଛି। ଅନାସ୍ଥା ପ୍ରସ୍ତାବ ଉପରେ ଆଜି ମତଦାନ ଥିବାରୁ ବ୍ରଜରାଜନଗର ପୌର ପରିଷଦ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ସକାଳ ପ୍ରାୟ ୧୦.୩୫ ସମୟରେ ଫିଲ୍ମି ଷ୍ଟାଇଲରେ ଧାଡ଼ି ବାନ୍ଧି ହୋଇ ଏକାଧିକ କାର ପୌର ପରିଷଦ କାର୍ଯ୍ୟାଳୟ ଗେଟ ଭିତରକୁ ପ୍ରବେଶ କରିଥିଲା। ସେଥିରୁ ୨୨ ଜଣ କାଉନସିଲର ବାହାରି ସିଧା ସଳଖ ପୌର ପରିଷଦ କାର୍ଯ୍ୟାଳୟକୁ ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ କରିବାକୁ ଯାଇଥିଲେ। ସେପଟେ ୧୭ ନମ୍ବର ୱାର୍ଡ କାଉନସିଲର ଉଷାରାଣୀ ଚାନ୍ଦ ପ୍ରାୟ ୧୧ଟା ୩୪ ସମୟରେ ଅନାସ୍ଥା ଉପରେ ମତଦାନ କରିବା ଲାଗି ଯାଇଥିଲେ। ଅନ୍ୟପଟେ ଏହି ଅନାସ୍ଥା ପ୍ରସ୍ତାବ ମତଦାନକୁ ନେଇ ସମଗ୍ର ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ରହିବା ସହିତ ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ଲାଗି ରହିଥିଲା। ଆଜିର ଏହି ଅନାସ୍ଥା ପ୍ରସ୍ତାବ ମତଦାନରେ ପିଆଇଟିଡିଏ ଅଧିକାରୀ ସଞ୍ଜୀବ କୁମାର ପଟେଲ ନିର୍ବାଚନ ଅଧିକାରୀ, ବ୍ରଜରାଜନଗର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ସହକାରୀ ନିର୍ବାଚନ ଅଧିକାରୀ ଭାବରେ ରହିଥିଲେ। ସେପଟେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଅନାସ୍ଥା ମତଦାନ ସମ୍ପର୍କିତ ସମସ୍ତ ଦସ୍ତାବିଜ ଓ ବାଲାଟ ବକ୍ସ ଝାରସୁଗୁଡ଼ା ସ୍ଥିତ ଟ୍ରେଜେରୀ କାର୍ଯ୍ୟାଳୟରେ ରଖାଯାଇଥିବା ସହକାରୀ ନିର୍ବାଚନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବ୍ରଜରାଜନଗରରେ ବିଗତ କିଛି ବର୍ଷ ମଧ୍ୟରେ ବିଜେଡ଼ି ନିଜର ସଂଗଠନକୁ ମାତ୍ରାଧିକ ମଜବୁତ କରିଥିବାରୁ ଉଭୟ ବିରୋଧୀ କଂଗ୍ରେସ ଓ ବିଜେପିର ସ୍ଥିତି ଶୋଚନୀୟ ହୋଇ ପଡ଼ିଥିଲା। ହେଲେ ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡ଼ି ଦଳରେ ଥିବା ଗୋଷ୍ଠୀ କନ୍ଦଳ ଦିନକୁ ଦିନ ଭାରି ମାତ୍ରାରେ ବୃଦ୍ଧି ପାଇଥିଲା। ଉଭୟ ଗୋଷ୍ଠୀ ପରସ୍ପର ବିରୋଧରେ ସମ୍ପୂର୍ଣ୍ଣ ଭାବେ ଅସହିଷ୍ଣୁ ହୋଇ ପଡିଥିଲେ। ଯାହାର ପ୍ରଭାବରେ ବ୍ରଜରାଜନଗର ବିଧାନସଭା ସିଟ ବିଜେଡ଼ି ହାତରୁ ଖସିଯାଇଥିଲା। ସେପଟେ ଆଜି ଅନାସ୍ଥା ପ୍ରସ୍ତାବ ମତଦାନ ଚାଲିଥିବା ବେଳେ ପୌର ପରିଷଦ କାର୍ଯ୍ୟାଳୟ ବାହାରେ ଉପସ୍ଥିତ ଅନାସ୍ଥା ସପକ୍ଷବାଦୀ ବିଜେଡ଼ି ନେତାଙ୍କ ଅନୁସାରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି କେତେକ କର୍ମୀଙ୍କ କଥାରେ ପଡ଼ି ସମ୍ପୂର୍ଣ୍ଣ ନିଷ୍ପତ୍ତି କାହାକୁ ପଚାରି ନ ବୁଝି ନେଉଥିଲେ ଓ ଅନ୍ୟମାନଙ୍କ କଥାକୁ ଗୁରୁତର ପ୍ରଦାନ କରୁନଥିଲେ। ପ୍ରାୟତଃ ଏଭଳି ଘଟଣା ଆମ ପାଇଁ ଅସହ୍ୟ ହୋଇ ପଡ଼ିଲା। ତାଙ୍କ ନେତୃତ୍ୱରେ ଦଳର ସଂଗଠନ ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଛି। ଏଭଳି ପରିସ୍ଥିତି ଲାଗି ରହିଲେ, ଦଳ ସମ୍ପୂର୍ଣ୍ଣ ଭାବେ ପତନମୁହାଁ ହେବ ବୋଲି ଅସନ୍ତୁଷ୍ଟ ନେତା କହିଛନ୍ତି। ସେହିପରି ଅନାସ୍ଥା ସପକ୍ଷରେ ଥିବା ୨୨ ଜଣ କାଉନସିଲର ଓ ତାଙ୍କ ପଛରେ ଥିବା ନେତା ମାନେ ହିଁ ଅସଲ ବିଜେଡ଼ି। ଆଗକୁ ଏମାନେ ହିଁ ବ୍ରଜରାଜନଗରରେ ଦଳକୁ ମଜବୁତ କରିବେ ବୋଲି ଅନାସ୍ଥା ସପକ୍ଷବାଦୀ ବିଜେଡ଼ି ନେତା କହିଛନ୍ତି। ଆଜିର ମତଦାନ ବେଳେ ପୌର ପରିଷଦ କାର୍ଯ୍ୟାଳୟ ବାହାରେ ଅନେକ ବିଜେପି ଓ ବିଜେଡି ନେତା ମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଅନସ୍ଥା ପ୍ରସ୍ତାବକୁ ନେଇ ଆରମ୍ଭ ହୋଇଥିବା ଚର୍ଚ୍ଚା ଆଗାମୀ ଫେବୃଆରି ୫ ତାରିଖ ପରେ ପ୍ରାୟ ସ୍ପଷ୍ଟ ହୋଇଯିବ ଓ ଆଗାମୀ ଦିନରେ ବିଜେଡ଼ି ଦଳର ପତିଆରା ବଢ଼ିବ ନା ଦଳ ବିଭାଜନ ମୁହାଁ ହେବ ତାହା ମଧ ଜଣା ପଡ଼ିଯିବ ବୋଲି ରାଜନୈତିକ ବିଶାରଦ କହିଛନ୍ତି। ସୂଚନାଯୋଗ୍ୟ ଯେ, ବ୍ରଜରାଜନଗର ପୌର ପରିଷଦର ୨୩ ଜଣ କାଉନସିଲର ମଧ୍ୟରେ ୨୦ ଜଣ ବିଜେଡି, ୨ ଜଣ ବିଜେପି ଏବଂ ଜଣେ ବିଏସପିର କାଉନସିଲର ଅଛନ୍ତି।

# ୧୮୮ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ





ଗୁଣପୁର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲ୍ଲାପାଳ ରାୟଗଡଙ୍କ ତତ୍ତ୍ୱାବଧାନରେ ଗୁଣପୁର ବ୍ଲକ ତରଫରୁ ୧୮୮ଜଣ ବରିଷ୍ଠ (୮୦ ବର୍ଷରୁ ଅଧିକ) ଓ ୮୦ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ଟଙ୍କା ପ୍ରଦାନ କରାଯାଇଥିଲା । ଗୁଣପୁର ବ୍ଲକ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ରେଗେଡା ସରପଞ୍ଚ ଜୁଗୁଲୁ ଶବର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବର୍ଦ୍ଧିତ ଭତ୍ତା ଅର୍ଥ ଆକାରରେ ପ୍ରଦାନ କରିଥିଲେ । ଗୁଣପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ର କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ । ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପାଳନ ଓ ୮୦ବର୍ଷରୁ ଅଧିକ ବୟଜ୍ୟେଷ୍ଠଙ୍କ ଓ ୮୦ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ ସହ ଆସନ୍ତା ମାସରୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ ହେବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମଟିକୁ ସାମାଜିକ ସୁରକ୍ଷା ସହାୟକ ଆଶୁତୋଷ ହୋତା ଏବଂ ଡାଟା ଏଣ୍ଟ୍ରି ପରିଚାଳନା କରିଥିଲେ ।

# ୪୫ ହିତାଧିକାରୀ ପାଇଲେ ବର୍ଦ୍ଧିତ ଭତ୍ତା



ଉମରକୋଟ(ଭାସ୍କର ନ୍ୟୁଜ): ଜନ ସେବା ଦିବସ ଅବସରରେ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ୪୫ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ୩୦ ଜଣ ହିତାଧିକାରୀ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ଓ ୧୫ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଉମରକୋଟ ବ୍ଲକ୍ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ଉପାଧ୍ୟକ୍ଷ ଶ୍ୟାମଳ ସରକାର, ଝରୀଗାଁ ବିଧାୟକ ପ୍ରତିନିଧି ସୋନା ମାଝୀ, ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ପୌର ନିର୍ବାହୀ ଅଧିକାରୀ ବନମାଳି ଶତପଥୀ, ଉମରକୋଟ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂକେତ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ମିଶ୍ର ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଝରୀଗାଁ, ଉମରକୋଟ ବ୍ଲକ, ପୌରାଞ୍ଚଳ ପକ୍ଷରୁ ମୋଟ ୪୫ ହିତାଧିକାରୀ ଙ୍କୁ ଏହି ଭତ୍ତା ବଣ୍ଟନ କରାଯାଇଥିଲା ଓ ଅନ୍ୟାନ୍ୟ ଯୋଗ୍ୟ ହିତାଧିକାରୀ ମାନେ ମଧ ବର୍ଦ୍ଧିତ ଭତ୍ତା ବିଗତ ମାସ ମାନଙ୍କରେ ଯେମିତି ଭତ୍ତା ପାଉଥିଲେ ବର୍ତ୍ତମାନ ଆଗାମୀ ଦିନ ଗୁଡ଼ିକରେ ମଧ ୩୫୦୦ ଲେଖାଏଁ ଟଙ୍କା ପାଇବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ନିର୍ବାଚନ ପୂର୍ବରୁ ଆମ ସରକାର ଭତ୍ତା ପାଇଁ ଯେଉଁ କଥା ଦେଇଥିଲେ ତାହା ଆଜି ଆମେ ପୂରଣ କରିଛୁ ବୋଲି ନିଜ ବକ୍ତବ୍ୟରେ କହିଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମ୍ଭାର୍ଡ଼ୀ, ପ୍ରଭାତ ନାୟକ, କୁରୁମା ରାଓ, ମିଲୁ ପଣ୍ଡାଙ୍କ ସହ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ। କନିଷ୍ଠ କିରାଣୀ ସ୍ୱପ୍ନା ମଲ୍ଲିକ,ପେସା ସଂଯୋଜକ ତନ୍ମୟୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତନ୍ମୟୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

# ଭାରତ ସରକାରଙ୍କ କ୍ୟାଲେଣ୍ଡରରେ ପିଏମ୍ ମୋଦିଙ୍କ ସହ ତୁଳା ମାଉସୀ





କନ୍ଧମାଳ (ଭାସ୍କର ନ୍ୟୁଜ): ଚର୍ଚ୍ଚାରେ କନ୍ଧମାଳ ଜିଲ୍ଲା ଫୁଲବାଣୀର ଦାନି ଭିକ୍ଷୁକ ତୁଳା ମାଉସୀ । ଭାରତ ସରକାରଙ୍କ କ୍ୟାଲେଣ୍ଡରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତାଙ୍କର ଫଟୋ ଚିତ୍ରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭାରି ଚର୍ଚ୍ଚା ହେଉଛି। କ୍ୟାଲେଣ୍ଡରର ପ୍ରଥମ ପୃଷ୍ଠା ଅର୍ଥାତ ଜାନୁଆରୀ ମାସ ପେଜ୍‌ରେ ତାଙ୍କର ଫଟୋ ରହିଛି । ଏହି କ୍ୟାଲେଣ୍ଡରକୁ ଗତ ୬ ତାରିଖରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଯାହାକୁ ନେଇ ଦାନି ଭିକ୍ଷୁକ ତୁଳା ମାଉସୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ତାଙ୍କୁ ଏଥିପାଇଁ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି। କ୍ୟାଲେଣ୍ଡରରେ ଫଟୋ ଆସିବା ପରେ ତୁଳା ମାଉସୀ ବହୁତ ଖୁସି ପ୍ରକାଶ କରିଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ସେ ଏବେ ମଧ ମନ୍ଦିରରେ ବସି ଭିକ୍ଷା ମାଗୁଛନ୍ତି ଓ ଫୁଲବାଣୀରେ ଏକ ଭିକାରୀ ଆଶ୍ରମ ନିର୍ମାଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସୂଚନାରୁ ପ୍ରକାଶ, ଭିକ୍ଷୁକ ତୁଳା ମାଉସୀ ଭିକ ମାଗି ଜୀବନ ବ୍ୟାପୀ ଯାହା ସଂଚୟ କରିଥିଲେ, ସେଥିରୁ ଏକ ଲକ୍ଷ ଟଙ୍କା ଫୁଲବାଣୀ ଜଗନ୍ନାଥ ମନ୍ଦିରକୁ ଦାନ କରିଥିଲେ । ତାଙ୍କର ଏହି ମହାନତାକୁ ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେବେଳେ ଫୁଲବାଣୀ ଗସ୍ତରେ ଆସିଥିଲେ, ସେହି ସମୟରେ ଭରା ସଭାରେ ତୁଳା ମାଉସୀଙ୍କୁ ମଞ୍ଚକୁ ଡାକି ମୁଣ୍ଡିଆ ମାରି ପ୍ରଣାମ କରିଥିଲେ। ଏପରିକି ତାଙ୍କୁ ସମ୍ମାନିତ କରିଥିଲେ। ସେହି ସମୟରେ ତୁଳା ମାଉସୀଙ୍କୁ ମଞ୍ଚକୁ ନେବାରେ ସହଯୋଗ କରିଥିଲେ ବିଜେପିର ବରିଷ୍ଠ ନେତା ରମେଶ ଚନ୍ଦ୍ର ମହାନ୍ତି ।

# ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ



କୋରାପୁଟ (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲାରେ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ୍କ ହିତାଧିକାରୀ ଏବଂ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ପ୍ରଥମ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଭି . କିର୍ତ୍ତିଭାସନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ଯୋଗଦାନ କରିଥିଲେ। କର୍ମଶାଳାରେ ୧୧୦ଜଣ ୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ହିତାଧିକାରୀ ଏବଂ ୬୬ଟି ୮୦ ପ୍ରତିଶତ ବା ତଦୁର୍ଦ୍ଧ ଦିବ୍ୟାଙ୍ଗଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ନିଜର ଦୈନନ୍ଦିନ ଜୀବନକୁ ସମୃଦ୍ଧି କରିବା ନିମନ୍ତେ ୧୪ଜଣ ଦିବ୍ୟାଙ୍ଗଙ୍କୁ ବେଟେରୀ ଚାଳିତ ଅଟୋ ରିକ୍ସା ପ୍ରଦାନ କରାଯାଇଥିଲା । ଏହି କର୍ମଶାଳାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହାରଜ, ବ୍ଲକ ସୁରକ୍ଷା ଅଧିକାରୀ ଆହାତ ବୈଦ ପ୍ରମୁଖ ପରିଚାଳନା କରିଥିଲେ ।

# ଝରଣଗୁଡ଼ାକୁ ମିଳିବ ବିଦ୍ୟୁତ୍ ଯୋଗାଣ ସୁବିଧା



## ସମସ୍ୟା ବୁଝିଲେ ବିଧାୟକ

ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅମଲାଭଟ୍ଟା ପଞ୍ଚାୟତର ଝରଣଗୁଡ଼ା ଗ୍ରାମବାସୀଙ୍କ ବହୁ ଦିନର ସ୍ୱପ୍ନ ପୂରଣ ହେବ ।ଗ୍ରାମ ବାସୀଙ୍କୁ ମିଳିବ ବିଦ୍ୟୁତ ସେବା ଓ ଯାତାୟାତ ପାଇଁ ରାସ୍ତା । ଏଥି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ସୂଚନା ଦେଇଛନ୍ତି। ବିଧାୟକ ଶ୍ରୀ ମାଝୀ ଝରଣଗୁଡ଼ା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଅସୁବିଧା ସମ୍ପର୍କରେ ଆଲୋଚନାକରି ତାହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଲେ ।ଝରଣଗୁଡ଼ା ଗ୍ରାମରେ ୧୫ଟି ପରିବାର ବସବାସ କରୁ ଥିବାବେଳେ ଗାଁକୁ ଯିବା ପାଇଁ ରାସ୍ତା ନଥିବାରୁ ଗ୍ରାମବାସୀ ଜମି ଦେଇ ଯାତାୟାତ କରୁଛନ୍ତି । ତେବେ ଏହି ଗାଁକୁ ରାସ୍ତା ଏବଂ ପୋଲ ନିର୍ମାଣ କରି ଯାତାୟତ ର ସୁବିଧା କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଗ୍ରାମକୁ ଯିବା ରାସ୍ତାରେ ଏକ ନାଳ ପଡୁଥିବା ବେଳେ ପୋଲ ନିର୍ମାଣ ହୋଇ ପାରିନି। ଫଳରେ ବର୍ଷାଦିନେ ଯାତାୟତ ସମୟରେ ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ବର୍ତ୍ତମାନ ମଧ ନାଳ ଉପରେ କାଠରେ ପୋଲ ନିର୍ମାଣ କରି ଗ୍ରାମବାସୀ ଯାତାୟାତ କରୁଛନ୍ତି। ତେବେ ନବରଙ୍ଗପୁର ବିଧାୟକଙ୍କ ଉଦ୍ୟମରେ ଝରଣଗୁଡ଼ା ଗାଁକୁ ବିଦ୍ୟୁତ ସଂଯୋଗୀକରଣ ହୋଇପାରିଛି। ଅଳ୍ପ ଦିନ ମଧ୍ୟରେ ଗ୍ରାମର ସମସ୍ତ ପରିବାର ବିଜୁଳି ଆଲୁଅ ପାଇବେ ବୋଲି ବିଧାୟକ ଶ୍ରୀ ମାଝୀ କହିଛନ୍ତି । ବିଧାୟକଙ୍କ ଝରଣଗୁଡ଼ା ଗସ୍ତ ସମୟରେ ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ଜିଲ୍ଲା ପ୍ରତିନିଧି ଧରଣୀଧର ସିଂ,ଜିଲ୍ଲା ପ୍ରତିନିଧି ସୂର୍ଯ୍ୟ ନାରାୟଣ ରନ୍ଧାରୀ, ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଞ୍ଚଳଗୁମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ, ପୂର୍ବତନ ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି, ଭିକି ବିଶୋୟୀ, ଲଛମନ ମାଝି, ସନାତନ ବିଶୋୟୀ, ରାଜେଶ ବାଘ, ସୁଧୀର ବିଶୋୟୀ, ଜହାନ କରିମ ପ୍ରମୁଖ ଉପସ୍ଥିତ ରହି ଥିଲେ । ବହୁଦିନପରେ ଝରଣଗୁଡା ଗ୍ରାମବାସୀଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଥିବାରୁ ଖୁସି ହେବା ସହ ଗ୍ରାମବାସୀ ବିଧାୟକ ଶ୍ରୀ ମାଝୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

# ଉପଜିଲ୍ଲାପାଳଙ୍କ ହରିଶଙ୍କର ମନ୍ଦିର ପରିସରର ସ୍ୱଚ୍ଛତା ଓ ସୁରକ୍ଷାକୁ ନେଇ କ୍ଷେତ୍ର ପରିଦର୍ଶନ



ଖପ୍ରାଖୋଲ (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ପୁଣ୍ୟକ୍ଷେତ୍ର ହରିଶଙ୍କର ମନ୍ଦିର ପରିସରର ସ୍ୱଚ୍ଛତା ଓ ସୁରକ୍ଷା ଉପରେ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲ କୁମାର ମେହେର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଗସ୍ତ ଅବସରରେ ଜିଲ୍ଲା ସଂସ୍କୃତି ଓ ପର୍ଯ୍ୟଟନ ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର ମନ୍ଦିର ପରିସର, ଝରଣା କୂଳ, ବଣଭୋଜି ସ୍ଥଳ, ଦୋକାନ ପାଖ ଅଞ୍ଚଳ ବୁଲି ଦେଖିଥିଲେ। ଅନେକ ସମୟରେ ମନ୍ଦିର ପରିସର ଓ ଝରଣା କୂଳ ମଇଳା ହୋଇ ପଡୁଥିବାରୁ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇ ଆସିଥିଲା, ସେହିପରି କିଛି ଦିନ ତଳେ ସ୍ଥାନୀୟ ଜନସାଧାରଣ ଜିଲ୍ଲାପାଳଙ୍କ ଠାରେ ଜଣାଇଥିଲେ। ସେହିପରି ସୁରକ୍ଷା ବ୍ୟବସ୍ଥା ଠିକ୍ ନଥିବାରୁ ମଦ୍ୟପ ମାନଙ୍କ ଉତ୍ପାତ ଦେଖାଯାଉଥିଲା। ଏବେ ରାଜ୍ୟ ସରକାର ହରିଶଙ୍କରରେ ସ୍ୱଚ୍ଛତା ଓ ସୁରକ୍ଷା କୁ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ଅର୍ଥ ବରାଦ କରିଥିବା ଜଣାଯାଇଛି। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଫାଣ୍ଡି ଅଧିକାରୀ ସେୱନ କେର୍କେଟା, ମନ୍ଦିର ପୂଜକ ନରସିଂହ ପୁଝାରୀ ପ୍ରମୁଖ ଉପସ୍ଥିତ ଥିଲେ। ପାନୀୟ ଜଳ ସମସ୍ୟା ନେଇ ମଧ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏବେ ଦେଖିବାକୁ ବାକି ରହିଲା କେତେଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ।।

# ସାମ୍ବାଦିକଙ୍କ ବିୟୋଗରେ ଶୋକସଭା



ଉମରକୋଟ(ଭାସ୍କର ନ୍ୟୁଜ): ସ୍ଥାନୀୟ ପେଣ୍ଡାଣୀ ମନ୍ଦିର ପରିସରରେ ଉମରକୋଟ ପ୍ରେସ କ୍ଲବ ତରଫରୁ ସାମ୍ବାଦିକ ସ୍ୱର୍ଗତ ରବିନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ପ୍ରେସ କ୍ଲବର ଉପସଭାପତି ସନ୍ତୋଷ ଶତପଥୀଙ୍କ ଅଧ୍ୟକ୍ଷତାରେ ଏହି ଶୋକସଭାରେ ସାମ୍ବାଦିକ ରବିନ୍ଦ୍ର ସ୍ୱାଇଁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଜଣେ ଯୁବ ସାମ୍ବାଦିକକୁ ହରାଇ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଦୁଃଖରେ ମର୍ମାହତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଦୁର୍ଗାପ୍ରସାଦ ମଲ୍ଲିକ, କୃଷ୍ଣ ପ୍ରସାଦ ପଟ୍ଟନାୟକ, ଗୋପାଳ ପଟ୍ଟନାୟକ, ନିରଞ୍ଜନ ବେହେରା, ଯୁଗୋଳ କିଶୋର ସାହୁ, କୁନା ସାହୁ, ବିଜୟାନନ୍ଦ ପତି, ଗିରିଧାରୀ ମାଝୀ, ଜିତୁ ମାଳିଙ୍କ ସହ ଉମରକୋଟ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କ ଖଡ଼ିଆଳ ଗସ୍ତ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାକୁ ଦିନିକିଆ ଗସ୍ତ ଅବସରରେ ଆସିଥିବା ଓଡ଼ିଶା ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଖଡ଼ିଆଳ କୌଶଲ୍ୟା ମଣ୍ଡପ ଠାରେ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାଗୁଡିକ ଉପରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଅନୁଷ୍ଠିତ ସଭାରେ ଜିଲ୍ଲା ସଭାପତି ସୁବ୍ରତ ଠାକୁର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ଜିଲ୍ଲା ଯୁବ ସଭାପତି ଅଭିନନ୍ଦନ ପଣ୍ଡା, ଦେବ ଦେବ ସିଂ ଦେଓ, ଅତିନ୍ଦ୍ର ସିଂ ମଲ୍ଲିକ, ରାତ୍ରାନନ୍ଦ୍ ମନହିରା, ଅଜିତ୍ କିଶୋର ଚଲାନ ଯୋଗ ଦେଇଥିଲେ । ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ସମସ୍ତ ବିଜେପି ମଣ୍ଡଳ ସଭାପତି ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ହଜାରେରୁ ଅଧିକ ଅଭିଯୋଗ ଗ୍ରହଣ କରିଥିବା ବେଳେ ଆଗାମୀ ଦୁଇ ମାସରେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗର ସମୀକ୍ଷା କରାଯିବ ବୋଲି ପ୍ରକାଶ କରିଥିଲେ । ପୂର୍ବତନ ବିଧାୟକ ଶ୍ରୀ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ପୁରୀ (ଭାସ୍କର ନ୍ୟୁଜ) : ଆଜିଠାରୁ ପୁନର୍ବାର ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାର୍ଯ୍ୟ । ରତ୍ନଭଣ୍ଡାର ପ୍ଲାଷ୍ଟର ଛଡ଼ା କାର୍ଯ୍ୟ ଶେଷ ହୋଇଛି । ଏବେ କାନ୍ଥର ମରାମତି ଓ ଯେଉଁ ପଥରରେ ଅଧିକ ଫାଟ ରହିଥିବ, ତାକୁ ପରିବର୍ତ୍ତନ କରାଯିବ । ଚଟାଣ ନୂତନ ଭାବେ କରାଯିବ । ଯେଉଁ ଦିନଠାରୁ କାମ ଆରମ୍ଭ ହେଲାଣି ସଠିକ ସମୟ ଦିଆଯାଇପାରିନି । ମକର ସଂକ୍ରାନ୍ତି ପାଇଁ ୧୨ ତାରିଖରୁ ୧୫ ତାରିଖ ମଧ୍ୟରେ କାମ ବନ୍ଦ ରହିଥିଲା ବୋଲି ପୁରୀ ଜିଲ୍ଲାପାଳ କହିଛନ୍ତି ।ଅନ୍ୟପଟେ ଜାନୁଆରୀ ୨୦ ତାରିଖରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡ଼ି ଦର୍ଶନ । ଧାଡ଼ି ଦର୍ଶନ ପାଇଁ ର଼୍ୟାମ୍ପ ଓ ବ୍ୟାରିକେଡ୍ ? ଲଗାଇବା ପ୍ରକ୍ରିୟା ଆରମ୍ଭ ହୋଇଛି । ଆଉ ପରୀକ୍ଷାମୂଳକ ନୁହେଁ ଏଣିକି ସିଧାସଳଖ କାର୍ଯ୍ୟକାରୀ ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।ମାର୍କେଟ ଛକ ଯାଏ ଧାଡ଼ି ହେବ । ଏହି ସମୟରେ ଶ୍ରଦ୍ଧାଳୁଙ୍କୁ ପିଇବା ପାଣି ଯୋଗାଇ ଦିଆଯିବ । ଏହାଛଡ଼ା ସେଠାରେ କୁଲର ଓ ଫ୍ୟାନ୍ ର ବ୍ୟବସ୍ଥା ବି କରାଯିବ । ଭିନ୍ନକ୍ଷମ ଓ ବୟସ୍କମାନଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ୬ ଥାକିଆ ଧାଡ଼ି ଦର୍ଶନ ମଧ୍ୟରେ ପ୍ରଥମ ଧାଡ଼ି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ, ଦ୍ୱିତୀୟ ଧାଡ଼ିରେ ମହିଳା, ପରେ ଛୋଟପିଲା ଓ ବରିଷ୍ଠ ନାଗରିକ ମାନଙ୍କ ହୋଇଛି କାଷ୍ଠ ନିର୍ମିତ ରାମ୍ପ ଓ ବ୍ୟାରିକେଡ୍ । ତେବେ ସମସ୍ତ ଭକ୍ତମାନେ ସାତପାହାଚ ଦ୍ୱାର ଦେଇ ପ୍ରବେଶ କରିବାକୁ ଥିବାବେଳେ ମହିଳା ଓ ବରିଷ୍ଠ ନାଗରିକ ମାନେ ଘଣ୍ଟିଦ୍ୱାର ପ୍ରସ୍ଥାନ କରିବେ ଏବଂ ପୁରୁଷ ଭକ୍ତମାନେ ଗାରଦଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ମନ୍ତ୍ରୀ କହିଛନ୍ତି ।

## ଏନ୍ଆଇଟି ରାଉରକେଲା ଛାତ୍ରଛାତ୍ରୀଙ୍କୁ ଆତିଥ୍ୟ ପ୍ରଦାନ କଲା ଡାଲମିଆ ସିମେଣ୍ଟ



ରାଜଗାଙ୍ଗପୁର(ଭାସ୍କର ନ୍ୟୁଜ): ଭାରତର ସିମେଣ୍ଟ କ୍ଷେତ୍ରରେ ଏକ ଅଗ୍ରଣୀ ନାମ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) ଏହାର ଓଡ଼ିଶାର ରାଜଗାଙ୍ଗପୁରସ୍ଥିତ ସର୍ବାଧୁନିକ ସମନ୍ୱିତ ସିମେଣ୍ଟ ୟୁନିଟରେ ଏକ ଶିକ୍ଷ ଶିକ୍ଷଣୀୟ ପରିଦର୍ଶନ (ଏକ୍ସପୋଜର) ଗସ୍ତରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଏନଆଇଟି) ରାଉରକେଲାର ୪୦ ଜଣ ଛାତ୍ର ଛାତ୍ରୀଙ୍କୁ ଆତିଥ୍ୟ ପ୍ରଦାନ କରିଛି । ଏହି କାର୍ଯ୍ୟକ୍ରମ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍) ସହଯୋଗିତାରେ ଆୟୋଜିତ ହୋଇଥିଲା, ଯାହା ଶିକ୍ଷାଗତ ଜ୍ଞାନକୁ ବାସ୍ତବ ଜଗତ ଶିକ୍ଷ କାର୍ଯ୍ୟାଭ୍ୟାସ ସହିତ ଯୋଡିବା ଲକ୍ଷ୍ୟ ରଖିଥିଲା, ଏବଂ ଏହି ଅବସରରେ ଛାତ୍ର ଛାତ୍ରୀଙ୍କୁ ଉନ୍ନତ ସିମେଣ୍ଟ ଉତ୍ପାଦନ କ୍ଷେତ୍ରରେ ଅନ୍ତର୍ଦୃଷ୍ଟି ପ୍ରଦାନ କରାଯାଇଥିଲା । ଆଶିଷ କୁମାର କନର, ସାଇଣ୍ଟିଷ୍ଟ-ଡି ଏବଂ ଜଏଣ୍ଟ ଡାଇରେକ୍ଟର, ବିଆଇଏସ୍‌ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ମଧ୍ୟ ବାସ୍ତବ ଜଗତ ଶିକ୍ଷ ପରିଚାଳନା କ୍ଷେତ୍ରରେ ବିଆଇଏସ୍ ମାନକଗୁଡିକର ପ୍ରୟୋଗ ସମ୍ପର୍କରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା । ପ୍ଲାଣ୍ଟ ପରିଦର୍ଶନର ଏକ ପ୍ରମୁଖ ବିଷୟ ଥିଲା ଯେ ଉକ୍ତ ପ୍ଲାଣ୍ଟ ଏପ୍ରିଲ ୨୦୨୧ରୁ ପରୀକ୍ଷଣ ହୋଇଆସୁଥିବା ଉତ୍ପାଦ ନମୁନାଗୁଡିକରେ ଶୂନ୍ୟ ବିଫଳତା ହାସଲ କ୍ଷେତ୍ରରେ ଏହାର ଉତ୍ପାଦନ ପ୍ରକ୍ରିୟାସମୂହ, ଦୀର୍ଘସ୍ଥାୟୀ ପ୍ରୟାସ ଏବଂ ସର୍ବୋଚ୍ଚ ମାନର ଷ୍ଟାଣ୍ଡାର୍ଡସ୍ ଅନୁପାଳନ ସକାଶେ ଡିସେମ୍ବର ୨୦୨୩ରେ ବିଆଇଏସ୍ ଦ୍ୱାରା ସ୍ୱୀକୃତି ଲାଭ କରିଛି । ଏହି କାରଖାନା ମଧ୍ୟ ଗତ ତିନିବର୍ଷ ମଧ୍ୟରେ ଉତ୍ପାଦର ଗୁଣବତ୍ତା ଉପରେ କୌଣସି ଅଭିଯୋଗ ପାଇନଥିବାର ଅନନ୍ୟ ରେକର୍ଡ ବଜାୟ ରଖିଛି ଏବଂ ଏହା ଡାଲମିଆ ସିମେଣ୍ଟର ପରିବର୍ତ୍ତିତ ଷ୍ଟାଣ୍ଡାର୍ଡ ଏବଂ ବଜାର ଆବଶ୍ୟକତା ପୂରଣ ନିମନ୍ତେ ବିଆଇଏସ୍ ସହିତ ଘନିଷ୍ଠ ସହଯୋଗୀତାକୁ ପ୍ରତିଫଳିତ କରୁଛି । ଏହି ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରି ଚେତନ ଶ୍ରୀବାସ୍ତବ, ଏକ୍ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ୍ ରାଜଗାଙ୍ଗପୁର କହିଥିଲେ, ନ୍ତଡାଲମିଆ ଭାରତରେ ଆମେ ଅର୍ଥପୂର୍ଣ୍ଣ ସହଯୋଗୀତାରେ ବିଶ୍ୱାସ କରୁଛୁ ଯାହା ପରବର୍ତ୍ତୀ ପିଢିର ବୃତ୍ତିଧାରୀଙ୍କୁ ବାସ୍ତବ ଜଗତର ଏକ୍ସପୋଜର ପ୍ରଦାନ ସହିତ ସଶକ୍ତ କରୁଛି । ଏହି ପରିଦର୍ଶନ କାର୍ଯ୍ୟକ୍ରମ ପରିଚାଳନାଗତ ଉତ୍କର୍ଷ ଏବଂ ଦୀର୍ଘସ୍ଥାୟିତା ଦିଗରେ ଆମ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି, ଯାହା ନବସୃଜନ ଏବଂ ଦାୟିତ୍ୱସମ୍ପନ୍ନ କାର୍ଯ୍ୟ କିଭଳି ଶିକ୍ଷ ଅଭିବୃଦ୍ଧିକୁ ଆଗେଇ ନେଇପାରିବ ତାହା ପ୍ରଦର୍ଶିତ କରୁଛି । ଆମେ ଯୁବ ମାନସିକତାଗୁଡିକୁ ପ୍ରେରଣା ଯୋଗାଇଦେବା ଏବଂ ଏକ ସବୁଜ ଏବଂ ଅଧିକ ଦୀର୍ଘସ୍ଥାୟୀ ଭବିଷ୍ୟତ ନିର୍ମାଣ ନିମନ୍ତେ ବିଆଇଏସ୍ ସହିତ ସହଭାଗୀତା କରି ଗର୍ବ ଅନୁଭବ କରୁଛୁ । ଡାଲମିଆ ସିମେଣ୍ଟର ରାଜଗାଙ୍ଗପୁର କାରଖାନା ଦୀର୍ଘସ୍ଥାୟିତା ଏବଂ ନବୋନ୍ମେଷୀ କାର୍ଯ୍ୟାଭ୍ୟାସର ଏକ ମଡେଲ ହୋଇଛି । ଏଥିରେ ବିଶ୍ୱର ସର୍ବବୃହତ କାଲସିନର, ଉନ୍ନତ ଡଷ୍ଟ ସପ୍ରେସନ ସିଷ୍ଟମସ୍ ଏବଂ ସୌରଶକ୍ତି ଉତ୍ପାଦନ ଭଳି ସର୍ବାଧୁନିକ ପ୍ରଯୁକ୍ତି ସନ୍ନିବେଶିତ ହୋଇଛି, ଯେଉଁଗୁଡିକ ପରିବେଶଗତ ପ୍ରଭାବ ହ୍ରାସ କରିବା ଲକ୍ଷ୍ୟରେ କରାଯାଇଛି । ଏହାର ପରିଚାଳନାଗତ ଉତ୍କର୍ଷ ଊର୍ଦ୍ଧ୍ୱରେ ଏହି କାରଖାନା ମଧ୍ୟ ଏହି ଅଞ୍ଚଳରେ ଗୋଷ୍ଠୀ ବିକାଶ ପ୍ରୟାସରେ ଗଭୀର ଭାବରେ ନିୟୋଜିତ ରହିଛି, ଯାହା କୌଶଳ ବିକାଶ, ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମ ଏବଂ ବିଭିନ୍ନ କଲ୍ୟାଣକାରୀ ପ୍ରକଳ୍ପଗୁଡିକୁ ସମର୍ଥନ କରିଆସୁଛି, ଯାହା ସାମଗ୍ରିକ ଅଭିବୃଦ୍ଧି ନିମନ୍ତେ ଡାଲମିଆ ଭାରତର ଲକ୍ଷ୍ୟକୁ ଆଗେଇ ନେଉଛି । ଏହି କାରଖାନା ୨୦୪୦ ସୁଦ୍ଧା କାର୍ବନ ନେଗେଟିଭ ହେବା ନିମନ୍ତେ ଡାଲମିଆ ଭାରତର ଲକ୍ଷ୍ୟରେ କେନ୍ଦ୍ରସ୍ଥାନ ନେଉଛି ।

## ଶ୍ରୀମନ୍ଦିର ପ୍ରଶାସନକୁ ଅଧିକ କ୍ରିୟାଶୀଳ ତଥା ଉତ୍ତରଦାୟୀ କରାଯିବ: ମୁଖ୍ୟ ପ୍ରଶାସକ

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟ ସମୀକ୍ଷା ଅବସରରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ୫ ସୂତ୍ରୀ କାର୍ଯ୍ୟାବଳୀ ଅନୁପାଳନ ସକାଶେ ପରାମର୍ଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ । ଡ୍ୟୁଟି ସମୟରେ ଶ୍ରୀମନ୍ଦିର ପ୍ରଶାସନରେ କୌଣସି ଅଧିକାରୀ ତଥା କର୍ମଚାରୀ ପାନ ,ଗୁଟଖା କିମ୍ବା କୌଣସି ମାଦକ ଦ୍ରବ୍ୟ ସେବନ କରିବେ ନାହିଁ । ପ୍ରତ୍ୟେକ ମାସ ତୃତୀୟ ଶୁକ୍ରବାରରେ ବରିଷ୍ଠ ଅଧିକାରୀଙ୍କ ସ୍ତରରେ କାର୍ଯ୍ୟ ସମୀକ୍ଷା କରାଯିବ । ସମସ୍ତ ଅଧିକାରୀ ତଥା କର୍ମଚାରୀମାନେ ଜାନୁଆରୀ ୩୧ ତାରିଖ ସୁଦ୍ଧା ୨୦୨୪ବର୍ଷ ପାଇଁ ବାଧ୍ୟତାମୂଳକ ଭାବେ ନିଜ ସମ୍ପତ୍ତି ତାଲିକା ଦାଖଲ କରିବେ । ଏହା ଦାଖଲ ନକଲେ କୌଣସି ଇନକ୍ରିମେଣ୍ଟ , ପଦୋନ୍ନତି, ପୁରସ୍କାର କିମ୍ବା କୌଣସି ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ନାହିଁ ।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ନୋଟିସ୍**

କ୍ରମିକ ନଂ(୧)ଇ-ଟେଣ୍ଡର ନଂ-ସିନିୟର ଡିଇଇ-ଜି-ଆର-ଓଟିପି-୨୪-୨୫-୨୬ ତାରିଖ: ୧୩.୦୧.୨୦୨୫

**କାର୍ଯ୍ୟ:** ଇଲେକ୍ଟ୍ରିକାଲ(ଜି) କାର୍ଯ୍ୟ ପାଇଁ (୧) ବିଏମ୍‌ଓ୍ୱାଇର ରିସିପସନ ୟାର୍ଡରେ ଯିବା ଆସିବା ରାସ୍ତା ଏବଂ ଆଲୋକୀକରଣର ବିକାଶ ପାଇଁ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ୩୩,୭୭,୯୭୨.୦୦/- ଅମାନତ ଜମା: ଟ. ୬୭,୬୦୦.୦୦/-, ଟେଣ୍ଡର ଦାଖଲ: ୧୭.୦୨.୨୦୨୫ ପୂର୍ବାହ୍ନ ୧୧.୩୦ ପର୍ଯ୍ୟନ୍ତ ।

ଅଧିକ ବିବରଣୀ, ଟେଣ୍ଡର ପେପର କ୍ରୟ, କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟର ସଂପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଇଇ/ଜି/ଆର୍ କିମ୍ବା ଡବ୍ଲୁଡବ୍ଲୁଡବ୍ଲୁ www.ireps.gov.in ରେ ଡାଉନଲୋଡ୍ କରି ଜାଣିପାରିବେ । ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଯଦି ବି ଆସେ ତେବେ ଏହାକୁ ଅଗ୍ରାହ୍ୟ କରି ଦିଆଯିବ ।

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଆରଏସ୍ ଆଣ୍ଡ ଜି
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁର

PR/R/Sr. DEE(G)/AN/212

South East Central Railway @secrail



**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ମୁଖ୍ୟଯନ୍ତ୍ରୀ (ନିର୍ମାଣ)/ଏସ୍/ଜିଆରସି,ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍-୭୦୦୦୪୩, ନିମ୍ନଲିଖିତ କାର୍ଯ୍ୟପାଇଁ ଟେଣ୍ଡର ଆହ୍ୱାନ କରୁଛନ୍ତି: ଇ-ଟେଣ୍ଡର ନୋଟିସ ନଂ ୪୫୪୮-ଜିଆରସି-ସିଇ-ସି-ଏସଓ-୦୧-୨୦୨୫ । କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ: ଖଡ଼ଗପୁର ଓ୍ୱାର୍କସପରେ କାର୍ଯ୍ୟ ହ୍ରାସ ପାଇଁ ଓ୍ୱାଗନ ପିଓଏଚ୍‌ର ଭିତ୍ତିଭୂମି ଏବଂ ଇଲେକ୍ଟ୍ରିକ୍ ଲୋକୋମୋଟିଭ ପିଓଏଚ୍‌ର ଭିତ୍ତିଭୂମି ନିର୍ମାଣ । ମୋଟ ମୂଲ୍ୟ: ଟ.୨୧.୧୬ କୋଟି, ଅମାନତ ଜମା: ଟ.୧୨,୦୭,୯୦୦/-। କାର୍ଯ୍ୟଶେଷ ଅବଧି: ୧୨ମାସ । ବନ୍ଦ ତାରିଖ: ୦୭.୦୨.୨୦୨୫ । ଆଗ୍ରହୀ ଟେଣ୍ଡରରମାନେ ସଂପୂର୍ଣ୍ଣ ବିବରଣୀ ପାଇଁ www.ireps.gov.in ଦେଖିପାରିବେ ଏବଂ ଅନଲାଇନରେ ଟେଣ୍ଡର ଦାଖଲ କରିପାରିବେ । ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।
ବିଶେଷ ଦ୍ରଷ୍ଟବ୍ୟ: ଆଗ୍ରହୀ ଠିକାଦାରମାନେ ନିୟମିତ www.ireps.gov.in ପରିଦର୍ଶନ କରି ଅନ୍ୟ ଟେଣ୍ଡରରେ ଭାଗ ନେଇପାରିବେ ।

(PR-1020)



**AFFIDAVIT**

By virtue of an affidavit before Executive Magistrate, Bhubaneswar, SlNo.116, dated: 13.01.2025, I Purnima Dash, W/o- Trilochan Sahoo, resident of Plot No.3410, Lane-3, jaydev Vihar, Nayapalli, Bhubaneswar-751012, Dist.- Khurdha, declares that I have changed my minor daughter's name from Roshnee Sahoo to Roshnee Rojalin. Henceforth She shall be known as Roshnee Rojalin for all purposes.
Sd/- Purnima Dash.



**झारखण्ड सरकार**
**जिला शिक्षा अधीक्षक कार्यालय, धनबाद**
**(समाहरणालय भवन,सुसनीलेवा,भेलाटाँड़,तृतीय-तल)**
**Email :- dse.dhanbad1@gmail.com**

**Corrigendum** Date: 13/01/2025

Reference to Tender Notice: PR 344212, RFP No. 06 (Memo no-87) issued on date:11/01/2025, can be downloaded from the website (https://dhanbad.nic.in).
The following additional clause is hereby amended under section "Commercial terms & Conditions" & sub-sections "1.1 Rate":
"The finalized rate by tender committee will be valid for the next two years from the date of issue of work order"

Sd/-
District Superintendent of Education, Dhanbad

PR 344405 School Education and Literacy(24-25).D



AU SMALL FINANCE BANK

**Registered Office:** 19-A Dhuleshwar Garden, Jaipur, Rajasthan, India, 302001.
www.aubank.in

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **22 JAN 2025 between 11:00 AM – 3:00 PM (Time)** at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 24660000637639 24660000640413 24660000681584 24660000794272 24660001487233 24660002008199 24660002052104 24660002068144 | **BHUBANESWAR** - 24660001060626 24660001416228 | **CUTTACK** - 24660000875850 24660000896040 24660000978056 24660001048430 24660002002330 | **CUTTACK -LINK ROAD** - 24660000704424 24660000841144 24660000893015 24660001243153 | **HINJILICUT** - 24660000698173 24660000764309 24660000766465 24660000789952 24660000920916 24660000950649 24660001382710 24660002084654 | **JAJPUR** - 24660000525950 24660000806112 | **KUAKHIA** - 24660000081344 24660000736153 24660001569409 24660001900407 24660002011013 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
Manager
AU Small Finance Bank Limited


## ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ମ୍ୟାନେଜମେଣ୍ଟକୁ ନ୍ୟାକ୍ "ବି++" ମାନ୍ୟତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ (ଆରସିଇଏମ୍)ରେ ଗତ ୩ ଓ ୪ ତାରିଖ ଦୁଇଦିନ ଧରି ନ୍ୟାକ୍ ପିୟର ଟିମ୍ କ୍ୟାମ୍ପସ୍ ପରିଦର୍ଶନ କରିଥିଲେ । ମହାବିଦ୍ୟାଳୟର ପରିଚାଳନା ବ୍ୟବସ୍ଥା, ଶିକ୍ଷାବ୍ୟବସ୍ଥା ଓ ପାରିପାର୍ଶ୍ୱିକ ବ୍ୟବସ୍ଥା ଉପରେ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ । ଇତ୍ୟବସରରେ ନ୍ୟାକ୍ ସଂସ୍ଥା ମହାବିଦ୍ୟାଳୟକୁ 'ବି++' ମାନ୍ୟତା ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ତପନ କୁମାର ଲେଙ୍କା, ନାକ୍ ସଂଯୋଜକ ବିଭୁ ପ୍ରସାଦ ମିଶ୍ର, ଆଇ. କ୍ୟୁ. ଏ. ସି. ସଂଯୋଜକ ଡଃ ଅମ୍ରିତା ରାଉତ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ନିର୍ମଳ ଚନ୍ଦ୍ର କର, ପ୍ରଫେସର ଶକ୍ତି ରଞ୍ଜନ ମହାପାତ୍ର, ଅଧ୍ୟାପକ, ଅଧ୍ୟାପିକା ତଥା ଡଃ ପ୍ରଜ୍ଞା ପରମିତା, ସସ୍ମିତା ସାହୁ, ଶିତିକଣ୍ଠ ପରିଡ଼ା,ଓମ୍ କାର୍ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ସହଯୋଗୀ କର୍ମଚାରୀ ତଥା ଅରୁଣ କୁମାର ସାମଲ, ରଶ୍ମି ବେହେରା, ଭୂପତି ବରାଳ ଓ ଭଗବାନ୍ ପଣ୍ଡା ପ୍ରତ୍ୟକ୍ଷ ସହଯୋଗ କରିଥିଲେ । ପରିଶେଷରେ ଅନୁଷ୍ଠାନର ଡିନ୍ ଡଃ. ମାନସ ରଞ୍ଜନ ମଲ୍ଲିକ ସାଧୁବାଦ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ସୁରେଶ କୁମାର ସାମଲ କୃତଜ୍ଞତା ଜଣାଇଥିଲେ ।

## ଇସ୍ରୋର ସ୍ପେଡେକ୍ସ ମିଶନ ସଫଳ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ(ଇସ୍ରୋ)ର ସ୍ପେଶ୍ ଡକିଂ ଏକ୍ସପେରିମେଣ୍ଟ (ସ୍ପେଡେକ୍ସ) ମିଶନ ସଫଳ ହୋଇଛି । ମହାକାଶରେ ଭାରତ ପ୍ରଥମ ଥର ଲାଗି ଦୁଇଟି ସାଟେଲାଇଟ ବା ଉପଗ୍ରହକୁ ଡକିଂ କରାଇବାରେ ସଫଳତା ହାସଲ କରିଛି । ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରୋକୁ ଶୁଭେଚ୍ଛା ଜଣାଇଛନ୍ତି । ଇସ୍ରୋ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଲେଖିଛି ଯେ, ଇସ୍ରୋ ଏହାର ସ୍ପେଡେକ୍ସ ମିଶନ ଜରିଆରେ ମହାକାଶରେ ଦୁଇଟି ଉପଗ୍ରହର ଡକିଂ କରାଇ ଐତିହାସିକ ସଫଳତା ହାସଲ କରିଛି । ଏହି ମୁହୂର୍ତ୍ତକୁ ନେଇ ଗର୍ବ ଅନୁଭବ ହେଉଛି । ଗତ ଜାନୁୟାରୀ ୧୨ରେ ଇସ୍ରୋ ଦୁଇଟି ମହାକାଶ ଯାନକୁ ମହାକାଶରେ ୩ ମିଟର ଦୂରତା ମଧ୍ୟରେ ରଖିବାରେ ସମର୍ଥ ହୋଇଥିଲା । ଏହା ପରେ ଦୁଇଟି ଉପଗ୍ରହକୁ ଡକ୍ କରିବା ଲାଗି ନିଜର ପରୀକ୍ଷଣ ଆରମ୍ଭ କରିଥିଲା ଏବଂ ମହାକାଶ ଯାନ ଦୁଇଟିକୁ ସୁରକ୍ଷିତ ଦୂରତାକୁ ଫେରାଇ ନେଇଥିଲା । ଗତ ଡିସେମ୍ବର ୩୦ରେ ସ୍ପେଡେକ୍ସ ମିଶନର ଶୁଭାରମ୍ଭ ହୋଇଥିଲା । ସ୍ପେଡେକ୍ସ ମିଶନର ଚେଜର ସାଟେଲାଇଟ (ଏସ୍‌ଡିଏକ୍ସ୦୧)ରେ ୪.୫ କିଲୋଗ୍ରାମର ପୋପେଲାଣ୍ଟ ବା ଇନ୍ଧନ ରହିଛି । ଏହି ଇନ୍ଧନ ଜରିଆରେ ଦୁଇଥର ଡକିଂ ଏବଂ ଅନଡକିଂ କରାଯାଇପାରିବ । ତେବେ ବର୍ତ୍ତମାନ ଅପରେସନାଲ ୱିଣ୍ଡୋ ଜାନୁୟାରୀ ୨୦ରେ ବନ୍ଦ ହୋଇଯିବ । ଏହା ପରେ ଆଗାମୀ ଉପଯୁକ୍ତ ଡକିଂ ୱିଣ୍ଡୋ ମାର୍ଚ୍ଚ ୨୫ରେ ଖୋଲିବ, ଯାହାକୁ ଆହୁରି ୬୫ ଦିନ ବାକି ରହିଛି । ସ୍ପେଡେକ୍ସ ମିଶନ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାଦ୍ୱାରା ଭାରତ ମହାକାଶରେ ଉପଗ୍ରହମାନଙ୍କର ନିର୍ଦ୍ଦିଷ୍ଟ ମିଳନସ୍ଥାନ ଏବଂ ଡକିଂ ପାଇଁ ଦରକାର ପଡୁଥିବା ବୈଷୟିକ ଜ୍ଞାନକୌଶଳକୁ ବିକଶିତ କରିପାରିବ । ଏହି ଜ୍ଞାନକୌଶଳ ଆଗାମୀ ଭବିଷ୍ୟତରେ ହେବାକୁ ଥିବା ମହାକାଶ ଅଭିଯାନ ଯେପରିକି ଚନ୍ଦ୍ରଯାନ ଏବଂ ଅନ୍ୟାନ୍ୟ ଅଭିଯାନଗୁଡ଼ିକ ଲାଗି ନିତାନ୍ତ ଆବଶ୍ୟକ । ଏହି ମିଶନର ସଫଳତା ପରେ ଭାରତ ଏ କ୍ଷେତ୍ରରେ ଆମେରିକା, ରୁଷ ଏବଂ ଚୀନ ସମକକ୍ଷ ହୋଇପାରିଛି । ସ୍ପେଡେକ୍ସ ମିଶନ ସଫଳ ହେବା ପରେ ଭାରତ ୨୦୨୮ ସୁଦ୍ଧା ଚନ୍ଦ୍ରର ଦକ୍ଷିଣ ମେରୁରୁ ନମୁନା ସଂଗ୍ରହ କରି ଫେରିବା ମିଶନ ସମ୍ପନ୍ନ କରିବ । ଏହା ସହିତ ୨୦୪୦ ସୁଦ୍ଧା ଚନ୍ଦ୍ରର କକ୍ଷପଥରେ କୁ ସ୍ପେଶ ଷ୍ଟେସନ ସ୍ଥାପନ କରିବାକୁ ଭାରତ ଲକ୍ଷ୍ୟ ରଖିଛି ।


**AFFIDAVIT**

By virtue of an affidavit sworn before the Executive magistrate Tentulikhunti Dtd : 05/09.2024 I Susila bhatra 27 yrs. W/o Hemanta majhi At/ Umuri po-Anchalguma PS-tentulikhunti Dist-nabarangpur , declare that I have changed my sarname from Susila majhi to Susila bhatra, Susila bhatra and Susila majhi being one and same person .this affidavit is required to be produce before the concerned bank Authorty for necessary action .


## ପ୍ରଥମ ଥର ପାଇଁ ଅୟୋଜିତ ହେଲା ବିଜନେସ୍ ମନ୍ତ୍ର




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ପୁରୀରେ କ୍ଷୁଦ୍ର ବ୍ୟବସାୟୀ ମାନଙ୍କ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଥମ ଥର ପାଇଁ ପୁରୀର ଟାଉନ୍ ହଲ୍ ଠାରେ ଆୟୋଜିତ ହୋଇଛି 'ବିଜନେସ୍ ମନ୍ତ୍ର' । ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ମାନଙ୍କୁ ବ୍ୟବସାୟ କ୍ଷେତ୍ରରେ ସଫଳତା ର ମନ୍ତ୍ର ଦେବା ପାଇଁ ଶ୍ରୀକ୍ଷେତ୍ରରେ ନୂଆ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଆଗେଇ ଆସିଛନ୍ତି ଶ୍ରୀକ୍ଷେତ୍ର ର ସୁନା ଝିଅ ତଥା ମେକଅପ୍ ଏବଂ ବିୟୁଟି ପ୍ରଶିକ୍ଷିକା ମାମୁନ୍ ଦାଶ । ପୁରୀ ରେ କ୍ଷୁଦ୍ର ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମାମୁନ ଦାଶ ଙ୍କ ସହିତ ସହିତ ରାଜ୍ୟର ଅନେକ ଅଭିଜ୍ଞ ସଫଳ ଉଦ୍ୟୋଗୀ, କର୍ପୋରେଟ ରାଜନୀତିଜ୍ଞ, ପ୍ରଶିକ୍ଷକ ଓ ବ୍ୟବସାୟିକ ନେତୃତ୍ୱ ନେଉଥିବା ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ବିଜନେସ୍ କୋଚ୍ ଶ୍ରୀଯୁକ୍ତ ଅମିତ ସରାଫ, ମାର୍କେଟିଂ ଏକ୍ସପର୍ଟ ପୂଜାରିଣୀ ବେହୁରିଆ, ବିଜନେସ୍ ପ୍ରଶିକ୍ଷକ ତଥା କର୍ପୋରେଟ ରଣନୀତିକାର ଡାଃ ଆଦର୍ଶ ରଥ । । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀ ଓ ସେମାନଙ୍କ କର୍ମଚାରୀ ମାନେ ଯୋଗ ଦେଇଥିଲେ ।


Government of Odisha "e" Procurement Notice
Bid Identification No.43/2024-25 C-1481

| | | | |
|---|---|---|---|
| 1. | Name of the work | : | 01 No. of work |
| 2. | Estimated cost | : | ₹ 12.18 lakhs. |
| 3. | Period of completion | : | One Month. |
| 4. | Date & Time of availability of bid document in the portal | : | From 11.00 AM. of 20.01.2025 to 5.00 PM of 29.01.2025. |
| 5. | Last date / time for receipt of bids in the portal | : | 5.00 PM of 29.01.2025. |
| 6. | Name and address of the Officer inviting Bid | : | Additional Chief Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd/- Additional Chief Engineer, P.H. Division, Bhubaneswar

OIPR 13205/11/0025/2425



कार्यपालक अभियंता का कार्यालय
ग्रामीण विकास विशेष प्रमंडल, खूँटी

अति अल्पकालीन ई–पुनर्निविदा आमंत्रण सूचना संख्या–RDD/SD/KHUNTI/02/2024-25
(3rd Call)
PR. No.- 336418 (Rural Development)22-23(D)

1. कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | खूँटी जिला के कर्रा प्रखण्ड अन्तर्गत छोटा चलडान्डु से बड़ा चलडान्डु के बीच तजना नदी पर पुल निर्माण। | 3,08,57,100/– | 6,18,000/– | 10,000/– | 18 माह |
| 2 | खूँटी जिला के कर्रा प्रखण्ड अन्तर्गत पंचायत हाकाजोंग में सवड़ा से आटा जाने वाले पथ में कारो नदी पर पुल निर्माण। | 3,23,43,600/– | 6,47,000/– | 10,000/– | 18 माह |

2. वेबसाइट में निविदा प्रकाशन की तिथि – 17.01.2025
3. ई–निविदा प्राप्ति की तिथि एवं समय–दिनांक 18.01.2025 से दिनांक 25.01.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, खूँटी
5. ई–निविदा खोलने की तिथि एवं समय –27.01.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, खूँटी
7. ई–निविदा प्रकोष्ठ का दूरभाष सं० – 6201188328 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
विस्तृत जानकारी के लिये वेबसाइट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, खूँटी।

PR.NO.344379 Rural Development(24-25):D


## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଓଡ଼ିଶା...

ଅପରାହ୍ନ ୨ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ଅପରାହ୍ନ ୪ଟାରେ ବିଶ୍ୱ ଦକ୍ଷତା ବିକାଶକେନ୍ଦ୍ରରେ ରାଜ୍ୟ ସରକାରଙ୍କ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବାର କାର୍ଯ୍ୟକ୍ରମ ରହିଛି । ତାହା ସହ ଓ୍ୱାର୍ଲ୍ଡ ସ୍କିଲ ସେଣ୍ଟର ମଧ୍ୟ ବୁଲି ଦେଖିବେ । ସେହିପରି ୧୮ ତାରିଖରେ ରଘୁରାଜପୁର ଯାଇ ହେରିଟେଜ୍ ବୁଲି ଦେଖିବେ ଓ ପରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବେ । ଅପରାହ୍ନରେ ଭୁବନେଶ୍ୱରର ଅନ୍ଧାରୁଆରେ ଥିବା ଭାରତ ବାୟୋଟେକ୍‌ର ଟିକା ପ୍ରସ୍ତୁତି କେନ୍ଦ୍ର ବୁଲି ଅଧିକାରୀମାନଙ୍କ ସହ ଆଲୋଚନା କରିବେ । ରତ୍ନମଙ୍କ ଏହି ଗସ୍ତ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା କରାଯାଇଛି ।

### ୮ମ ବେତନ...

କେନ୍ଦ୍ର ସରକାର ୧ ଜାନୁଆରୀ ୨୦୨୬ରୁ ଅଷ୍ଟମ ବେତନ କମିଶନ ଲାଗୁ କରିଦେବେ । ଏହାଦ୍ୱାରା ସର୍ବନିମ୍ନ ବେତନ ଓ ପେନସନରେ ବଡ଼ଧରଣର ପରିବର୍ତ୍ତନ ଆସିବାର ଆଶା କରାଯାଉଛି । ସୂଚନାଯୋଗ୍ୟ ଯେ ବେତନ କମିଶନ ପ୍ରତି ୧୦ବର୍ଷରେ ବଦଳିଥାଏ । ସପ୍ତମ ବେତନ କମିଶନ ପୂର୍ବରୁ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ବେତନ କମିଶନର କାର୍ଯ୍ୟକାଳ ସମାନ ରୂପରେ ୧୦ବର୍ଷ ରହିଥିଲା । ଅଷ୍ଟମ ବେତନ କମିଶନ ଲାଗୁ ହେବାପରେ କେନ୍ଦ୍ର କର୍ମଚାରୀଙ୍କ ଦରମାରେ ବମ୍ପର ବୃଦ୍ଧି ଘଟିବ । ରିପୋର୍ଟ ଅନୁସାନରେ ଫିଟ୍‌ମେଣ୍ଟ ଫାକ୍ଟର ଅତି କମ୍‌ରେ ୨.୮୬ ଧାର୍ଯ୍ୟ କରାଯାଇପାରେ । ଯଦି ଏଭଳି ହୁଏ ତେବେ କର୍ମଚାରୀଙ୍କ ସର୍ବନିମ୍ନ ବେସିକ ଦରମା ସେହି ହିସାବରେ ବୃଦ୍ଧି ଦେଖିବାକୁ ମିଳିବ ।

### ପଦ୍ମ ବିଜେତାଙ୍କୁ...

ମିଳିବ । ଡିବିଟି ଜରିଆରେ ଜାନୁଆରୀ ମାସରୁ ଏହା ପ୍ରଦାନ କରାଯିବ । ଜୀବିତ ପଦ୍ମ ପୁରସ୍କାର ବିଜେତାଙ୍କ ସବିଶେଷ ତଥ୍ୟ ଦେବାପାଇଁ ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟକୁ ପଠାଇବା ପାଇଁ କୁହାଯାଇଛି । ଭାରତ ରତ୍ନ ପରେ ପଦ୍ମ ପୁରସ୍କାର ହେଉଛି ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର । ୧୯୫୪ ମସିହାରେ କେନ୍ଦ୍ର ସରକାର ପଦ୍ମ ସମ୍ମାନ ପ୍ରଚଳନ କରିଥିଲେ । କଳା, ବିଜ୍ଞାନ, ଶିକ୍ଷା, କ୍ରୀଡ଼ା, ସାମାଜିକ କାର୍ଯ୍ୟ, ଜନସେବା, ଔଷଧ, ସାହିତ୍ୟ ଆଦି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ରାଜ୍ୟ ସରକାର ଏହି ପୁରସ୍କାର ପାଇଁ ରାଜକୋଷରୁ ବର୍ଷକୁ ୨ କୋଟି ଟଙ୍କା ବ୍ୟୟ କରିବେ । ବର୍ତ୍ତମାନ ରାଜ୍ୟରେ ୫୫ଜଣ ଜୀବିତ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତି ରହିଛନ୍ତି । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ରାଜ୍ୟର ସମସ୍ତ ପଦ୍ମ ବିଜେତାଙ୍କୁ ସମ୍ମାନସୂଚକ ସହାୟତା ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ ।


**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ସୌଧ ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଦୂରଭାଷ- (0674) 2392801,2390998, ଫ୍ୟାକ୍ସ- (0674)2390633

**ସର୍ବସାଧାରଣ ନୋଟିସ୍**

(ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୩ର ନିୟମ ୨୯ ମୁତାବକ)
ପତ୍ର ସଂଖ୍ୟା ୯୬୧/ ଭୁ.ଉ.କ.ଭୁବନେଶ୍ୱର ତା. ୧୦.୦୧.୨୦୨୫
BDA/Planning(General Branch)/TPS-08/2023/45

ମୌଜା- ଅନ୍ଧାରୁଆ, ଦାସପୁର

**ବିଷୟ** : ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା ୦୮/୨୦୨୪ (ଆଂଶିକରୂପେ ଗ୍ରାମ ସମୂହ : ଅନ୍ଧାରୁଆ, ଦାସପୁର )ର ଜମି ମାଲିକ ,ଜମିରେ ସ୍ୱାର୍ଥ ସଂଲଗ୍ନ ବ୍ୟକ୍ତିମାନଙ୍କ ସହ ପରାମର୍ଶକାରୀ ସଭା ।

ସଭାସ୍ଥଳ: **ଉତ୍କର୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସାପ୍ତାରେ ଥିବା ଖେଳପଡିଆ**
**ମୌଜା :ଅନ୍ଧାରୁଆ ତାରିଖ ୨୧.୦୧.୨୦୨୫ ସମୟ ୧ ୧.00AM**

ମହାଶୟା/ ମହାଶୟ,

ଏତଦ୍ୱାର ମୌଜା- ଅନ୍ଧାରୁଆ, ଦାସପୁର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ ୧୯୮୨ ତଥା ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ ଅନ୍ତର୍ଗତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଷୟ ବସ୍ତୁରେ ବର୍ଣ୍ଣିତ ଶୀର୍ଷକ ଅନୁଯାୟୀ ଉପର ବର୍ଣ୍ଣିତ ଗ୍ରାମମାନଙ୍କରେ ସହରଯୋଜନା ପରିକଳ୍ପନାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଉପଲବ୍ଧ ରେକର୍ଡ/ଦସ୍ତାବିଜ ଅନୁସାରେ ଆପଣଙ୍କ ମାଲିକାନାର ଥିବା ଜମି ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା:୦୮/୨୦୨୪ (ଆଂଶିକ ରୂପେ ଗ୍ରାମ ସମୂହ ଅନ୍ଧାରୁଆ,ଦାସପୁର)ରେ ଅନ୍ତର୍ଭୁକ୍ତ ହୋଇଛି । ଆଇନଗତ ବ୍ୟବସ୍ଥାର ଅନୁପାଳନକରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ ର ନିୟମ ୨୮ (୧) ଅନୁଯାୟୀ ଫର୍ମ- III ଓ ନିୟମ ୨୮ (୩) ମୁତାବକ ଫର୍ମ ନମ୍ବର –IV ପ୍ରସ୍ତୁତ କରି ଓଡ଼ିଶା ରାଜପତ୍ର ସଂଖ୍ୟା ୨୯୪ ତା ୦୯.୦୨.୨୦୨୪ ରେ ଓଡ଼ିଶା ରାଜପତ୍ରରେ ପ୍ରକାଶ କରିଛନ୍ତି ଏବଂ ବହୁଳ ପ୍ରଚାର ପାଇଁ ଦୈନିକ ସମ୍ବାଦ ପତ୍ରମାନଙ୍କରେ ଉକ୍ତ ରାଜପତ୍ରକୁ ପ୍ରକାଶକରି ଭୂମିମାଲିକ , ସତ୍ୱାଧିକାରୀ ଓ ଜମିରେ ସ୍ୱାର୍ଥ ନିହିତ ବ୍ୟକ୍ତିବିଶେଷଙ୍କ ଠାରୁ ସମସ୍ତ ସୂଚନା ଆହ୍ୱାନକରି ସଂଲଗ୍ନ ଫର୍ମ ନମ୍ବର –IV ରେ ପୂରଣ କରି ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷକୁ ପ୍ରଦାନକରିବାକୁ ପରାମର୍ଶ ଦିଆଯାଇଥିଲା ।

ଉକ୍ତ ସଭାରେ ଯୋଗଦେଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସହର ଯୋଜନା ପରିକଳ୍ପନାରେ ଆପାତତଃ ପ୍ରସ୍ତୁତ ସମସ୍ତ ପ୍ରସ୍ତାବ ସମ୍ପର୍କରେ ବିଶଦଭାବରେ ଜଣାଇଦିଆଯିବ ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆପଣଙ୍କ ସହଯୋଗପାଇଁ ଧନ୍ୟବାଦ ଦେବା ସହ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟ ସୂଚୀ ଅନୁଯାୟୀ ପ୍ରସ୍ତାବିତ ସଭାରେ ସମସ୍ତ ଆବଶ୍ୟକୀୟ କାଗଜାତ ସହ ଯୋଗଦାନ ପାଇଁ ଆପଣଙ୍କୁ/ ଆପଣଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧୀଙ୍କୁ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଲିଖିତଭାବେ ପ୍ରଦାନ କରିବାକୁ ଅନୁରୋଧ କରାଯାଉ ଅଛି ।

ଏହି ପତ୍ରର ପ୍ରାପ୍ତି ସ୍ୱୀକାର କରିବାପାଇଁ ଅନୁରୋଧ ।

ସ୍ୱା/-ସଚିବ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

CAD-2194 OIPR 13033/11/0217/2425



कार्यपालक अभियंता का कार्यालय
ग्रामीण विकास विशेष प्रमंडल, खूँटी

अति अल्पकालीन ई–पुनर्निविदा आमंत्रण सूचना संख्या–RDD/SD/KHUNTI/03/2024-25
(2nd Call)
PR. No.-334627 (Rural Development)24-25(D)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | खूँटी जिला के मुरहू प्रखण्ड अन्तर्गत घाघरा से हेसेल जाने वाले पथ में करंजुवी के पास बनई नदी में उच्चस्तरीय पुल निर्माण। | 3,31,07,400/– | 6,62,200/– | 10,000/– | 18 माह |
| 2 | खूँटी जिला के कर्रा प्रखण्ड अन्तर्गत पंचायत जुरदाग में तेतरटोली नाला पर पुल निर्माण। | 2,58,75,900/– | 5,17,600/– | 10,000/– | 18 माह |

2.वेबसाइट में निविदा प्रकाशन की तिथि – 17.01.2025
3.ई–निविदा प्राप्ति की तिथि एवं समय–दिनांक 18.01.2025 से दिनांक 25.01.2025 को अपराह्न 5:00 बजे तक
4.ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, खूँटी
5.ई–निविदा खोलने की तिथि एवं समय –27.01.2025 अपराह्न 5:00 बजे
6.ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, खूँटी
7.ई–निविदा प्रकोष्ठ का दूरभाष सं० – 6201188328 (संबंधित कार्यपालक अभियंता का दूरभाष नम्बर)
8.परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
विस्तृत जानकारी के लिये वेबसाइट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, खूँटी

PR 344382 Rural Development(24-25)#D



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ଭାଜପା) ୬୮ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଦଳ ଜେଡିୟୁ ଏବଂ ଏଲଜେପିକୁ ଦୁଇଟି ଆସନ ଦେଇଛି। ଏହିପରି, ଦିଲ୍ଲୀର ସମସ୍ତ ୭୦ଟି ଆସନରେ ଆମ ଆଦମୀ ପାର୍ଟି, ଭାଜପା ଏବଂ କଂଗ୍ରେସର ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ନିର୍ବାଚନରେ ସ୍ମୃତି ଇରାନୀ ଏବଂ ନୁପୁର ଶର୍ମାଙ୍କୁ ଟିକେଟ ଦିଆଯିବା ନେଇ ଆଲୋଚନା ହେଉଥିଲା, କିନ୍ତୁ ତାହା ହୋଇପାରିଲା ନାହିଁ। ଏହି ନିର୍ବାଚନରେ ଭାଜପା ବଡ଼ ମୁଣ୍ଡ ଉପରେ ବାଜି ଲଗାଇଛି। ଯେପରିକି, ପୂର୍ବତନ ଏମପି ପ୍ରବେଶ ବର୍ମାଙ୍କୁ ନୂଆଦିଲ୍ଲୀ ଆସନରେ ଏବଂ ପୂର୍ବତନ ଏମପି ରମେଶ ବିଧୁରୀଙ୍କୁ କାଲକାଜୀ ଆସନରେ ଟିକେଟ ଦିଆଯାଇଛି। ଏପରି ପରିସ୍ଥିତିରେ, ଦଳ ବଳକା ଆସନ ପାଇଁ ଆଶ୍ଚର୍ଯ୍ୟଜନକ ନାମ ଅନ୍ତର୍ଭୁକ୍ତ କରିବାର ସମ୍ଭାବନା ଥିଲା। ସମାନ କ୍ରମରେ, ନିଲମ୍ବିତ ଭାଜପା ନେତ୍ରୀ ନୁପୁର ଶର୍ମାଙ୍କ ନାମ ମଧ୍ୟ ଉଠିଲା, ଯେଉଁଥିରେ ତାଙ୍କୁ ପୂର୍ବ ଦିଲ୍ଲୀର ବାବରପୁର ଆସନ ଦିଆଯିବ ବୋଲି କୁହାଯାଉଥିଲା। ହେଲେ ଦଳ ଏଠାରୁ ଅନିଲ ବଶିଷ୍ଠଙ୍କୁ ପ୍ରାର୍ଥୀ କରିଛି। ନୂପୁର ଶର୍ମା ଜୁନ ୨୦୨୨ ପର୍ଯ୍ୟନ୍ତ ଭାଜପାର ଜାତୀୟ ମୁଖପାତ୍ର ମଧ୍ୟ ଥିଲେ।

# ସୈଫ୍ ଅଲ୍ଲୀ ଖାନ୍‌ଙ୍କୁ ଛୁରାମାଡ଼



ମୁମ୍ବାଇ : ଅଭିନେତା ସୈଫ ଅଲ୍ଲୀ ଖାନଙ୍କୁ ଆକ୍ରମଣ କରାଯାଇଛି। ମୁମ୍ବାଇର ବାନ୍ଦ୍ରାସ୍ଥିତ ବାସଭବନରେ ଥିବାବେଳେ ଦୁର୍ବୃତ୍ତ ଘରେ ପଶି ତାଙ୍କୁ ଆକ୍ରମଣ କରିଛି। ୨/୩ ଥର ତାଙ୍କୁ ଛୁରାମାଡ଼ କରାଯାଇଛି। ଘଟଣା ପରେ ସୈଫଙ୍କୁ ସ୍ଥାନୀୟ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କ୍ଷତ ସ୍ଥାନରେ ଅପରେସନ କରଯାଉଥିବା ସୂଚନା ମିଳିଛି। ସୈଫଙ୍କ ହାତ, ପିଠି ଏବଂ ବେକରେ ଆଘାତ ଲାଗିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଏହି ଘଟଣା ଘଟିଛି। ଘଟଣା ସମୟରେ ସୈଫ ବାନ୍ଦ୍ରାସ୍ଥିତ ୧୧ ମହଲାରେ ଥିବା ଫ୍ଲାଟରେ ଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ଘରେ କାର୍ଯ୍ୟରତ ଘରୋଇ ସହାୟକଙ୍କ ସହିତ ଦୁର୍ବୃତ୍ତଙ୍କର ଯୁକ୍ତିତର୍କ ହୋଇଥିଲା। ସୈଫ ଉକ୍ତ ଦୁର୍ବୃତ୍ତଙ୍କୁ କାବୁ କରିବା ଉଦ୍ୟମ କରିଥିଲେ। କିନ୍ତୁ ଦୁର୍ବୃତ୍ତ ଜଣକ ତାଙ୍କୁ ଛୁରୀରେ ଆକ୍ରମଣ କରି ଫେରାର ହୋଇଯାଇଥିଲା। ବାନ୍ଦ୍ରା ପୁଲିସ ଏବଂ କ୍ରାଇମବ୍ରାଞ୍ଚ ଟିମ ଘଟଣାସ୍ଥଳରେ ପହଞ୍ଚି ସିସି ଟିଭି ଆଧାରରେ ତଦନ୍ତ ଚଳାଇଛନ୍ତି।

# ଛତିଶଗଡ କୃଷକଙ୍କ ଆୟ ବୃଦ୍ଧି ପାଇଁ ଅଟୋ ମୋବାଇଲ ଇଣ୍ଡଷ୍ଟ୍ରି ସହିତ କରାଯାଇଛି ଅର୍ଥ ବ୍ୟବସ୍ଥା : ବିଷ୍ଣୁଦେବ

ରାୟପୁର : ଅଭିଭାଜିତ ମଧ୍ୟପ୍ରଦେଶର ଦୁଇଥର ବିଧାୟକ ହେବାର ସୁଯୋଗ ପାଇଥିବା ତଥା ୮ବର୍ଷ ଧରି ବିଧାୟକ ରହି ମୋଟର ସାଇକେଲରେ ଯିବା ଆସିବା କରୁଥିବା ବିଧାୟକ କୃଷକମାନଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ସେ କୃଷକମାନଙ୍କ ସମସ୍ୟା ଶୁଣିବା ସହ ବିଧାନସଭାରେ ଏହି ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ଏବେ ସେ ନିଜେ ନିଜକୁ କୃଷକମାନଙ୍କ ସମସ୍ୟା ସହିତ ଯୋଡି ସେମାନଙ୍କୁ ବିକାଶର ମାର୍ଗ ଦେଖାଇବା ପାଇଁ ପ୍ରୟାସ



ଆରମ୍ଭ କରିଛନ୍ତି। ଛତିଶଗଡ କୃଷକମାନଙ୍କ ଆୟ ବୃଦ୍ଧି ପାଇଁ ଅଟୋ ମୋବାଇଲ ଉଦ୍ୟୋଗି ସହିତ ପୁରା ଅର୍ଥ ବ୍ୟବସ୍ଥାର ସୁବିଧା ମଧ୍ୟ କରିଛନ୍ତି। ଯାହାକି ତାଙ୍କ ନିଜ ନିର୍ବାଚନୀମଣ୍ଡଳି କ୍ଷେତ୍ରରେ ଦେଖିବାକୁ ମିଳିଛି। ରାଜ୍ୟରେ ଅଟୋ ସେକ୍ଟରରେ ମଧ୍ୟ ବୃଦ୍ଧି ଘଟୁଛି। ଆଜିର କ୍ଷେତ୍ରରେ ଯାତାୟାତର ସାଧନ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। ସୁରକ୍ଷିତ ଯାତାୟାତ କରିବା ପାଇଁ ଗାଡି ଚଳାଇବା ବେଳେ ଟ୍ରାଫିକ୍ ନିୟମ ପାଳନ କରିବା ଆବଶ୍ୟକ। ଯାତୟାତ ନିୟମ ସଂପର୍କରେ ସମସ୍ତେ ମଧ୍ୟ ଅବଗତ ହେବା ଜରୁରୀ। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର ରାଜଧାନୀ ରାୟପୁରର ସାଇନ୍ସ କଲେଜ ଗ୍ରାଉଣ୍ଡରେ ଆୟୋଜିତ ରାଧା ଅଟୋ ଏକ୍ସୋ ଉଦ୍‌ଘାଟନ କରିବା ଅବସରରେଏହି ମତ ରଖିଛନ୍ତି। ସେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ କହିଥିଲେ ଯେ, ଗତ ବର୍ଷ ଅଟୋ ଏକ୍ସୋ ୧୦ହଜାରରୁ ଅଧିକ ଯାନ ବିକ୍ରି କରିଛି। ଚଳିତ ବର୍ଷ ମଧ୍ୟ ରାସ୍ତା ଟିକସରେ ୫୦% ରିହାତି ଦିଆଯାଇଥିବାରୁ ଅଧିକ ଯାନ ବିକ୍ରି ହେବ ବୋଲି ସେ ଆଶାବାଦୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଛତିଶଗଡର କୃଷକମାନଙ୍କୁ ଧାନର ଉଚିତ୍ ମୂଲ୍ୟ ଯୋଗାଇ ଦିଆଯାଉଛି। ଯାହାକି ଚାଷୀମାନଙ୍କ କ୍ଷେତ୍ରକୁ ବିକାଶର ମାର୍ଗ ଦେଖାଇଛି। ଗତବର୍ଷ ୨୪,୭୨ହଜାର କୃଷକ ୧୪୫ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରି କରିଥିବା ବେଳେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୧୬୦ଲକ୍ଷ ମେଟ୍ରିକ୍ ଟନ୍ ଧାନ ଉପାର୍ଜ୍ଜନ କରିବେ ବୋଲି ଆଶା କରାଯାଉଛି।

# ଟିପିଏସ୍ଓଡିଏଲ୍ ପକ୍ଷରୁ ୟୁଆର୍+୬ ଟାୱାର ସ୍ଥାପନ

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଆସିକା ଅଞ୍ଚଳରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ଉଦ୍ଦେଶ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ନିକଟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଆସିକାରେ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ଟିପିଏସ୍ଓଡିଏଲ୍ ଆସିକା ଅଞ୍ଚଳର ଉପଭୋକ୍ତାଙ୍କ ପାଇଁ ଏକ ସ୍ଥିର ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ସହ ଏହାର ଭିତ୍ତିଭୂମିକୁ ସୁଦୃଢ଼ କରିଛି। କମ୍ପାନୀ ପକ୍ଷରୁ ଆସିକାର ବଡ଼ନଦୀଠାରେ ଏକ ନୂତନ ୟୁଆର+୬ ଟାୱାର ସ୍ଥାପନ କରାଯାଇଛି। ପୂର୍ବରୁ ବଡ଼ନଦୀ ଉପରେ ପରିବାହୀର ଗ୍ରାଉଣ୍ଡ କ୍ଲିୟରାନ୍ସ କମ୍ ଥିଲା ଏବଂ ବନ୍ୟା ସମୟରେ ୩୩ କେଭି ବିଦ୍ୟୁତ ଲାଇନ୍ ଜଳସ୍ତର ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିଲା। ମତ୍ସ୍ୟଜୀବୀ ଏବଂ ଜନସାଧାରଣଙ୍କ ପ୍ରତି ଥିବା ବିପଦକୁ ଏଡ଼ାଇବା ପାଇଁ ବିଦ୍ୟୁତ୍ କାଟ ହିଁ ଏକମାତ୍ର ସମାଧାନ ଥିଲା। କିନ୍ତୁ ବର୍ତ୍ତମାନ ବଡ଼ ନଦୀଠାରେ ନୂତନ ୟୁଆର+୬ ଟାୱାର ସ୍ଥାପନ ହେବା ପରେ ଗ୍ରାଉଣ୍ଡ କ୍ଲିୟରାନ୍ସ ୨୪ ମିଟରକୁ ବୃଦ୍ଧି ପାଇଛି, ଯାହା ଦ୍ୱାରା ୩୩ କେଭି ଲାଇନ କଣ୍ଡକ୍ଟର ଜଳସ୍ତର ଛୁଇଁବା ଆଶଙ୍କା ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି ଏବଂ ଆଖପାଖ ବାସିନ୍ଦାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିଛି। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍ଓଡିଏଲ୍ ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ କରିବା ଦିଗରେ ପ୍ରତିବଦ୍ଧ ରହିଆସିଛି। ଆସିକାଠାରେ ନୂତନ ଭାବେ ସ୍ଥାପିତ ହୋଇଥିବା ୟୁଆର+୬ ଟାୱାର ସ୍ଥାନୀୟ ଅଞ୍ଚଳରେ ବିଶ୍ୱସନୀୟ ବିଜୁଳି ସେବା ସୁନିଶ୍ଚିତ କରିବା ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ। ପ୍ରାଥମିକତା ଭିତ୍ତିରେ ଡାକ୍ତରଖାନା ଭଳି ଗୁରୁତ୍ୱପୂର୍ଣ୍ଣ ସେବା କେନ୍ଦ୍ରକୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପାଇଁ ଆରଏମୟୁ ଭଳି ଅଭିନବ ଉପାୟ ମାଧ୍ୟମରେ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ଆମ ଟିମ୍ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି।

# ୧୯ରେ ଆଲେନ୍ ସ୍କଲାରସିପ୍ ପ୍ରବେଶ ପରୀକ୍ଷା

କୋଟା : ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟରେ ପ୍ରବେଶ ପ୍ରଦାନ ଏବଂ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଆୟୋଜିତ ଆଲେନ୍ ସ୍କଲାରସିପ୍ ଆଡ଼ମିସନ୍ ପରୀକ୍ଷା (ଏ-ସେଟ୍) ଜାନୁଆରୀ ୧୯ରେ ଦିନ ସାରା ଦେଶରେ ଅନୁଷ୍ଠିତ ହେବ।ଏହି ପରୀକ୍ଷା ଦେଇ ଛାତ୍ରଛାତ୍ରୀମାନେ ଆଲେନ୍ ଫିସ୍ ବାବଦକୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରସିପ୍ ପାଇପାରିବେ। ଏହା ସହ ଆଲେନ୍ ଜାନୁଆରୀ ୨୦ ତାରିଖ ପର୍ଯ୍ୟନ୍ତ ଆଡ଼ମିସନ୍ ନେଉଥିବା ଛାତ୍ରଛାତ୍ରୀମାନଙ୍କୁ ଦ୍ୱିଗୁଣିତ ସୁବିଧା ଦେଉଛନ୍ତି। ଜାନୁଆରୀ ୨୦ତାରିଖ ପର୍ଯ୍ୟନ୍ତ ପ୍ରବେଶ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ଫି'ରେ ରିହାତିର ସୁବିଧା ମଧ୍ୟ ଦିଆଯାଉଛି। ଏହା ବ୍ୟତୀତ, ଯଦି ସେମାନେ ଏ-ସେଟ୍

ALLEN CAREER INSTITUTE KOTA (RAJASTHAN) path to success

ଦାଖଲ କରନ୍ତି ଏବଂ ଏଥିରେ ଛାତ୍ରବୃତ୍ତି ମଧ୍ୟ ପାଆନ୍ତି, ତେବେ ଏହି ଉଭୟ ସୁବିଧା ଏକାଠି ପାଇପାରିବେ। ୧୧ ରୁ ୧୨ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଜେଇ ଆଡ଼ଭାନ୍ସଡ୍ ପ୍ରସ୍ତୁତି ପାଇଁ ଆଲେନଙ୍କ ଉତ୍ସାହ ବ୍ୟାଚ୍ ଜାନୁଆରୀ ୨୦ ତାରିଖରୁ ଆରମ୍ଭ ହେଉଛି। ସେହିପରି, ମେଡ଼ିକାଲ୍ ପ୍ରବେଶିକା ପରୀକ୍ଷା ନିଟ୍ ପ୍ରସ୍ତୁତି ପାଇଁ ଏନ୍ଥୁଜ ଆଡ଼ଭାନ୍ସ ବ୍ୟାଚ୍ ୩ ଫେବୃଆରୀରୁ ଆରମ୍ଭ ହେଉଛି। ଏହା ଉଲ୍ଲେଖନୀୟ ଯେ ଆଲେନ୍ ୨୦୨୪ ମସିହାରେ ଅନୁଷ୍ଠିତ ଜେଇ, ନିଟ୍ ଏବଂ ଅଲିମ୍ପିଆଡ୍ ପରୀକ୍ଷାରେ ଭଲ ଫଳାଫଳ କରିଛନ୍ତି। ଏହା ସହ ଆଇଆଇଟି, ଏମ୍ସ, ନିଟ୍-ୟୁଜି ମେଡ଼ିକାଲ କଲେଜରେ ପ୍ରବେଶ କରୁଥିବା ଏବଂ ଅଲିମ୍ପିଆଡ଼ରେ ସଫଳ ହେଉଥିବା ପ୍ରତ୍ୟେକ ଚତୁର୍ଥ ଛାତ୍ର ଆଲେନର। ଏ-ସେଟ୍ ମାଧ୍ୟମରେ ପ୍ରତ୍ୟେକ ଷ୍ଟ୍ରିମ୍‌ର ଛାତ୍ରଛାତ୍ରୀମାନେ ନିଜକୁ ମୂଲ୍ୟାଙ୍କନ କରିପାରିବେ। ଏହି ପେପର ବୈଜ୍ଞାନିକ, ଶୈକ୍ଷିକ ଏବଂ ମନସ୍ତାତ୍ତ୍ୱିକ ମୂଲ୍ୟାଙ୍କନ ପାଇଁ ପ୍ରସ୍ତୁତ ଏବଂ ଏଥିରେ ମୂଳ ବିଷୟ ଏବଂ ଆଇକ୍ୟୁ ଉପରେ ପ୍ରଶ୍ନ ରହିଛି। ପେପରର ବୈଜ୍ଞାନିକ ମୂଲ୍ୟାଙ୍କନ ଆଧାରରେ ଆଲେନ ତରଫରୁ ଛାତ୍ରଛାତ୍ରୀମାନଙ୍କୁ ସ୍କଲାରସିପ୍ ପ୍ରଦାନ କରାଯାଇଥାଏ।

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ଗଞ୍ଜାପାରା ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

କୈଳାସସିଂ ରାଜପୁତ୍
କାର୍ଯ୍ୟନିର୍ବାହୀ ଅଧିକାରୀ
ଗଞ୍ଜାପାରା ଗ୍ରାମପଞ୍ଚାୟତ, ରାଇଘର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇଘର ବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

ନିରାକାର ରାଉତ
ପରିଚାଳନା ନିର୍ଦ୍ଦେଶକ ରାଇଘର ଲ୍ୟାମ୍ପ୍ସ
ରାଇଘର

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇଘର ବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

ପ୍ରଫୁଲ୍ଲ ମାଝୀ
ଫରେଷ୍ଟର ରାଇଘର ବନାଞ୍ଚଳ

ଶୁଭେଚ୍ଛା ବାର୍ତ୍ତା

ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇଘର ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
ପିଣ୍ଟୁ ରଞ୍ଜନ ଦେ
କାର୍ଯ୍ୟନିର୍ବାହୀ ଅଧିକାରୀ
ରାଇଘର ଗ୍ରାମପଞ୍ଚାୟତ

ଶୁଭେଚ୍ଛା ବାର୍ତ୍ତା

ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ କସକଙ୍ଗା ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
ଶିବ ପ୍ରସାଦ ସୁବୁଦ୍ଧି
କସକଙ୍ଗା ଗ୍ରାମପଞ୍ଚାୟତ
ରାଇଘର

ଶୁଭେଚ୍ଛା ବାର୍ତ୍ତା

ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ତୁରୁଡି ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
କମଳସିଂ ରାଜପୁତ୍
କାର୍ଯ୍ୟନିର୍ବାହୀ ଅଧିକାରୀ
ତୁରୁଡି ଗ୍ରାମପଞ୍ଚାୟତ, ରାଇଘର


ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇଘର ବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

ମହମ୍ମଦ ଅବଦୁଲ୍ ସମଦ
ରେଞ୍ଜର
ରାଇଘର ବନାଞ୍ଚଳ

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇଘର ବ୍ଲକ୍‌ବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

ବିଜୟ କୁମାର ସେଠୀ
ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ
ରାଇଘର

ଶୁଭେଚ୍ଛା ବାର୍ତ୍ତା


ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇଘର ବ୍ଲକ୍‌ବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
ଅଶ୍ୱିନୀ କୁମାର ଜେନା
ମତ୍ସ୍ୟବିଭାଗ ରାଇଘର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ଟିମନପୁର ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

ସନ୍ତୋଷ କୁମାର ମିଶ୍ର
କାର୍ଯ୍ୟନିର୍ବାହୀ ଅଧିକାରୀ
ଟିମନପୁର ଗ୍ରାମପଞ୍ଚାୟତ, ରାଇଘର

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇଘର ବ୍ଲକ୍‌ବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

କପିଲ୍ କାଲୋ
କନିଷ୍ଠ ଯନ୍ତ୍ରୀ
ଜଳ ଓ ପରିମଳ ବିଭାଗ, ରାଇଘର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇଘର ବ୍ଲକ୍‌ବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

ଇଶ୍ୱର ଚନ୍ଦ୍ର ମାଝୀ
ଗୋଷ୍ଠୀ ଶିକ୍ଷା ଅଧିକାରୀ
ରାଇଘର

ଶୁଭେଚ୍ଛା ବାର୍ତ୍ତା

ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇଘର ବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
ମଣ୍ଟୁ ସ୍ୱାଇଁ
ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ
ରାଇଘର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା

ଓଡ଼ିଶା ଭାସ୍କରର ସ୍ୱନକ୍ଷତ୍ର ଦିବସ ଅବସରରେ କୁରାବେଡ଼ା ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
ଅନାଥ ତରଫଦାର
କାର୍ଯ୍ୟନିର୍ବାହୀ ଅଧିକାରୀ
କୁରାବେଡ଼ା ଗ୍ରାମପଞ୍ଚାୟତ, ରାଇଘର

38th NATIONAL GAMES Uttarakhand 25 SILVER JUBILEE YEAR

ନୂଆଦିଲ୍ଲୀ : ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ବୈଠକ ଡେରାଡୁନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା ଦଳର ସେଫ୍-ଡି-ମିସନ୍ ଅଶୋକ ସାହୁ ଯୋଗ ଦେଇଥିଲେ। ଜାତୀୟ କ୍ରୀଡ଼ାକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ଅନେକ ଭିଭିଆଇପିଙ୍କ ଆଗମନ ମଧ୍ୟ ହେବ। ତେଣୁ ଖେଳାଳିଙ୍କ ସହିତ ଅତିଥିମାନଙ୍କର ରହଣି ଓ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଜାତୀୟ କ୍ରୀଡ଼ାରେ ପ୍ରଥମ ଥର ପାଇଁ ଓଡ଼ିଶାର ମହିଳା ଜିମ୍ନାଷ୍ଟିକ୍ସ ଦଳ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ଗତ ଡିସେମ୍ବରରେ ଶେଷ ହୋଇଥିବା ଜାତୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ତୃତୀୟ ସ୍ଥାନରେ ରହିଥିଲା। ଏହି ଦଳରେ ଖେଳିଥିବା ତନ୍ନୁ, କରିସ୍ମା, ଅଦିତି, ଲକ୍ଷ୍ମୀପ୍ରିୟା ସୁନ୍ଦରାୟ, ରିତିକା ଦାସ, ପ୍ରୀତି ରେଡ୍ଡୀ ପ୍ରଥମ ଥର ଜାତୀୟ କ୍ରୀଡ଼ାରେ ଖେଳିବାର ଅଭିଜ୍ଞତା ପାଇବେ। ଫେବ୍ରୁଆରି ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିମ୍ନାଷ୍ଟିକ୍ସର ବିଭିନ୍ନ ଇଭେଣ୍ଟଗୁଡ଼ିକ ଅନୁଷ୍ଠିତ ହେବ। ଏଥିସହିତ ପୁରୁଷ ଜିମ୍ନାଷ୍ଟିକ୍ ଦଳ ମଧ୍ୟ ଅଂଶଗ୍ରହଣ କରିବ। ଜିମ୍ନାଷ୍ଟିକ୍ସ ବ୍ୟତୀତ ଭାରୋତ୍ତୋଳନ, ଉଷୁ, ଦୌଡ଼କୁଦ, ଟାଏକୋଣ୍ଡୋ, ଟ୍ରାଏଥଲନ୍, ସାଇକେଲ୍ ଚାଳନା, ତୀରନ୍ଦାଜି, ରୋଇଂ, ଜୁଡ଼ୋ, ପେଣ୍ଟାଥଲନ୍, କୁସ୍ତି, ଯୋଗ, କାୟାକିଂ ଓ କାନୋଇଂ, ସନ୍ତରଣ, ବିଚ୍ ଭଲିବଲ୍, ୱାଟର ପୋଲୋ, ମୁଷ୍ଟିଯୁଦ୍ଧ, ଫୁଟ୍‌ବଲ୍, ବ୍ୟାଡ୍‌ମିଣ୍ଟନ୍, ହକି, ଖୋଖୋ, ଲନ୍‌ବଲ୍, ଲନ୍ ଟେନିସ୍, ରଗ୍‌ବି ଇଭେଣ୍ଟରେ ଓଡ଼ିଶା ଅଂଶଗ୍ରହଣ କରୁଛି। ମୋଟ୍ ୧୧ଟି ସ୍ଥାନ ଡେରାଡୁନ୍, ଋଷିକେଶ, ହରିଦ୍ୱାର, ତେହରି, ରୁଦ୍ରପୁର, ଖାତିମା, ସଟଲ୍, ହଲଦ୍ୱାନି, ଅଲମୋରା, ପିତୋରଗଡ଼, ତାମ୍‌କାପୁରରେ ଇଭେଣ୍ଟଗୁଡ଼ିକ ଅନୁଷ୍ଠିତ ହେବ।

# ଇଂଲଣ୍ଡ ବିପକ୍ଷ ସିରିଜ : ବ୍ୟାଟିଂ କୋଚ୍ ହେଲେ ସୀତାଂଶୁ



ନୂଆଦିଲ୍ଲୀ: ଭାରତୀୟ ଦଳ ଏଥର ୱାର୍ଲ୍ଡ ଟେଷ୍ଟ ସିରିଜ ଫାଇନାଲରେ ପ୍ରବେଶ କରି ପାରି ନ ଥିଲା। ଏବେ ଭାରତ ଆଗାମୀ ଇଂଲଣ୍ଡ ବିପକ୍ଷ ସିରିଜ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଘରୋଇ ପରିବେଶରେ ଇଂଲଣ୍ଡ ବିପକ୍ଷରେ ଭାରତ ପ୍ରଥମେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଏହା ଜାନୁୟାରୀ ୨୨ରୁ ଆରମ୍ଭ ହେବ। ଟି୨୦ ସିରିଜରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ଭାରତୀୟ କ୍ରିକେଟ ଟିମ ଇତି ମଧ୍ୟରେ ସୀତାଂଶୁ କୋଟାକଙ୍କୁ ବ୍ୟାଟିଂ କୋଚ ଭାବେ ନିଯୁକ୍ତ କରିଛି । ସେ ଇଂଲଣ୍ଡ ବିପକ୍ଷ ସିରିଜରୁ ଦାୟିତ୍ୱ ଗ୍ରହଣ କରିବେ। ସେ ଏହା ପୂର୍ବରୁ ୨୦୨୩ରେ ଭାରତୀୟ ଟିମର ମୁଖ୍ୟ କୋଚ ଦାୟିତ୍ୱ ତୁଲାଇ ସାରିଛନ୍ତି । ରାହୁଲ ଦ୍ରାବିଡ ଆୟର୍ଲାଣ୍ଡ ଗସ୍ତରେ ଯାଇ ନ ଥିବା ବେଳେ ସୀତାଂଶୁ ଦଳର କୋଚ ହୋଇଥିଲେ। ୨୦୧୯ରେ ଭାରତ ଏ ଟିମ ସହିତ ମଧ୍ୟ ଜଡିତ ଥିଲେ। ସୀତାଂଶୁ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଆନ୍ତର୍ଜାତୀୟ ମ୍ୟାଚ ଖେଳିପାରି ନ ଥିଲେ । ୫୨ ବର୍ଷୀୟ ସୀତାଂଶୁ ଲିଷ୍ଟ ଏରେ ୮୯ ମ୍ୟାଚରୁ ୩୦୮୩ ରନ କରିବା ସହ ୫୪ ୱିକେଟ ମଧ୍ୟ ନେଇଛନ୍ତି। ଭାରତୀୟ ଟିମ ସହିତ ଏବେ କୌଣସି ବ୍ୟାଟିଂ କୋଚ ନ ଥିଲେ । କୋଚ ଗୌତମ ଗମ୍ଭୀରଙ୍କ ସହ ସହଯୋଗୀ ଷ୍ଟାଫ ଭାବେ ମୋର୍ଣ୍ଣେ ମୋର୍କେଲ, ଅଭିଷେକ ନାୟାର, ର୍ୟାନ ଟେନ ଡୋଏଶେଟ ଓ ଟି ଦିଲୀପ ରହିଥିଲେ । ଭାରତର ଖରାପ ପ୍ରଦର୍ଶନ ନେଇ ଏବେ କୋଚିଂ ଷ୍ଟାଫଙ୍କ ଭୂମିକା ନେଇ ତର୍ଜମା ଚାଲିଛି।

# ଫୁଟବଲ୍ ବିଶ୍ୱକପ ପାଇଁ ମରାଯିବେ ୩୦ ଲକ୍ଷ କୁକୁର

ତୀବ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ: ୨୦୩୦ ଫିଫା ବିଶ୍ୱକପ ମରକ୍କୋ, ସ୍ପେନ ଓ ପର୍ତ୍ତୁଗାଲ ମିଳିତ ଭାବେ ଆୟୋଜନ କରୁଛନ୍ତି । ଏହି ମେଗା କ୍ରୀଡା ଇଭେଣ୍ଟକୁ ସଫଳତାର ସହ ଆୟୋଜନ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଆରମ୍ଭ କରାଯାଇଛି। ତେବେ ମରକ୍କୋ ସରକାରର ଏକ ପଦକ୍ଷେପ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ରିପୋର୍ଟ ମୁତାବକ ମରକ୍କୋ ୩୦ ଲକ୍ଷ ବୁଲା କୁକୁରଙ୍କୁ ମାରିବା ପାଇଁ ଯୋଜନା କରୁଛି। ଯାହାକୁ ସହଜରେ କ୍ରୀଡାପ୍ରେମୀ ଓ ପଶୁପ୍ରେମୀ ଗ୍ରହଣ କରିପାରୁ ନାହାନ୍ତି । ଏଥିନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆନିମାଲ୍ସ ରାଇଟ୍ସ ଆକ୍ଟିଭିଷ୍ଟ ଏବେଠାରୁ ବିରୋଧ କରିବା ଆରମ୍ଭ କରିଛି। ସହରକୁ ପରିଷ୍କାର କରିବା ମାନେ ନୁହେଁ ଯେ, ନିରୀହ ପ୍ରାଣୀଙ୍କୁ ବିନା କାରଣରେ ହତ୍ୟା କରିବା ବୋଲି ପଶୁପ୍ରେମୀମାନେ ଫିଫାର ସେକ୍ରେଟାରୀ ମ୍ୟାଟିୟସ ଗ୍ରାଫଙ୍କୁ ପତ୍ର ଲେଖି ଜଣାଇଛନ୍ତି । ଫୁଟବଲପ୍ରେମୀମାନଙ୍କୁ ମଧ୍ୟ ଏ ନେଇ ବିରୋଧ କରିବା ପାଇଁ ଅନୁରୋଧ କରାଯାଇଛି । ମରକ୍କୋ ସରକାର ଏବେ ବି ଲୁଚେଇ ଛପେଇ କୁକୁର ମାରିବା ଆରମ୍ଭ କରିଛି। ଅନ୍ୟ ଆୟୋଜକ ଦେଶମାନେ ଏ ଭଳି ପଦକ୍ଷେପ ଗ୍ରହଣ କରୁ ନ ଥିବା ବେଳେ ମରକ୍କୋ କାହିଁକି କରୁଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ କରାଯାଇଛି । କେତେକ ଫୁଟବଲ ଷ୍ଟାର ମଧ୍ୟ ଏହି ଘଟଣାକୁ ବିରୋଧ କରିଛନ୍ତି।

# ଆଘାତକୁ ନେଇ ମିଥ୍ୟା ଖବର ପ୍ରସାରିତ ହେଉଛି : ବୁମ୍‌ରାହ



ନୂଆଦିଲ୍ଲୀ: ଭାରତୀୟ ଦଳର ଷ୍ଟାର ପେସ ବୋଲର ଯଶପ୍ରୀତ ବୁମରାହ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ଅବସରରେ ଆଘାତ ସମସ୍ୟାରେ ପଡିଛନ୍ତି । ତାଙ୍କ ପିଠି ସମସ୍ୟା ଗୁରୁତର ହୋଇ ପଡିଛି ଏବଂ ସେ ଶେଯରୁ ଉଠି ପାରୁ ନାହାନ୍ତି ବୋଲି ଖବର ପ୍ରକାଶ ପାଇଥିଲା । ଅଧିକ ଚିକିତ୍ସା ପାଇଁ ବୁମରାହ ବେଙ୍ଗାଲୁରୁ ଯିବେ ବୋଲି ଉଲ୍ଲେଖ ରହିଛି । ତେବେ ଏହି ସ୍ପିଡଷ୍ଟାର ଜଣଙ୍କ ଏହି ଖବରକୁ ସମ୍ପୂର୍ଣ୍ଣ ଭିତିହୀନ ବୋଲି କହିଛନ୍ତି । ମୁଁ ବିଶ୍ରାମ ନେଉଛି ସତ, ମାତ୍ର ଯେଉଁ ଭଳି ଭାବେ ବର୍ଣ୍ଣନା କରାଯାଉଛି ସେପରି ନୁହେଁ । ଏପରିକି ସେ ଚାମ୍ପିୟନ୍ସ ଟ୍ରଫିରେ ଖେଳିବେ ନାହିଁ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା । ଏଭଳି ମିଥ୍ୟା ଖବର ଦେଖି ହସିବା ବ୍ୟତୀତ ମୋ ପାଖରେ ଆଉ କିଛି ବିକଳ୍ପ ନାହିଁ ବୋଲି ବୁମରାହ କହିଛନ୍ତି । ତେବେ ସେ ଚାମ୍ପିୟନ୍ସ ଟ୍ରଫିରେ ଖେଳିବେ କି ନାହିଁ ତାହା ସ୍ପଷ୍ଟ କରି ନାହାନ୍ତି । ତେବେ ବୁମରାହଙ୍କ ପ୍ରତିକ୍ରିୟା ପରେ ପ୍ରଶଂସକ ସେ ଚାମ୍ପିୟନ୍ସ ଟ୍ରଫିରେ ଖେଳିବେ ବୋଲି ଆଶା ବାନ୍ଧିଛନ୍ତି ।

# ଜାତୀୟ ସବ୍ ଜୁନିୟର ଜୁଡୋ ଚାମ୍ପିୟନଶିପ: ଓଡିଶା ଦଳ ଘୋଷଣା




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ମହାରାଷ୍ଟ୍ର ଜୁଡୋ ଆସୋସିଏଶନ ଏବଂ ଭାରତୀୟ ଜୁଡୋ ଫେଡେରେଶନ ଆନୁକୂଲ୍ୟରେ ଜାତୀୟ ସବ ଜୁନିୟର ଚାମ୍ପିୟନଶିପ ୧୮ରୁ ୨୧ ଜାନୁୟାରୀ ପର୍ଯ୍ୟନ୍ତ ପୁଣେର ବେଲେୱାଡିରେ ଆୟୋଜିତ ହେବ । ଓଡିଶା ପକ୍ଷରୁ ୧୩ ପ୍ରତିଯୋଗୀ ଓ ୨ ଅଫିସିଆଲ ଏହି ଗସ୍ତରେ ଯିବେ। ଓଡିଶା ଜୁଡୋ ଆସୋସିଏଶନ ସଭାପତି ଅସିତ କୁମାର ପ୍ରଧାନ, ଉପ ସଭାପତି ପିସି ମିଶ୍ର, ଜେନେରାଲ ସେକ୍ରେଟାରୀ ଗୀତାଞ୍ଜଳୀ ପଣ୍ଡା ପ୍ରମୁଖ ଭଲ ପ୍ରଦର୍ଶନ ନେଇ ଓଡିଶା ଟିମକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡିଶା ଦଳ: ବାଳିକା- ଅନୀତା ଭାତ୍ର(କିଟ ଏବଂ କିସ), ଡଲି ହୋ(କିଟର ଏବଂ କିସ) , ଅଙ୍କିତା ଶବର(କିଟ ଏବଂ କିସ), ଲକ୍ଷ୍ମୀ ପ୍ରଧାନ (ଭୁବନେଶ୍ୱର), ମନସ୍ୱିନୀ ସ୍ୱାଇଁ(ଭୁବନେଶ୍ୱର), ଶୁଭଲକ୍ଷ୍ମୀ ବିଶ୍ୱାଳ(ପୁରୀ), ନୀସିମା ବିସମାଝୀ(କିଟ ଏବଂ କିସ) ଓ ଅର୍ଚ୍ଚିତା ପୋଲାଇ( ଜଗତସିଂହପୁର) । ବାଳକ- ମୋହେଶ ହନ୍ତଳ (ମାଲକାନାଗିରି), ଅଭିଷେକ ମୁଣ୍ଡା (କିଟ୍ ଏବଂ କିସ), ରତ୍ନାକର ହେମ୍ବ୍ରମ (କିଟ୍ ଏବଂ କିସ), ପ୍ରୀତମ ମିତ୍ର (ଭୁବନେଶ୍ୱର), ମୋସେସ ପ୍ରଧାନ) କିଟ ଏବଂ କିସ)। କୋଚ- ବାପୁନା ସେଠୀ, ଲୋପମୁଦ୍ରା ପତି କୋଚ ଏବଂ ମ୍ୟାନେଜର।

# ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ଆରମ୍ଭ

ଧାମନଗର (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ସିଏମ ଟ୍ରଫି ଭଦ୍ରକ ଜିଲ୍ଲା ସ୍ତରୀୟ ଫୁଟବଲ ଚାମ୍ପିଅନସିପ - ୨୦୨୫ ମୁଖ୍ୟମନ୍ତ୍ରୀ ଟ୍ରଫି ଗୁରୁବାର ଧାମନଗର ବ୍ଲକର ଦୋବଲ କାଳୀ ପଡିଆରେ ଉଦଘାଟିତ ହୋଇଯାଇଛି। ଏଥିରେ ୧୫ ବର୍ଷରୁ କମ ଆଠ ଗୋଟି ଟିମ ଭାଗ ନେଇଛନ୍ତି। ଏହି ମ୍ୟାଚରେ ୧୬ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦଘାଟନି ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ୟାମଲାଲ ରାୟ, ଜିଲ୍ଲା ସ୍ପୋର୍ଟସ ଅଧିକାରୀ ରମେଶ



ମହାନ୍ତି, ଧାମନଗର ତହସିଲଦାର ଦିପକ କୁମାର ଦାସ, ଅତିରିକ୍ତ ତହସିଲଦାର ସାଇ ସିଲୋନା,ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରି ସନ୍ତୋଷ ନାୟକ, ବ୍ଲକ ସହ କାରିଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ହେମ୍ବ୍ରମ, ଭଦ୍ରକ ଜିଲ୍ଲା ଆଥଲେଟିକ ଆସୋସିଏସନ ସମ୍ପାଦକ ଧିରେନ ପଲେଇ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ରୋଭର୍ସ କ୍ଲବ୍ ପୁରୁଣା ବଜାର ଭଦ୍ରକ ସହିତ ଏନ୍‌ଏସି ଚାନ୍ଦବାଲି ମଧ୍ୟରେ ହୋଇଥିଲା।ଏଥିରେ ୦୨ / ୦୨ ଗୋଲରେ ଅମିମାଂସିତ ରହିଥିଲା। ଅପରାହ୍ନରେ ଦ୍ୱିତୀୟ ମ୍ୟାଚ ମା’ କୋଠାରୀ କ୍ଲବ କୋଠାର ସହିତ ଗାନ୍ଧିବାଲା ଆଶ୍ରମ ପୁରୁଣା ବଜାର ଭଦ୍ରକ ମଧ୍ୟ ରେ ଅନୁଷ୍ଠିତ ହୋଇ ୦୧ / ୦୧ ରେ ଅମିମାଂସିତ ରହିଥିଲା। ୧୭ ତାରିଖ ପ୍ରଥମ ମ୍ୟାଚ ସୁବର୍ଣ୍ଣେଶ୍ୱରି ୟୁଥ କ୍ଲବ ଆଗରପଡ଼ା ସହିତ ଶ୍ୟାମା କ୍ଲବ ତିହିଡି। ଦ୍ୱିତୀୟ ମ୍ୟାଚ ଏସବିଡି ଫୁଟବଲ କ୍ଲବ ଭଦ୍ରକ ସହିତ ହେଲ୍ଥ ଲାଇନ୍ କ୍ଲବ ଧାମନଗର ମଧ୍ୟରେ ଅନୁଷ୍ଠିତ ହେବ। ତେବେ ଏହା ସମ୍ପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମ ହୋଇ ଥିଲେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆ ଯାଇନଥିଲା।

# ମନୋଜ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ବ୍ଲକ ଜମଧର ପଂଚାୟତ ଅନ୍ତର୍ଗତ ବଡ଼ଗାଁ ଖେଳପଡ଼ିଆରେ ଗୁରୁବାର ମନୋଜ ମେମୋରିଆଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ କେନ୍ଦ୍ରାପଡ଼ା ଟିମ୍ ଓ ଇନ୍ଦୁପୁର ଟିମ୍ ପରସ୍ପରକୁ ଭେଟିଥିଲେ । ପ୍ରଥମେ ଇନ୍ଦୁପୁର ଟିମ୍ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୦ ଓଭରରେ ୫୭ ରନ୍ କରିଥିଲେ । ଏହାର ଜବାବରେ କେନ୍ଦ୍ରାପଡ଼ା ଟିମ୍ ୮ ଓଭରରେ ୬ ୱିକେଟ ହରାଇ ୫୮ ରନ୍ କରି ଜିତିବାକୁ ସକ୍ଷମ ହୋଇଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଫ୍ଲିପକାର୍ଟ କେନ୍ଦ୍ରାପଡ଼ା ଶାଖାର ମ୍ୟାନେଜର ଭାଗିରଥି ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା କେନ୍ଦ୍ରାପଡ଼ା ଟିମ୍‌କୁ ବିଜୟ ଟ୍ରଫି ଦେବା ସହ ଇନ୍ଦୁପୁର ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଫ୍ଲପକାର୍ଟ କାର୍ଯ୍ୟାଳୟର ଅମର ରାଉତ, ଚନ୍ଦ୍ରଶେଖର ମଣ୍ଡଳ, ଏପି ନାୟକ, ପ୍ରଶାନ୍ତ ନାୟକ, ନିଲୁ ରାଉତରାୟ, ପ୍ରଦ୍ୟୁମ୍ନ ଶତପଥି, ପ୍ରଭାତ ବାରିକ, ଶିଖା ଦାସ, ମଧୁସ୍ମିତା ଷଡ଼ଙ୍ଗୀ, ଦେବୀପ୍ରସାଦ ଦାସ, ଦୁଷ୍ମନ୍ତ ବାରିକ, ଭକ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଫ୍ଲିପକାର୍ଟର କେନ୍ଦ୍ରାପଡ଼ା କାର୍ଯ୍ୟାଳୟରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଡେରାବିଶ ବ୍ଲକ ପଲେଇ ପଂଚାୟତ ଅନ୍ତର୍ଗତ ସବଳଙ୍ଗ ଗ୍ରାମର ମନୋଜ କୁମାର ମହାରଣା (୩୨)ଙ୍କର ଦୂରାରୋଗ୍ୟ କର୍କଟ ରୋଗରେ ଗତମାସରେ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ସ୍ମୃତି ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିବା କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି ।

## ଇଣ୍ଡିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍: ଦ୍ୱିତୀୟ ରାଉଣ୍ଡରେ ଦୁଇ ଭଉଣୀ

ନୂଆଦିଲ୍ଲୀ : ଇଣ୍ଡିଆନ୍ ଓପନ୍ ସୁପର-୭୫୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଓଡ଼ିଶାର ରତାପର୍ଣ୍ଣ ପଣ୍ଡା ଓ ଶ୍ୱେତାପର୍ଣ୍ଣା ପଣ୍ଡା ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ସେଟ୍ ହାରି ୦-୧ରେ ପଛୁଆ ରହିବା ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଏହି ଦୁଇ ଓଡ଼ିଆ ଝିଅ ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ପଥରିନ୍ ଅମ୍ୱଶ୍ରୀସକୁଲ ଓ ସାରିସା ଜାନପେଙ୍ଗଙ୍କୁ ୭-୨୧, ୨୧-୧୯ ଓ ୨୧-୧୪ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିଭଳି ତନିଷା କ୍ରାଷ୍ଟୋ-ଅଶ୍ୱିନୀ ପୋନାପ୍ପା ନିଜ ଦେଶର କାବ୍ୟା ଗୁପ୍ତା ଓ ରାଧିକା ଶର୍ମାଙ୍କୁ ୨୧-୧୧, ୨୧-୧୨ରେ ପରାସ୍ତ କରିଛନ୍ତି। ଏକକରେ ଅନୁପମା ଉପାଧ୍ୟାୟ ଭାରତର ରକ୍ଷିତା ଶ୍ରୀଙ୍କୁ ୨୧-୧୭, ୨୧-୧୮ରେ ହରାଇ ଆଗକୁ ବଢ଼ିଛନ୍ତି। ମାଳବିକା ବଂଶୋଦ ଜୋରଦାର ଲଢ଼େଇ କରିବା ସତ୍ତ୍ୱେ ବିଶ୍ୱମାନ୍ୟତାର ଚତୁର୍ଥ ସ୍ଥାନରେ ଥିବା ଚୀନର ହାନ୍ ୟୁଙ୍କଠାରୁ ହାରି ବିଦାୟ ନେଇଥିଲେ। ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ଥିବା ତଥା ଅଲିମ୍ପିକ୍ସ ବିଜୟିନୀ ଆନ୍ ସେ ୟଙ୍ଗ ୨୨-୨୦, ୨୧-୧୫ରେ ଚାଇନିଜ୍ ତାଇପେଇର ଚିୟୁ ପିନ୍ ଚିନଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

# ୧୫ ବର୍ଷରୁ କମ୍ ବାଳକ ଫୁଟବଲ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ




ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା କ୍ରୀଡା ସଂସଦ ଓ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ପୁରୀ ଙ୍କ ମିଳିତ ସହଯୋଗ ରେ ଆଜି ପୂର୍ବାହ୍ନ ରେ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ୧୫ ବର୍ଷ ରୁ କମ ବାଳକ ଆନ୍ତଃ କ୍ଲବ ଫୁଟବଲ ଚମ୍ପିୟାନସିପ ଆରମ୍ଭ ହୋଇଛି।ସିଏମ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟ୍‌ବଲ ଚମ୍ପିୟାନସିପ ୨୦୨୫ ଆନୁକୂଲ୍ୟରେ ଆରମ୍ଭ ହୋଇଥିବାଏହି ଚମ୍ପିୟାନସିପ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ।ଫାଇନାଲ ମ୍ୟାଚ ୨୨ ତାରିଖରେ ଅନୁଷ୍ଠିତ ହେବା ସହ ଶ୍ରେଷ୍ଠ ଦଳ ଓ କ୍ରୀଡାବିତ ଙ୍କୁ ସମ୍ବର୍ଦ୍ଧିତ କରାଯିବ।ଆଜିର ଚମ୍ପିୟାନସିପ କୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଦଘାଟନ କରିବା ସହ ସରକାର କ୍ରୀଡା କୁ ପ୍ରାଧାନ୍ୟ ଦେବା ସହ ପ୍ରତିଭା ଅନେକ ଲକ୍ଷ୍ୟ ଏକ ନାମରେ ଯେଉଁ ବ୍ୟବସ୍ଥା ଆରମ୍ଭ କରିଛନ୍ତି ତାହାର ସୁଫଳ ସମସ୍ତ କ୍ରୀଡାବିତ ମାନେ ନେବାପାଇଁ ଅନୁରୋଧ କରିଥିଲେ।ଆଜିର ସମୟରେ ପ୍ରତ୍ୟେକ କ୍ଷେତ୍ରରେ ନିଜର ପ୍ରତିଷ୍ଠା ଓ ଦକ୍ଷତା ବିକାଶ ର ସୁଯୋଗ ସହ ରୋଜଗାର ର ସମ୍ଭାବନା ରହିଛି।ତେଣୁ ନିଷ୍ଠାର ସହ ଏହାକୁ ଅଭ୍ୟାସ ଓ କ୍ୟାରିଅର କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।କ୍ରୀଡା ସଂସଦ ର ପୂର୍ବତନ ଉପ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର,ଓଡିଶା ଅଲମ୍ପିକ ସଂଘର କୋଷାଧକ୍ଷ ରବି ଶଙ୍କର ପ୍ରତିହାରୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଶ୍ରୀ ନିଳଚକ୍ର ସ୍ପୋର୍ଟ୍ସ କ୍ଲବର ସଭାପତି ଜଗନ୍ନାଥ ରେଡି, ସମ୍ପାଦକ ସନ୍ତୋଷ କୁମାର ଛୁଆଲସିଂ,ପୁରୀ ବକ୍ସିଂ ଏକାଡେମୀ ର ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇ ପିଲା ବେଳୁ ନିଜ ପ୍ରତିଭାର ବିକାଶ ପାଇଁ କଠୋର ଅଭ୍ୟାସ ଓ ଅଧ୍ୟବସାୟ ଜାରି ରଖି ପରବର୍ତ୍ତୀ ଜୀବନରେ ସଫଳ ହେବାକୁ ଆହ୍ୱାନ ଦେଇଥିଲେ। ପରେ ନିମାପଡା ଓ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

# ସିଏମ୍ କପ୍ ଆନ୍ତଃ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ ରାଜ୍ୟ କ୍ରୀଡା, ଯୁବ ସେବା ବିଭାଗ ଆନୁକୂଲ୍ୟରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଗୁରୁବାର ଅପରାହ୍ନରେ ସିଏମ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଏବଂ ଗୁଆଲି ଏଫସି ମଧ୍ୟରେ ଆଜିର ଉଦଘାଟନୀ ଖେଳ ୪-୪ ଗୋଲରେ ଅମୀମାଂଶିତ ରହିବା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଜେଏସଡବ୍ଲ୍ୟୁ ପକ୍ଷରୁ କ୍ରିଷ୍ଣା ନାୟକ ଏକାକୀ ୪ଟି ଗୋଲ ସ୍କୋର କରି ପ୍ରତିଯୋଗିତାର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଗୁଆଲି ପକ୍ଷରୁ ଆଦିତ୍ୟ ନାୟକ ୨ଟି ଗୋଲ ଏବଂ ବଚନ ନାୟକ ୨ଟି ଗୋଲ ସ୍କୋର କରିଥିଲେ। ପ୍ରଥମକରି ତୃଣମୂଳ ସ୍ତରରୁ ଆୟୋଜିତ ଏହି ପ୍ରତିଯୋଗିତାକୁ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ, ଉପସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାତ୍ରୀ, କୋଷାଧକ୍ଷ ସରୋଜ କୁମାର ରଣା, ଜିଲ୍ଲା କ୍ରୀଡା ଅଧିକାରୀ ମହମ୍ମଦ ଫିରୋଜ ଖାଁ, ସ୍କୁଲ ସମୂହ କ୍ରୀଡା ନିରୀକ୍ଷକ ଫକୀର ମହାନ୍ତ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାଏ ଏବଂ ଜିଲ୍ଲା କ୍ରୀଡା ସଂସ୍ଥାର ସମସ୍ତ କାଉନସିଲ ସଦସ୍ୟ ଉପସ୍ଥିତ ଥିଲେ। ଏହି ଖେଳକୁ ରେଫରୀ ଭାବେ ବୃନ୍ଦାବନ ମୁଣ୍ଡା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ଯତୀନ ମହାନ୍ତ ଏବଂ ଶଙ୍କର୍ଷଣ ନାୟକ। ଚତୁର୍ଥ ରେଫରୀ ଥିଲେ ବିଜୟ ମାଝୀ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଏବଂ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ପ୍ରତିଯୋଗିତା



ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ସି.ଏମ୍. ଟ୍ରଫି ନିମନ୍ତେ ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଷ୍ଟାଡ଼ିୟମଠାରେ ସି.ଏମ. ଟ୍ରଫି ହାସଲ ନିମନ୍ତେ ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ୍ ଇଂଟର କ୍ଲବ ପ୍ରତିଯୋଗିତା ଶୁଭାରମ୍ଭ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପୁହାଣ ଶୁଭ ଉଦଘାଟନ କରିଥିଲେ। ପାଠ ସହିତ କ୍ରୀଡ଼ା ଅଭ୍ୟାସ ନିଜ ଶରୀର ଓ ଜୀବନ ଗଠନରେ ବିଶେଷ ସହାୟକ ହୋଇଥାଏ ବୋଲି ଶ୍ରୀମତୀ ପୁହାଣ ମତ ବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଥାଏ ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଧିବଦ୍ଧ ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ନଳିନୀ ଦାଶ, କ୍ରୀଡ଼ା ଅଧିକାରୀ ସୁଦିପ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେଉଅଛି। ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଫୁଟବଲ ଚମ୍ପିୟାନ ସିପ୍ ପ୍ରତିଯୋଗତା ଅନୁଷ୍ଠିତ ହେବ। ଆଜି ଏହି ପ୍ରତିଯୋଗିତାରେ ଜିଲ୍ଲାର ୮ଟି କ୍ଲବ୍ ଅଂଶ ଗ୍ରହଣ କରିଛନ୍ତି। ଉତ୍ସବ ଶେଷରେ କ୍ରୀଡା ଅଧିକାରୀ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ କ୍ରୀଡା ଘୋଷକ ଅମୀୟ କୁମାର ଚାନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେୟ।

# ଭଲିବଲ ଖେଳାଳି ଅନିଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଗୋପ (ଭାସ୍କର ନ୍ୟୁଜ୍) : ସର୍ବଭାରତୀୟ ଭଲିବଲ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଅନିଲଙ୍କୁ ଗୋପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସ୍ୱାଗତ ସମ୍ବର୍ଦ୍ଧନା ଓ ରାଲୀକୁ ଗୋପ ଆଥଲେଟିକ ଆସୋସିଏସନର ପ୍ରମୁଖ ଶୁଭେନ୍ଦୁ ପୃଷ୍ଟି ଆୟୋଜନ କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନାରେ ଗୋପ ନିଗମାନନ୍ଦ ହାଇସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ସମସ୍ତ ଛାତ୍ରୀ ଛାତ୍ରଙ୍କ ଦ୍ୱାରା ସ୍କୁଲ ସମ୍ମୁଖରେ ସ୍ୱାଗତ କରିଯିବା ସହିତ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଗୋପ ବ୍ଲକ୍ ଅଧିନସ୍ତ ଗୋପ ପଞ୍ଚାୟତ ଅନ୍ତର୍ଗତ ବାୟାକୁଦା ଗ୍ରାମର ଅକ୍ଷୟ କୁମାର ସେନାପତିଙ୍କ ପୁତ୍ର ଅନିଲ କୁମାର ସେନାପତି ଗୋପ ନିଗମାନନ୍ଦ ହାଇସ୍କୁଲରେ ଅଧ୍ୟୟନ ପରେ ଗୋପ ମହାବିଦ୍ୟାଳୟ +୨ ଶେଷ କରିଥିଲେ। ପରେ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ୨୦୧୮ ମସିହାରେ ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳୀର କୃତିତ୍ୱ ଅର୍ଜନ କରିଥିଲେ। ପୁନଃ ଚଳିତ ବର୍ଷ ପାଇଁ ସର୍ବ ଭାରତୀୟ ଭଲିବଲ୍ ଖେଳରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ନିଜର ସର୍ବୋତ୍ତମ ଖେଳ ପ୍ରଦର୍ଶନ କରି ରାଜ୍ୟ ସମେତ ନିଜ ସ୍କୁଲ କଲେଜ ଏବଂ ଗୋପ ମା ଭବାନୀ ସ୍ପୋର୍ଟ୍ସ ଆସୋସିଏସନ ସହିତ ଗୋପ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ତାଙ୍କର କୃତିତ୍ୱ ପାଇଁ ଗୁରୁବାର ପୂର୍ବାହ୍ନରେ କୁସୁପୁର ରାମେଶ୍ୱର ମନ୍ଦିର ଠାରୁ ଏକ ବିଶାଳ ରାଲି କରାଯାଇ ଗୋପ ନିଗମାନନ୍ଦ ହାଇସ୍କୁଲ ନିକଟରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରୀଛାତ୍ରଙ୍କ ପକ୍ଷରୁ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ଗୋପ ସୁରକ୍ଷା ମଞ୍ଚ ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ଓ ଏମଭିବିଟି ପକ୍ଷରୁ ପୁରାତନ ଖେଳାଳୀ ବିଭୁତି ଭୂଷଣ ପଟ୍ଟନାୟକ ବିଶ୍ୱରଂଜନ ମୁଖୀ ପ୍ରମୁଖ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଅନିଲ ଭାରତୀୟ ଭଲିବଲ ଟିମ୍ ପକ୍ଷରୁ ଦେଶ ପାଇଁ ଖେଳିବେ ବୋଲି ଲକ୍ଷ୍ୟ ରଖିଥିବା କହିଛନ୍ତି।

# ବିଶ୍ୱନାଥ ଭଞ୍ଜ କ୍ରୀଡା ପ୍ରତିଭା ସମ୍ମାନ ପ୍ରଦାନ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ସୁନାମଧନ୍ୟ ପ୍ରାକ୍ତନ ଖେଳ ଶିକ୍ଷକ ସ୍ୱର୍ଗତଃ ବିଶ୍ୱନାଥ ଭଞ୍ଜ କେବଳ ପୁରୀ ନୁହେଁ ସାରା ରାଜ୍ୟରେ ଏକ ସୁପରିଚିତ ଖେଳ ଶିକ୍ଷକ ଭଞ୍ଜ ସାର ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଜୀବନ ମଧ୍ୟରେ ସେ ଅନେକ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ସ୍ତରୀୟ ଖେଳ ପ୍ରଶିକ୍ଷଣ ପ୍ରଦାନ କରି ରାଜ୍ୟ ତଥା ରାଷ୍ଟ୍ରୀୟ ସ୍ତରୀୟ ପଦକ ବିଜେତା କରିପାରିଥିଲେ ଯାହା ଆମ ପୁରୀକୁ ଗୌରବାନ୍ୱିତ କରିଥିଲା। ଏବେ ମଧ୍ୟ ଭଞ୍ଜ ସାରଙ୍କ ଅନେକ ଶିଷ୍ୟ ବିଭିନ୍ନ ଖେଳ ପ୍ରତିଷ୍ଠାନରେ ସଫଳତାର ସହ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ପ୍ରତିପାଦନ କରୁଅଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଭଞ୍ଜ ସାରଙ୍କ ସ୍ମୃତିରେ ବିଶ୍ୱମ୍ଭର ବିଦ୍ୟାପୀଠର ୧୯୯୨ ବ୍ୟାଚର ପ୍ରାକ୍ତନ ଛାତ୍ର ଛାତ୍ରୀମାନଙ୍କ ତରଫରୁ ବିଦ୍ୟାଳୟରେ ଅନୁଷ୍ଠିତ ଖେଳ ପ୍ରତିଯୋଗିତାରେ ବାଳକ ଓ ବାଳିକା ବିଭାଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଶ୍ରୀମାନ କରୁଣାକର ମୁର୍ମୁ ଓ କୁମାରୀ ବୈଷ୍ଣବୀ ଆଚାରୀଙ୍କୁ ଟ୍ରଫି ସହ ଟ୍ରାକସୁଟ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସାମର୍ଥକ୍ଷ, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ମୋସ୍କୁଲ କମିଟିର ସଭାପତି ରମା ବଲ୍ଲଭ ମହାପାତ୍ର, ଟାଉନ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶ, ଓ ୧୯୯୨ ବ୍ୟାଚ ତରଫରୁ ଅଶୋକା ମଞ୍ଜରୀ ନାୟକ, ଜଗନ୍ନାଥ ମହାପାତ୍ର, ପିତାମ୍ବର ମହାରଣା, ଦେବାଶିଷ ମିଶ୍ର ଆଦି ସଦସ୍ୟ ମାନେ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ପ୍ରତ୍ୟେକଙ୍କ ଘରେ ରସୁଣ ଏବଂ ମହୁ ଉପଲବ୍ଧ ରହିଥାଏ । ଏହାର ବ୍ୟବହାର ମଧ୍ୟ ଆମେ ଦୈନନ୍ଦିନ କରିଥାଏ । କିନ୍ତୁ ମହୁ ଏବଂ ରଶଙ୍କୁ ଏକ ସାଙ୍ଗରେ ଖାଇଲେ ସ୍ୱାସ୍ଥ୍ୟକୁ ମିଳିଥାଏ ଅନେକ ଫାଇଦା । ଭଲ ହୋଇଯାଏ ଅନେକ ରୋଗ । ବାୟୋଟିକ ଏବଂ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ମିଳିଥାଏ । ସେହିପରି ଅନ୍ୟପକ୍ଷେ ରଶୁଣରେ ଏଲିସିନ ଏବଂ ଫାଇବର ଭଳି ତତ୍ତ୍ୱ ମିଳିଥାଏ । ଯାହାକି ଆପଣଙ୍କୁ ଅନେକ ରୋଗର ସମାଧାନ କରିଥାଏ । ମହୁରେ ବତୁରା ଯାଇଥିବା ରଶୁଣକୁ ଖାଇବା ଦ୍ୱାରା ଇମ୍ୟୁନିଟି ସିଷ୍ଟମ ବା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଏହା ଏକ ସୁପରଫୁଡ, ଯାହା ଆଣ୍ଟିବାୟୋଟିକ ଭଳି କାର୍ଯ୍ୟ କରିଥାଏ । ଏହା ଶରୀରରୁ ବର୍ଜ୍ୟବସ୍ତୁ ବାହାର କରି ସଂକ୍ରମଣରୁ ରକ୍ଷା କରିଥାଏ । ଥଣ୍ଡା-ଜ୍ୱରରୁ ମୁକ୍ତି ପାଇବା ପାଇଁ ରଶୁଣ ଏବଂ ମହୁ ଖାଇବା ସବୁଠୁ ଭଲ ଉପାୟ । ଏହି ଦୁଇଟି ଜିନିଷ ଶରୀରକୁ ଗରମ ରଖିଥାଏ । ଏହା ଦେହରେ ହେଉଥିବା ଯନ୍ତ୍ରଣା ବା କଷ୍ଟ-ବିନ୍ଧାକୁ ମଧ୍ୟ ଦୂର କରିଥାଏ । ରସୁଣ ଏବଂ ମହୁ ଆପଣଙ୍କ ଶରୀରରୁ ବ୍ୟାଡ କୋଲେଷ୍ଟ୍ରଲକୁ ବାହାର କରିବାରେ ସାହାଯ୍ୟ କରିଥାଏ । ଏଥିରେ ରକ୍ତ ସଞ୍ଚାଳନ ଠିକ୍ ହୋଇଥାଏ । ଏଥିରେ ଏପରି ଗୁଣ ରହିଛି, ଯାହା ହୃଦୟର ଧମନୀରେ ଜମା ହୋଇଥିବା ଫ୍ୟାଟକୁ ବାହାର କରିବାରେ ସାହାଯ୍ୟ କରିଥାଏ ।

## ଘରେ ତିଆରି କରନ୍ତୁ ଫେସ୍ ମାସ୍କ ତ୍ୱଚାରେ ଆସିବ ଚମକ



*ମହିଳାମାନେ କାର୍ଯ୍ୟବ୍ୟସ୍ତତା ଯୋଗୁ ନିଜ ପାଇଁ ସମୟ ଦେଇପାରନ୍ତି ନାହିଁ । ଯାହାଫଳରେ ନିଜ ଚେହେରା ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଯଦି ଆପଣ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ନିଜର ସ୍କିନ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ । ଯଦି ଦିନବେଳେ ନିଜ ସ୍କିନ ପ୍ରତି ଧ୍ୟାନ ଦେବାକୁ ସମୟ ହେଉନି ତେବେ ଘରେ ଅତି ସହଜରେ ମିଳୁଥିବା କିଛି ଜିନିଷରେ ମାସ୍କ ପ୍ରସ୍ତୁତ କରି ରାତିରେ ଶୋଇବା ପୂର୍ବରୁ ଫେସରେ ଲଗାଇ ନିଜ ସ୍କିନକୁ ସୁନ୍ଦର ଏବଂ ଗ୍ଲୋଇଂ କରିପାରିବେ । ତେବେ ଆସନ୍ତୁ ଜାଣିବା ଏହି ଫେସ ମାସ୍କ ବିଷୟରେ..*

### କ୍ଷୀର ଏବଂ ହଳଦୀ

ହଳଦୀ ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ସ୍କିନକୁ ସୁସ୍ଥ ରଖିଥାଏ । କଞ୍ଚା କ୍ଷୀରରେ ଲାକ୍ଟିକ ଏସିଡ ଏବଂ ପ୍ରୋଟିନ ଭରପୂର ମାତ୍ରାରେ ରହିଥାଏ, ଯାହା ତ୍ୱଚାକୁ ନରମ କରିଥାଏ । ତେଣୁ ଏହି ଫେସ ମାସ୍କ ସ୍କିନ ପାଇଁ ଖୁବ ଲାଭଦାୟୀ ହୋଇଥାଏ । ପ୍ରଥମେ ଅଧା ଚାମଚ ହଳଦୀ ଏବଂ କଞ୍ଚା କ୍ଷୀରକୁ ମିଶାଇ ଦିଅନ୍ତୁ । ହାତରେ ନେଇ ଏହାକୁ ଚେହେରାରେ ଲଗାନ୍ତୁ । ପରେ ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏପରି କିଛି ଦିନ କଲେ ଦେଖିବେ ଚେହେରା ଗ୍ଲୋ ଦେଖାଯିବ । ଏହି ଫେସ ମାସ୍କ ଖରା ଯୋଗୁଁ ହୋଇଥିବା ଟ୍ୟାନ ମଧ୍ୟ ଦୂର କରିଥାଏ ।

### ତରଭୁଜ ରସ

ତରଭୂଜରେ ଅନେକ ଔଷଧୀୟ ଗୁଣ ରହିଛି । ଏଥିରେ ଭରପୂର ମାତ୍ରାରେ ଭିଟାମିନ ସି ରହିଥାଏ । ତରଭୂଜରୁ ରସ ବାହାର କରି ଏହାକୁ ରାତିରେ ଶୋଇବା ପୂର୍ବରୁ ଚେହେରାରେ ଲଗାନ୍ତୁ । ସକାଳେ ଉଠିବା ପରେ ଏହାକୁ ଧୋଇ ଦିଅନ୍ତୁ । ଦେଖିବେ ଏପରି ସପ୍ତାହରେ ଦୁଇରୁ ତିନି ଥର କରିବା ଫଳରେ ସ୍କିନ ସୁନ୍ଦର ଦେଖାଯିବ ।



### ଗୋଲାପ ଜଳ

ତ୍ୱଚାରୁ ଶୁଖିଲାପଣ ଦୁରେଇବା ପାଇଁ ଗୋଲାପ ଜଳର ବ୍ୟବହାର କରାଯାଏ । ଏହା ତ୍ୱଚାରେ ଲୁଚି ରହିଥିବା ମଇଳା ଦୂର କରିବାରେ ସାହାଯ୍ୟ କରିବା ସହିତ ସ୍କିନକୁ ସୁନ୍ଦର ଏବଂ ଗ୍ଲୋଇଂ କରିଥାଏ । ରାତିରେ ଶୋଇବା ପୂର୍ବରୁ ଗୋଲାପ ଜଳ ଲଗାନ୍ତୁ ଏବଂ ସକାଳେ ଉଠି ତ୍ୱଚାକୁ ଧୋଇ ଦିଅନ୍ତୁ ।

### ଆଳୁ ରସ ଏବଂ ଗ୍ରୀନ ଟି

ଏକ ପାତ୍ର ନେଇ ଆଳୁ ରସ ସହିତ ଗ୍ରୀନ୍‌ଟି ମିକ୍ସ କରିଦିଅନ୍ତୁ । ପରେ ଏହାକୁ ଚେହେରାରେ ଲଗାଇ ରାତିସାରା ଛାଡ଼ିଦିଅନ୍ତୁ । ସକାଳୁ ଏହାକୁ ଭଲ ଭାବେ ଧୋଇ ଦିଅନ୍ତୁ । ଏହାକୁ ସପ୍ତାହରେ ଦୁଇରୁ ତିନି ଥର କରନ୍ତୁ ଦେଖିବେ ଚେହେରାରେ କେତେ ଫରକ ଆସିଛି । ଗ୍ରୀନ ଟି ଆମ ସ୍ୱାସ୍ଥ୍ୟ ସହିତ ସ୍କିନ ପାଇଁ ମଧ୍ୟ ଖୁବ ଉପକାରୀ ।

## ପ୍ରିୟଙ୍କାଙ୍କୁ ଚାପୁଡ଼ା



କୁହାଯାଏ ଯେ, ହସିବା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଖୁସି ହେବା ଉଚିତ୍ ଏବଂ ହସିବା ଉଚିତ୍ । ଏହା ମଧ୍ୟ ହୃଦୟର ସ୍ୱାସ୍ଥ୍ୟରେ ଉନ୍ନତି ଆଣି ଚାପକୁ ହ୍ରାସ କରିଥାଏ । ଏହା ବ୍ୟତୀତ ମାଂସପେଶୀ ମଧ୍ୟ ଭଲ ରହିଥାଏ । କିନ୍ତୁ ବେଳେବେଳେ ଅନାବଶ୍ୟକ ଭାବରେ ହସିବା ଖରାପ ଖରାପ ସାବ୍ୟସ୍ତ ହୋଇଥାଏ । ଏହା ଦ୍ୱାରା ହୁଏତ ଅନ୍ୟ କେହି ଖରାପ ଅନୁଭବ କରିପାରନ୍ତି । ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ସହ ମଧ୍ୟ ସମାନ ଘଟଣା ଘଟିଥିଲା । ଥରେ ସେ ସର୍ବସାଧାରଣରେ ହସିବା ସମୟରେ କେହି ଜଣେ ତାଙ୍କୁ ଟାଣି ନେଇ ଶକ୍ତ ଚାପୁଡ଼ା ମାରିଥିଲା । ପ୍ରିୟଙ୍କା ଚୋପ୍ରା ବଲିଉଡ ସହିତ ହଲିଉଡରେ ମଧ୍ୟ ଖ୍ୟାତି ଅର୍ଜନ କରିଛନ୍ତି । ସେ ହଲିଉଡରେ ଚମତ୍କାର ଅଭିନୟ କରୁଛନ୍ତି । ତାଙ୍କୁ ଶକ୍ତ ଚାପୁଡ଼ା ମାରିଥିବା ବିଷୟରେ ଏକ କାହାଣୀ ପ୍ରିୟଙ୍କା ଚୋପ୍ରା ନିଜେ କପିଲ ଶର୍ମାଙ୍କ ସୋ'ରେ ପ୍ରକାଶ କରିଥିଲେ । ପ୍ରିୟଙ୍କା କହିଥିଲେ,ଯେତେବେଳେ ମୁଁ ତୃତୀୟ ଶ୍ରେଣୀରେ ପଢୁଥିଲି, ଆମେ ଲକ୍ଷ୍ନୌରେ ରହୁଥିଲୁ । ଦିନେ ମୁଁ ସ୍କୁଲ ଯାଉଥିଲି, ଆମ ସ୍କୁଲ ନିକଟରେ ଏକ ବଡ଼ ଗଛ ଥିଲା, ଯେଉଁଥିରେ ଅନେକ ମାଙ୍କଡ଼ ବସିଥିଲେ । ଗଛ ତଳ ଦେଇ ଯାଉଥିବା ସମୟରେ ଗୋଟିଏ ମାଙ୍କଡ ସେହି ଗଛ ଉପରେ ବସି ନିଜକୁ ସଫା କରୁଥିଲା । ମୁଁ ମାଙ୍କଡକୁ ଏଭଳି କରୁଥିବା ଦେଖି ଜୋରରେ ହସିବାକୁ ଲାଗିଲି । ତା'ପରେ ହଠାତ୍ ମୋ ଅଜାଣତରେ ମାଙ୍କଡ ଗଛ ତଳକୁ ଓହ୍ଲାଇଲା, ମୋତେ ଟାଣି ନେଇ ଶକ୍ତ ଚାପୁଡ଼ା ମାରିଲା । ଏହାପରେ ଗଛ ଉପରକୁ ପଳାଇ ଗଲା । ସେତେବେଳେ ପ୍ରିୟଙ୍କା ଚୋପ୍ରା କପିଲ ଶର୍ମାଙ୍କ ସୋ'ରେ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଦି ସ୍କାଏ ଇଜ୍ ପିଙ୍କ୍'ର ପ୍ରମୋସନ ପାଇଁ ପହଞ୍ଚିଥିଲେ । ସମ୍ପ୍ରତି ପ୍ରିୟଙ୍କା ଚୋପ୍ରା ତାଙ୍କ ସ୍ୱାମୀ ନିକ୍ ଜୋନାସଙ୍କ ସହ ଆମେରିକାର ଲସ୍ ଏଞ୍ଜେଲସ୍‌ରେ ରହୁଛନ୍ତି ।

## ଅମୀରଙ୍କୁ ଛାଡ଼ପତ୍ର ଦେବା ସହଜ ନଥିଲା



ସିନେମା ନିର୍ମାତା କିରଣ ରାଓ ୨୦୦୫ ମସିହାରେ ଅମୀର ଖାନଙ୍କୁ ବିବାହ କରିଥିଲେ । ବିବାହର କିଛିବର୍ଷ ପରେ ଆର୍ଥାତ ୨୦୧୧ରେ କିରଣ ସରୋଗେସି ମାଧ୍ୟମରେ ପୁତ୍ର ସନ୍ତାନର ଜନନୀ ହୋଇଥିଲେ । କିରଣଙ୍କ ସହିତ ଅମୀରଙ୍କ ଦ୍ୱିତୀୟ ବିବାହ ଥିଲା । କିନ୍ତୁ ଦୁହିଁଙ୍କ ବିବାହ ବେଶୀଦିନ ତିଷ୍ଠି ପାରିନଥିଲା । ୨୦୨୧ରେ କରଣ ଅମୀରଙ୍କ ଠାରୁ ଛାଡ଼ପତ୍ର ନେଇ ଅଲଗା ହୋଇଯାଇଥିଲେ । ବିବାହ ବିଚ୍ଛେଦ ସତ୍ତ୍ୱେ ଦୁହେଁ ମିଶି ପୁଅର ଲାଳନପାଳନ କରୁଛନ୍ତି । ପୁଅ ପ୍ରତି ଅମୀର ଓ କିରଣ ଖୁବ ଯତ୍ନଶୀଳ ଅଛନ୍ତି । ଦୁହେଁ ସେମାନଙ୍କ ପୁଅ ଉପରେ ବିବାହ ବିଚ୍ଛେଦର ପ୍ରଭାବ ପକାଇବାକୁ ଚାହାନ୍ତି ନାହିଁ । ଛାଡ଼ପତ୍ର ପରେ ବି କିରଣ ଓ ଅମୀରଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି । ନିକଟରେ ଏକ ସାକ୍ଷାତକାରରେ କିରଣ କହିଛନ୍ତି, 'ଅମୀରଙ୍କୁ ଛାଡ଼ପତ୍ର ଦେବା ସହଜ ନଥିଲା । ଆମ ଭିତରେ ଝଗଡ଼ା ଲାଗେ ନାହିଁ । ଯଦି ବି କେବେ ଝଗଡ଼ା ଲାଗିଥାଏ ତାହା ୧୨ଘଣ୍ଟା ଭିତରେ ସମାଧାନ ହୋଇଯାଇଥାଏ । ଛାଡ଼ପତ୍ର ନେବା ପାଇଁ ଅମୀର ଓ ମୁଁ ଅନେକ ବୁଝି ବିଚାରି ନିଷ୍ପତ୍ତି ନେଇଥିଲୁ । ବିବାହ ବିଚ୍ଛେଦ ହେବାପରେ ଅମୀର ଓ ମୁଁ ଭଲ ସାଙ୍ଗ ହୋଇ ରହି ଯାଇଛୁ । ଅମୀର ମୋର ଜଣେ ଭଲ ଶିକ୍ଷକ ।'

## 'ଧୁମ୍ ୪' ପାଇଁ ପ୍ରସ୍ତୁତ ହେଉଛନ୍ତି ରଣବୀର

ବଲିଉଡ୍ ସୁପରଷ୍ଟାର ରଣବୀର କପୁର ଖୁବ୍ ଶୀଘ୍ର 'ଧୁମ୍ ୪'ରେ ନଜର ଆସିବେ । ୟଶ ରାଜ ବ୍ୟାନରର 'ଧୁମ୍ ୪'ର ଫିଲ୍ମ ତାଙ୍କୁ ଅଫର୍ କରାଯାଇଛି ବୋଲି କୁହାଯାଉଛି । କିଛି ଦିନ ପୂର୍ବରୁ ରଣବୀର ତାଙ୍କର ଦାମୀ କାର୍‌ରେ ୟଶ ରାଜ୍ ଫିଲ୍ମ ଅଫିସ୍‌କୁ ଆସିଥିବାର ଦେଖାଯାଇଥିଲା । ସେହି ଦିନ ଠାରୁ ସେ 'ଧୁମ୍ ୪'ରେ ନଜର ଆସିବା ନେଇ ଚର୍ଚ୍ଚା ଜୋର ଧରିଛି । ରଣବୀର ବର୍ତ୍ତମାନ ଏହି ଆକ୍ସନ ଥ୍ରୀଲର ପାଇଁ ପ୍ରସ୍ତୁତ ହେଉଛନ୍ତି । ଫିଲ୍ମର ସୁଟିଂ ବିଷୟରେ ମଧ୍ୟ କିଛି ତଥ୍ୟ ସାମ୍ନାକୁ ଆସିଛି । ପ୍ରଡକ୍ସନ୍ ଟିମ୍ ଫିଲ୍ମର ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ରଣବୀର ୨୦୨୬ ଖରାଦିନରେ ଏହି ଫିଲ୍ମ ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡିଛି । ନିର୍ମାତା ଫିଲ୍ମରେ ମୁଖ୍ୟ ଭୂମିକାରେ ୨ ଜଣ ଅଭିନେତ୍ରୀଙ୍କୁ ନେବାକୁ ଚାହୁଁଛନ୍ତି । ବର୍ତ୍ତମାନ ରଣବୀର କପୁର ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ରାମାୟଣ'ର ପ୍ରଥମ ଭାଗର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହି ସିନେମାରେ ଭଗବାନ ରାମଙ୍କ ଭୂମିକାରେ ରଣବୀର କପୁର ନଜର ଆସିବେ । ମାତା ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ ଏବଂ ଲଙ୍କାପତି ରାବଣ ଭୂମିକାରେ ସାଉଥ୍ ସୁପରଷ୍ଟାର ୟଶ ନଜର ଆସିବେ ।



## ଗୁଡ଼ି ଉଡାଉଛି ମାଙ୍କଡ

ଆଜିକାଲି ଏକ ବନାରସୀ ମାଙ୍କଡ଼ ଖବରର ଶିରୋନାମା ପାଲଟିଛି । ଏହି ମାଙ୍କଡ଼ ଛାତ ଉପରେ ଚଢ଼ି ଗୁଡ଼ି ଉଡ଼ାଇବା ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏହାକୁ ଦେଖିବା ପରେ ଲୋକମାନେ ଆଶ୍ଚର୍ଯ୍ୟ ହେଉଛନ୍ତି । ଭିଡିଓଟି ଉତ୍ତର ପ୍ରଦେଶର ବନାରସର । 'ପିଙ୍କଭିଲା' ନାମକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରାଯାଇଛି । ଯେଉଁଥିରେ ଏକ ମାଙ୍କଡ଼ ଛାତ ଉପରେ ଗୁଡ଼ି ଉଡ଼ାଉଥିବାର ଦେଖାଯାଉଛି । ଭିଡିଓଟି ବନାରସର ବୋଲି କୁହାଯାଉଛି । ପ୍ରକୃତରେ, ମଣିଷର ପୂର୍ବପୁରୁଷମାନେ ମାଙ୍କଡ଼ ପ୍ରଜାତିର ପ୍ରାଣୀ ଥିଲେ । ଏହି କାରଣରୁ ମଣିଷ ଏବଂ ମାଙ୍କଡ଼ ମଧ୍ୟରେ ଅନେକ ସମାନତା ଅଛି । ଭିଡିଓରେ ଆପଣ ଦେଖିପାରିବେ ଯେ, ଏକ ମାଙ୍କଡ଼ ଘରର ଛାତ ଉପରେ ଚଢ଼ିଛି ଏବଂ ଦଉଡ଼ି ଧରିଛି । ସେ ଗୁଡ଼ିକୁ ଟାଣି ହାତରେ ଧରି ଟାଣୁଛି । ତାଙ୍କର ସନ୍ତୁଳନ, ସେ ଦଉଡ଼ି ଧରିବାର ଢଙ୍ଗ, ଗୁଡିକୁ ନିଜ ଆଡ଼କୁ ଟାଣିବାର ତାଙ୍କର ବୁଝାମଣା, ସବୁକିଛି ଦେଖିବା ଆଶ୍ଚର୍ଯ୍ୟଜନକ । ଏହି ଭିଡିଓଟି ୭ ଲକ୍ଷରୁ ଅଧିକ ଭ୍ୟୁ ପାଇଛି ଏବଂ ଅନେକ ଲୋକ କମେଣ୍ଟ ଦେଇଛନ୍ତି ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଶୁଆକାଟି ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ଅନୁପମା ମହାପାତ୍ର, ସମ୍ମାନିତ ଅତିଥି ଅଧ୍ୟାପିକା ଗୀତାଞ୍ଜଳୀ ମହାନ୍ତ, ଶୁଭଦର୍ଶିନୀ ମହାପାତ୍ର, ମାମାଶ୍ରୀ ଦେହୁରୀ, ଗୀତାଞ୍ଜଳୀ ଗିରି, ସୃଷ୍ଟି ପରିଡା, ବନ୍ଦିତା ଭଟ୍ଟାଚାର୍ଯ୍ୟ, ଭାରତୀ ମହାନ୍ତ, ଶ୍ୱେତଲିନା ମହାନ୍ତି, ସ୍ୱାଗତିକା ରାଉତ, ଅଧ୍ୟାପକ ପ୍ରଶାନ୍ତ କୁମାର ନାଥ, ପ୍ରଶାନ୍ତ ଦାସ, ଆନନ୍ଦଚନ୍ଦ୍ର ନନ୍ଦ, ବିଶ୍ୱଜିତ ବାରିକ, ପ୍ରିୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଭାବେ ଶୁଭଶ୍ରୀ ସାହୁ, ଅଭିସ୍ମିତା ପଟ୍ଟନାୟକ, ଅଭିଲିପ୍ସା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସଂଯୋଜକ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୁରୁମୁଙ୍ଗା ବିରିଷ୍ଠ ପ୍ରଧାପକ ଯତିନ୍ଦ୍ର କୁମାର ମିଶ୍ର ଶିବିରକୁ ପରିଦର୍ଶନରେ ଆସିଥିଲେ।

# ଅନୁସୂଚିତ ଜାତି ବର୍ଗର ଲୋକଙ୍କୁ ମାଡ ମାରିବା ଅଭିଯୋଗ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ରାସୋଳ ଥାନା ଅନ୍ତର୍ଗତ ବେଡାପଡା ଗ୍ରାମର ଅନୁସୂଚିତ ଜାତି ବର୍ଗର ଅଧିବାସୀମାନେ ସୋମନଙ୍କ ଉପରେ ଅତ୍ୟାଚାରକୁ ନେଇ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ପ୍ରକାଶଥାଉକି, ଗତ ଜାନୁଆରୀ ୧୨ ତାରିଖରେ ବେଡାପଡା ଗ୍ରାମରେ କ୍ରିକେଟ ଖେଳକୁ ନେଇ ସବର୍ଣ୍ଣ ଅସବର୍ଣ୍ଣ ଗଣ୍ଡଗୋଳର ସୂତ୍ରପାତ ହୋଇଛି । ଏହାକୁ ନେଇ ସବର୍ଣ୍ଣ ଅସବର୍ଣ୍ଣଙ୍କ ଉପରେ ଅତ୍ୟାଚାର କରୁଥିବା ଘଟଣାକୁ ନେଇ ଜିଲ୍ଲାପାଳଙ୍କ ଠାରେ ଅସବର୍ଣ୍ଣ ଲୋକ ଅଭିଯୋଗରେ ଦର୍ଶାଇଛନ୍ତି । ବେଡାପଡା ଗ୍ରାମରେ ୪ଟି କ୍ଲବ୍‌ର ଯୁବକମାନେ କ୍ରିକେଟ୍ ଖେଳ ଆୟୋଜନକରିଥିଲେ । ଖେଳ ଶେଷ ଦିନ ପଡିଆରେ କେଉଁ କାରଣ ପାଇଁ ଗଣ୍ଡଗୋଳ ହେଲା ତାହା ଅନୁସୂଚିତ ଜାତିର ଲୋକମାନଙ୍କୁ ଜଣାନାହିଁ ବୋଲି ବେଡାପଡା ଗ୍ରାମର ଅନୁସୂଚିତ ଜାତି ବର୍ଗର ଲୋକ ସୂଚାଇଛନ୍ତି । ବେଡାପଡା ଗ୍ରାମର ଲୋକମାନେ ପାଖାପାଖି ୨୫୦ରୁ ଉର୍ଦ୍ଧ୍ୱ ଲୋକମାନେ ଉଭୟ ପୁରୁଷ ଓ ମହିଳାମାନେ ସଂଘବଦ୍ଧ ହୋଇ ମାରଣାସ୍ତ୍ର, ଖଣ୍ଡା, ଭୁଜାଲି, କଟୁରୀ, ଲୁହାଛଡ, ପଥର, ଷ୍ଟମ୍ପ୍ ଆଦି ଧରି ରାତି ପ୍ରାୟ ୯ ଘଟିକା ସମୟରେ ବିଭିନ୍ନ ପ୍ରକାର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବୁ, ବମ୍ ପକାଇ ଉଡାଇ ଦେବୁ ଆଦି ଧମକ ଦେଇଥିଲେ ବୋଲି ଅନୁସୂଚିତ ଜାତି ବର୍ଗର ସାହିବାସିନ୍ଦା ଜିଲ୍ଲାପାଳଙ୍କୁ ଏନେଇ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ତତ୍ ସହିତ ଗ୍ରାମରେ ପଶି ଚାଳଘର, ଦୋକାନ, ବାସନ୍ଦକୁସନ, ଚେୟାର, ଭାତହାଣ୍ଡି ଇତ୍ୟାଦି ଭାଙ୍ଗି ଦେଇଛନ୍ତି ଓ କୂଅରେ ଆବର୍ଜନା ପକାଇ ପାଣି ଦୂଷିତ କରିଦେଇଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ସବର୍ଣ୍ଣମାନେ ସରକାରୀ ନଳକୂପ ମଧ୍ୟ ଭାଙ୍ଗି ଦେଇଛନ୍ତି । ପଥର ମାଡ କରିବା ଦ୍ୱାରା ସେହି ସାହିର ବୃଦ୍ଧା କଳାବତୀ ନାଏକ (୭୦)ଙ୍କ ମୁଣ୍ଡରେ ବାଜି ଆଘାତ ହୋଇଛନ୍ତି । ସେହି ସାହିରୁ ବିଦ୍ୟୁତ୍ କାଟିବା ସହିତ ସରପଞ୍ଚଙ୍କ ମିଥ୍ୟା ଅଭିଯୋଗରେ ସାହିର ପୁରୁଷମାନଙ୍କୁ ମିଥ୍ୟା କେଶ୍‌ରେ ଫସାଇ ଜେଲ୍ ପଠାଇଛନ୍ତି । ଅନ୍ୟମାନଙ୍କୁ ଗିରଫ କରିବାକୁ ପୋଲିସ୍ ଖୋଜୁଛି ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି । ଫଳରେ ଛୋଟପିଲାମାନଙ୍କୁ ଧରି ସାହିର ମହିଳାମାନେ ଜଙ୍ଗଲରେ ଲୁଚୁଛନ୍ତି । ଏଭଳି କାର୍ଯ୍ୟକଳାପ ଗ୍ରାମର ସଭାପତି ଦୁଷ୍ମନ୍ତ ଗଡନାୟକ, ରାଜେଶ୍ ପରିଡା, ଶୁଶିଳ ଗଡନାୟକ, ମନ୍ଦରଧର ସାମଲ, ଅଜିତ୍ ସାମଲ, ମିହିର ରାଉତ, ଅଧିକାରୀ ସାମଲ ପ୍ରମୁଖଙ୍କ ନେତୃତ୍ୱରେ ହୋଇଛି ବୋଲି ପତ୍ରରେ ଦର୍ଶାଇଛନ୍ତି । ସାହିରେ କୌଣସି ପୁରୁଷ ଲୋକ ନଥିବାରୁ ମହିଳାମାନେ କେଉଁଠି ରହିବେ, କେମିତି ଚଳିବେ ଏସବୁ ଭାବି ଭାଙ୍ଗି ପଡିଛନ୍ତି । ଗଣ୍ଡଗୋଳ ସହିତ କୌଣସି ସଂପର୍କ ନଥାଇ ଏପରି ପରିସ୍ଥିତ ଭୋଗିବାକୁ ପଡୁଛି ବୋଲି ଜିଲ୍ଲାପାଳଙ୍କ ପାଖରେ ଗୁହାରୀ କରିଛନ୍ତି । ସ୍ଥାନୀୟ ସରପଞ୍ଚ ମଧ୍ୟ ଜାତିଆଣ ଭେଦଭାବ କରି କୌଣସି ପ୍ରକାର ସହଯୋଗ ବା ସରକାରୀ ସୁବିଧା ଦେଉ ନାହାଁନ୍ତି କି ମଠ, ମନ୍ଦିର ଓ ଦୋକାନରେ ବି ଜାତିଆଣ ବାରଣ କରି ହୀନମନ୍ୟତା ପୋଷଣ କରୁଛନ୍ତି ବୋଲି ଦର୍ଶାଇଛନ୍ତି । ତେଣୁ ଏହିସବୁ ଘଟଣାକୁ ତଦନ୍ତ କରି ସରକାରଙ୍କ ତରଫରୁ ନ୍ୟାୟ ପ୍ରଦାନ କରିବାକୁ ଉକ୍ତ ସାହିର ମହିଳା ଓ ଛୋଟପିଲାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଏହି ଅଭିଯୋଗ ପ୍ରଦାନ ବେଳେ ବେଡାପଡା ଅନୁସୂଚିତ ଜାତି ବର୍ଗର ରୀନା ନାଏକ, ଅମ୍ବିକା ନାଏକ, ଜ୍ୟୋସ୍ନା ନାଏକ, ଲକ୍ଷ୍ମୀ ନାଏକ, ପିଙ୍କି ନାଏକ, ଉର୍ବଶୀ ନାଏକ, ଭାରତୀ ନାଏକଙ୍କ ସହିତ ଛୋଟପିଲାମାନେ ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଏନେଇ ସ୍ଥାନୀୟ ସରପଞ୍ଚ ତପନ ପରିଡା କହନ୍ତି ଯେ, ବିଭିନ୍ନ ସମୟରେ ଅସବର୍ଣ୍ଣମାନେ ଗ୍ରାମରେ ଗଣ୍ଡଗୋଳ କରିବା ସହ ମିଥ୍ୟା ମାମଲା ରୁଜୁ କରି ଥିି ଏସ୍‌ସିଏସଟି ଆକ୍ଟରେ ସରକାରଙ୍କ ଠାରୁ ଅର୍ଥ ଆଦାୟ କରିବା ପାଇଁ ନୂତନ ଉପାୟ ଆପଣାଇଛନ୍ତି । ଏପରିକି ସବର୍ଣ୍ଣ ମାନଙ୍କୁ ବିଭିନ୍ନ ସମୟରେ ମଦ୍ୟପାନ କରି ଗାଳିଗୁଲଜ କରିବାକୁ ମଧ୍ୟ ପଛାଉନାହାନ୍ତି । ଏଥିପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେବା ସହ ଏହାର ସଠିକ୍ ତଦନ୍ତ କରି ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା



ରାଉରକେଲା (ଭାସ୍କର ନ୍ୟୁଜ): ରାଉରକେଲା ଇସ୍ପାତ କାରଖାନାର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ଏଚଆର ଏଲ ଆଣ୍ଡ ଡି ସେଣ୍ଟର ଠାରେ ଜାନୁଆରୀ ୧୦ ତାରିଖରେ ଆୟୋଜିତ ହୋଇଯାଇଛି । ଉକ୍ତ କର୍ମଶାଳାର ଉଦଘାଟନୀ ଅଧିବେଶନରେ ଏମଏସ ଓ ମାନବ ସମ୍ବଳ ଏଚଆର ଏଲଆଣ୍ଡଡି ବିଭାଗର ସିଜିଏମ ପିକେ ସାହୁ ଓ ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ରାଜୀବ ସେହଗଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଓଏଚଏସସିର ଏସିଏମଓ ଡାକ୍ତର ସିଭଲକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସିଆଣ୍ଡଆଇଟି ବିଭାଗର ଡିଜିଏମ ଭି ପି ଆର୍ଯ୍ୟ ଡିଜିଟାଲ ଯୁଗରେ ଇଣ୍ଟେରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ । ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡି କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ପପୁ କୁମାର ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ।

# ୧୯୯୦ ବ୍ୟାଚର ବନ୍ଧୁମିଳନ



ଗୋପ (ଭାସ୍କର ନ୍ୟୁଜ): ଗୋପ ନିଗମାନନ୍ଦ ହାଇସ୍କୁଲ ଓ ଗୋପ ବାଳିକା ବିଦ୍ୟାଳୟର ୧୯୯୦ ମସିହାର ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ ଉତ୍ସବ କୁସୁପୁର ସ୍ଥିତ ଆକାଶୀ ତୋଟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିଗମାନନ୍ଦ ହାଇସ୍କୁଲ ଓ ଗୋପ ବାଳିକା ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ପଦବୀ ପାଇଁ ବାଳିକା ବିଭାଗ ପକ୍ଷରୁ ଜୟନ୍ତୀ ବାରିକଙ୍କ ଚୟନଙ୍କୁ କରାଯାଇଥିବା ସ୍ଥଳେ କାର୍ଯ୍ୟକାରୀ ସଭାପତି ଭାବେ ମିଳନ କୁମାର ମହାନ୍ତିଙ୍କୁ ଚୟନ କରାଯାଇଥିଲା । ଠିକ ସେହିପରି ସମ୍ପାଦକ ଭାବେ ଡ଼.ଭବାନୀ ଶଙ୍କର ସାମନ୍ତରାୟ ଆଉ କୋଷାଧକ୍ଷ ଭାବେ ସନତ କୁମାର ସେନାପତିଙ୍କୁ ଚଳିତ ବର୍ଷ ପାଇଁ ଚୟନ କରାଯାଇଥିଲା । ସଚ୍ଚିଦାନନ୍ଦ ଗୋଛାୟତ,ପ୍ରଦୀପ୍ତ କୁମାର ସିଂ, ତ୍ରୈଲୋଚନ ସାହୁ, ରତ୍ନାକର ସେଠି ଆଦିଙ୍କ ନେତୃତ୍ୱରେ ଶତାଧିକ ଛାତ୍ର ଏକାଠି ହୋଇଥିଲେ । ଏଥିରେ ଛାତ୍ର ଛାତ୍ରୀ ମାନେ ଏକାଠି ହୋଇ ସ୍କୁଲ ସମୟର ଅଭୁଲା ସ୍ମୃତି କୁ ବଖାଣି ଥିଲେ । ବର୍ତ୍ତମାନ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋଚନା କରିବା ସହିତ ଆସନ୍ତା ଫେବୃଆରୀ ୧୪ରେ ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯିବ ନିଷ୍ପତ୍ତି ହୋଇଥିଲା ।

# ସଡ଼କ ସୁରକ୍ଷା ସଚେତନତା ଉପରେ କୁଇଜ୍




ରାଉରକେଲା (ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି)ର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟରେ ଏକ ସଡ଼କ ସୁରକ୍ଷା ସଚେତନତା କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଆରଏସପି ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା, ଚିନ୍ମୟ ବିଦ୍ୟାଳୟର ଉପାଧ୍ୟକ୍ଷ ସ୍ନେହାଂସୁ ନାୟକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଡେପୁଟି ମ୍ୟାନେଜର ନିଳକଣ୍ଠ ସେଠୀ, ଆସିଷ୍ଟାଣ୍ଟ ମ୍ୟାନେଜର କଲ୍ୟାଣ କାନ୍ତି ପଟେଲ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଦାୟିତ୍ୱବୋଧ ସୃଷ୍ଟି କରିବା ଏବଂ ଯୁବ ମନକୁ ସୁରକ୍ଷିତ ସଡ଼କ ଅଭ୍ୟାସ ବିଷୟରେ ଶିକ୍ଷା ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା, ଯାହା ୨୦୨୫ର ସଡ଼କ ସୁରକ୍ଷା ମାସ 'ପରବାହ କରେଙ୍ଗେ - ସୁରକ୍ଷିତ ରହେଙ୍ଗେ' ଥିମ୍ ଅନୁରୂପ ଅଟେ । ଭବିଷ୍ୟ ପିଢ଼ି ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ରାସ୍ତାରେ ସତର୍କତା ଏବଂ ଦାୟିତ୍ୱର ସଂସ୍କୃତିକୁ ଉତ୍ସାହିତ କରିବା ପାଇଁ ଏହି ପଦକ୍ଷେପକୁ ସ୍କୁଲ କର୍ତ୍ତୃପକ୍ଷ ବହୁତ ପ୍ରଶଂସା କରିଥିଲେ।

# ଚାଷୀ ହାଟର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତସ୍ଥିତ ବାରବାଟି ପଡ଼ିଆ ଠାରେ ବାରବାଟି ବିଶ୍ୱ ଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା ବନ୍ଧୁମିଳନ ତଥା ଚାଷୀ ହାଟରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି। ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରବି ପ୍ରସାଦ ସାମଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଅଶୋକ କୁମାର ସାମଲଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ବାର୍ଷିକ ବିବରଣୀ ପାଠ ରତିକାନ୍ତ ସାମଲ କରିଥିଲା ବେଳେ ପ୍ରାରମ୍ଭିକ ସୂଚନା ବୈନେତେୟ ଦାସ ଦେଇଥିଲେ। ଆଗାମୀ ବିଶ୍ୱ ଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା କିପରି ଭାବରେ ଶୃଙ୍ଖଳିତ ଭାବେ ହୋଇପାରିବ ସେ ନେଇ ଉପସ୍ଥିତ ନିମନ୍ତ୍ରୀତ ଅତିଥି ମାନେ ମତପ୍ରକାଶ କରିଥିଲେ। ଉତ୍ସବରେ ନୃସିଂହ ଚରଣ ଜେନା, ଦିନବନ୍ଧୁ ବେହେରା, ପ୍ରସନ୍ନ କୁମାର ପରିଡ଼ା, ଦୀଲ୍ଲିପ ସାମଲ, ଦେବେନ୍ଦ୍ର ସାମଲ, ବିକ୍ରମ ପ୍ରଧାନ, ଅନିରୁଦ୍ଧ ସାମଲ, ପ୍ରାଣକୃଷ୍ଣ ଦାସ, ନିମାଇଁ ଚରଣ କର ପ୍ରମୁଖ ଭାଗ ନେଇଥିଲେ।

# ସାଇକେଲରେ ମହାକୁମ୍ଭ ମେଳା ଯାତ୍ରା

ମାଲକାନଗିରି (ଭାସ୍କର ନ୍ୟୁଜ): ସାଇକେଲ ଯୋଗେ ମାଲକାନଗିରିରୁ ଜଣେ ଭକ୍ତ ଦିନେଶ ପଟନାୟକ ପ୍ରୟାଗ ରାଜ ଯାତ୍ରା ଆରମ୍ଭ କରିଛନ୍ତି। ଏହି ମହାକୁମ୍ଭ ମେଳା ୧୪୪ ବର୍ଷ ପରେ ହୋଇଥିବାବେଳେ ଏଠାରେ ଭକ୍ତଙ୍କ ଭିଡ଼ ବହୁ ମାତ୍ରାରେ ଦେଖିବାକୁ ମିଳିଥାଏ। ଅନେକ ଦିନ ତଳେ ଦିନେଶ ମାଲକାନଗିରିରୁ ପଦଯାତ୍ରା ଆରମ୍ଭ କରି ରାମମନ୍ଦିର ପହଞ୍ଚିଥିଲେ। ବର୍ତ୍ତମାନ ସାଇକେଲ ଯୋଗେ ମାଲକାନଗିରିରୁ ପ୍ରୟାଗ ରାଜ ଯାତ୍ରା ଆରମ୍ଭ



କରିଛନ୍ତି। ଯାହା ମାଲକାନଗିରି ପାଇଁ ଗୌରବର ବିଷୟ। ମାଲକାନଗିରି ରୁ ପ୍ରୟାଗ ରାଜ ଯାତ୍ରା ୧୧୦୦ କିଲୋମିଟର ହୋଇଥିବାବେଳେ ୧୦ ରୁ ୧୨ ଦିନ ଲାଗିବ ବୋଲି କହିଛନ୍ତି ଦିନେଶ।

# କରଞ୍ଜିଆ ବନଖଣ୍ଡ ପକ୍ଷରୁ ପକ୍ଷୀଗଣନା ପ୍ରଶିକ୍ଷଣ

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଚଳିତବର୍ଷ ପାଇଁ ହେବାକୁ ଥିବା ପକ୍ଷୀଗଣନା ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବନଖଣ୍ଡର କରଞ୍ଜିଆ, ଦୁଧିଆଣି, ଠାକୁରମୁଣ୍ଡା ଓ ସାତକୋଶିଆ ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀମାନେ ଯୋଗଦେଇଥିଲେ । ଚଳିତବର୍ଷ ଜାନୁଆରୀ ୧୦ତାରିଖରେ ହେବାକୁ ଥିବା ପକ୍ଷୀଗଣନା ଆସନ୍ତା ୧୮ ତାରିଖ ସକାଳ ୬ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ବନଖଣ୍ଡର ୨୭ଗୋଟି ଜଳାଶୟରେ ହେବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଥିଲେ । ୨୭ଗୋଟି ଜଳାଶୟ ମଧ୍ୟରେ କରଞ୍ଜିଆ ବନାଞ୍ଚଳର ୧୦, ଦୁଧିଆଣି ବନାଞ୍ଚଳର ୧୧, ଠାକୁରମୁଣ୍ଡା ବନାଞ୍ଚଳର ୪ ଓ ସାତକୋଶିଆ ବନାଞ୍ଚଳର ୨ଟି ଜଳାଶୟରେ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଗଣନା ହେବ । ଶିବିରରେ ବନଖଣ୍ଡ ଅଧିକାରୀ, ସହକାରୀ ବନ ସଂରକ୍ଷକ ପ୍ରଶିକ୍ଷଣ ଦେଇଥିବା ବେଳେ ଉକ୍ତ ଶିବିରରେ ନୋଏଡ଼ାସ୍ଥିତ ଡବ୍ଲ୍ୟୁଟିଆଇ କାର୍ଯ୍ୟାଳୟରୁ ହସ୍ତୀ ପରିଚାଳନା ବିଶେଷଜ୍ଞ ରାକେଶ ମଣ୍ଡଳ ଯୋଗଦେଇ ହାତୀମାନଙ୍କ ଯାତାୟାତ, ଗତିବିଧି, ସୁରକ୍ଷା, ମଣିଷ-ହାତୀ ଲଢେଇ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ।

# ସ୍ଥଳ ସେନା ଦିବସ ପାଳିତ



ବାରିପଦା (ଭାସ୍କର ନ୍ୟୁଜ): ଜାନୁଆରୀ ୧୫ ତାରିଖ ଭାରତୀୟ ସ୍ଥଳସେନା ଦିବସ । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ଅବସରପ୍ରାପ୍ତ ସୈନିକଙ୍କ କାର୍ଯ୍ୟାଳୟରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଅଛି ଭାରତୀୟ ସ୍ଥଳସେନା ଦିବସ। ପ୍ରଥମେ କୁନି କୁନି ସୈନିକ ବେଶରେ ଭବିଷ୍ୟତ ଦିନର ସୈନିକ ହେବାର ସ୍ୱପ୍ନ ଦେଖୁଥିବା ଅସନଯୋଡା କନ୍ୟାଶ୍ରମର ଗାର୍ଲସ୍ ଏନ୍.ସି.ସି ବାଟାଲିୟନ ଗୃହ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସ୍ୱାଗତ କରିଥିଲେ ।ତତ୍ପରେ ପତକା ଉତ୍ତୋଳନ ଓ ଜାତୀୟ ସଂଗୀତ ଗାନ କରାଯାଇଥିଲା। ତତ୍ପରେ ଅବସରପ୍ରାପ୍ତ ସୈନିକ ପୂର୍ଣଚନ୍ଦ୍ର ପାଣିଗ୍ରାହୀ ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ମଞ୍ଚକୁ ପାଛୋଟି ନେଇଥିଲେ। ସଭା ମଞ୍ଚରେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ବିଜେପିର ଜିଲ୍ଲା ସଭାପତି ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍, କର୍ଣ୍ଣେଲ୍ କ୍ଷୀରୋଦ ଚନ୍ଦ୍ର ସାହୁ, କର୍ଣ୍ଣେଲ୍ ଅଶୋକ କୁମାର ଦାସ, ପରମେଶ୍ୱର ମହାନ୍ତ ଓ ମୟୂରଭଞ୍ଜ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ଜନାର୍ଦ୍ଦନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସୈନିକଙ୍କର ଜୀବନଶୈଳି, ତ୍ୟାଗ, ସେବା, ଦେଶ ମାତୃକା ପ୍ରତି ସମର୍ପଣର ଅନେକ ମର୍ମସ୍ପର୍ଶୀ ବକ୍ତବ୍ୟ ରଖିଥିଲେ ।

# ଯୁବ ସମାଜସେବୀଙ୍କ ପରଲୋକ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଯୁବ ସମାଜସେବୀ ଦିଲ୍ଲିପ କୁମାର ସାହୁ(ବିଜୁ)ଙ୍କର ଚିକିତ୍ସିତ ଅବସ୍ଥାରେ ଗୁରୁବାର ପ୍ରାତଃ ୪ଟାରେ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ବିଜୁଙ୍କୁ ୪୯ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସାନଭାଇ ବିଶ୍ୱପ୍ରକାଶ, ଝିଅ ଲିକି, ଧର୍ମପତ୍ନୀ ଲୋପାମୁଦ୍ରା, ପୁତୁରା ରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ଗୁଲନଗରସ୍ଥିତ ବାସଭବନକୁ ଅଣାଯିବା ପରେ ସେଠାରେ ବହୁ ବିଶିଷ୍ଟ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିଥିଲେ। ସେ ବିଜେଡିର ଜଣେ ଆଗଧାଡିର କର୍ମୀ ଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ(ଧନୀ), ସଞ୍ଜୟ ରାଉତ, ରାଜେଶ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ଶିବପ୍ରସାଦ ଭଳ, ହିରଣ୍ୟ ପଣ୍ଡା, ଗୀତାଞ୍ଜଳୀ ସେଠୀ ପ୍ରମୁଖ ତାଙ୍କ ଗୁଲନଗରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ବରଦା ପଞ୍ଚାୟତର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ କରୁଣାକର କରଙ୍କ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ଦ୍ୱାଦଶ କ୍ରୀୟା ଅବସରରେ ବରଦା ଗ୍ରାମସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଉମାକାନ୍ତ ବଳଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ପ୍ରଭାତ କୁମାର ନନ୍ଦ ବେଦପାଠ କରିଥିବା ବେଳେ ଏକ ସାମୁହିକ ପ୍ରାର୍ଥନା ଗାନ କରାଯାଇଥିଲା। ସ୍ୱର୍ଗତ କର କଳାଶ୍ରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ ଆରମ୍ଭ କରି ୩୦ ବର୍ଷ ରୁ ଉର୍ଦ୍ଧ୍ୱ ଶିକ୍ଷକତା କରି ସେହି ଠାରୁ ଅବସର ନେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ୱର୍ଗତ କର ଜଣେ ଉତ୍ତରପିଢିର ଆଦର୍ଶ ଓ କର୍ମଠ ବ୍ୟକ୍ତିତ୍ୱ ଥିବା କହି ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ। ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଡ଼ାକ୍ତର ଜିତେନ୍ଦ୍ର ଭଞ୍ଜ, ଅବସରପ୍ରାପ୍ତ ଶିକ୍ଷକ କୃତିବାସ ମହାରଣା, ପ୍ରସନ୍ନ ଶତପଥି, ଶୁଭେନ୍ଦୁ ପରିଡ଼ା, ବି.ଆର.ସି.ସି କପିଳ ସାମଲ, ଡ଼ମ୍ବରୁଧର ମହାନ୍ତି, ଦେବେନ୍ଦ୍ର କୁମାର ନନ୍ଦ, ସତ୍ୟବ୍ରତ ପୁହାଣ, ସୁଧାଂଶୁ ଶେଖର ଜେନା, ସୁମନ୍ତ କୁମାର ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କ ଗୁଣାବଳି ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ବନ ବିଭାଗ ଦ୍ୱାରା କାଠ ସାମଗ୍ରୀ ଜବତ

ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ସୋନପୁର ଗ୍ରାମରେ ବନ ବିଭାଗ ଦ୍ୱାରା ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର କାଠ ସାମଗ୍ରୀ ଜବତ ହୋଇଥିବା ଜଣାଯାଇଛି । ଖବର ନେବାରେ ଜଣାଯାଇଛି ନବରଙ୍ଗପୁର ଡିଏଫ୍‌ଓଙ୍କ ନିର୍ଦ୍ଦେଶ କର୍ମେ ବୁଧବାର ଦିନ ରାତ୍ର ସୋନପୁର ଗ୍ରାମରେ ନବରଙ୍ଗପୁର ବନ ବିଭାଗ ଏବଂ ଛତିଶ ଗଡ଼ ବନ ବିଭାଗଙ୍କ ମିଳିତ ଉଦ୍ୟମରେ ଲକ୍ଷ ଲକ୍ଷ ଟଙ୍କାର ଶାଗୁଆନ କାଠ ଯଥା ଖଟ, କବାଟ, ଡ୍ରେସିଂ ଟେବୁଲ ଆଦି ଜବତ ହେବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

# ବିନିଶପୁରରେ ଧାନମଣ୍ଡି ଉଦ୍‌ଘାଟିତ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ବିନିଶ୍‌ପୁର ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମଣ୍ଡଳ ସଭାପତି ସୁକାନ୍ତ ସାହୁ , ମଣ୍ଡଳ ସଭାପତି ଶ୍ରୀକାନ୍ତ ସାହୁ ,ସେକ୍ରେଟାରି ସୁନିଲ କୁମାର



ରାୟ, ରଶ୍ମିତା ଭୋଇ ଉପସ୍ଥିତ ରହିଥିଲେ। ଧାନର ମାନ ପରୀକ୍ଷା କରିବା ପାଇଁ ଅର୍‌ଏମସି ପକ୍ଷରୁ ଶାନ୍ତନୁ ସ୍ୱାଇଁ ଉପସ୍ଥିତ ରହିଥିଲେ ।୧୭ ଜଣ ଚାଷୀ ଅଭୟ କୁମାର ରାୟ ,ବସନ୍ତ କୁମାର ରାୟ, ବିପିନ ବେହେରା, ବିପିନ ପାଣି, ବିଶ୍ୱଜିତ୍, ବୃନ୍ଦାବନ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସାହୁ, ନାରାୟଣ ସ୍ୱାଇଁ, ରମେଶ ଚନ୍ଦ୍ର ରାୟ, ପ୍ରଭୁ ପ୍ରସାଦ ଲେଙ୍କା, ରବୀନ୍ଦ୍ର ନାୟକ, ରଞ୍ଜନ କୁମାର ରାଉତ, ସୁମନ୍ତ କୁମାର ପରିଡ଼ା, ସୁବାସ ବିଶ୍ୱାଳ, ବିଜୟ କୁମାର ରାୟ, ପ୍ରେମାନନ୍ଦ ରାଉତ, ପ୍ରଦୀପ୍ତ ରଞ୍ଜନ ରାଉତଙ୍କ ଠାରୁ ୭୩୭ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି ।

# ୨୭ରୁ ଠାକୁର ଅଭିରାମ ପରମହଂସଙ୍କ ଜନ୍ମ ଉତ୍ସବ

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଆଳିବାଡ ଗ୍ରାମପଞ୍ଚାୟତ କରମଳାଠାରୁ ଥିବା ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଧାମ ଆନନ୍ଦ ଆଶ୍ରମରେ ପ୍ରତିବର୍ଷ ପରି ଚଳିତ ବର୍ଷ ପାଇଁ ଜାନୁଆରୀ ୨୭ ତାରିଖ ଠାରୁ ୩୦ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଜନ୍ମ ଉତ୍ସବ ପାଳନ କରାଯିବ ବୋଲି ସନ୍ୟାସୀ ବନ ବିହାରୀ ଦାସ ମହାରଜ ସୂଚନା ଦେଇଛନ୍ତି । ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ବାବାଙ୍କ ଭକ୍ତମାନେ ପୁରୀ ଓ ନିରାକାରପୁର ଠାରୁ ଆସିବାପାଇଁ ବସ ଓ ଅଟୋର ବ୍ୟବସ୍ଥା କରାଯାଇଥିବା ସନ୍ୟାସୀ ବନବିହାରୀ ଦାସ ମହାରଜ ସୂଚନା ଦେବାସହ ଆସନ୍ତା ୨୧ତାରିଖ ଦିନ ଆଶ୍ରମ ପରିସରରେ ପ୍ରସ୍ତୁତି ବୈଠକ ବସିବ ବୋଲି ସୂଚନା ଦେଇଛନ୍ତି ।

////////////////////////////// ..ହଜିଗଲା ମାନବିକତା..//////////////////////////////

# ବୃଦ୍ଧ ଦମ୍ପତିଙ୍କୁ ଘରୁ ତଡ଼ିଦେଲେ ପୁଅବୋହୂ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ପୁଅ ଯେତେବେଳେ ଚାଲି ଶିଖିନଥିଲା, ସେତେବେଳେ ହାତଧରି ଚାଲି ସିଖେଇଥିଲେ ବାପା ମାଆ। ନିଜେ ନ ଖାଇ ଉପବାସ ରହି ପିଲାଙ୍କୁ ଖୁଆଉଥିଲେ । ନିଜ ସନ୍ତାନ ମୁହଁଙ୍କୁ ଦେଖି ସବୁ ଦୁଃଖ ଭୁଲି ଯାଉଥିଲେ । ସେମାନଙ୍କର ସୁଖ ପାଇଁ କେତେ ଦିଅଁ ଦେବତାଙ୍କ ନିକଟରେ ମାନସିକ ରଖି ଉପବାସ ରହୁଥିଲେ । ଆଶା ରଖୁଥିଲେ ସେହି ସନ୍ତାନ ଦିନେ ବୃଦ୍ଧା ବୟସରଙ୍କ ସାହାରା ହେବେ । କିନ୍ତୁ ଆଜି ପରିଣତ ବୟସରଙ୍କ ସେମାନଙ୍କର ସବୁ ସ୍ୱପ୍ନ ଧୂଳିସାତ ହୋଇଯାଇଛି । ପୁଅବୋହୁଙ୍କର ସେବା ପାଇବା ବଦଳରେ ମାଡଗାଳି ଖାଇ ଗାଁ ବାହାରେ ରହୁଛନ୍ତି ବୃଦ୍ଧା ବାପା ମାଆ । ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ ବି ନ୍ୟାୟ ପାଇ ପାରୁନାହାନ୍ତି । ଏପରି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଭୁବନ ଥାନା ଅନ୍ତର୍ଗତ ବାରୁଆଁ ଗ୍ରାମରେ । ଗ୍ରାମର ନୃସିଂହ ସେଠୀ, ସ୍ତ୍ରୀ ଇନ୍ଦୁମତୀ ସେଠୀଙ୍କର ତିନି ପୁଅ ବୋହୁଙ୍କୁ ନେଇ ସୁଖଦୁଃଖର ସଂସାର । ତିନି ପୁଅ ଗାଡି ଡ୍ରାଇଭର ଭାବରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି । କିନ୍ତୁ ଆଜକୁ ୧୦ ମାସ ହେବ ଜାଗାବାଡି ଭାଗବଂଟାକୁ ନେଇ ତିନି ପୁଅବୋହୁ ମାଡମାରି ଘରୁ ତଡିଦେଇଥିବା ଅଭିଯୋଗ ହୋଇଛି । ତେବେ ପୁଅବୋହୁଙ୍କ ଅକଥନୀୟ ନିର୍ଯ୍ୟାତନା ସହି ନପାରି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ ବି ଅଦ୍ୟାବଧୀ ନ୍ୟାୟ ମିଳିନଥିବା ବଖାଣିଛନ୍ତି ବୃଦ୍ଧା ଦମ୍ପତି । ଯଦି ନ୍ୟାୟ ନମିଳିଲେ ତେବେ ଆତ୍ମହତ୍ୟାର ଶେଷ ରାସ୍ତା ଆପଣେଇବେ ବୋଲି କହିଛନ୍ତି ବୃଦ୍ଧ ଦମ୍ପତି ଇନ୍ଦୁମତୀ ଓ ନୃସିଂହ ।

# ବିଧାୟିକାଙ୍କ ଦ୍ୱାରା ବର୍ଦ୍ଧିତ ଭତ୍ତା ବଣ୍ଟନ

ରାସୋଳ, ୧୬।୧ : ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ ଆଜି ହିନ୍ଦୋଳ ବ୍ଲକ୍‌ର ଏନଏସି ଓ ନୁଆବଗ ପଞ୍ଚାୟତକୁ ଯାଇ ୮୦ ବର୍ଷରୁ ଅଧିକ ହିତାଧିକାରୀ ମାନଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଏବଂ ଶତକଡା ୮୦ ରୁ ଅଧିକ ଦିବ୍ୟାଙ୍ଗ ମାନଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି । ହିନ୍ଦୋଳ ଏନଏସିରେ ୩୭ ଜଣଙ୍କୁ ଓ ନୁଆବାଗ ପଞ୍ଚାୟତରେ ୪୦ ଜଣଙ୍କୁ ଭତ୍ତା ପ୍ରଦାନ କରିଛନ୍ତି । ନୂଆବଗରେ ୮୦ ବର୍ଷ ରୁ ଅଧିକ ୩୭ ଜଣ ହିତିକାରୀଙ୍କୁ ଓ ୩ ଜଣ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଛନ୍ତି । ଏହି କାର୍ଯକ୍ରମରେ ହିନ୍ଦୋଳ ବିଡ଼ିଓ ଡ କଲ୍ୟାଣ ସୌରଭ ଦାସ, ଏନଏସି ଚେୟାର ମ୍ୟାନ କେଶବ ପ୍ରଧାନ, ହିନ୍ଦୋଳ ବ୍ଲକ୍ ଉପାଧ୍ୟକ୍ଷ ବରୁଣ ସର ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଭାସୀ ପାଠଚକ୍ର

କେନ୍ଦୁଝର (ଭାସ୍କର ନ୍ୟୁଜ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ କେନ୍ଦୁଝରର ୫୧ତମ ଆଭାସି ପାଠଚକ୍ର ବୁଧବାର ସନ୍ଧ୍ୟାରେ ସଂସଦର ଉପସଭାପତି ଜଗନ୍ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ ଗୁହ୍ୟଯୋଗ ଅର୍ଥାତ୍ ଗୋପନୀୟ ତଥ୍ୟ ଉପରେ ସୁଚିନ୍ତିତ ମତ ରଖିଥିଲେ। ଗୀତାର ନବମ ଅଧ୍ୟାୟ ରାଜଗୁହ୍ୟ ଯୋଗ ଉପରେ ଆଲୋଚନା କରି ମୁଖ୍ୟ ଆଲୋଚକ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ରଜତ କୁମାର ପ୍ରଧାନ ରାଜଗୁହ୍ୟ ଯୋଗର ଦାର୍ଶନିକ ତତ୍ତ୍ୱ ଗୁଡ଼ିକୁ ବୈଜ୍ଞାନିକ ପରିଭାଷା ସହ ସରଳ ଭାବେ ବୁଝାଇଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଜେନା କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନା କରିଥିଲେ। ପଦ୍ମିନୀ ସାହୁ, ଓଁକାର ବେଦପାଠ, ଶୁଭଶ୍ରୀ ଓଝା ବିବେକବାଣୀ ପାଠ କରିଥିଲେ। ଉକ୍ତ ଆଲୋଚନାରେ କେନ୍ଦ୍ରୀୟ ସଂଗଠନର ସମ୍ପାଦକ ପ୍ରଫେସର ଚିତ୍ତ ରଞ୍ଜନ ନାୟକ, କେନ୍ଦୁଝର ଜିଲା ସଭାପତି ଡକ୍ଟର ବିମ୍ବାଧର ବେହେରା, ସମ୍ପାଦକ ବିଜୟ କୁମାର ସାହୁ ସମେତ ବହୁ ଆଭାସି ଜରିଆରେ ଯୋଡ଼ି ହୋଇ ସୁଚିନ୍ତିତ ମତାମତ ରଖିଥିଲେ। ପରେ ସାଂସଦର ସାଂଗଠାନିକ ଆଲୋଚନା ଡକ୍ଟର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ସଂସଦର ସାମାଜିକ ସେବା ପରିସର ସମ୍ପର୍କରେ ଆଲୋଚନା ହୋଇଥିଲା। ସଞ୍ଜୟ କୁମାର ପାତ୍ର ଶାନ୍ତି ପାଠ କରିଥିବା ବେଳେ ଲାବଣ୍ୟ ପ୍ରଭା ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।



ନିମାପଡ଼ା(ଭାସ୍କର ନ୍ୟୁଜ): ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଦିବସ ପାଳନ ଅବସରରେ ନିମାପଡ଼ା ଶିଶୁ ସୈନିକ ବାର୍ତ୍ତା ବାଂଟୁଛନ୍ତି । ପୁରୀ ଜିଲ୍ଲା ନିମାପଡ଼ା ଗୋପାଳପୁରଠାରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳୁଛି ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲ । ଶିଶୁ ସୈନିକ ସ୍କୁଲର ଅଧକ୍ଷ ନିରଞ୍ଜନ ଖଟୋଇଙ୍କ ଅଧକ୍ଷତାରେ ସଚେତନତା ଶୋଭାଯାତ୍ରା ବାହାରିଥିଲା । ରାସ୍ତାରେ ଯାଉଥିବା ବାଇକ୍ ଚାଳକ ମାନଙ୍କୁ ହେଲମେଟ୍ ପିନ୍ଧିବାକୁ ଶିଶୁ ସୈନିକମାନେ ଅନୁରୋଧ କରିଥିବା ବେଳେ ମଦ୍ୟପାନ କରି ଗାଡ଼ି ନ ଚଳାଇବା ପାଇଁ ଓ ମୋବାଇଲ ବ୍ୟବହାର ନ କରିବା ପାଇଁ ସଚେତନତା ବାର୍ତ୍ତା ଶିଶୁ ସୈନିକମାନେ କହିଥିଲେ । ଦ୍ରୁତ ଗତିରେ ଗାଡ଼ି ଚଳାଇବା, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ନ କରିବା ପାଇଁ ଅନୁରୋଧ କରାଯାଇଥିଲା । ଟ୍ରାଫିକ୍ ନିୟମ ମାନିଲେ ଦୁର୍ଘଟଣା ଘଟିବ ନାହିଁ ବୋଲି ଶିଶୁ ସୈନିକମାନେ କହିଥିଲେ ।

### କଳାହାଣ୍ଡି ଉତ୍ସବ 'ଘୁମୁରା'

# ବେଦାନ୍ତ ଲାଞ୍ଜିଗଡ଼ ଷ୍ଟଲରେବିକାଶ ମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶିତ



କଳାହାଣ୍ଡି (ଭାସ୍କର ନ୍ୟୁଜ): ଚାରି ଦିନ ଧରି ଚାଲିଥିବା ୨୭ତମ କଳାହାଣ୍ଡି ଉତ୍ସବ- ଘୁମୁରା ୨୦୨୫ ପାଳନ ଅବସରରେ ଭାରତର ଅଗ୍ରଣୀ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମର ସହାୟକ ସଂସ୍ଥା ବେଦାନ୍ତ ଲାଞ୍ଜିଗଡ଼ ଏହାର ଷ୍ଟଲରେକମ୍ପାନି ଏହି ଅଞ୍ଚଳରେ ଚଳାଇଥିବା ପରିବର୍ତ୍ତନଶୀଳ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରିଛି । ବେଦାନ୍ତ ଷ୍ଟଲରେ ପ୍ରୋଜେକ୍ଟ ଆଦିକଳାର ହାତତିଆରି ସାମଗ୍ରୀର ଚମତ୍କାର ପ୍ରଦର୍ଶନ କରାଯାଇଥିଲା, ଯାହା ଭାରତର ସର୍ବପୁରାତନ କଳା - ସଉରା ଏବଂ ଢୋକ୍ରାକୁ ପୁନରୁଦ୍ଧାର କରିବା ସହିତ ସ୍ଥାୟୀ ଜୀବିକା ମାଧ୍ୟମରେ ୨୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ସଶକ୍ତ କରିଥାଏ । ଗ୍ରାମୀଣ ମହିଳାଙ୍କ ପାଇଁ ବେଦାନ୍ତର ଅର୍ଥନୈତିକ ସ୍ୱାଧୀନତାର ସ୍ୱପ୍ନକୁ ପ୍ରତିଫଳିତ କରୁଥିବା ପ୍ରୋଜେକ୍ଟ ସଖୀ ଅଧୀନରେ ୪୦୦୦ରୁ ଅଧିକ ମହିଳାଙ୍କ ଦ୍ୱାରା ବିକଶିତ ଘରୋଇ ଜୈବିକ ଉତ୍ପାଦ ଏହି କଳାତ୍ମକ ପ୍ରଦର୍ଶନର ଏକ ଅଂଶ ଥିଲା । ଏହାବ୍ୟତୀତ ବେଦାନ୍ତର ଅତ୍ୟାଧୁନିକ କାରଖାନାରେ ବକ୍ସାଇଟ୍ ପଥରକୁ ଉଚ୍ଚମାନର ଆଲୁମିନିୟମ ଉତ୍ପାଦରେ ପରିଣତ କରିବାର ପ୍ରଦର୍ଶନ କରି ପର୍ଯ୍ୟଟକଙ୍କୁ ଆଲୁମିନିୟମର ଯାତ୍ରା ସମ୍ପର୍କରେ ଅବଗତ କରାଯାଇଥିଲା । ଏଥିସହିତ ପରିବେଶ ପରିଚାଳନା ସହ କଂପାନିର ସ୍ଥାୟୀ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବେଦାନ୍ତ ଷ୍ଟଲକୁ ଉଦଘାଟନ କରି କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ ଜିଲ୍ଲାପାଳ ସଚିନ ପାୱାର ଏହି ଅଞ୍ଚଳର ସଂସ୍କୃତି ଓ ଆଧୁନିକ ବିକାଶର ଅନନ୍ୟ ମିଶ୍ରଣ ପାଇଁ ଗର୍ବ ପ୍ରକାଶ କରିଥିଲେ । କଳାହାଣ୍ଡି ସାଂସଦ ମାଳବିକା ଦେବୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେଘୁମୁରା ଆମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଜୀବନ୍ତ ଉତ୍ସବ ଏବଂ ଏହା ଏକ ଜିଲ୍ଲା ଭାବରେ ଆମେ କରୁଥିବା ସାମଗ୍ରିକ ପ୍ରଗତିକୁ ପ୍ରତିଫଳିତ କରେ । ଉଦଘାଟନୀ ଭାଷଣରେ ଜିଲ୍ଲାପାଳ ସଚିନ ପାୱାର କହିଛନ୍ତି ଯେ, କଳାହାଣ୍ଡି ଉତ୍ସବ ଆମ ଅଞ୍ଚଳର କାଳଜୟୀ ଐତିହ୍ୟ ଓ ସାମୂହିକ ଭାବନାର ଉତ୍ସବ । ଏଠାରେ ପ୍ରଦର୍ଶିତ ବେଦାନ୍ତର ତୃଣମୂଳସ୍ତରୀୟ ପଦକ୍ଷେପ ଗୁଡ଼ିକ ଆଖପାଖ ଅଞ୍ଚଳକୁ ସମର୍ଥନ ଏବଂ ବିକାଶ କରିପାରିବେ ଏବଂ ସେମାନଙ୍କର ସାଂସ୍କୃତିକ ପରମ୍ପରାକୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିପାରିବେ ।ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ପାରମ୍ପରିକ ଲୋକକଳାର ସଂରକ୍ଷଣ ଦିଗରେ କଂପାନିର ନିରନ୍ତର ପ୍ରୟାସକୁ ମୁଁ ପ୍ରଶଂସା କରୁଛି, ଯାହା ଆମ ସମ୍ପ୍ରଦାୟର ସାମଗ୍ରିକ ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ଜିଲ୍ଲାପାଳ କହିଛନ୍ତି । ବେଦାନ୍ତ ଆଲୁମିନା ବିଜନେସ୍ ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏହି ଉତ୍ସବରେ ଯୋଗଦେଇ କହିଛନ୍ତି ଯେ, କଳାହାଣ୍ଡି ଉତ୍ସବ ଏହି ଅଞ୍ଚଳର ଆତ୍ମାକୁ ସ୍ମରଣ କରୁଥିବା ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି ଏବଂ ବେଦାନ୍ତ ଏହି ଭବ୍ୟ ଉତ୍ସବର ଅଂଶ ହୋଇ ଗର୍ବ ଅନୁଭବ କରୁଛି । କେବଳ ଆମର ଶିଳ୍ପ ଉତ୍କର୍ଷତା ନୁହେଁ, କଳାହାଣ୍ଡିର ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା ସୃଷ୍ଟି କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆମର ସମର୍ପଣକୁ ମଧ୍ୟ ଆମେ ଆଲୋକପାତ କରିବାକୁ ଲକ୍ଷ୍ୟ ରଖିଛୁ ।'ଏହି ଉତ୍ସବ ପ୍ରଗତି ଏବଂ ପରମ୍ପରାର ସଂପୂର୍ଣ୍ଣ ସମନ୍ୱୟକୁ ପ୍ରତିଫଳିତ କରୁଥିବା ବେଳେ ଆମେ ଯୋଗଦାନ କରି ଗର୍ବ ଅନୁଭବ କରୁଛୁ ବୋଲି ସିଇଓ କହିଛନ୍ତି ।ଉଲ୍ଲେଖଯୋଗ୍ୟ, ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ସମୃଦ୍ଧ କଳା, ପରମ୍ପରା ଓ ଐତିହ୍ୟକୁ ଏକାଠି କରି ଏହି ଅଞ୍ଚଳର ଜୀବନ୍ତ ସଂସ୍କୃତିର ବାର୍ଷିକ ଉତ୍ସବ ହେଉଛି 'କଳାହାଣ୍ଡି ଉତ୍ସବ- ଘୁମୁରା' ।

## ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବ୍ୟାସନଗର (ଭାସ୍କର ନ୍ୟୁଜ): ବ୍ୟାସନଗର ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଅନୁଷ୍ଠିତ ବାଳିକା ଆତ୍ମସୁରକ୍ଷା ଶିବିର ଉଦଯାପିତ ହୋଇଯାଇଛି । ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଲଳିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଉଚ୍ଚମାଧ୍ୟମିକ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ପ୍ରମୋଦ କୁମାର ରାୟ, ସମ୍ମାନିତ ଅତିଥ୍ୟ ଭାବେ ଯାଜପୁର ଜିଲାର ନୋଡାଲ ଅଫିସର୍ ତଥା ବିରଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଗୌରସୁନ୍ଦର ଦାସ ଓ ବିରଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ କିରାଣୀ ସୁବାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଶିବିରର ସଂଯୋଜକ ଅଧ୍ୟାପକ ଚିତରଞ୍ଜନ ବଳ ଆଠଦିନ ଧରି ଚାଲିଥିବା ଶିବିରର ବିବରଣୀ ପାଠ କରିଥିଲେ । ସେହିପରି କୋରାଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ସ୍ଥିତ ଶଙ୍ଖଚିଲା ହିଙ୍ଗୁଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକାମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ସଂଯୋଜକ ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ବେହେରାଙ୍କ ସଂଚାଳନାରେ ୮ଦିନ ଧରି ଅନୁଷ୍ଠିତ ଶିବରରେ ୭୮ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲା ବେଳେ ପ୍ରଶିକ୍ଷିକା ଭାବେ ଭାଗ୍ୟଶ୍ରୀ ମହାପାତ୍ର ତାଲିମ ଦେଇଥିଲେ । ଉଦ୍‌ଯାପନୀ ଶିବିର ଅଧକ୍ଷ ପ୍ରଶୁରାମ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ଅତିଥି ଭାବେ କଲେଜ ପରିଚାଳନା ପରିଷଦର ପୂର୍ବତନ ସଂପାଦକ କୈଳାସ ଚନ୍ଦ୍ର ପୃଷ୍ଟି, ଶିକ୍ଷାବିତ ଶିବପ୍ରସାଦ ବେହେରା, ଅଧ୍ୟାପକ ମଳୟ କୁମାର ମଲ୍ଲିକ, ପୂତନ ସଭ୍ୟ ଦିଲ୍ଲୀପ କୁମାର ସାହୁ ଓ ଅଧ୍ୟାପକ କପିଳେନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇ ବାଳିକାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ବିପଦକୁ କିପରି ପ୍ରତିହତ କରିପାରିବେ ସେ ନେଇ ଉପାଦେୟ ବକ୍ତବ୍ୟମାନ ପ୍ରଦାନ କରିଥିଲେ ।

## କ୍ରେଡିଟ କୋପରେଟିଭ ସଭାପତିଙ୍କ ନାମରେ ଏତଲା

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁଙ୍କ ନାମରେ ସେହି ସୋସାଇଟିର ନିର୍ଦ୍ଦେଶକ ସେକ ରିୟାସତ ଟାଉନ ଥାନାରେ ଏତଲା ଦେଇଛନ୍ତି । ଟାଉନ ଥାନା ଅନ୍ତର୍ଗତ ଇଦଘାମହଲାର ସେକ ରିୟାସତ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ସେ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ଲିଃ.ର ନିର୍ଦ୍ଦେଶକ ଅଛନ୍ତି । ଗତ ୭ତାରିଖରେ ନୂଆ ବସଷ୍ଟାଣ୍ଡ ନିକଟରେ ଥିବା କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ଲିଃ. (କେସିସି)ର ମୁଖ୍ୟ ଶାଖାରେ ଅନୁଷ୍ଠିତ ଏକ ବୈଠକରେ ସେ ଯୋଗଦେବା ଅବସରରେ ସୋସାଇଟି ସଭାପତି ପ୍ରମୋଦ ସାହୁଙ୍କୁ ସମିତିର ଆୟବ୍ୟୟର ହିସାବ ମାଗିଥିଲେ । ଏତିକିରେ ସଭାପତି ଶ୍ରୀ ସାହୁ ରାଗିଯାଇ ତାଙ୍କୁ ପାଟି ବନ୍ଦ ରଖିବାକୁ ଧମକ ଦେଇ କହିଲେ ଯଦି ହିସାବ ମାଗୁ ତୋତେ ଗାଡି ଚଢାଇ ଜୀବନରୁ ମାରିଦେବି । ତୁ କିଏବେ, ମୁଁ ତତେ ହିସାବ ଦେବି ବୋଲି ତାଙ୍କୁ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି । ସେ ହିସାବ ମାଗିବାରୁ ଏଭଳି ଭାବେ ବାରମ୍ବାର ସମିତି ସଭାପତି ଶ୍ରୀ ସାହୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ଆସୁଥିବା ସେ ଅଭିଯୋଗ କରିଛନ୍ତି । ଏଥିସହିତ ବର୍ଷେତଳେ ତାଙ୍କ ପୁଅକୁ ସମିତିରେ ଚାକିରୀ କରାଇଦେବାକୁ କହି ତାଙ୍କ ଠାରୁ ୮୦ହଜାର ଟଙ୍କା ସଭାପତି ଶ୍ରୀ ସାହୁ ନେଇଥିବା ବେଳେ ସେ ଅର୍ଥ ଆଉ ଫେରାଉ ନାହାନ୍ତି କି ତାଙ୍କ ପୁଅକୁ ଚାକିରୀ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

### ସମବାୟ ସମିତିର ଧାନକିଣା ଭେଳିକି

## ମିଲର-ସମବାୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ବଳି ପଡୁଛି ଚାଷୀ

କୋରେଇ(ଭାସ୍କର ନ୍ୟୁଜ): ଚଳିତ ମାସ ୭ରୁ ଯାଜପୁର ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଥିଲା ବେଳେ କୋରେଇ ବ୍ଲକ୍‌ରେ ଖୋଦ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲାପାଳ ଆସି ପାଣିକୋଇଲି ପ୍ୟାକ୍ସରେ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ ଏବଂ ସେମାନେ ତାଙ୍କର ଉଦ୍‌ବୋଧନରେ କହିଥିଲେ କି କୌଣସି ଚାଷୀ ଯେପରି ହଇରାଣ ନହେବ ସେଥିପ୍ରତି ଯତ୍ନବାନ ହେବାକୁ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଦୁଃଖର କଥା ମନ୍ତ୍ରୀ, ବିଧାୟକଙ୍କ କଥା ପାଣିରେ ଗାର ସଦୃଶ ହୋଇ ରହିଗଲା । ଚାଷୀମାନେ ଯେପରି ବିଗତ ବର୍ଷ ମାନଙ୍କରେ ଧାନ ଦେବାକୁ ହଇରାଣ ହରକତ ହେଉଥିଲେ ଏ ବର୍ଷ ତା ଠାରୁ ବେଶୀ ହଇରାଣ ହେଉଥିବା ଦେଖିବାକୁ ମିଳୁଛି । ଏମିତିକି ଧାନକିଣା ଶୁଭାରମ୍ଭ ୧୦ ଦିନ ବିତିଯାଇଥିଲେ ମଧ୍ୟ କେବଳ ପାଣିକୋଇଲି ପ୍ୟାକ୍ସକୁ ଛାଡିଦେଲେ ଆଉ କୌଣସିଠାରେ ଧାନକିଣା ଆରମ୍ଭ ହୋଇନାହିଁ । ଶୁଣିବାକୁ ମିଳୁଛି କି ସରକାର ବଦଳି ଯାଇଥିବାରୁ ସମବାୟ ସମିତି ଓ ମିଲରମାନଙ୍କ ପୁରୁଣା ସେଟିଂ ହୋଇପାରୁନାହିଁ । ସେଥିପାଇଁ ଧାନକିଣା ପାଇଁ ଧାନର ଏଫଏକ୍ୟୁ ମାନ କଣ୍ଟା ହୋଇ ଅଟକିଛି । ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ କି କଟ୍‌ନୀ ଛଟ୍‌ନୀ ବନ୍ଦ ହେବ । ଏହି ନିର୍ଦ୍ଦେଶକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ଅଧିକାରୀ ମାନେ । ଅଧିକାରୀମାନେ ଧରି ନେଇଛନ୍ତି କି ଏମିତି ଚାଷୀମାନେ ହଇରାଣ ହରକତ ହେଲେ ପୁଣି ଚାଷୀମାନେ ପୂର୍ବଭଳି କଟ୍‌ନୀ ଛଟ୍‌ନୀରେ ରାଜି ହୋଇ ଧାନ ବିକିବେ । ଜିଲାପାଳ ଏଥିପ୍ରତି ଯତ୍ନବାନ ହୋଇ ଚାଷୀମାନେ କିପରି ସେମାନଙ୍କ କଷ୍ଟ ଅର୍ଜିତ ଫସଲକୁ ବିନା ବାଧାରେ ସରକାରୀ ଦରରେ ବିକ୍ରି କରିପାରିବେ ସେଥିପାଇଁ ଅଧିକାରୀଙ୍କୁ ତାଗିଦ୍ କରିବା ସହ ମିଲରଙ୍କୁ କଡା ନିର୍ଦ୍ଦେଶ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

## ଦଳ ବିରୋଧି କାର୍ଯ୍ୟ ପାଇଁ ଦଳରୁ ନିଲମ୍ବିତ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ୍ ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତଙ୍କୁ ଦଳ ବିରୋଧି କାର୍ଯ୍ୟ ନିମନ୍ତେ ଦଳରୁ ନିଲମ୍ବିତ କରାଯାଇଥିବା ବିଜେଡି ତରଫରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମପଞ୍ଚାୟତ ସରପଞ୍ଚ ତିଳୋତମା ରାଉତଙ୍କ ସ୍ୱାମୀ ଜ୍ଞାନରଞ୍ଜନ ରାଉତ ନିଶ୍ଚିନ୍ତକୋଇଲି ବ୍ଲକ୍ ଯୁବ ବିଜେଡିର ସଭାପତି ରୂପେ ରହିଆସୁଥିଲେ । ତେବେ ଶ୍ରୀ ରାଉତ ଦୀର୍ଘଦିନ ଧରି ଦଳ ବିରୋଧି କାର୍ଯ୍ୟରେ ଲିପ୍ତ ରହିବା ସହ ଦଳର ଗାରିମା ଓ ନୀତି ଆଦର୍ଶକୁ କ୍ଷୂର୍ଣ୍ଣ କରିଥିବାରୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ରାଜ ଚାଉଁରୀଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ ହୋଇଯାଇଛି । ୭ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଶିବିରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଡ଼ିଙ୍ଗା ସରପଞ୍ଚ ସେବିକା ମାଝୀ ଯୋଗଦେଇଥିଲେ । ଅତିଥି ମାନେ ନାରୀ ମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ଆଜିକା ଦିନରେ ନାରୀମାନେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ନିହାତି ଆବଶ୍ୟକ ହୋଇପଡିଥିବା ମୁଖ୍ୟ ଅତିଥି ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ୧୧୧ଜଣ ଛାତ୍ରୀ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଆତ୍ମରକ୍ଷା କୌଶଳ ପର୍ଯ୍ୟବେକ୍ଷକ ଭାବେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଅଧକ୍ଷା ସ୍ନେହଲତା ପଣ୍ଡା, ସ୍ୱପ୍ନା ମହାନ୍ତି, ସିଂହ୍ନ ଶେଖର ନାୟକ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥିଭାବେ ଅଧକ୍ଷା ଅମିତା ରାୟ, ଅଧ୍ୟାପକ ପଞ୍ଚାନନ୍ ଦୁରିଆ, ଦାମୋଦର ସାହୁ, ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବେଆଇନ୍ କରତକଳ ଉପରେ ଚଢ଼ାଉ

ଭଞ୍ଜନଗର (ଭାସ୍କର ନ୍ୟୁଜ): ବେଆଇନ୍ କରତକଳ ଉପରେ ବନ ବିଭାଗ ବଡ଼ ଧରଣର ଚଢ଼ାଉ କରିଛି । ଲକ୍ଷାଧିକ ମୂଲ୍ୟର କାଠ ସହ ଯନ୍ତ୍ରାଂଶ କୁ ଜବତ କରିଛି ବନବିଭାଗ । ଭଂଜନଗର ଉତ୍ତର ଘୁମୁସର ବନଖଣ୍ଡ ର କେନ୍ଦ୍ରିୟ ବନାଞ୍ଚଳ ଅନ୍ତର୍ଗତ ଲାଠିପଡା ସେକସନର କାଳିଆଗୁଡା ଗାଁ ନିକଟରେ ଦୀର୍ଘ ଦିନ ଧରି ଚାଲିଥିଲା ବେଆଇନ୍ କରତକଳ । ସୂଚନା ପାଇ, ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ନିର୍ଦ୍ଦେଶ ପ୍ରକାରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା । ଘଟଣାସ୍ଥଳରୁ ସଂପୃକ୍ତ ସ'ମିଲ୍ ମାଲିକ ଫେରାର ହୋଇ ଯାଇଥିବା ବେଳେ, ବହୁ ଯନ୍ତ୍ରାଂଶ ଏବଂ ଲକ୍ଷାଧିକ ମୂଲ୍ୟର କାଠ ଜବତ କରାଯାଇଛି । ସମସ୍ତ ଜବତ କାଠକୁ, ଶାଳୁଆପଲ୍ଲୀ ସ୍ଥିତ ନର୍ସରୀ ଠାରେ ରଖା ଯାଇଜାଇଛି । ଶୁକ୍ରବାର ଦିନ ସମସ୍ତ ଜବତ କାଠ ହିସାବ କରାଯିବା ସହ ଆସାମୀକୁ ଧରିବା ପାଇଁ ଚଢ଼ାଉ କରାଯିବ ବୋଲି, ବନଖଣ୍ଡ ଅଧିକାରୀ ଶ୍ରୀ ମହାନ୍ତି କହିଛନ୍ତି ।

## ଭଉଣୀର ଗଳା କାଟି ହତ୍ୟା କଲା ଭାଇ

ଆସିକା (ଭାସ୍କର ନ୍ୟୁଜ): ପାରିବାରିକ କଳହର କରୁଣ ପରିଣତିରୁ ଭଉଣୀର ଗଳା କାଟି ହତ୍ୟା କରିଛି ଭାଇ । ଆସିକା ଥାନା ଅଧୀନ ଗୁଣ୍ଠପଡା ପଞ୍ଚାୟତ ଅଧୀନ ରାଇପଲ୍ଲୀ ଗ୍ରାମରେ ଘଟିଛି ଏହି ଅଭାବନୀୟ ଘଟଣା । ବିବାହିତ ଭଉଣୀ ଲକ୍ଷ୍ମୀ ମହାନ୍ତି (୩୫)ଙ୍କୁ ତାଙ୍କ ଭାଇ ବାବାଜୀ ପାତ୍ର ଗଳା କାଟି ହତ୍ୟା କରିଥିବା ଅଭିଯୋଗ । ପ୍ରକାଶ ଥାଉକି ଲକ୍ଷ୍ମୀ ଶେରଗଡ଼ ବ୍ଲକ ଅଧୀନ ପାକିଡି ଗ୍ରାମର ଶ୍ରୀହରି ମହାନ୍ତିଙ୍କୁ ବିବାହ କରିଥିବା ବେଳେ ଗୋଟିଏ ୮ବର୍ଷର ପୁଅ ଅଛି । କିନ୍ତୁ ସେ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ବାପଘର ରାଇପଲ୍ଲିରେ ରହୁଥିଲେ । ଏହି କାରଣ ନେଇ ଲକ୍ଷ୍ମୀ ଓ ତାଙ୍କ ଭାଇ ବାବାଜୀ ପାତ୍ର ଭିତରେ ସବୁବେଳେ ଝଗଡ଼ା ହେଉଥିଲା । ବାପା ଶତୃଘ୍ନ ପାତ୍ର ଓ ମାଆ ତନୁ ସହ ଲକ୍ଷ୍ମୀ ଗାଆଁରେ ରହୁଥିବା ବେଳେ ବାବାଜୀ ସୁରତରେ ରହୁଥିଲା । ଚାରି ବର୍ଷ ତଳେ ମୃତ ଲକ୍ଷ୍ମୀ ସାନ ଭାଇ ଜିତେନ୍ଦ୍ର ପାତ୍ରଙ୍କୁ ସାଙ୍ଗରେ ନେଇ କେଉଁଆଡେ ଯାଇଥିଲେ । ସେବେଠାରୁ ଜିତେନ୍ଦ୍ର ଆଉ ଘରକୁ ଫେରିନାହାନ୍ତି । ଦୁଇ ବର୍ଷ ତଳେ ଆଉ ଜଣେ ଭଉଣୀର ପୁଅର ବି ମୃତ୍ୟୁ ହୋଇଥିଲା । ଲକ୍ଷ୍ମୀ ଏହି ଦୁଇଜଣଙ୍କୁ ହତ୍ୟା କରିଥିବା ସନ୍ଦେହ କରୁଥିଲେ ବାବାଜୀ । ସେ ଲକ୍ଷ୍ମୀଙ୍କୁ ବାରମ୍ବାର ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ବର୍ଷକ ତଳେ ଗାଁ ଦାଣ୍ଡରେ ଲକ୍ଷ୍ମୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲା ବାବାଜୀ । କିନ୍ତୁ ନିଆଁ ନଲାଗିବାରୁ ବର୍ତ୍ତି ଯାଇଥିଲେ ଲକ୍ଷ୍ମୀ ।ପରିବାର ଲୋକଙ୍କ କହିବା ପ୍ରକାରେ ଗତକାଲି ରାତିରେ ଫୋନ ରେ ଉଭୟଙ୍କ ଭିତରେ ଝଗଡ଼ା ହୋଇଥିଲା । ବାବାଜୀ ରାତିରେ ଆସି ଘର ଛାତ ଉପରେ ଲୁଚିଥିଲେ । ଭୋର ୪.୩୦ ରୁ ୫ଟା ମଧ୍ୟରେ ଘରକୁ ଆସି ଲକ୍ଷ୍ମୀଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲା । ଏନେଇ ଆସିକା ଥାନା ପୁଲିସ ଥାନା କେସ ନମ୍ବର ୪୨/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ତୀର୍ଥଯାତ୍ରାରେ ଗଲେ ୧୧୭ ଜଣ ବରିଷ୍ଠ ନାଗରିକ

ପୁରୀ (ଭାସ୍କର ନ୍ୟୁଜ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାରୁ ଆଜି ୧୧୭ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି । ଏହି ବରିଷ୍ଠ ନାଗରିକ ମାନେ ସିରିଡି ଓ ନାସିକ ପରିଭ୍ରମଣ କରିବା ସହ ଚଳିତ ମାସ ୨୨ ତାରିଖରେ ଫେରିଆସିବାର କାର୍ଯ୍ୟକ୍ରମ ରହିଛି । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସମାଜସେବୀ ରାଜୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ ।



## ଦୁର୍ଘଟଣାରେ ଜଣେ ମୃତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ସଡ଼କ ଦୁର୍ଘଟଣାରେ ଜଣକ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡା ପଞ୍ଚାୟତର ଖଜୁରୀଗୁଡା ଗାଁର କୃଷି ମାଣ୍ଡିଙ୍ଗା ଓ ଖଟଲାମାରି ଗାଁର କୈଳାଶ ନାଚିକା ଦୁହେଁ ମୋଟରସାଇକେଲରେ ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତର ତୋଟା ଗୁଡା ଗାଁରେ ପୁଷପୁନେଇଁ ପରବରେ ଯୋଗ ଦେଇ ନିଜରମୋଟର ସାଇକେଲ ଯୋଗେ ଫେରୁଥିବା ବେଳେ ବାଟରେ ଭାରସାମ୍ୟ ହରାଇ ଦୁର୍ଘଟଣାରେ ଶିକାର ହୋଇଥିଲେ । ଘଟଣା ସ୍ଥଳରେ କିଛି ଲୋକ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ ।ଖବର ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ପହଞ୍ଚି ଉଭୟଙ୍କୁ କୋରାପୁଟ ଡାକ୍ତର ଖାନାକୁ ପଠାଇବାର ବ୍ୟବସ୍ଥା କରିଥିଲେ । କୋରାପୁଟ ଡାକ୍ତରଖାନାରେ କୃଷିଙ୍କର ମୃତ୍ୟୁ ହୋଇଯାଇଥିଲା ।

## କୃତି ଛାତ୍ରଙ୍କୁ ସମ୍ବର୍ଦ୍ଧନା

ରଗଡ଼ି (ଭାସ୍କର ନ୍ୟୁଜ): କୋରେଇ ବ୍ଲକ ରଗଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରମାନନ୍ଦପୁରର ୨୦୨୩-୨୪ଶିକ୍ଷା ବର୍ଷରେ ଦୁଇଜଣ ଛାତ୍ର ଓ ତଳଗଡ଼ କ୍ଲଷ୍ଟର ଉପୁଳାଇ ସରକାରୀ ଉପ୍ରା ସ୍କୁଲ ପଞ୍ଚମ ଶ୍ରେଣୀ ଛାତ୍ର ସୋମ୍ୟରଞ୍ଜନ ରାଉତରାୟ ଓ ତୃତୀୟ ଶ୍ରେଣୀର ଶୁଭ୍ରଜିତ ରାଉତ ରାୟ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସୁଜିତ କୁମାର ରାଉତ ଷଷ୍ଠ ଶ୍ରେଣୀ ପଠାଣି ସାମନ୍ତ ବୃତ୍ତି ପରୀକ୍ଷା ରେ କୋରାଇ ଶିକ୍ଷା ମଣ୍ଡଳରେ ପ୍ରଥମ ସ୍ଥାନ ଅଧିକାର କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ଅନ୍ୟତମ ଛାତ୍ର ଶୁଭମ ସେନାପତି ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ସ୍କୁଲ ପକ୍ଷରୁ ଉଭୟ ଛାତ୍ରଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ଉତ୍ତୋରୋତ୍ତର ଉନ୍ନତି କାମନା କରାଯାଇଛି । ସେହିପରି ଉପୁଳାଇ ସରକାରୀ ଉପ୍ରା ସ୍କୁଲ ପଞ୍ଚମ ଶ୍ରେଣୀ ର ଛାତ୍ର ସୌମ୍ୟ ରଞ୍ଜନ ରାଉତ ରାୟ ପଞ୍ଚମ ବୃତ୍ତି ପରୀକ୍ଷା ଓ ଶୁଭ୍ରଜିତ ରାଉତ ରାୟ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।

## ଏବିଭିପି ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଥିବା ଯୁବ ବ୍ୟାପାର, କ୍ରୀଡ଼ା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ବିଶ୍ୱର ସର୍ବ ବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦ୍ରାପଡାର କାର୍ଯ୍ୟକର୍ତ୍ତାମାନେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜିଲ୍ଲାର ସର୍ବ ବୃହତ ମହାବିଦ୍ୟାଳୟ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୫-ଟି ନାମରେ ନିର୍ମିତ ହେଇଥିବା ଭିତ୍ତିଭୂମିର ମହାଦୁର୍ନୀତି ହୋଇଛି ଓ ୫ -ଟି ପ୍ରକଳ୍ପର ଠିକାଦାର ନିମ୍ନମାନର କାମ କରିଛନ୍ତି । ଯାହା ଫଳରେ ଏହି ମହାବିଦ୍ୟାଳୟରେ ଶିକ୍ଷାଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ଗୁରୁତର ବାଧା ଉପୁଜିଛି । ଏହି ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛି ଅଖିଳ ଭାରତୀୟ ଛାତ୍ର ପରିଷଦ । ଏହା ସହିତ କେନ୍ଦ୍ରାପଡା କଲେଜର କୌଣସି ସ୍ଥାୟୀ ଅଧକ୍ଷ ନଥିବାରୁ ତୁରନ୍ତ ଜଣେ ସ୍ଥାୟୀ ଅଧକ୍ଷଙ୍କୁ ନିଯୁକ୍ତି ପ୍ରଦାନ କରାଯିବାକୁ ଦାବି କରାଯାଇଛି । ଖରା ଦିନ ହେଲେ ପିଲା ମାନେ ପାଣି ପିଇବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେହିପରି କେନ୍ଦ୍ରାପଡା ସନ୍ଧ୍ୟା ମହାବିଦ୍ୟାଳୟର ସ୍ୱତନ୍ତ୍ର ଖେଳ ପଡିଆ ଓ କନ୍ଫରେନ୍ସ ହଲର ସୁବିଧା ନାହିଁ, ମହାକାଳପଡା ବାୟାବାବା କଲେଜରେ ପାଚେରୀ ନଥିବାରୁ ସେହି କଲେଜ ପରିସରରେ ଅନେକ ଅଣଛାତ୍ର ପ୍ରବେଶ କରୁଛନ୍ତି ଯାହା ଫଳରେ କ୍ୟାମ୍ପସ ଭିତରେ ବିଶୃଙ୍ଖଳା ସୃଷ୍ଟି ହେଉଛି, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଶୌଚାଳୟର ସୁବିଧା ନାହିଁ । ଜିଲ୍ଲାର ଏହିସବୁ ଶିକ୍ଷା ସମସ୍ୟାକୁ ନେଇ ଏବିଭିପି ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି । ।ବିପତ୍ର ପ୍ରଦାନ ସମୟରେ କଟକ ବିଭାଗ ସହ - ସଂଯୋଜକ ସତ୍ୟ ରଞ୍ଜନ ନାୟକ, ପୂର୍ବ ପ୍ରାନ୍ତ ଏସଏଫଡି ସହ ସଂଯୋଜକ ଶଶି ପ୍ରସାଦ ମହାରଣା, ଜିଲ୍ଲା ସହ - ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ, ରାଜ୍ୟ କାର୍ଯ୍ୟକାରିଣୀ ହରିଶ କୁମାର ରାଉତ, ନଗର ସମ୍ପାଦକ ଶ୍ରୀକାନ୍ତ କର, ସହ ସମ୍ପାଦକ ସୌମ୍ୟ ରଞ୍ଜନ ନାୟକ, ସହ ସମ୍ପାଦିକା ତୁଳସୀ ମଲ୍ଲିକ, କ୍ୟାମ୍ପସ ସଭାପତି ସୋମନାଥ ନାୟକ, କ୍ୟାମ୍ପସ ସମ୍ପାଦକ ଶୁଭମ୍ ସାହୁ, କ୍ୟାମ୍ପସ ଉପ ସଭାପତି ଯଶୋବନ୍ତ ପାତ୍ର ଓ ସୌମ୍ୟକାନ୍ତ ସ୍ୱାଇଁ, ରୂପାଲି ରାଉତ, ଭାଗ୍ୟଶ୍ରୀ ଚୁଳି, ସାନ୍ଧ୍ୟ ମହାବିଦ୍ୟାଳୟ ସଭାପତି ଜୀବନ ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଯନ୍ତ୍ରୀଙ୍କ ପୁନଃବଦଳିକୁ ବିରୋଧ

କରଞ୍ଜିଆ (ଭାସ୍କର ନ୍ୟୁଜ): ମୟୁରଭଂଜ ଜିଲ୍ଲାର କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଜଣେ ଦୁର୍ନିତିଗ୍ରସ୍ତ ଯନ୍ତ୍ରୀ ପୁଣି ବଦଳି ହୋଇ ଆସିବା ପରେ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ୨୦୧୩ରୁ ୨୦୧୮ ମସିହାରେ ହୋଇଥିବା ରବର ଗଛ ପ୍ରକଳ୍ପରେ ୭ କୋଟିରୁ ଉର୍ଦ୍ଧ ଟଙ୍କାର ଦୁର୍ନୀତି କରି ଲୋକାୟୁକ୍ତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଯନ୍ତ୍ରୀ ସୁରେନ୍ଦ୍ର ନାଥ କରଙ୍କୁ ପୁଣି ଥରେ ଆଦିବାସୀ ଉନ୍ନୟନ ସଂସ୍ଥା କରଞ୍ଜିଆକୁ ସହକାରୀ ଯନ୍ତ୍ରୀ ଭାବେ ପୁଣି ଥରେ ବଦଳି ହୋଇ ଆସିବାକୁ ବିରୋଧ କରି କରଞ୍ଜିଆ ଉପଖଣ୍ଡର ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ସାମ୍ବାଦିକ ମାନଙ୍କ ପକ୍ଷରୁ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଆଦିବାସୀ ଉନ୍ନୟନ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପ୍ରଦାନ କରାଯାଇଛି । ମନ୍ତ୍ରୀଙ୍କ ମକର ଉପଲକ୍ଷେ ଦିନିକିଆ ଯଶିପୁର ଗସ୍ତ ସମୟରେ ଦୁର୍ନୀତିଖୋର ଯନ୍ତ୍ରୀଙ୍କ ପୁନଃ ବଦଳିକୁ ଘୋର ବିରୋଧ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି ଯଶିପୁର ସାମ୍ବାଦିକ ସଂଘର ସମସ୍ତ ସାମ୍ବାଦିକ ।

### ସରକାରୀ ଅଧିକାରୀଙ୍କ ଝାଡାବାନ୍ତି ଆକ୍ରାନ୍ତ ଗ୍ରାମ ପରିଦର୍ଶନ

## ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଗଡିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ଦୀର୍ଘ ୧୫ଦିନ ହେଲା ଝାଡାବାନ୍ତି ଲାଗିରହିଥିବା ବେଳେ ୨୫ ଉର୍ଦ୍ଧ ବ୍ୟକ୍ତି ଆକ୍ରାନ୍ତ ହେବା ସହିତ ଦୁଇ ଜଣଙ୍କର ମୃତ୍ୟୁବରଣ ହୋଇଛି । ଗଡିଶାଗୋଦା ଗ୍ରାମରେ ୩ଦିନ ହେଲା ୫ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହେବା, ହରିପୁର ଗ୍ରାମରେ ୩ଦିନ ହେଲା ଝାଡାବାନ୍ତି ଲାଗିରହି ୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ୩ଦିନ ହେଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏବଂ ଜିଲ୍ଲାରୁ ଚିକିତ୍ସକ ଦଳ ଉକ୍ତ ଗ୍ରାମରେ ତିନିଦିନ ହେଲା ଚିକିତ୍ସା କରୁଥିବାରୁ ଆଜି କୌଣସି ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇନଥିବା ଜଣାପଡିଛି । ଆଜି ପୁରୀ ଜିଲ୍ଲା ଜରୁରୀକାଳିନ ଅଧିକାରୀ ରାଜିବୀ ପରିଡା, କଣାସ ବିଡିଓ ନାରାୟଣ ସାହୁ, କଣାସ ତହସିଲଦାର ହିମାଂଶୁଶେଖର ଗିରି, ନୂଆଗାଁ, ଜାଗୁଲେଇପଦର, ଗଡିଶାଗୋଦା, ହରିପୁର ଗ୍ରାମକୁ ଯାଇ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ଦେଖି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଂଜନ ସାମନ୍ତରାୟଙ୍କୁ ତୁରନ୍ତ ନୂଆଗାଁ ଏବଂ ଜାଗୁଲେଇପଦର ଗ୍ରାମରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେବାରୁ ଶ୍ରୀ ସାମନ୍ତରାୟ ଆଜି ଦୁଇ ଗ୍ରାମରେ ପାନୀୟଜଳ ଯୋଗାଇ ଥିବା ଜଣାପଡିଛି । ପୁରୀରୁ ଆସିଥିବା ବି.ପି.ଏଚ୍.ଓ ଡ. ବ୍ରଜଶଙ୍କର ରଥ ଗତ ୧୪ତାରିଖ ଦିନ ଉକ୍ତ ଗ୍ରାମକୁ ଆସି ରୋଗୀମାନଙ୍କୁ ଚିକିତ୍ସା କରିବା ସହିତ ଏକ ୭ଦିନିଆ ସ୍ୱାସ୍ଥ୍ୟ କ୍ୟାମ୍ପ ନୂଆଗାଁ ଗ୍ରାମରେ ଖୋଲାଯିବ ବୋଲି ସୂଚନା ଦେଇଥିଲେ ମଧ୍ୟ ସ୍ୱାସ୍ଥ୍ୟ କ୍ୟାମ୍ପ ଖୋଲାଯାଇନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ନୂଆଗାଁ ଗ୍ରାମରେ ଝାଡାବାନ୍ତି ଲାଗିବାର ୧୦ଦିନ ପରେ ବିଭିନ୍ନ ସମ୍ବାଦପତ୍ରରେ ଓ ବୈଦ୍ୟୁତକ ମିଡିଆରେ ଝାଡାବାନ୍ତି ଲାଗିଥିବା ପ୍ରଚାର ହେବାପରେ ଡାକ୍ତରମାନଙ୍କ ସୁଅ ଛୁଟିଥିବା ଗ୍ରାମର ବୃଦ୍ଧ ଲୋକମାନେ କୁହନ୍ତି । ମୁଖତଃ ଦୟାନଦୀର ବିଷୁଦ୍ଧଜଳ ପାନ କରିବା ଓ ବ୍ୟବହାର କରିବା ଦ୍ୱାରା ଝାଡାବାନ୍ତି ବ୍ୟାପୁଥିବାରୁ ଡାକ୍ତର ଶ୍ରୀରଥ ସମସ୍ତ ଗ୍ରାମବାସୀଙ୍କୁ ନଦୀଜଳ ବ୍ୟବହାର ନକରିବାପାଇଁ ପରାମଶ୍ର ଦେଇଥିଲେ । ଆଜି ଝାଡାବାନ୍ତି ଶାନ୍ତ ଥିବା ଜଣାପଡିଛି ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ଦେଉଳି ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି । ଓଡିଶା ସରକାରଙ୍କ ପ୍ରାୟୋଜିତ ସଭାରେ କଲେଜର ଅଧକ୍ଷ ଡ଼ଃ ତପନ କୁମାର ଜେନା ସଭାପତିତ୍ୱ କରିଥିଲେ । ସଭାର ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଅମିୟବାଳା ନନ୍ଦ ୮ ଦିନଧରି ଚାଲିଥିବା ଶିବିରର ଅଭିଜ୍ଞତା ଓ ଛାତ୍ରଛାତ୍ରୀଙ୍କ ସଫଳତା ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଶିକ୍ଷିକା କୁମାରୀ ମିତା ସ୍ୱାଇଁ ଛାତ୍ରୀମାନଙ୍କ ଦକ୍ଷତା ଓ ଉତ୍ସାହ କିପରି ଶିବିରକୁ ସଫଳତା ଆଣିଥିଲା ସେ ବିଷୟରେ ମତ ରଖିଥିଲେ । ଛାତ୍ରୀମାନଙ୍କ ମଧ୍ୟରୁ ଲିଜା ସାମନ୍ତରାୟ, ମିନି ଚୌଧୁରୀ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରାମଚନ୍ଦ୍ର ଜେନା, ଉମାକାନ୍ତ ଓଝା, ପ୍ରତାପ ଚନ୍ଦ୍ର ବେହେରା, ସମୀର ଚନ୍ଦ୍ର ଦାସ, ଚାରୁଲତା ନାୟକ, ସେକ ଅବଦୁଲ ବରଖତୁଲ, ଅନୁରାଧା ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଓ ସାହସୀ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ୮୯ ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ପରିଶେଷରେ କାର୍ଯ୍ୟକ୍ରମର ସଂଯୋଜିକା ଶ୍ରୀମତୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ମାଲକାନାଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସଦର ଦେଇ ଯାଇଥିବା ନଦୀଟି ବିଏଲକେ ଅଧୀନରେ ଥିବା ପ୍ରାୟ ଚାରିଗୋଟି ଗ୍ରାମ ପଞ୍ଚାୟତକୁ ସଂଯୋଗ କରୁଛି। ହେଲେ ପ୍ରତ୍ୟେକ ଦିନ ଉକ୍ତ ନଦୀର ବିଭିନ୍ନ ସ୍ଥାନରୁ ବହୁ ବାଲି ବାହାରକୁ ଚାଲାଣ ହେଉଥିବା ନଜିର ରହିଛି। ବାଲି ମାଫିଆ ନିର୍ଭୟରେ ମେସିନ ସାହାଯ୍ୟରେ ନଦୀ ଭିତରୁ ବାଲି ଉଠାଇ ମାଲେମାଲ ହେଉଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ହେଉଛି। ରାଜସ୍ୱ ନୀରିକ୍ଷକ ବାଲି ମାଫିଆଙ୍କ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେବା ବଦଳରେ କିଛି ବାଲି ଗାଡ଼ି ଧରି ଅଙ୍କକିଛି ଚାଲାଣ କାଟି ନିଜ କାମ ସାରିଦେଉଥିବା ଅଭିଯୋଗ ହୋଇଛି। ଏପରି ଦେଖିବାକୁ ମିଳିଛି କୋରୁକୋଣ୍ଡା ବ୍ଲକ୍ ଅଧୀନ ତୁମୁଷାପଲ୍ଲି ଗ୍ରାମ ପଞ୍ଚାୟତ ସଦର ନିକଟଦେଇ ଯାଇଥିବା ନଦୀରେ। ଉକ୍ତ ନଦୀରେ କେହିଜଣେ ବାଲିମାଫିଆ ମେସିନ ସାହାଯ୍ୟରେ ବାଲି ନଦୀ ଭିତରୁ ବାହାର କରି ବଡ଼ ଗାଡ଼ି, ଟ୍ରାକ୍ଟର ସାହାଯ୍ୟରେ ବାହାରକୁ ଚାଲାଣ କରୁଛନ୍ତି ଓ ବର୍ତ୍ତମାନ ନଦୀର ବହୁ ସ୍ଥାନରେ ବାଲି ପାହାଡ଼ ପରି ଗଦା ହୋଇଥିବା ଗ୍ରାମବାସୀ କହିଛନ୍ତି। ଏନେଇ ମାରିୱାଡ଼ା ରାଜସ୍ୱ ନୀରିକ୍ଷକ ରାଜେଶ୍ୱରୀ ନାୟକଙ୍କୁ ପଚାରିବାରେ, କିଛି ଲୋକଙ୍କର ରସିଦ କଟା ହୋଇଥିବା ବେଳେ ମେସିନ୍ ସାହାଯ୍ୟରେ ନଦୀରୁ ବାଲି ଉଠାଯିବା କଥା ଜାଣି ନଥିବା କହିଛନ୍ତି। ଯଦି ସେପରି କିଛି ହୋଇଥାଏ ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



# ସାଇ ଆଶ୍ରମର ନବମ ପ୍ରତିଷ୍ଠା ଦିବସ

ଡେରାବିଶ, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିବଜାର ସ୍ଥିତ ସିର୍ଡ଼ିସାଇ ଆଶ୍ରମର ନବମ ପ୍ରତିଷ୍ଠା ଦିବସ ଦୁଇଦିନ ଧରି ପାଳିତ ହୋଇଯାଇଛି। ଶିର୍ଡ଼ି ସାଇବାବା ଜନକଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନ ଆଶ୍ରମ



ପରିସରରେ ପ୍ରାତଃ ଆରତୀ ଓ ପରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ଯଜ୍ଞ ପୂର୍ଣ୍ଣାହୁତୀ ଓ ଉତ୍ସବ ସମାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଭୟ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଇଭଜନ ଓ ଜଣାଶୁଣା ପ୍ରତିଷ୍ଠିତ କର୍ଣ୍ଣିଶ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତର ମହିଳା ଓ ପୁରୁଷ ସାଇ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିଲେ। ଦୁଇଦିନ ଧରି ଅନୁଷ୍ଠାନ ତରଫରୁ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ସଇଁତଲା, (ଭାସ୍କର ନ୍ୟୁଜ): ଚଳିତ ବର୍ଷ ସ୍ୱାଧୀନତା ଦିବସ ରମେଶ ସିଂଭୋଇ ଷ୍ଟାଡ଼ିଅମରେ ମହା ସମାରୋହରେ ପାଳନ କରାଯିବ। ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ନେଇ ସଇଁତଲା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ କୁମାର ଭୋଇଙ୍କ ଆବାହାନ କ୍ରମେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ କରାଯାଇଥିଲା। ଏଥିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭାନୁ ପ୍ରତାପ ଭୋଇ, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ମିଶ୍ର, ସଇଁତଲା ସରପଞ୍ଚ ସୁବ୍ରତ ନାଗ ମଞ୍ଚାସୀନ ଥିଲେ। ଚଳିତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପରେଡ଼ ହେବା ପାଇଁ ବୈଠକରେ ସ୍ଥିରୀକୃତ କରାଯାଇଛି। ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହେବାକୁ ଥିବା ପରେଡ଼ରେ ଅଂଶଗ୍ରହଣ କରିବେ ଏବଂ ପରେଡ଼ ଅଭ୍ୟାସ ରମେଶ ସିଂଭୋଇ ଷ୍ଟାଡିଅମରେ ଆୟୋଜିତ କରାଯିବ। ସାଧାରଣତନ୍ତ୍ର ଦିବସ ଦିନ ସକାଳ ୫ଟାରେ ରାମଧୁନ ଗାନ କରାଯିବ। ସକାଳ ୯ ଘଟିକା ସମୟରେ ମୁଖ୍ୟ ଅତିଥି ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ଦ୍ୱାରା ଜାତୀୟପତାକା ଉତ୍ତୋଳନ କରି



ପରେଡ଼ ଦଳ ଦ୍ୱାରା ଅଭିବାଦନ ଗ୍ରହଣ କଲାପରେ ଅଭିଭାଷଣ ପ୍ରଦାନ କରିବେ। ସଇଁତଲା ଶିଶୁମନ୍ଦିରର ଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ସଂଗୀତ ଗାନ କରାଯିବ। ପରେଡ଼ ପ୍ରତିଯୋଗିତାରେ ସର୍ବ ବିବେଚିତ ଦଳକୁ ମୁଖ୍ୟ ଅତିଥି ପୁରସ୍କୃତ କରିବେ। ଏହି ଅବସରରେ ସଇଁତଲା ବ୍ଲକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟମାନଙ୍କରୁ ଆଦର୍ଶ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ପୁରସ୍କୃତ କରାଯିବ। ସେହିପରି ପ୍ରଶାସନ ତରଫରୁ ସରକାରୀ କର୍ମଚାରୀମାନଙ୍କ ମଧ୍ୟରୁ ଜଣଙ୍କୁ ଓ ଦେଶ ପାଇଁ ବଳିଦାନ ଦେଇଥିବା ଅବସର ପ୍ରାପ୍ତ ୧୦ ଜଣ ଯବାନଙ୍କୁ ଏହି ସାଧାରଣତନ୍ତ୍ର ଦିବସରେ ସମ୍ମାନିତ କରିବା ପାଇଁ ବୈଠକରେ ସ୍ଥିରୀକୃତ କରାଯାଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବାର ବ୍ୟବସ୍ଥା କରାଯାଇଛି। ଉକ୍ତ ବୈଠକରେ ସଇଁତଲା ପୋଲିସ ଏଏସଆଇ ଥବିର ମହାରଣା, ଏବିଓ ନାରାୟଣ ଭୋଇ, ଶିକ୍ଷୟତ୍ରୀ ରଞ୍ଜିତା ମିଶ୍ର, ସ୍ୱାଗତିକା ଶତପଥୀ,ଅବସର ପ୍ରାପ୍ତ ଶିକ୍ଷକ ତପନ ଦାସ, ସର୍ବେଶ୍ୱର ପାତ୍ର , ନାରାୟଣ ଜାଲ, ଆଇନଜୀବୀ ମାନଭଞ୍ଜନ ପାଣିଗ୍ରାହୀ, ପ୍ରୀତିସାଗର ମହାନନ୍ଦ, ସାମ୍ବାଦିକ ବିଶାଲ ଅଗ୍ରୱାଲ, ପ୍ରମୋଦ ସେଲମା, ଅମିତ ରଥ, ଦେବରାଜ ମହାନନ୍ଦ, ତ୍ରିଲକ୍ଷ ସାହୁ, ମୁନୁ ପଟେଲ, ଅନିଲ ସାହୁ, ଏସବି ଇମର୍ଶନ, ପ୍ରଶାନ୍ତ ବଗର୍ତି, ପ୍ରମୋଦ ବୈଠାରୁ, ଆନନ୍ଦ ସିଂ ବାବୁ, ଫରେଷ୍ଟର ହେମସାଗର ସାହୁଙ୍କ ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ। ଶେଷରେ ସରପଞ୍ଚ ସୁବ୍ରତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋପବନ୍ଧୁ ସେବାସଂଘର ଆଶୀର୍ବାଦ ସଭା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍‌ର ଅଗ୍ରଣି ସ୍ୱେଚ୍ଛାସେବୀ ସଙ୍ଗଠନ ଗୋପବନ୍ଧୁ ସେବାସଂଘ ପକ୍ଷରୁ ଆଶୀର୍ବାଦ ସଭା ମଙ୍ଗଳବାର ମକରସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅସହାୟମାନଙ୍କୁ କମ୍ୱଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସଂଘର ସଭାପତି ରାଜୀବ କୁମାର ନାୟକଙ୍କ



ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମୋହରୀର ସଂଘର ସମ୍ପାଦକ ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସମୀକ୍ଷକ ତଥା ଉପଦେଷ୍ଟା ବସନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଭାତ କୁମାର ରାଉଳ ପ୍ରମୁଖ ଯୋଗଦେଇ ଅସହାୟମାନଙ୍କୁ କମ୍ୱଳ ବଣ୍ଟନ କରିବା ସହିତ ସଂଘ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ ରହୁଛି ବୋଲି କହିଥିଲେ। ସଂଘର ଶେଖ୍ ଲିୟାକତ୍, ହରିହର ମଳିକ, କ୍ଷୀରୋଦ ଦାସ, ଅଭିରାମ ଦାସ, ଅଶୋକ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସୂଚନାଯୋଗ୍ୟ ଯେ ସଂଘ ଦୀର୍ଘ ୧୨ବର୍ଷ ଧରି ବାତ୍ୟା, ବନ୍ୟା, ଘରପୋଡ଼ି, ଅସହାୟଙ୍କୁ ସହାୟତା କରିବା ସହିତ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁମାନଙ୍କୁ ଅନ୍ନସେବା ଯୋଗାଇଦେଇ ଆସୁଅଛି।

# ଧାନବେଣୀ ମକର ମହୋତ୍ସବ ଓ ଟୁସୁ ସମ୍ମିଳନୀ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ହରିଚନ୍ଦନପୁର ବ୍ଲକ୍ ବକ୍ସିବାରିଗାଁ ଗ୍ରାମ ପଞ୍ଚାୟତର ଧାନବେଣୀ ଠାରେ ଆଞ୍ଚଳିକ ବିକାଶ ମଞ୍ଚ ଜୁଙ୍ଗା ଗ୍ରାମ ପଞ୍ଚାୟତ ତରଫରୁ ମକର ମହୋତ୍ସବ ଓ ଟୁସୁ ସମ୍ମିଳନୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଡା. ଫକୀର ମୋହନ ନାଏକ ଯୋଗଦେଇ କେନ୍ଦୁଝର ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତିର ଅନୁଭୂତିର ଅନେକ କଥା ଅଭିଭାଷଣରେ କହିଥିଲେ। ମୁଖ୍ୟ ବକ୍ତା ଶିକ୍ଷାବିତ ତଥା ଲେଖକ ରତ୍ନାକର ମହାନ୍ତ କୁଡ୍ମୀଜାତିର ପ୍ରତିକ ଟୁସୁ ମୋନୀର ଗୁଣଗାନ କରିଥିଲେ ଓ ତାଙ୍କର ଜାତି ଓ ସତୀତ୍ୱର ରକ୍ଷା ପାଇଁ ମକର ସଂକ୍ରାନ୍ତି ଦିନ ନଦୀରେ ଝାସ ଦେଇ ନିଜକୁ ଉତ୍ସର୍ଗୀକୃତ କରିଥିଲେ। କୁଡ୍ମୀଜାତିର କୃଷିଭିତ୍ତିକ ପର୍ବ ମକର ଓ ଟୁସୁପର୍ବ ପାଳନ ବିଷୟଗୁଡ଼ିକ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରତିନିଧି ଯଶୋସ୍ୱନୀ ବଳ ମହିଳା ଓ ଶିଶୁ ବିକାଶ ବିଭାଗ, କେନ୍ଦୁଝର, ଅଶୋକ କୁମାର ବେହେରା ସାଂସଦ ପ୍ରତିନିଧି ହରିଚନ୍ଦନପୁର ବ୍ଲକ୍ ମକର




ମହୋତ୍ସବକୁ ଆହୁରି ସରସ ସୁନ୍ଦର କରି ପ୍ରଭୁ ଧନେଶ୍ୱର ମହାଦେବ ମନ୍ଦିର ଉନ୍ନତ ରୂପାୟନ ନିମିତ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୁବ ସାହିତ୍ୟିକ ଝସକେତନ ମହାନ୍ତ ବର୍ତ୍ତମାନର ଗାଁ' ଓ ପୂର୍ବର ଗାଁ', ଆମର ସଂସ୍କୃତି ଓ ପରମ୍ପରାରେ ଆଧୁନିକତାର ପ୍ରବେଶ, କବିତା 'ମୋ ଗାଁ'ର ଧୂଳି' ମାଧ୍ୟମରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଯୁବ ସଫ୍ଟୱାର ଡେଭେଲପର ଶୁଭ୍ରାଂଶୁ ଶେଖର ମହାନ୍ତ ବିଭିନ୍ନ ପ୍ରାନ୍ତର ଲୋକସଂସ୍କୃତି ଓ ଭାଷାର ବ୍ୟବହାର ତଥା ମକର ସଂକ୍ରାନ୍ତିର ପରମ୍ପରା ବିଷୟଗୁଡ଼ିକ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ତଥା ହାଣ୍ଡିଭଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନମିନା ହାଁସଦା ଯୁବ ସମାଜ ପଥଭ୍ରଷ୍ଟ ହୋଇ ନିଶାସେବନ କରି ନିଜ ଜୀବନ ଓ ପରିବାର ନଷ୍ଟଭ୍ରଷ୍ଟ ହେଉଥିବାରୁ ସେଥିରୁ ନିବୃତ୍ତ ହେବାପାଇଁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ବିକାଶ ମଞ୍ଚର ଉପଦେଷ୍ଟା ରୁଦ୍ର ସେନ୍ ଜିତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ଆଞ୍ଚଳିକ ବିକାଶ ମଞ୍ଚର ସମ୍ପାଦକ ମନୋଜ କୁମାର ପଟେଲ ଓ ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ମହାନ୍ତ କାଯ୍ୟକ୍ରମ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଭିନ୍ନ ଗ୍ରାମରୁ ଆସିଥିବା ଟୁସୁଦଳ ଓ ସାଂସ୍କୃତିକ ଦଳ ପ୍ରତିଯୋଗିତା ମାଧ୍ୟମରେ ନିଜର କଳାପ୍ରଦର୍ଶନ କରିଥିଲେ। ଆଞ୍ଚଳିକ ବିକାଶ ମଞ୍ଚର ସଭାପତି ଟୁସୁଦଳ ବିଜେତା ପ୍ରଥମ ସାନନୂଆଗାଁ'କୁ ୫୦୦୦/- ୨ୟ କୁଣ୍ଡେଇ ଦଳକୁ ୩୦୦୦/- ଓ ୩ୟ ବଲାଣୀ ପଶି ଚାପୁଲିଆ ସାହି ଦଳକୁ ୨୦୦୦/- ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସାଂସ୍କୃତିକ ଦଳ ତାଳଡ଼ିହ ଓ ଶିରିଷପାଳ ଦଳକୁ ଯୁଗ୍ମ ବିଜେତା ଭାବରେ ୫୦୦୦/- ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ସମସ୍ତ ଟୁସୁଦଳ ଓ ସାଂସ୍କୃତିକ ଦଳମାନଙ୍କୁ ସାନ୍ତନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସାଂସ୍କୃତିକ କାଯ୍ୟକ୍ରମକୁ ଅନୁଷ୍ଠାନର ପଦ୍ମିନୀ ମହାନ୍ତ, ସୁରେଶ କୁମାର ବେହେରା, ସରୋଜକାନ୍ତ ମହାନ୍ତ, ହୀରାଲାଲ ମହାନ୍ତ, ଗଣେଶ୍ୱର ମହାନ୍ତ, ହାଡ଼ିବନ୍ଧୁ ମହାନ୍ତ, ଅଜିତ କୁମାର ବାରିକ, ଅଯୋଧ୍ୟା ଘଣା,ମନୋଜ ମହାନ୍ତ, ବିନାୟକ ମହାନ୍ତ, ରୁକ୍ମଣୀ ମହାନ୍ତ, ଭରତ ମହାନ୍ତ, କିଶୋର ମାଝୀ ପ୍ରମୁଖ ପରିଚାଳନା କରିଥିଲେ।

# ଯାଜପୁର ଜିଲ୍ଲାକୁ ଅର୍ଥନୈତିକ ଅବରୋଧ କରିବାକୁ ଟ୍ରକ୍ ମହାସଂଘର ଚେତାବନୀ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ) : ସୁକିନ୍ଦା କ୍ରୋମ୍ ଭ୍ୟାଲିରେ ମାଲ୍ ପରିବହନକୁ ନେଇ ଚାରୋଟି ଟ୍ରକ୍ ମାଲିକ ସଂଘ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ଟ୍ରକ୍ ମାଲିକ ସଂଘ ଧାରଣା ସପ୍ତମ ଦିନରେ ପହଞ୍ଚିଛି। ଧାରଣାସ୍ଥଳରେ କୌଣସି ଉଚ୍ଚ ପଦସ୍ଥ




ପ୍ରଶାସନିକ ଅଧିକାରୀ ନପହଞ୍ଚିବା ଯୋଗୁ ଟ୍ରକ ମାଲିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ଧାରଣା ସ୍ଥଳରେ ଅଲ୍ ଓଡ଼ିଶା ଟ୍ରକ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବି ନାରାୟଣ ଶତପଥୀ ଯୋଗଦେଇ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ଓଡ଼ିଶାର ସର୍ବପୁରାତନ ସଂଘ ଦୀର୍ଘ ୭ଦିନ ହେଲା ଟ୍ରକ ମାଲିକମାନେ ଶୀତ କାକରରେ ପଡ଼ି ରହିଛନ୍ତି। ମାତ୍ର ଦୁଃଖ ଓ ପରିତାପର ବିଷୟ ଏ ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ନିକଟରେ ପହଞ୍ଚି ନାହାଁନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ଟ୍ରକ ମାଲିକ ମାନେ ସେମାନଙ୍କ ନାର୍ଯ୍ୟ ଦାବି ହାସଲ କରିବା ପାଇଁ ଶାନ୍ତି ଓ ଶୃଙ୍ଖଳା ସହିତ ଆନ୍ଦୋଳନ କରିଛନ୍ତି। ସେଥିପାଇଁ ହୁଏତ ଜିଲ୍ଲା ପ୍ରଶାସନର ନିଦ ଭଙ୍ଗୁନାହିଁ। ମାତ୍ର ସେମାନେ ଯଦି ଆଇନକୁ ନିଜ ହାତକୁ ନେବାକୁ ବାଧ ହେବେ ସେଥିପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବ। ଏଥିସହିତ ଯାଜପୁର ଜିଲ୍ଲାକୁ ସମ୍ପୂର୍ଣ୍ଣ ଅର୍ଥନୈତିକ ଅବରୋଧ କରାଯିବ ଯାହାଫଳରେ ସାଧାରଣ ମଣିଷମାନେ ଅସୁବିଧାର ସମ୍ମୁଖିନ ହେବେ। ସରକାର ବଦଳିଛି ମାତ୍ର ପ୍ରଶାସନିକ ଅଧିକାରୀମାନଙ୍କର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ଶତପଥୀ କହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ସଭାପତି ପୁଷ୍ପରାଜ୍ ନାୟକ, ଉପ ସଭାପତି ମାନସ ରଞ୍ଜନ ନାୟକ, ସମ୍ପାଦକ କ୍ରିତିରଜ୍ ସ୍ୱାଇଁ, ସହ ସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ, କୋଷାଧକ୍ଷ ଜାହିଦ୍ ଖାଁ, ମୁଖପାତ୍ର ସତ୍ୟବ୍ରତ ଖଣ୍ଡାୟୀ, ଉପଦେଷ୍ଟା ଉମେଶ ଜେନା, ଦେବରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଭ୍ୟ ବୈକୁଣ୍ଠ ନାଥ ପଲେଇ, ବିଶ୍ୱଜିତ ବିଶ୍ୱାଳ, ବିନାୟକ ସାହୁ, ଏମ୍‌ଡି ଜସିମୁଦ୍ଦିନ୍ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ୩ ଘଟିକା ସମୟରେ କଳିଙ୍ଗ ନଗର ଏଡିଏମ୍ ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ ଆଲୋଚନା ପାଇଁ ଆନ୍ଦୋଳନରତ କର୍ମକର୍ତ୍ତାଙ୍କୁ ଡାକିଥିବା ଜଣାଯାଇଛି।

# ୧୯୯୦ ମସିହା ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ



ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଞ୍ଚଳଗୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୦ ମସିହାରେ ମେଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଯାଇଛି। ବନ୍ଧୁମିଳନ କାର୍ଯ୍ୟକ୍ରମ ପଡ଼ୋଶୀ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ କାମରା ମାଁ ଡଙ୍ଗରଦେଇ ମନ୍ଦିର ଠାରେ ଅନୁଷ୍ଠିତ ହୋଇଛି। ଦୀର୍ଘ ୩୫ ବର୍ଷ ପରେ ବାଲ୍ୟ ବନ୍ଧୁମାନେ ନିଜ ପରିବାର ସହ ଏକାଠି ମିଶିଥିବାରୁ ହସଖୁସି, ଆନନ୍ଦରେ ଦିନଟି କାଟିଥିଲେ। କର୍ମମୟ ଜୀବନରୁ ଗୋଟିଏ ଦିନ ବାହାର କରି ସାଙ୍ଗସାଥି ମେଳରେ ସମସ୍ତେ ମିଶିଥିବାରୁ ମେଟ୍ରିକ ପରେ ନିଜନିଜ ଜୀବନର ଗତିପଥ ଉପରେ ଆଲୋଚନା କରିଥିଲେ। ଏହି ମସିହାରେ ମୋଟ ୭୦ଜଣ ପାଠ ପଢୁଥିବା ବେଳେ ୫୦ଜଣ ନିଜ ପରିବାର ସହ ଉପସ୍ଥିତ ଥିଲେ। ତେବେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପାଇଁ ସମସ୍ତେ ଏକ ହ୍ୱାଟ୍ସଅପ୍ ଗ୍ରୁପ ମାଧ୍ୟମରେ ସମ୍ପର୍କ କରି ସମସ୍ତେ ଏକତ୍ରିତ ହୋଇ ବନ୍ଧୁମିଳନ କରିଥିଲେ। ଆଗାମୀ ଦିନରେ ସମସ୍ତେ ସୁଖ ଦୁଃଖରେ ସାମିଲ ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ମୁଖ୍ୟ ଅତିଥି ଭାବେ ସେଇ ବିଦ୍ୟାଳୟର ଶିକ୍ଷକ ବନମାଳୀ ରଥ ଯୋଗ ଦେଇଥିଲେ। ଗୁରୁଙ୍କୁ ସମସ୍ତ ଛାତ୍ରମାନେ ଭକ୍ତିପୂର୍ବକ ସମ୍ମାନୀତ କରିଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

# ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ଧାନମଣ୍ଡି ପରିଦର୍ଶନ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଗ୍ରାମର 'ଶକ୍ତି ସ୍ୱରୂପା ସ୍ୱୟଂ ସହାୟିକା ଗୋଷ୍ଠୀ' ଧାନମଣ୍ଡିକୁ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ପରିଦର୍ଶନ କରି ଧାନକ୍ରୟ ତଦାରଖ କରିଥିବା ଜଣାଯାଇଛି। ଧାନର ଗୁଣବତ୍ତା ଆଳରେ କୌଣସି କଟନୀଛଟନୀକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହ ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ଦେଇଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସାଂସଦ ପ୍ରତିନିଧି ଡଃ ସୁଧାଂଶୁ ଶେଖର ନାୟକ, ଉପଜିଲ୍ଲାପାଳ ବିକ୍ରମ ସୌରଭ ଚକ୍ରବର୍ତ୍ତି, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ଆର.ଏମ.ସି. ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ନୋଡ଼ାଲ ଅଧିକାରିଣୀ ରତୁପର୍ଣ୍ଣା ମହାନ୍ତି ମନ୍ତ୍ରୀଙ୍କ ସହ ମଣ୍ଡି ପରିଦର୍ଶନ କରିଥିଲେ। ଏସ.ଏସ.ଜି. ସଭାନେତ୍ରୀ ପାର୍ବତୀ ନାୟକ, ସମ୍ପାଦକ ତିଳୋତ୍ତମା ଖିଲାରଙ୍କ ଉପସ୍ଥିତିରେ ବରିଷ୍ଠ ଚାଷୀ ନିର୍ମଳ କର, ପୂର୍ଣ୍ଣଚନ୍ଦ୍ର ଖିଲାର, ସୁରେଶ ସାମଲ, ନିରଞ୍ଜନ ବାରିକ, ରତ୍ନାକର ପାତ୍ର, ତପନ ପାତ୍ର, ଅତୁଲ୍ୟ ସାମଲ, ପ୍ରଫୁଲ୍ଲ ବରାଳ, ସନାତନ ପରିଡା, ଅଶୋକ ପଣ୍ଡା, ସୁକାନ୍ତ ପଣ୍ଡା, ଜୟକୃଷ୍ଣ ନାୟକ, ଭ୍ରମର ନାୟକ, ସୁକାନ୍ତ ଖିଲାର, ବିମଳ ରାଉତ ପ୍ରମୁଖ ମନ୍ତ୍ରୀଙ୍କ ସହ ଧାନକ୍ରୟ ସମ୍ପର୍କରେ ଆଲୋଚନା କରିଥିଲେ।

# ଉତ୍ତାରଣ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍) : ଉତ୍ତାରଣ ସେବା ସମବାୟ କାନୁନ୍‌ଗୋଙ୍କ ଦ୍ୱାରା ଧାନମଣ୍ଡି ହୋଇଯାଇଛି। ଏହି ଉଦ୍‌ଘାଟନ ତହସିଲଦାର୍ ପ୍ରସନ୍ନ କୁମାର ନାୟକ, କୃଷି ବିଭାଗ ଭିଏଡବ୍ଲୁ ଆର୍ତ୍ତତ୍ରାଣ ବିଶ୍ୱାଳ, ଡିଓ



କଣ୍ଟାପଡ଼ା ବ୍ଲକ୍ ଅନ୍ତର୍ଗତ ସମିତିର ସଭାପତି ଧର୍ମବୀର ବୁଧବାର ଦିନ ଉଦ୍‌ଘାଟିତ ଉତ୍ସବରେ କଣ୍ଟାପଡ଼ା ସାମନ୍ତରାଏ, ବିଡ଼ିଓ ସ୍ୱପ୍ନିତା ଲିଲିମା ବାଡ଼, ସମ୍ପାଦକ ବିଶ୍ୱଜିତ୍ ସ୍ୱାଇଁ, ଉପସଭାପତି ଟୁନି ଭୋଇ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ରହିଥିଲେ। ସାତଜଣ ଚାଷୀଙ୍କ ଠାରୁ ୩୫୦ କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରାଯାଇଥିଲା। ଚାଷୀମାନେ ହେଲେ ସନାତନ ବାରିକ, ଆଲୋକ ବରାଳ, ସଞ୍ଜିତ ଦାସ, ତୋଫାନ ସ୍ୱାଇଁ, ଅଶ୍ୱିନି ସ୍ୱାଇଁ, ବଂଶୀଧର ବେହେରା ଓ ପ୍ରକାଶ ମହାପାତ୍ର। କାନାଡ଼ା ବ୍ୟାଙ୍କ୍ ମ୍ୟାନେଜର୍ ତନ୍ମୟ ପଟ୍ଟନାୟକ ମଧ୍ୟ ଉପସ୍ଥିତ ରହିଥିଲେ।

# କପାସି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ





ନିଆଳି, (ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍ କପାସି ସେବା ସମବାୟ ସମିତିରେ ଧାନମଣ୍ଡି ବୁଧବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ସେବା ସମବାୟ ସମିତିର ଉପ ସଭାନେତ୍ରୀ ଚପଳା ମଲ୍ଲିକ୍ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ସୌମେନ୍ଦ୍ର କେଶରୀ ଲେଙ୍କା, ନୋଡାଲ୍ ଅଫିସର ପ୍ରତିତ ମିଶ୍ର ଓ ଉପସ୍ଥିତ କମିଟିର ସଭ୍ୟ ଓ ଚାଷୀ ମାନେ ଉପସ୍ଥିତ ରହିଥିଲେ। ସପ୍ତାହକୁ ୧୯ ଜଣ ଚାଷୀଙ୍କ ଠାରୁ ୬୫୪ କ୍ୱିଣ୍ଟାଲ ୨୪କିଗ୍ରା ଧାନ ସଂଗ୍ରହ କରାଯାଇଛି। ସପ୍ତାହକୁ ଦୁଇଦିନ ମଣ୍ଡି ଖୋଲା ରହିବ। ଉପସ୍ଥିତ ସମିତିର ସଦସ୍ୟମାନେ ହେଲେ ସପନି ଲେଙ୍କା, ଜନଧର ଲେଙ୍କା ପ୍ରମୁଖ। ସଭାପତି ବିଭୂଦତ୍ତ ପଟ୍ଟନାୟକ ଦେହ ଅସୁସ୍ଥ ଯୋଗୁ ଅନୁପସ୍ଥିତ ରହିଥିବା ସମ୍ପାଦକ ଲେଙ୍କା ସୂଚନା ଦେଇଛନ୍ତି।

# ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପରୀକ୍ଷାର୍ଥୀଙ୍କ କର୍ମଶାଳା

ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ଅନୁସୂଚିତ ଜନଜାତି, ଜାତି ଓ ପଛୁଆ ବର୍ଗର ପିଲାଙ୍କ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଅବତିର୍ଣ୍ଣ ହେବାକୁ ଯାଉଥିବା ପରୀକ୍ଷାର୍ଥୀଙ୍କ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନନ୍ଦାହାଣ୍ଡି ବ୍ଲକ ନିଶ୍ଚାହାଣ୍ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଗୁରୁବାର ତିନି ଦିନିଆ କର୍ମଶାଳା ଶୁଭାରମ୍ଭ କରାଯାଇଛି। ଦଶମ ଶ୍ରେଣୀ ପାଇଁ ୩୬ ଗୋଟି ଉଚ୍ଚ ବିଦ୍ୟାଳୟରୁ ୭୦ ମେଧାବୀ ଛାତ୍ରଛାତ୍ରୀ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୩୦ ଜଣ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି। ଆଗାମୀ ୨୦୨୫ ବୋର୍ଡ଼ ପରୀକ୍ଷାରେ ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ପିଲାମାନେ କିପରି ଅଧିକରୁ ଅଧିକ ମାର୍କ ରଖି ପାରିବେ ସେ ବିଷୟରେ ବ୍ୟାପକ ଆଲୋଚନା କରାଯାଇଥିଲା। ଉଦଘାଟନୀ ଦିବସରେ ନବରଙ୍ଗପୁର ଜିଲ୍ଲାପାଳ ଡଃ.ଶୁଭଙ୍କର ମହାପାତ୍ର




ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ଶାରୀରିକ ଓ ମାନସିକ ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ପଚାରିଥିଲେ। ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଗୁରୁ ମନ୍ତ୍ର ଦେବା ସହ କଠିନ ପରିଶ୍ରମ କରିବା ସକାଶେ ହିତୋପଦେଶ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ନବରଙ୍ଗପୁର ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, କଳାହାଣ୍ଡି ଜୋନ ଶିକ୍ଷା ନିରୀକ୍ଷକ କୈଳାସ ଚନ୍ଦ୍ର ମହାରଣା, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ସତ୍ୟବ୍ରତ ବେହେରା, ନିବେଦିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିବା ବେଳେ ନନ୍ଦାହାଣ୍ଡି ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ ମଧ୍ୟ ଉପସ୍ଥିତ ରହିଥିଲେ। ପରୀକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ସକାଶେ ରିସୋର୍ଚ୍ଚ ପର୍ସନ ଭାବେ ଉଚ୍ଚ ବିଦ୍ୟାଳୟରୁ ୫୨ ଜଣ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୮ ଜଣ ଦକ୍ଷ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଥିବା ସୂଚନା ଦେଇଛନ୍ତି। ରମେଶ ଚନ୍ଦ୍ର ବିଶ୍ୱାଳ ଓ ସତ୍ୟନାରାୟଣ ପାତ୍ର କାର୍ଯ୍ୟକ୍ରମ ପରିଚାଳନାର ଗୁରୁ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ମଞ୍ଚ ପରିଚାଳନା ସୀମାଞ୍ଚଳ ବାଗ କରିଥିଲେ। ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ର ମୋଟ ୧୦୦ ପିଲା ତିନି ଦିନ ହଷ୍ଟେଲରେ ରହି ପରୀକ୍ଷାରେ ଉତ୍ତମ ଫଳାଫଳ ପାଇଁ ଶିକ୍ଷା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।




କୁକୁଡାଖଣ୍ଡି: କୁକୁଡାଖଣ୍ଡି ବ୍ଲକ ପରିସରରେ ଗୁରୁବାର ଦିନ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଡଃ ପଲ୍ଲବୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ତହସିଲଦାର ସପନ କୁମାର ସାହୁ, ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ଉପଖଣ୍ଡ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସାହୁ ମଞ୍ଚରେ ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ବ୍ଲକ ର ବିଭିନ୍ନ ପଞ୍ଚାୟତର ଭିନ୍ନକ୍ଷମ ବ୍ୟକ୍ତି ଆସି ଉପସ୍ଥିତ ରହିଥିଲେ। ଭିନ୍ନକ୍ଷମ ବ୍ୟକ୍ତି ମାନେ କିପରି ସରକାରଙ୍କ ବିଭିନ୍ନ ଯୋଜନାର ଲାଭବାୟକ ହୋଇପାରିବେ। ଗ୍ରାମୀଣ ଆବାସ ଯୋଜନା, ରାସନ୍ କାର୍ଡ ଇତ୍ୟାଦି ସୁବିଧା କିପରି ପାଇପାରିବେ ତାହା ଉପରେ ଅତିଥି ମାନେ ନିଜ ନିଜ ର ମନ୍ତବ୍ୟ ରଖିଥିଲେ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତି ମାନେ ନିଜନିଜର ଅସୁବିଧା ବିଷୟରେ ମଧ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟ ବିତ ତଥା ପୂର୍ବତନ ସରପଞ୍ଚ ସନାତନ ସଂଗ୍ରାମ ସିଂ, ଏମ୍. ଡମ୍ବରୁଧର ଦୋରା, ବ୍ଲକ ର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ସହ ବ୍ଲକ ପ୍ରଶାସନ ଉପସ୍ଥିତ ରହିଥିଲେ।

# ନାରାୟଣ ନାୟକଙ୍କ ବିୟୋଗରେ ରିଟେଲର ସଂଘର ଶୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବରିଷ୍ଠ ରିଟେଲର ତଥା ବ୍ଲକ୍ ରିଟେଲର ସଂଘର ଉପଦେଷ୍ଟା ନାରାୟଣ ନାୟକଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ସ୍ୱର୍ଗତ ନାୟକ ବହୁଦିନ ଧରି ପଞ୍ଚାୟତର ଯୋଗାଣ ସାମଗ୍ରୀ ସୁଚାରୁ ରୂପେ ବଣ୍ଟନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ସେ ଜଣେ ଶାନ୍ତ, ସରଳ, ଅମାୟିକ ବ୍ୟକ୍ତି ଭାବେ ମଧ୍ୟ ସୁପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ତିହିଡ଼ି ରିଟେଲର ସଂଘର କର୍ମକର୍ତ୍ତା ମାନେ ତାଙ୍କ ଶ୍ୟାମସୁନ୍ଦରପୁର ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ବିୟୋଗରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ରିଟେଲର ସଂଘ ସଭାପତି ରବୀନ୍ଦ୍ର ମହାକୁଳ, ସମ୍ପାଦକ କୈଳାସ ବେହେରା, ଭାସ୍କର ପରିଡ଼ା, ଭାଗିରଥି ବେହେରା, ମୂରଲୀଧର ମାଝୀ, ଲକ୍ଷ୍ମୀକାନ୍ତ ନାୟକ, ଶରତ କବି, ଜିତେନ୍ଦ୍ର ବେହେରା, ବାସ୍ତବ ପଣ୍ଡା, ଚକ୍ରଧର ଲେଙ୍କା, ଗୟାଧର ବାରିକ, ଶଶିକାନ୍ତ ରାଉତ, ପୂର୍ଣ୍ଣଚନ୍ଦ୍ର ଓଝା, ବାବୁଲି ଭଂଜ, ସୁଦାମ ଦାସ, ସୁବ୍ରତ ନାୟକ, ସତ୍ୟାନନ୍ଦ ଧଳ, ସଂଜୟ ମଲ୍ଲିକ, ବାପୁଜୀ ରାଉତ, ବ୍ରହ୍ମାନନ୍ଦ ମହାପାତ୍ର, ସୁବାସ ଦାସ, ଅଜୟ କୁମାର ବ୍ରହ୍ମ, ବିଶ୍ୱନାଥ ପୃଷ୍ଟି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ହେଲମେଟ ନପିନ୍ଧି ଗାଡ଼ିଚାଳନା
# ୨୮ହଜାର ୨୯୫ ଜଣଙ୍କଠାରୁ ଚାଲାଣ କଟିଲା

କେନ୍ଦୁଝର,(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ୨୦୨୪ ମସିହାରେ ସଡ଼କ ଦୂର୍ଘଟଣାରେ ବହୁ ଲୋକଙ୍କ ଜୀବନ ଯାଇଛି। ବ୍ୟାପକ ସଚେତନତା ସତ୍ତ୍ୱେ ଦୁର୍ଘଟଣା ବଢୁଛି। ୨୦୨୪ ମସିହା ଜାନୁୟାରୀ ମାସ ଠାରୁ ଡିସେମ୍ବର ମାସ ମଧ୍ୟରେ ୬୯୮ଟି ଦୁର୍ଘଟଣା ଘଟି ୬୦୩ ଜଣ ଆହତ ହୋଇଥିବାବେଳେ ୩୯୩ ଜଣଙ୍କ ମୃତ୍ୟୁ ହୋଇଛି। ଏହି ସମୟ ମଧ୍ୟରେ ଯାଞ୍ଚ ବେଳେ ବିଭିନ୍ନ କାରଣରୁ ୧୭୮୪ ଜଣଙ୍କ ଲାଇସେନ୍ସ ସସପେଣ୍ଡ କରାଯାଇଛି ଏବଂ ମୋଟ ୪୬ହଜାର ୯୦୪ଜଣଙ୍କ ଠାରୁ ଇ-ଚାଲାଣ କଟାଯାଇଛି। ଦ୍ରୁତ ଗତରେ ଗାଡ଼ିଚାଳନା ପାଇଁ ୬୯୯୧ ଜଣ, ଓଭରଲୋଡ ପରିବହନ ପାଇଁ ୩୨୯, ମାଲବାହୀ ଗାଡିରେ ଯାତ୍ରୀ ପରିବହନ ପାଇଁ ୧୦୬ ଗାଡିରୁ ଇ-ଚାଲାଣ କଟାଯାଇଛି। ମଦ ପିଇ ଗାଡ଼ି ଚାଳନାରେ ୨୫୯ ଜଣ ଗାଡ଼ିଚାଳକ, ମୋବାଇଲରେ କଥା ହୋଇ ଗାଡ଼ି ଚାଳନା ପାଇଁ ୩୧୬ଜଣ ଗାଡ଼ି ଚାଳକ, ହେଲମେଟ ନ ପିନ୍ଧି ଗାଡ଼ି ଚାଳନା ପାଇଁ ୧୯୪୨୨ ଏବଂ ଅନ୍ୟ କାରଣରୁ ୮୭୪ ଗାଡ଼ି ଚାଳକଙ୍କର ଇ-ଚାଲାଣ କଟାଟାଇଛି। କେନ୍ଦୁଝର ଜିଲ୍ଲାରେ ମୋଟ ୧୪ ଟି ବ୍ଲାକ୍‌ସ୍ପଟ ଚିହ୍ନଟ କରାଯାଇଛି। ଏହି ୧୪ଟି ସ୍ଥାନରେ ଗତବର୍ଷ ମୋଟ ୩୭ ଜଣ ମୃତ୍ୟୁବରଣ କରିଛନ୍ତି। ଜାତୀୟ ରାଜପଥ ୨୦ ବଡ଼ପଶିରେ ୨ଜଣ, ପଳାଶପଙ୍ଗା ଛକରେ ୩ଜଣ, ଜଡ଼ିଚାତର ଠାରେ ୧ଜଣ, ନେଙ୍କଡ଼ାଘରରେ ୧ଜଣ, ମେଲଣ ଛକରେ ୩ଜଣ, ବାଲିଯୋଡ଼ିରେ ୨ଜଣ, ପିପିଳିଆରେ ୧ଜଣ, ଜାତୀୟ ରାଜପଥ ୨୨୦ର କପାସପଡ଼ାରେ ୬ଜଣ, ଜାତୀୟ ରାଜପଥ ୫୨୦ର ବାସୁଦେବପୁର ମେଡ଼ିକାଲ ଛକରେ ୩ଜଣ, ଭଦ୍ରାସାହି ଛକରେ ୩ଜଣ, ବିଲେଇପଦାରେ ୨ଜଣ, କଣ୍ଡରା ଛକରେ ୪ଜଣ, ଗୁଆଲି ଜେଏସଡବ୍ଲ୍ୟୁ ମେଡ଼ିକାଲ ଛକରେ ୩ଜଣ ଏବଂ ଜାତୀୟ ରାଜପଥ ୪୯ର ଝାରବେଲଦା ଛକରେ ୩ଜଣଙ୍କ ମୃତ୍ୟୁ ଘଟିଛି। ବ୍ଲାକସ୍ପଟରେ ଅଧିକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟୁଛି। ବ୍ଲାକସ୍ପଟ ସ୍ଥାନରେ ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ ନିଆଯାଉଥିଲେ ହେଁ ବେପରୁଆ ଏବଂ ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟୁଛି। ବିଶେଷକରି ଉକ୍ତ ସ୍ଥାନରେ ସତର୍କ ସୂଚନା ଏବଂ ଗାଡ଼ିର ବେଗ କମ ରଖିବା ପାଇଁ ସୂଚନା ଫଳକ ମରାଯାଇଛି। ଏହା ସତ୍ତ୍ୱେ ବହୁ ଗାଡ଼ିଚାଳକ ଏହାକୁ ନ ମାନି ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି। ଜାତୀୟ ସଡକ ସୁରକ୍ଷା ମାସ ଅବସରରେ କେନ୍ଦୁଝର ଜିଲ୍ଲାରେ ଆଞ୍ଚଳିକ ପରିବହନ ବିଭାଗ ଏବଂ ପୁଲିସ ବିଭାଗ ମିଳିତ ସହାୟତାରେ ଜିଲାର ବିଭିନ୍ନ ସ୍ଥାନରେ କଡାକଡି ଯାଞ୍ଚ କରାଯାଉଛି। ଜିଲାର ଦୁର୍ଘଟଣା ପ୍ରବଣ ସ୍ଥାନରେ ଆରଟିଓ ଏବଂ ପୁଲିସର ସହଯୋଗରେ ଯୋଜନା ଅନୁଯାୟୀ ଯାନବାହାନ ଯାଞ୍ଚ କରାଯାଉଛି। ମାସେ ବ୍ୟାପି ଜିଲାର ସମସ୍ତ ସ୍ଥାନମାନଙ୍କରେ ମଦ୍ୟପାନ କରି ଗାଡ଼ି ଚଳାଇବା, ବିନା ହେଲମେଟରେ ଗାଡ଼ି ଚାଳନା, ମୋବାଇଲ ଧରି ଗାଡ଼ି ଚାଳନା, ନାବାଳକ ଗାଡ଼ି ଚାଳନା, ଦ୍ରୁତଗତିରେ ଗାଡ଼ିଚାଳନା ଗୁଡିକର ଯାଞ୍ଚ କରାଯାଉଛି। କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ କହିଛନ୍ତି ଦୁର୍ଘଟଣା ରୋକିବା ପାଇଁ ନିୟମିତ ଧରପଗଡ଼ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆବଶ୍ୟକ ପଡ଼ିଲେ ଲାଇସେନ୍ସ, ପରମିଟ ରଦ୍ଦ କରିବା ଭଳି ପଦକ୍ଷେପ ଗ୍ରହଣ କରୁଛୁ। ଟ୍ରାଫିକ୍ ନିୟମ ପାଳନ କରିବା ସହ ନିଜ ସୁରକ୍ଷା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି।

# ୬ଷ୍ଠ ପରିଷଦ ପରିଚାଳନା ସାଧାରଣ ଅଧିବେଶନ ଆୟୋଜିତ

ବାଲୁଗାଁ, (ଭାସ୍କର ନ୍ୟୁଜ୍): ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ ୬ଷ୍ଠ ପରିଷଦ ପରିଚାଳନା ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିବେଶନରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ବିଶେଷ ସହାୟତା ପ୍ରଗତି, ମୁକ୍ତା ଯୋଜନାର ପ୍ରଗତି, ବିଭିନ୍ନ କେନ୍ଦ୍ରୀୟ/ରାଜ୍ୟ ପେନସନ୍



ସ୍କିମ ସ୍ଥିତି, ପିଏମ୍ ସମ୍ମାନ ନିଧି, ପିଏମ୍ କିଷାନ ଯୋଜନା, ପିଏମ୍ ବିଶ୍ୱକର୍ମା ଯୋଜନା, ଷ୍ଟ୍ରିଟ୍ ଲାଇଟ, ସ୍ମାର୍ଟ ପାର୍କ ଏବଂ ଅନ୍ୟ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥି ସହିତ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସରସସୁନ୍ଦର ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କର ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ମନ୍ତ୍ରୀ ହରିଚନ୍ଦନ ମତପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ ବାଲୁଗାଁ ଏନଏସି ଅନ୍ତର୍ଗତ ୮୦ ବର୍ଷରୁ ଉର୍ଦ୍ଧ୍ୱ ୩୦ ଜଣ ବୃଦ୍ଧବୃଦ୍ଧା ଓ ୮୦ ଶତକଡ଼ାରୁ ଉର୍ଦ୍ଧ୍ୱ ୨୦ ଜଣ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ଏହି ବୈଠକରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ସୁକାନ୍ତି ପାଇକରାୟ, ଉପାଧକ୍ଷ ଭଗବାନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, କନିଷ୍ଠ ଯନ୍ତ୍ରୀ ବିମଳ ମିଶ୍ର, ସମସ୍ତ କାଉନସିଲର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶୁଳିଆପଦାରେ ନିଆରା ଢଙ୍ଗରେ ମକରପର୍ବ ପାଳିତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍‌ର ବଡ଼ଶୋଳ ଠାରେ ଏକ ଟୁସୁ ମେଳା ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ସମ୍ପ୍ରଦାୟର କମିଟି ତରଫରୁ ଏହି ମେଳା ଆୟୋଜିତ କରାଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ମାନ୍ୟବର ମୋରଡ଼ା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ ରାଇମତ ମୁର୍ମୁ, ଅବସରପ୍ରାପ୍ତ ପୋଲିସ ପତି ମହାନ୍ତ ପ୍ରମୁଖ ଯୋଗଦେଇ ଟୁସୁ ଦେବୀଙ୍କ ମହାତ୍ମ୍ୟ ଆଲୋକପାତ କରିଥିଲେ। ମକର ପର୍ବ ଦେଶର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରରେ ପାଳନ ହେଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ କିନ୍ତୁ ପାଳନ ହୁଏ ନିଆରା ଢଙ୍ଗରେ। ମକର ସଂକ୍ରାନ୍ତି ଓ କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ପାଳିତ ହୋଇଆସୁଥିବା ଟୁସୁ ପର୍ବ ମୟୂରଭଞ୍ଜ ଜିଲାରେ ଏକ ଗଣପର୍ବ ଭାବେ ପାଳିତ ହୋଇଆସୁଛି। ଘରେ ଘରେ ପିଠାପଣା ଆଉ ମାଂସ ଭାତର ଆୟୋଜନ। ସମସ୍ତେ ନୂଆ ଲୁଗା ସହ ଚାଟିଆଡ଼େ ଖେଳକୁଦ ହୋଇଥାଏ। ପର୍ବକୁ ୭ ଦିନ ବ୍ୟାପି ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଏ ଭାରତବର୍ଷର ବିଭିନ୍ନ ରାଜ୍ୟରେ ଏହି ପର୍ବ ପାଳିତ ହେଉଥିବା ବେଳେ ଆମ ରାଜ୍ୟ ଓଡ଼ିଶାରେ ମକର ସଂକ୍ରାନ୍ତକୁ ଏକ ଧର୍ମ ଓ କୃଷି ଭିତ୍ତିକ ପର୍ବ ଭାବେ ପାଳନ କରାଯାଇ ଆସୁଥିବା ସମୟରେ ମୟୂରଭଞ୍ଜ ଜିଲ୍ଲାରେ କୁଡୁମୀ ମହାନ୍ତ ସମ୍ପ୍ରଦାୟ ପକ୍ଷରୁ ମକରକୁ ସତ୍ୟ, ଧର୍ମ ଓ ଆତ୍ମ ବିସର୍ଜନର ଦିବସ ଟୁସୁ ପର୍ବ ଭାବେ ପାଳନ କରାଯାଇ ଆସୁଛି। ଏହି ପର୍ବ ଅବସରରେ କୁଡୁମୀ ସମ୍ପ୍ରଦାୟ ସହିତ ଅନ୍ୟ କେତେକ ସମ୍ପ୍ରଦାୟର ସମସ୍ତ ଜନସାଧାରଣ ନୂତନ ବସ୍ତ୍ର ପରିଧାନ କରିବାର ପରମ୍ପରା ରହିଆସିଛି। ମକର ପର୍ବର ପାଳନକୁ ନେଇ ଏକ ଐତିହାସିକ ପୃଷ୍ଠଭୂମି ରହିଆସିଛି ଓ ଏହା ଏକ ହୃଦୟ ବିଦାରକ, ଅତ୍ୟନ୍ତ ଦାରୁଣ ଓ କରୁଣ ଘଟଣାବଳୀ। କୁହାଯାଏ କୁଡୁମୀ ସମ୍ପ୍ରଦାୟର କୁମାରୀ କନ୍ୟା ନିଜ ସତିତ୍ୱକୁ ରକ୍ଷା କରିବାକୁ ଯାଇ ମକର ସଂକ୍ରାନ୍ତି ଦିନ ନଦୀ ଗର୍ଭକୁ ଝାସ ଦେଇ ଜୀବନ ଦେଇଥିଲା ଆଉ ସେଇଥି ପାଇଁ ଏହି କୁଡୁମୀ ସମ୍ପ୍ରଦାୟର କୁମାରୀ କନ୍ୟାମାନେ ଟୁସୁମଣୀଙ୍କ ମୂର୍ତ୍ତିକୁ ତ୍ୟାଗ ଓ ଆତ୍ମବିସର୍ଜନର ମୂର୍ତ୍ତିମନ୍ତ ଦେବୀ ଭାବେ ବିବେଚନା କରି ପୂଜାର୍ଚ୍ଚନା କରିଥାନ୍ତି ଏବଂ ମକର ସଂକ୍ରାନ୍ତି ଦିନ ତାଙ୍କ ସ୍ମୃତିରେ ନଦୀ ଗର୍ଭରେ ଭକ୍ତି ନୈବେଦ୍ୟର ଅର୍ଘ୍ୟ ଅର୍ପଣକରି ଆସୁଛନ୍ତି। କିନ୍ତୁ ଏହାର ପୂଜା ପଦ୍ଧତି ସମ୍ପୂର୍ଣ୍ଣ ଭାବେ ନିଆରା। ବିଧି ଅନୁସାରେ କେବଳ କୁଡୁମୀ ମହାନ୍ତ ସମ୍ପ୍ରଦାୟର କୁମାରୀ କନ୍ୟାମାନେ କେବଳ ଦଳବଦ୍ଧ ଭାବେ ପାଳନ କରିଥାନ୍ତି। ସଂକ୍ରାନ୍ତିର ଦିନରେ କୁମାରୀ କନ୍ୟାମାନଙ୍କର ଦଳ ଟୁସୁ ଦେବୀଙ୍କୁ ଘରକୁ ଘର ନେଇ ଅଭ୍ୟର୍ଥନା କରାଇଥାନ୍ତି। ଏହି ଦିବସର ରାତିରେ ବ୍ରତଧାରୀ କନ୍ୟାମାନେ ମକର ଚାଉଳ ତଥା ପିଠାପଣା ସମର୍ପି ଟୁସୁ ଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି ଏବଂ ସାରା ରାତି ଅନିଦ୍ରା ରହି ପାରମ୍ପରିକ ଗୀତ ଓ ନୃତ୍ୟରେ ନିଜକୁ ହଜାଇ ଦେଇଥାନ୍ତି। ସଂକ୍ରାନ୍ତି ଦିନ ସମ୍ପୂର୍ଣ୍ଣ ଉପବାସ ଧାରଣ ପୂର୍ବକ ଟୁସୁ ପ୍ରତିମାକୁ ନିକଟସ୍ଥ ନଦୀ ଅଥବା ପୁଷ୍କରଣୀରେ ବିସର୍ଜନ କରାଇଥାନ୍ତି। ଏହି ବିସର୍ଜନ ପର୍ବ ମଧ୍ୟ ନିଆରା ଢ଼ଙ୍ଗରେ ସମାପନ କରାଯାଇ ଥାଏ। ଏହି ପର୍ବ ପାଳନ ଉଦ୍ଦେଶ୍ୟରେ ଆମ ପରେ ପରେ ଝୁମର ମେଲୋଡିର ନୃତ୍ୟ ଗୀତରେ ଝୁମି ଥିଲେ ଶତାଧିକ ଦର୍ଶକ କ୍ଷବଡ଼ଷୋଳ ଗ୍ରାମର ସମସ୍ତ ଗ୍ରାମବସୀ ଟୁସୁ ମେଳାରେ ପୂର୍ଣ୍ଣ ସହଯୋଗ କରିଥିଲେ।



## ଆତ୍ମରକ୍ଷା ତାଲିମଶିବିର ଉଦ୍‌ଯାପିତ

ଟାଙ୍ଗି/ ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶ କ୍ରମେ ଚୌଦ୍ୱାର ମହାବିଦ୍ୟାଳୟର ଯୁକ୍ତ ଦୁଇ ଛାତ୍ରୀମାନଙ୍କ ପାଇଁ ଏକ ଆତ୍ମରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷା ରଶ୍ମୀ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ଇତିହାସ ବିଭାଗର ପ୍ରାଧ୍ୟାପିକା କ୍ଷୀରାବ୍ଧି ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିପଦ ସମୟରେ ଛାତ୍ରୀମାନେ କିଭଳି ନିଜର ଆତ୍ମସୁରକ୍ଷା କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଅନୁପମା ତ୍ରିପାଠୀ ଶିବିର ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପିକା ହରପ୍ରିୟା ମହାପାତ୍ର, ପ୍ରାଧ୍ୟାପକ ଶରତ କୁମାର ମଲ୍ଲିକ, ଅଧ୍ୟାପକ ବସନ୍ତ ବିଶ୍ୱାଳ, ଯୁକ୍ତେଶ୍ୱର ଦାସ, ଦେବାଶିଷ ଷଡ଼ଙ୍ଗୀ, ସ୍ୱର୍ଣ୍ଣପ୍ରଭା ରାଉତ ଓ ସଂଘମିତ୍ରା ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟ ତରଫରୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏଭଳି ଏକ ଶିବିରରେ ମହାବିଦ୍ୟାଳୟର ବହୁ ଛାତ୍ରୀ ଉତ୍ସାହର ସହିତ ଯୋଗଦାନ କରି ଶିବିରର ଲାଭ ଉଠାଇଥିଲେ।

## ଅଗ୍ନିକାଣ୍ଡରେ ୨ବଖରା ଘର ଜଳି ପାଉଁଶ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପାଟୁଳି ପଞ୍ଚାୟତ ଅରେଇକଣା ଗ୍ରାମର ଚିନ୍ତାମଣି ଜେନାଙ୍କ ୨ ବଖରା ଘର ଗତ ବୁଧବାର ବିଳମ୍ବିତ ରାତ୍ରରେ ଜଳିଯାଇଥିବା ଜଣାଯାଇଛି। ଏହି ଅଗ୍ନିକାଣ୍ଡରେ ୨ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୨ ଗୋରୁ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏଥିରେ ୨ ଟି ସାଇକେଲ ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ସୂଚନା ପାଇ ଭଣ୍ଡାରିପୋଖରୀରୁ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକୁ ଆୟତ୍ତ କରିଥିଲେ। ଏହି ଖବର ପାଇ ପଞ୍ଚାୟତ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ନିଳାମ୍ବର ରାଉତ ବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିଥିଲେ। ଏହି ଦୁଃଖଦ ସ୍ଥିତିରେ ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ ସହାୟତା ଦେବାକୁ ଦାବି ହୋଇଛି।

# ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍ ମିଶନ୍ତ ଶକ୍ତି ସଭାକକ୍ଷରେ ଗୁରୁବାର ୮୦ବର୍ଷରୁ ଉର୍ଦ୍ଧ୍ୱ ୪୦ ଜଣ ହତାଧିକାରୀଙ୍କୁ ବର୍ଦ୍ଧିତ ୩ହଜାର ୫ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଛି। ବିଡିଓ ଦେବଦତ୍ତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ସାଂସଦ ପ୍ରତିନିଧି ଡଃ ସୁଧାଂଶୁ ଶେଖର ନାୟକ, ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଯେନା, ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଉପାଧକ୍ଷ ପ୍ରଣିତକାନ୍ତି ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ



ମହାନ୍ତି ଓ ଲକ୍ଷ୍ମୀଧର ସାହୁ ଅତିଥି ଭାବେ ଯୋଗଦେଇ ୮୦ ବର୍ଷ ଅତିକ୍ରମ କରିଥିବା ଭତ୍ତା ହିତାଧିକାରୀ ୪୦ ଜଣଙ୍କୁ ପ୍ରତ୍ୟେକ ୩ହଜାର ୫ ଶହ ଟଙ୍କା ଲେଖାଏଁଓ୍ୱା ପ୍ରଦାନ କରିଥିଲେ। ବାଲିପୋଖରୀ, ବିଷ୍ଣୁପୁର, ଦକ୍ଷିଣବାଡ, କୁରିଗାଁ, ନଗୁଆଁ, ନେରଡ଼ା, ନିର୍ଗୁଣ୍ଡି, ପାଟୁଳି, ରାମଚନ୍ଦ୍ରପୁର, ରହଣିଆ, ରାଜେନ୍ଦ୍ରପୁର, ବୟାବନାପୁର, ଜଳମଣ୍ଡୁଆ ସରପଞ୍ଚଙ୍କ ସମେତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, କର୍ମଚାରୀ ସୁଧାଂଶୁ ପାଢୀ ଉତ୍ସବରେ ଉପସ୍ଥିତ ଥିଲେ।

# ନାମ ପଞ୍ଜିକରଣରେ ଅନିୟମିତତା ନେଇ ଅଭିଯୋଗ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘଣ୍ଟୁଆ ସେବକ ଭାବେ ବେଶ୍ ସୁଖ୍ୟାତି ଅର୍ଜନ କରିଆସିଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଭଚ୍ଚିମୁଣ୍ଡା କଂସାରୀ ଘଣ୍ଟାରିସେବା ନିଯୋଗରେ ନାମ ପଞ୍ଜିକରଣରେ ଅନିୟମିତତା ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଯାହାକୁ ନେଇ ଘଣ୍ଟୁଆ ସେବକମାନଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସହ ସେମାନେ ପ୍ରଶାସନର ଦ୍ୱାରସ୍ତ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଥାଉକି, ଭଚ୍ଚିମୁଣ୍ଡା ଗ୍ରାମର ପ୍ରାୟ ୪୨ଟି ପରିବାର ଘଣ୍ଟୁଆ ନିଯୋଗରେ ସାମିଲ ହୋଇ ପ୍ରତିବର୍ଷ ପୁରୀରେ ଅନୁଷ୍ଠିତ ହେଉଥିବା ପବିତ୍ର ରଥଯାତ୍ରାରେ ଆବଶ୍ୟକ ସେବା ଯୋଗାଇ ଆସୁଥିଲେ। ସ୍ଥାନୀୟ ସରପଞ୍ଚ ତପସ୍ୱୀ ନାରାୟଣ ସାହୁ ସଭାପତି ଏବଂ ଡମ୍ବରୁଧର ସାହୁ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିବା ବେଳେ ଏହି ନିଯୋଗ ସେବାରେ ନୂଆକରି ଯୋଗଦାନ କରିଥିବା କିଛି ସଦସ୍ୟ ପୁରାତନ ସେବାୟତ ତଥା କର୍ମକର୍ତ୍ତାଙ୍କ ଅଗୋଚରରେ ଘଣ୍ଟ ସେବା ନିଯୋଗ ପଞ୍ଜିକରଣ ପୂର୍ବକ ବେଆଇନ୍ ଭାବେ ନିଜକୁ ସଭାପତି ଓ ସମ୍ପାଦକ ଭାବେ ଦର୍ଶାଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଏହାକୁ ନେଇ ଘଣ୍ଟୁଆ ସେବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟିହୋଇଛି। ଅନ୍ୟପକ୍ଷରେ ତଥାକଥିତ ସଭାପତିଙ୍କ ଅଭିଜ୍ଞତା ଅଭାବରୁ ମହାପ୍ରଭୁଙ୍କ ରଥଯାତ୍ରାରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ ଯାହାକୁ ନେଇ ସେ ଅପଦସ୍ତ ମଧ୍ୟ ହୋଇଥିବା ବେଳେ ପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ସଭାପତି ତପସ୍ୱୀ ନାରାୟଣ ସାହୁ ପରିସ୍ଥିତି ନିୟନ୍ତ୍ରଣ କରିଥିବା ନେଇ ସେତେ ବେଳେ ଚର୍ଚ୍ଚା ଜୋର ଧରିଥିଲା ବୋଲି ଜଣାପଡ଼ିଛି।



# ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ

ବାରିପଦା, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଜନସେବା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋଦୟ କେଉଁଝର ଠାରୁ ଆଭାସୀ ମାଧ୍ୟମରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ଯୋଗଦାନ କରି ଏହି ସେବାକୁ ଓଡ଼ିଶାବାସୀଙ୍କ ନିମନ୍ତେ ଉତ୍ସର୍ଗୀକୃତ କରିଥିଲେ। ଏହି ପରିପ୍ରେକ୍ଷୀରେ, ମୟୂରଭଞ୍ଜ ସଦର ମହକୁମା ବାରିପଦାସ୍ଥ ସହିଦ ସ୍ମୃତିଭବନ ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଏହି ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର କ୍ୟାବିନେଟ ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ମାନ୍ୟବର ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧକ୍ଷା, ଭାରତୀ ହାଁସଦା, ମାନ୍ୟବର ବିଧାୟକ ବାରିପଦା, ପ୍ରକାଶ ଚନ୍ଦ୍ର ସୋରେନ, ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ମୟୂରଭଞ୍ଜ ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀ କାନ୍ଦ୍ରା ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ, ଜିଲ୍ଲାରେ ଥିବା ବିଭିନ୍ନ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ବର୍ଦ୍ଧିତଭତ୍ତା ବିତରଣ କରାଯାଇଥିଲା ଓ ଅନ୍ୟ କିଛି ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ସହାୟତା ରାଶି ମଧ୍ୟ ମୁଖ୍ୟ ଅତିଥି ଓ ନିମନ୍ତ୍ରିତ ଅତିଥିମାନଙ୍କ କରକମଳରେ ପ୍ରଦାନ କରାଯାଇଥିଲା। ଏହା ସହିତ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୧୨ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଜୀବନ ଜୀବିକା ନିର୍ବାହ ପାଇଁ ବ୍ୟାଟେରୀ ଚାଳିତ ଅଟୋରିକ୍ସା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲାପାଳ ସୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ମାନ୍ୟବର ମନ୍ତ୍ରୀ ଡଃ ମହାପାତ୍ର ନିଜ ଅଭିଭାଷଣରେ କହିଥିଲେଯେ ନୂତନ ସରକାରଙ୍କ ପ୍ରକୃତ ସଫଳତା ୭ ମାସ ମଧ୍ୟରେ ପରିଲକ୍ଷିତ ହେଉଛି କାରଣ ଓଡିଶାର ଜନସାଧାରଣଙ୍କ ପ୍ରତ୍ୟେକ ସୁବିଧା ଅସୁବିଧା ବୁଝିବା ପାଇଁ ରାଜ୍ୟସରକାର ଦୃଢ଼ ପ୍ରତିଶୃତିବଦ୍ଧ। ଏହି ବର୍ଦ୍ଧିତ ଭତ୍ତା, ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଜୀବନଶୈଳୀକୁ ଏକ ନୂତନ ଦିଗ ଦେବ କାରଣ ଜୀବନର ଶେଷ ସମୟରେ କେଇଟା ଟଙ୍କା ନୁହେଁ, ରାଜ୍ୟ ସରକାର ସେହି ଗରିବ ହିତାଧିକାରୀଙ୍କ ମୁହଁରେ ହସ ଟିକିଏ ଦେଖିବାକୁ ଚାହୁଁଛନ୍ତି ବୋଲି ନିଜ ବକ୍ତବ୍ୟରେ ଡଃ ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମକୁ ଆସିଥିବା ବିଭିନ୍ନ ବ୍ଲକର ହିତାଧିକାରୀ ମାନେ ମାନ୍ୟବର ମନ୍ତ୍ରୀଙ୍କ ସହ ମିଶି ଥିଲେ ଏବଂ ମନ୍ତ୍ରୀ ମଧ୍ୟ ସେମାନଙ୍କ ସହ କଥା ହୋଇ ସମସ୍ତ ଅସୁବିଧାର ତୁରନ୍ତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ସମସ୍ତ ହିତାଧିକାରୀଙ୍କୁ ଚେକ ପ୍ରଦାନ କରିବା ସହିତ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ, ଯେଉଁମାନଙ୍କୁ ବ୍ୟାଟେରୀ ଚାଳିତ ଅଟୋରିକ୍ସା ପ୍ରଦାନ କରାଯାଇଛି, ତାଙ୍କ ସହ ଗାଡ଼ିଚାଳନା କରିଥିବାର ମଧ୍ୟ ଦେଖାଯାଇଛି। କାର୍ଯ୍ୟକ୍ରମ ସମୟରେ, କେନ୍ଦୁଝରରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ବର୍ଦ୍ଧିତ ଭତ୍ତାକୁ ଆଭାସୀ ମାଧ୍ୟମରେ ଜନାଭିମୁଖୀ କରିବା ସହିତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବାରିପଦାରେ ଆୟୋଜିତ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଏହି କାର୍ଯ୍ୟକ୍ରମ ସଞ୍ଚାଳନ ଓ ମଞ୍ଚ ପରିଚାଳନା କରିଥିବା ବେଳେ, ଅତିରିକ୍ତ ଜିଲ୍ଲାପାଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିବା ବେଳେ, ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ, ସମରଜିତ ଗରେଇ, ସୁପ୍ରଭା ପରିଡ଼ା, ମାନସ ଦଣ୍ଡପାଟ ଓ ଶ୍ୱେତବାହିନୀ ମିଶ୍ର ପ୍ରମୁଖ ବିଶେଷ ସହାୟତା କରିଥିଲେ।



# ବାସନ୍ତୀ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ଗରଦପୁର, (ଭାସ୍କର ନ୍ୟୁଜ୍): ଦିର୍ଘ ୩୬ ବର୍ଷରେ ପଦାର୍ପଣ କରିଥିବା କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ପାଖଡ଼ ପଞ୍ଚାୟତ ଚାଉଳିଆ ବାମରା ଗ୍ରାମର ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ଅନୁଷ୍ଠାନ ରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ପୂଜା ଉତ୍ସବ ପାଇଁ ପ୍ରାରମ୍ଭିକ ସଭା ମକର ସଂକ୍ରାନ୍ତି ଦିନ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଅଛି। ସଭା ଆରମ୍ଭ ରେ ସଭା ପରିଚାଳନା ପାଇଁ ସଭାପତି ଚୟନ କରାଯିବା ପରେ, ପୂଜା କମିଟିର ସଦସ୍ୟ ଓ ଗ୍ରାମବାସୀ ମାନଙ୍କ ପକ୍ଷରୁ ଗତ ଏକବର୍ଷ ମଧ୍ୟରେ ଇହଧାମ ତ୍ୟାଗ କରିଥିବା ଗ୍ରାମର ସେହି ଦିବ୍ୟାତ୍ମା ମାନଙ୍କର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପାର୍ଥନା କରାଯାଇଥିଲା। ଏହାପରେ ମା' ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠାନ ଗଠନ ସମୟର ପୁରୋଧା କୁହାଯାଉଥିବା ସ୍ୱର୍ଗତ ମନମୋହନ ସ୍ୱାଇଁଙ୍କ ବିଷୟରେ ବରିଷ୍ଠ ନାଗରିକ ମାନଙ୍କ ପକ୍ଷରୁ ବକ୍ତବ୍ୟ ରଖାଯିବା ସହ ପୂର୍ବ ବର୍ଷର ସଭାପତି, ସମ୍ପାଦକ ମାନଙ୍କ ପରିଚାଳନା କିଭଳି ଥିଲା ଏବଂ ଏଥିସହ କମିଟି ର ଆୟ ବ୍ୟୟ ର ସମ୍ପୂର୍ଣ୍ଣ ବିବରଣୀ ଡାକବାଜି ଯନ୍ତ୍ର ଦ୍ୱାରା ଉପସ୍ଥାପନ କରାଯାଇଥିଲା। ଶେଷରେ ୩୬ ବର୍ଷ ରେ ପଦାର୍ପଣ କରିଥିବା ଏହି ବହୁ ପୁରାତନ ପୂଜା କମିଟି କୁ ଚଳିତ ବର୍ଷ ସୁରୁଖୁରୁରେ ଆଗେଇ ନେବା ପାଇଁ ପୂଜା କମିଟି ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଅଛି। ଯେଉଁଥିରେ ସଂଗ୍ରାମ ମନ୍ତ୍ରୀଙ୍କୁ ସଭାପତି, ବାସୁଦେବ ପୃଷ୍ଟି ଉପ ସଭାପତି, ସୁପ୍ରିତ ମଙ୍ଗରାଜ କାର୍ଯ୍ୟକାରୀ ସଭାପତି ଶାରଦା ପ୍ରସନ୍ନ ସ୍ୱାଇଁଙ୍କୁ ସମ୍ପାଦକ, ଚିନ୍ମୟ ବେଉରା ସହ ସମ୍ପାଦକ, ଗୋଲଖ ଓଝା କାର୍ଯ୍ୟକାରୀ ସମ୍ପାଦକ ବିଜୟ କୁମାର ସ୍ୱାଇଁଙ୍କୁ କୋଷାଧକ୍ଷ ସଂଗ୍ରାମ ପୃଷ୍ଟି ସହ କୋଷାଧକ୍ଷ ଏବଂ ପୂଜା ଅନୁଷ୍ଠାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସମ୍ପାଦକ କମଳାକାନ୍ତ ମଙ୍ଗରାଜ ଓ ବିଭୂତି ଭୂଷଣ ବେଉରାଙ୍କୁ ଚୟନ କରାଯାଥିବା ବେଳେ ପୂଜା କମିଟିର ଉପଦେଷ୍ଟା ବୃନ୍ଦମାନଙ୍କ ମଧ୍ୟରେ ରହିଛନ୍ତି ବିରଜା ପ୍ରସନ୍ନ ବେଉରା ମୁଖ୍ୟ, ଶଶିକାନ୍ତ ଦଳାଇ, ଗଙ୍ଗାଧର ପୃଷ୍ଟି, ନିୟତି ପରିତୋଷାନନ୍ଦ ମହାପାତ୍ର , ଡମ୍ବରୁଧର ସ୍ୱାଇଁ , ସୁଶୀଲ ଚୌଧୁରୀ, କୈଳାସ ଚନ୍ଦ୍ର ସାହୁ। ଚଳିତ ବର୍ଷ ଚାଉଳିଆ ବାମରା ମା' ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠାନ ପକ୍ଷରୁ ଯାତ୍ରା ସମ୍ରାଟ ତୁଳସୀ ଗଣନାଟ୍ୟ କୁ ଯାତ୍ରା ପରିବେଷଣ ପାଇଁ ସ୍ତରୀକୃତ କରାଯାଇଥିବା ବେଳେ ଯାତ୍ରା କମିଟି ପରିଚାଳନା ପାଇଁ ନୂତନ କର୍ମକର୍ତ୍ତା ଭାବେ ଅବନୀ କାନ୍ତ ମହାପାତ୍ରଙ୍କୁ ସଭାପତି, ସୌଭାଗ୍ୟ ସ୍ୱାଇଁଙ୍କୁ ଉପସଭାପତି, ଧୃଶାସନ ମଳିକ ସହ ସଭାପତି, ସୌମେନ୍ଦ୍ର ଦଳାଇଙ୍କୁ ସମ୍ପାଦକ, ମର୍କତ କେଶରୀ ପୃଷ୍ଟି ଓ ଶାରଦା ପ୍ରସନ୍ନ ସାହୁ ଙ୍କୁ ସହ ସମ୍ପାଦକ, ଆକାଶ ବର୍ମନ ସ୍ୱାଇଁଙ୍କୁ କୋଷାଧକ୍ଷ ଏବଂ ଉଭୟ ପୂଜା କମିଟି ଓ ଯାତ୍ରା କମିଟିର ସଂଯୋଜକ ଭାବେ ସୁରେନ୍ଦ୍ର ନାଥ ସାହୁଙ୍କୁ ଚୟନ କରାଯାଇଅଛି। ଏଥି ସହ ବିଗତ ବର୍ଷ ମାନଙ୍କରେ ପୂଜା ସମୟରେ ଦୀର୍ଘ ଏକ ସପ୍ତାହ ଧରି ପୁରା ଅଞ୍ଚଳ ଲୋକାରଣ୍ୟ ହେଉଥିବାରୁ ପୂଜା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏକ ଶାନ୍ତି କମିଟି ଗଠନ କରାଯାଇ ଅଛି। ଏଥିରେ ଶ୍ରୀଯୁକ୍ତ କଳ୍ପତରୁ ସାହୁଙ୍କୁ ମୁଖ୍ୟ ଏବଂ ମାଧବାନନ୍ଦ ନାୟକ, କମଳାକାନ୍ତ ମଙ୍ଗରାଜ, ସୁବାଷ ଚନ୍ଦ୍ର ସ୍ୱାଇଁ, ଅନିଲ କର, ସୌରଭ ମଙ୍ଗରାଜ ଶଙ୍କର ଚରଣ ସ୍ୱାଇଁ , ଉତ୍ତମ ବାରିକଙ୍କୁ ଚୟନ କରାଯାଇଅଛି। ସଭା ଶେଷରେ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ ସହିତ ମା ବାସନ୍ତୀ ଦୁର୍ଗା ଙ୍କ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପାରିପାର୍ଶ୍ୱିକ ସ୍ଥିତି ଶୃଙ୍ଖଳିତ ରଖିବା ଏବଂ ପୂଜା ସପ୍ତାହରେ ମା' ଙ୍କ ପୀଠ କୁ କୃପା ଲାଭ ପାଇଁ ଅଧିକ ରୁ ଅଧିକ ଶ୍ରଦ୍ଧାଳୁ ମାନଙ୍କ ଆଗମନ ହେବା ପାଇଁ କମିଟିପକ୍ଷରୁ ନିବେଦନ କରାଯାଇଛି।

ଓଡ଼ିଶା
ଭାସ୍କର
ODISHA BHASKAR
ରାଜ୍ୟ ଖବର



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଗଁଦିଆ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଦେଓଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ ଅଭିଯାନ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡ଼ଃ ଶୁଭଲକ୍ଷ୍ମୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଅଭିଯାନ କୁ ସ୍ଥାନୀୟ ସରପଞ୍ଚ ବିଜୟ କୁମାର ଦେହୁରୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହାର ଶୁଭାରମ୍ଭ କରିଥିଲେ । ଦେଓଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ର /ଛାତ୍ରୀ ମାନେ ହାତରେ ସ୍ୱଚ୍ଛତା ଅଭିଯାନର ବ୍ୟାନର ଓ ବିଭିନ୍ନ ଲେଖଥିବା ପ୍ଲାକ କାର୍ଡ ଧରୀ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ମାନଙ୍କୁ ସ୍ୱଛତା ଉପରେ ଜନସଚେତନତା ସୃଷ୍ଟି କରିଥିଲେ । ପରିବେଶକୁ କିପରିଭାବରେ ସ୍ୱଚ୍ଛ ରଖିଲେ ଆମେ ମାନେ ଅସମୟରେ କୌଣସି ରୋଗର ଶିକାର ହେବା ନାହିଁ ବୋଲି ଜନସାଧାରଣ ମାନଙ୍କୁ ବୁଝାଇବା ସହିତ ସଚେତନତା ସୃଷ୍ଟି କରିବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଶ୍ରଦ୍ଧାଞ୍ଜଳି ଦେବୀ, ସୁପରଭାଇଜର ସନ୍ତୋଷ କୁମାର ବିହାରୀ ଓ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ ।



## ବଡନଗରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟିତ

# ଶିକ୍ଷା ଓ ମୂଲ୍ୟବୋଧର ଅନନ୍ୟ କେନ୍ଦ୍ର : ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ଗୁରୁବାର ଗୁଜରାଟର ବଡନଗରରେ ଜନ୍ମ ଗ୍ରହଣ କରିଥିବା ଜଣେ ସାଧାରଣ ପିଲାରୁ ବିଶ୍ୱ ନେତା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନ ଯାତ୍ରା ଆଗାମୀ ଦିନରେ ଦେଶ ଦୁନିଆର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅଧ୍ୟୟନର ବିଷୟ ହେବ। ଗୁରୁବାର ଗୁଜରାଟର ବଡନଗର ଠାରେ ଏକ ଅତ୍ୟାଧୁନିକ ପ୍ରତ୍ନତତ୍ତ୍ୱିକ ଅନୁଭୂତି ସଂଗ୍ରହାଳୟ, ପ୍ରେରଣା କମ୍ପ୍ଲେକ୍ସ ଏବଂ ୱାଡନଗର କ୍ରୀଡ଼ା କମ୍ପ୍ଲେକ୍ସକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା। କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଯେ ଆଜି ସମଗ୍ର ବିଶ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦାନୁସରଣ କରୁଛି । ଆଜିର କାର୍ଯ୍ୟକ୍ରମ ମୋଦୀଙ୍କ ଜନ୍ମସ୍ଥାନରେ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ବଡନଗରକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଶ ଓ ବିଶ୍ୱର ମାନଚିତ୍ରରେ ସ୍ଥାନିତ କରିବାକୁ ଯାଉଛି। ବଡନଗର ହେଉଛି ବିଶ୍ୱର ଅନ୍ୟତମ ପୁରାତନ ସହର । ଏହା ପ୍ରତ୍ୟେକ ଯୁଗର ସଂସ୍କୃତି ଏବଂ ମୂଲ୍ୟବୋଧକୁ ପ୍ରଭାବିତ କରିଛି । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାର କେନ୍ଦ୍ରସ୍ଥଳ ବଡନଗରର ତପୋଭୂମି ଆଜି ନୂଆ ରୂପ ନେଉଛି । ଐତିହାସିକ ଐତିହ୍ୟର ଏହି ଭୂମିକୁ ଏକବିଂଶ ଶତାବ୍ଦୀରେ ଭାରତର ନେତୃତ୍ୱ ନେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତ ସହିତ ଗ୍ଲୋବାଲ ସାଉଥର ସ୍ୱର ହୋଇଛନ୍ତି । ଏହା ହେଉଛି ବଡନଗରର ସଂସ୍କାର । ଏହି ଅଞ୍ଚଳର ବିଚାର, ଯାହାର ଛତ୍ରଛାୟାରେ ସମଗ୍ର ବିଶ୍ୱର ଲୋକମାନେ ଲାଭ ପାଉଛନ୍ତି । ଯେଉଁ ସ୍କୁଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ, ସେହି ଠାରେ ଲୋକାର୍ପିତ 'ପ୍ରେରଣା କମ୍ପଲେକ୍ସ' ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପାଠ୍ୟକ୍ରମ ମାଧ୍ୟମରେ ଆମ ପିଲାମାନଙ୍କ ମଧ୍ୟରେ ନେତୃତ୍ୱର ଗୁଣାତ୍ମକ ଏବଂ ମୂଲ୍ୟବୋଧ ବିକାଶ କରିବାର ଏକ ଜରିଆ ହେବ । ଏହି ଆଧୁନିକ ସଂଗ୍ରହାଳୟରେ ବଡନଗର ପ୍ରାଚୀନ ସଂସ୍କୃତି ଏବଂ ଇତିହାସର ଛାପ ରହିଛି । ଏହା ବିଶ୍ୱର ଏକମାତ୍ର ଅତ୍ୟାଧୁନିକ ସଂଗ୍ରହାଳୟ । ବଡନଗର ଆମର ସମୃଦ୍ଧ ଐତିହ୍ୟ । ଆଗାମୀ ଦିନରେ ଏହି ଭୂମି ଆମର ଯୁବପିଢ଼ିଙ୍କୁ ଗର୍ବିତ କରିବା ସହିତ ଏକ ବିକଶିତ ଭାରତ ନିର୍ମାଣ ପାଇଁ ପ୍ରେରଣା ଯୋଗାଇବ । ଆଜି ପ୍ରେରଣା ବିଦ୍ୟାଳୟର ୪୨ତମ ବ୍ୟାଚର ଛାତ୍ରଛାତ୍ରୀଙ୍କ ସହ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶାହ ଆଲୋଚନା କରିଥିଲେ । ଏ ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ଯେ ଏହି ଆଲୋଚନା କେବଳ ଛାତ୍ରଛାତ୍ରୀଙ୍କ ପାଇଁ ଜ୍ଞାନଦାୟକ ନଥିଲା, ବରଂ ତାଙ୍କ ଭିତରେ ନୂତନ ଶକ୍ତି ଏବଂ ଚିନ୍ତାଧାରା ମଧ୍ୟ ସୃଷ୍ଟି କରିଥିଲା । ଏହି ପ୍ରେରଣାଦାୟୀ ଆଲୋଚନା ସେମାନଙ୍କ ବ୍ୟକ୍ତିତ୍ୱ ଏବଂ ଦୃଷ୍ଟିକୋଣକୁ ବ୍ୟାପକ କରିବାରେ ସାହାଯ୍ୟ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ପ୍ରେରଣା ବିଦ୍ୟାଳୟ ଆଜି ଶିକ୍ଷା ଓ ମୂଲ୍ୟବୋଧର ଏକ ଅନନ୍ୟ କେନ୍ଦ୍ରରେ ପରିଣତ ହୋଇଛି । ଅଭିଜ୍ଞତା ଭିତ୍ତିକ, ଅଭିନବ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ବିଶ୍ୱ ମଞ୍ଚରେ ଉତ୍କୃଷ୍ଟ ହେବା ପାଇଁ ପ୍ରସ୍ତୁତ କରୁଛି। ନୂତନ ପିଢ଼ିଙ୍କୁ ଅନୁଭୂତିମୂଳକ ଓ ସାମଗ୍ରିକ ଶିକ୍ଷା ପ୍ରଦାନ କରି ଭବିଷ୍ୟତର ଦକ୍ଷ ନେତାଙ୍କୁ ଗଢ଼ିତୋଳିବା ପାଇଁ ଏହି ବିଦ୍ୟାଳୟ କାର୍ଯ୍ୟ କରୁଛି। ମାନ୍ୟବର ଗୃହମନ୍ତ୍ରୀଙ୍କ ସହ ଏହି ବାର୍ତ୍ତାଳାପ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଦେଶପ୍ରେମ ଏବଂ ସମାଜ ପ୍ରତି ଦାୟିତ୍ୱବୋଧକୁ ସୁଦୃଢ଼ କରି 'ବିକଶିତ ଭାରତ' ଗଠନ ପାଇଁ ପ୍ରେରଣା ଯୋଗାଇବ । ଏହି ସମାରୋହରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ୍ୟ ଉପସ୍ଥିତ ଥିଲେ ।

## ଅସହାୟଙ୍କୁ ଥଇଥାନ ପାଇଁ ବିଡ଼ିଓଙ୍କୁ ଦାବିପତ୍ର

କାକଟପୁର (ଭାସ୍କର ନ୍ୟୁଜ): ବହୁମୁଖୀ ଯୁବ ସମନ୍ୱିତ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ କାକଟପୁର ବ୍ଲକ ଲତାହରଣ ଗ୍ରାମର ପଞ୍ଚେଇ ଦେଇଙ୍କୁ ସାହାଯ୍ୟ ସହଯୋଗର ହାତ ବଢାଇ ଥିବାବେଳେ ଟ୍ରଷ୍ଟ ପକ୍ଷରୁ ସଭାପତି ସୁଶାନ୍ତ କୁମାର ପରିଡ଼ା, ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ ଓ ସ୍ଥାନୀୟ ଗ୍ରାମବାସୀ ମାନେ ପଞ୍ଚେଇ ଦେଇଙ୍କୁ ନେଇ କାକଟପୁର ବ୍ଲକ ବିଡ଼ିଓ ବିଷ୍ଣୁ ଗୋବିନ୍ଦଙ୍କୁ ଭେଟିବା ସହ ତାଙ୍କର ଥଇଥାନ (ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଓ ଅର୍ନ୍ତୋଦ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଡ଼ିଓ ବିଷ୍ଣୁ ଗୋବିନ୍ଦ ପଞ୍ଚେଇ ଦେଇଙ୍କ ଥଇଥାନ ନିମନ୍ତେ ପ୍ରତିଶୃତି ଦେଇଥିଲେ।

## ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏହି ଶିବିର ଗତ ୬ତାରିଖରେ ଆରମ୍ଭ ହୋଇଥିବା ବେଳେ ୧୫ତାରିଖରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଅଭିଜିତ ବୋଷ ଅଧ୍ୟକ୍ଷତା କରି କହିଥିଲେ ଯେ, ଛାତ୍ରୀମାନେ ଭବିଷ୍ୟତ ଜୀବନରେ ଆବଶ୍ୟକ ପଡିଲେ ଏହି କୌଶଳକୁ କାର୍ଯ୍ୟରେ ଲଗାଇ ନିଜକୁ ସୁରକ୍ଷା ପ୍ରଦାନ କରିପାରିବେ। ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପିକା ଡ. ସଂଯୁକ୍ତା ମିଶ୍ର ଯୋଗଦେଇ ସାମ୍ପ୍ରତିକ ସମାଜରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଦୃଷ୍ଟିରୁ ଏହାର ଆବଶ୍ୟକତା ରହିଛି ଓ ସରକାରଙ୍କର ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ପ୍ରାଧ୍ୟାପିକା ଡ. ରତ୍ନମଞ୍ଜରୀ ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପରିବାର ଠାରୁ ଆରମ୍ଭକରି ବାହାର ଦୁନିଆ ପର୍ଯ୍ୟନ୍ତ ମହିଳାମାନେ ଅସୁରକ୍ଷିତ। ତେଣୁ ଏହି ଆତ୍ମରକ୍ଷା କୌଶଳ ମହିଳାମାନଙ୍କର ରକ୍ଷା କବଚ ବୋଲି ସେ ମତବ୍ୟକ୍ତ କରିଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣର ସଂଯୋଜିକା ଅଧ୍ୟାପିକା ମୋନାଲିସା ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଉଭିଦ୍ଦ ବିଜ୍ଞାନ ବିଭାଗ ଅଧ୍ୟାପିକା ସଂଯୁକ୍ତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବାଲିଚନ୍ଦ୍ରପୁର ପଞ୍ଚାୟତ ରୁକୁଟିପାଟ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ବିଶ୍ୱାଳଙ୍କର ୯୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବାହାଦୁରନଗର ଉପ୍ରା ବିଦ୍ୟାଳୟରେ ୨୦ ବର୍ଷ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ତାଙ୍କର ବରପଦା ଉପ୍ରା ବିଦ୍ୟାଳୟକୁ ବଦଳି ହୋଇଥିଲା। ବାକି କାର୍ଯ୍ୟକାଳ ସେ ବରପଦା ଠାରେ କରି ସେହିଠାରୁ ଅବସର ନେଇଥିଲେ। ତାଙ୍କର ପରଲୋକ ଖବର ପାଇ ବରିଷ୍ଠ କମ୍ରେଡ଼ ଦିବାକର ବିଶ୍ୱାଳ, ପ୍ରାକ୍ତନ ଜିଲ୍ଲା ପରିଷଦ ମାନଭଞ୍ଜନ ରାଉତରାୟ, ବାଲିଚନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ଅମୀୟ କୁମାର ସାହାଣୀ, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଫନିନ୍ଦ୍ରନାଥ ପଣ୍ଡା, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ବଡ଼ଚଣା ବିଧାୟକ ଅମର କୁମାର ନାୟକ, କମ୍ରେଡ଼ ଇଶ୍ୱର ଚନ୍ଦ୍ର ପରିଡ଼ା ଫୋନମାଧ୍ୟମରେ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ସର୍କଲ ନିଖିଳ ଉତ୍କଳ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ବାର୍ଷିକ ବୈଠକ ଯୋରନ୍ଦା ନୋଡାଲ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ବସନ୍ତ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଜୟରାମ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଭ୍ୟମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବସମ୍ମତିକ୍ରମେ ସମ୍ପାଦକଙ୍କୁ ସହାୟତା କରିବାପାଇଁ ବସନ୍ତ କୁମାର ପାତ୍ରଙ୍କୁ ସହ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ବୈଠକରେ ବରିଷ୍ଠ ସଭ୍ୟ ବିଷ୍ଣୁ ଚରଣ ଜେନା, ବିରଂଚି ନାରାୟଣ ଶତପଥୀ, ହରିହର ସାମଲ, ଗନ୍ଧର୍ବ ଚରଣ ଲେଙ୍କା, ବିଦ୍ୟାଧର ମହାପାତ୍ର, ଲକ୍ଷ୍ମୀଧର ବେହେରା, ସୁଧାକର ସାହୁ, ଦୁର୍ଯୋଧନ ସାହୁ, ନରୋତ୍ତମ ନାୟକ, କାମପାଳ ଶତପଥୀ, କୋଦଣ୍ଡଧର ପାତ୍ର, ରମେଶ ଚନ୍ଦ୍ର ସାହୁ, ଶରତ ପ୍ରଧାନ,ଦୀଗନ୍ତ ଶତପଥୀ ଓ ନିହାରବାଳା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ପୋଷାକ ବିତରଣ ଉତ୍ସବ



କେନ୍ଦ୍ରପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ସାହସପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ରାଉଳ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଂସାର ସରପଞ୍ଚ ସରୋଜିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଷାକ ବଣ୍ଟନ କରିଥିଲେ। ଏହି ବୈଠକରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୫୩ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା ବଣ୍ଟନ କରାଯାଇଥିଲା। ଶିକ୍ଷା କମିଟି ସଭାପତି ରମେଶ ଚନ୍ଦ୍ର ସେଠୀଙ୍କ ସମେତ ପ୍ରଦୀପ ପରିଡା, ଗଜେନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଇଏମ୍ ସ୍କୁଲର 'ଡ୍ରିମ୍‌ସ୍କେପ୍-୨୦୨୪-୨୫' ଉଦ୍‌ଯାପିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ "ଡ୍ରିମ୍‌ସ୍କେପ୍-୨୦୨୪-୨୫" ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ, ଏକାମ୍ର-ଭୁବନେଶ୍ୱର, ବାବୁ ସିଂ ଯୋଗ ଦେଇ ବର୍ତ୍ତମାନ ସମୟରେ ଜାତିର ଇତିହାସ,ଜଗନ୍ନାଥ ସଂସ୍କୃତି, ମାତୃଭାଷା ଓ ମାତୃଭୂମିର ସ୍ୱାଭିମାନକୁ ବଜାୟ ରଖିବା ନିମନ୍ତେ ସମସ୍ତେ ପ୍ରୟାସ କରିବା ଉଚିତ୍ ତଥା ଆଜିର ଯୁବସମାଜ ବିବେକାନନ୍ଦଙ୍କ ଚିନ୍ତାଧାରାକୁ ଅନୁସରଣ କରି ନୂତନ ଇତିହାସ ସୃଷ୍ଟି କରିବା ପାଇଁ ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲାର ପ୍ରଥମ କଲେକ୍ଟର ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଏବଂ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଯୋଗ ଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ବକ୍ସି ଜଗବନ୍ଧୁଙ୍କ ଜୀବନୀକୁ ବୁଝି ତା' ଦ୍ୱାରା ପ୍ରଭାବିତ ହୋଇ ରାଷ୍ଟ୍ର ନିମନ୍ତେ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ପରିଚାଳକ ପ୍ରତାପ କୁମାର ଜେନା ଯୋଗ ଦେଇ ବିଦ୍ୟାଳୟର ଇତିହାସକୁ ଉପସ୍ଥାପନ ପୂର୍ବକ ଅଭିଭାବକମାନେ ନିଜର ସମୟ ଓ ଅର୍ଥକୁ ପିଲାଙ୍କ ଶିକ୍ଷା ନିମନ୍ତେ ବିନିଯୋଗ କରିବାକୁ କହିଥିଲେ ତଥା ମଣିଷପଣିଆ ବଜାୟ ରଖିବା ଆବଶ୍ୟକ ବୋଲି ବକ୍ତବ୍ୟ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷା ସନ୍ଧ୍ୟା ଜେନା ବିଦ୍ୟାଳୟ ତଥା ଛାତ୍ରଛାତ୍ରୀମାନଙ୍କର କୃତିତ୍ୱ, ଅବଦାନ ଓ ଉତ୍କୃଷ୍ଟତାକୁ ଉପସ୍ଥାପନ ପୂର୍ବକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଙ୍କର କର୍ମ ତତ୍ପରତା ତଥା ବିଦ୍ୟାଳୟର କାର୍ଯ୍ୟସରଣୀକୁ ଉପସ୍ଥାପନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ହାତୀକୁ ନେଇ ଆତଙ୍କିତ ଅଞ୍ଚଳବାସୀ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଜାତୀୟ ରାଜପଥରେ ହାତୀ ଚଳପ୍ରଚଳକୁ ନେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଦେଇଯାଇଥିବା ୫୩ନମ୍ବର ଜାତୀୟ ରାଜ ପଥରେ ହାତୀ ପଲଙ୍କୁ ନେଇ ଦୀର୍ଘ ୨ଘଂଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। କାମାକ୍ଷାନଗର ଠାରୁ ପ୍ରାୟ ୭କିଲୋମିଟର ଦୂର କାମାକ୍ଷାନଗର ପୂର୍ବାଞ୍ଚଳ ଅନ୍ତର୍ଗତ ମାଳପୁରା ନିକଟରେ ଆଜି ସକାଳେ ଏହି ହାତୀପଲଙ୍କୁ ଜାତୀୟ ରାଜପଥରେ ଥିବା ଦେଖିବାକୁ ମିଳିଥିଲା। ପ୍ରବଳ କୁହୁଡି ଯୋଗୁଁ ଏହି ହାତୀ ପଲ ଜାତୀୟ ରାଜପଥରୁ ଯାଇ ନପାରିବାରୁ ଦୀର୍ଘ ୨ଘଂଟା ଧରି ଏହି ଜାତୀୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ଏହି ହାତୀ ପଲରେ ଦନ୍ତା, ମାଈ ହାତୀ ଓ ଛୁଆ ହାତୀଙ୍କୁ ମିଶାଇ ୫୦ରୁ ଉର୍ଦ୍ଧ୍ୱ ହାତୀ ରହିଥିବାର ବନ ବିଭାଗ ସୂତ୍ରରୁ ଜଣାପଡିଛି। ତେବେ ବନବିଭାଗ କର୍ମଚାରୀ ମାନେ ପହଁଚି ହାତୀ ପଲଙ୍କୁ ଜାତୀୟ ରାଜପଥରୁ ଘଉଡାଇବାବାରୁ ଦୀର୍ଘ ୨ଘଂଟା ପରେ ଜାତୀୟ ରାଜପଥରେ ସାଧାରଣ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡିଛି। କାମାକ୍ଷାନଗର ପୁର୍ବାଂଚଂଳ ଏବଂ ପଶ୍ଚିମାଂଚଂଳ ରେରେ ଗତ କିଛିଦିନ ହେଲା ୧୦୭ ହାତୀ ରହିଛନ୍ତି। ପୁର୍ବାଂଚଂଳ ରେରେ ୬୪ଟି ହାତୀ ଥିବା ବେଳେ ପଶ୍ଚିମାଂଚଳ ରେରେ ଅଛନ୍ତି ୪୩ଟି ହାତୀ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଯାହାକୁ ନେଇ ଏବେ ଏହି ଅଂଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ଓଡ଼ିଶାରେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଆୟୋଜିତ ହୋଇଛି ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ। ଗୁରୁ ପଦ୍ମସମ୍ଭବଙ୍କ ଜୀବନୀ, ଆଦର୍ଶକୁ ଆଧାର କରି ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀ ଜାନୁଆରୀ ୧୨ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ ଇଣ୍ଟରନ୍ୟାସନାଲ ଅନୁଷ୍ଠାନ ତରଫରୁ ଆୟୋଜନ କରାଯାଇଥିଲା। ଦୀର୍ଘ ପଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ବିଭିନ୍ନ ଦେଶରୁ ଆସିଥିବା ବୌଦ୍ଧଧର୍ମର ଗୁରୁ, ପଣ୍ଡିତ, ବୌଦ୍ଧ ଧର୍ମର ପ୍ରଚାରକ ଏବଂ ଅନେକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗ ଦେଇଥିଲେ। ସମ୍ମିଳନୀରେ ବୌଦ୍ଧ ଧର୍ମର ଇତିହାସ, ଏହାର ବିକାଶ, ବୌଦ୍ଧଧର୍ମ ପ୍ରଦାନ କରୁଥିବା ଶାନ୍ତି ଓ ମୋକ୍ଷର ବାର୍ତ୍ତା ସହିତ ଗୁରୁ ପଦ୍ମସମ୍ଭବଙ୍କ ଜୀବନଶୈଳୀ ଓ ଆଦର୍ଶକୁ ନେଇ ସବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହିତ ଓଡ଼ିଶାରେ ବୌଦ୍ଧ ଧର୍ମର ଇତିହାସ, ସଂସ୍କୃତି ଓ ଐତିହ୍ୟ ଆଦି ସମ୍ବନ୍ଧରେ ଗୁରୁତ୍ୱାରୋପ କରାଯିବା ସହିତ ବୌଦ୍ଧଧର୍ମ ପର୍ଯ୍ୟଟନ ସ୍ଥଳୀ ଗୁଡିକର ଯେପରି ବିକାଶ କରାଯାଇପାରିବ ସେ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଓଡ଼ିଶାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଅତିଥିଭାବେ ଯୋଗ ଦେଇ କହିଥିଲେ ଯେ, ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଓଡ଼ିଶାର ଇତିହାସ, ବୌଦ୍ଧ ଧର୍ମର ସଂସ୍କୃତି ଏବଂ ଐତିହ୍ୟ ସମ୍ବନ୍ଧରେ ଆଲୋଚନା କରାଯିବା ସହ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ପ୍ରଦାନ କରାଯିବା ଖୁବ ପ୍ରଶଂସନୀୟ। ରତ୍ନଗିରି, ଉଦୟଗିରି, ଲଳିତଗିରି ବୌଦ୍ଧ ଧର୍ମର ପ୍ରମୁଖ କୀର୍ତ୍ତିରାଜି ଏବଂ ହୀରକ ତ୍ରିଭୁଜ ଭାବେ ବିଶ୍ୱପ୍ରସିଦ୍ଧ। ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଓଡ଼ିଶାରେ ରହିଥିବା ବିଭିନ୍ନ ବୌଦ୍ଧଧର୍ମ କୀର୍ତ୍ତିରାଜି ଏବଂ ପର୍ଯ୍ୟଟନସ୍ଥଳୀ ଗୁଡିକର ପ୍ରଚାର ଓ ପ୍ରସାର କରିବା ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ।

## ଆପୋଲୋ ହସ୍ପିଟାଲ୍ସରେ ଯକୃତ ପ୍ରତିସ୍ଥାପନ କାର୍ଯ୍ୟକ୍ରମ ଆରମ୍ଭ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱରରେ ସମ୍ପୂର୍ଣ୍ଣ ଯକୃତ ପ୍ରତିସ୍ଥାପନ କାର୍ଯ୍ୟକ୍ରମ ସହ ଏକ ନୂତନ ଯାତ୍ରାର ଆରମ୍ଭ କରିଛି । ଏହି ଉଦ୍ୟମ ଓଡ଼ିଶାରେ ଯକୃତ ସୁରକ୍ଷାକୁ ଉଚ୍ଚ ସ୍ତରକୁ ଉନ୍ନତ କରିବ । ଯକୃତ ବିଶେଷଜ୍ଞ ଦଳ ଉଚ୍ଚ ମାନର ଚିକିତ୍ସା ଏବଂ ରୋଗୀ ସୁଖାନୁଭୂତି ସୁନିଶ୍ଚିତ କରିବା ପାଇଁ ସମର୍ପିତ । ଓଡ଼ିଶା ବାହାରକୁ ଯିବାର ଆବଶ୍ୟକତା ନାହିଁ । ଓଡ଼ିଶାର ରୋଗୀମାନେ ଏବେ ରାଜ୍ୟରେ ଅତ୍ୟାଧୁନିକ ଯକୃତ ପ୍ରତିସ୍ଥାପନ ସୁବିଧାରୁ ଲାଭ ଉଠାଇପାରିବେ, ଯାହା ଦୀର୍ଘ ଯାତ୍ରାର କ୍ଳାନ୍ତି ଏବଂ ଖର୍ଚ୍ଚକୁ ହ୍ରାସ କରିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏନେଇ ଡ. ଆଲୋକ ଶ୍ରୀବାସ୍ତବ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ଚିକିତ୍ସା ସେବାର ନିର୍ଦ୍ଦେଶକ, ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱର କହିଛନ୍ତି "ଯକୃତ ପ୍ରତିସ୍ଥାପନ ଶଲ୍ୟଚିକିତ୍ସାରେ ଅସାଧାରଣ ଦକ୍ଷତା ଏବଂ ସଠିକ୍ ପରିଚାଳନା ଆବଶ୍ୟକ । ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱରରେ ଆମେ ରୋଗୀମାନଙ୍କୁ ଶ୍ରେଷ୍ଠ ସମ୍ଭବ ଚିକିତ୍ସା ଦେବାକୁ ସମର୍ପିତ । ଏହି କାର୍ଯ୍ୟକ୍ରମ ଯକୃତ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆଣିପାରିଛି ଏବଂ ଆମେ ଏହି ସେବା ଯୋଗାଇଦେବାକୁ ଆନନ୍ଦିତ ।" ଡ. ନୀରଭ ଗୋୟଲ (ମୁଖ୍ୟ ଏବଂ ବରିଷ୍ଠ ପରାମର୍ଶଦାତା-ଏଚପିବି ସର୍ଜରି ଏବଂ ଯକୃତ ପ୍ରତିସ୍ଥାପନ, ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲ୍ସ, ନୂତନ ଦିଲ୍ଲୀ) କହିଛନ୍ତି ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱରର ଯକୃତ ପ୍ରତିସ୍ଥାପନ କାର୍ଯ୍ୟକ୍ରମ ଯକୃତ ରୋଗରେ ପୀଡ଼ିତ ରୋଗୀମାନଙ୍କୁ ସମ୍ପୂର୍ଣ୍ଣ ସେବା ଯୋଗାଇବା ପାଇଁ ଏକ ଆବଶ୍ୟକ ପଦକ୍ଷେପ । ଆମର ବିଶେଷଜ୍ଞ ଦଳ ଏକାତ୍ମତାରେ କାମ କରି ରୋଗୀଙ୍କ ପ୍ରତି ଚିକିତ୍ସା ଦେବାର ଉଦ୍ଦେଶ୍ୟରେ ଯକୃତ ସୁରକ୍ଷାକୁ ଅନ୍ତର୍ଭୁକ୍ତ କରି ଆଗୁଆ ଚିକିତ୍ସା ପ୍ରଦାନ କରିବାକୁ ସମର୍ପିତ ।

## ପଛୁଆବର୍ଗ ମଙ୍ଗଳ ପାଇଁ ଗଠିତ ସଂସଦୀୟ କମିଟିକୁ ଭେଟିଲା ଓବିସି ମୋର୍ଚ୍ଚା ପ୍ରତିନିଧି ଦଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ପଛୁଆ ବର୍ଗଙ୍କ ସାମ୍ବିଧାନିକ ଅଧିକାରର ସଂରକ୍ଷଣ ପାଇଁ ଓଡିଶା ଗସ୍ତରେ ଥିବା ପଛୁଆ ବର୍ଗ ମଙ୍ଗଳ ପାଇଁ ଗଠିତ ସଂସଦୀୟ କମିଟିକୁ ଭେଟି ବିସ୍ତୃତ ଆଲୋଚନା କରିଛି ଓବିସି ମୋର୍ଚ୍ଚା ପ୍ରତିନିଧି ଦଳ । କମିଟିର ଅଧ୍ୟକ୍ଷ ତଥା ସାଂସଦ ଗଣେଶ ସିଂହଙ୍କୁ ଭେଟି ଆଲୋଚନା ପରେ ସୁଚନା ଦେଇ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସୁରଥ ବିଶ୍ୱାଳ କହିଛନ୍ତି ଯେ, ରାଜ୍ୟର ଓବିସି ବର୍ଗଙ୍କ ସମସ୍ୟା ସଂପର୍କରେ କମିଟି ସହ ବିସ୍ତୃତ ଆଲୋଚନା କରାଯାଇଛି । ଓବିସି ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି କମିଟି ଅଧ୍ୟକ୍ଷ ଶ୍ରୀ ସିଂହ ପ୍ରତିଶୃତି ଦେଇଛନ୍ତି । ଗଣମାଧ୍ୟମକୁ ସୁଚନା ଦେଇ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ମଣ୍ଡଳ କମିଶନ ସୁପାରିଶର ଦୀର୍ଘ ବର୍ଷ ପରେ ବି ପଛୁଆ ବର୍ଗ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ ଅଛନ୍ତି । ବିଶେଷ ଭାବେ ୨୪ ବର୍ଷ ବିଜେଡି ସରକାରରେ ଓବିସି ବର୍ଗ ସବୁଠୁ ଅଧିକ ପ୍ରତାରିତ ହୋଇଛନ୍ତି । ବ୍ୟବସ୍ଥା ଅନୁଯାୟୀ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ପୂର୍ବ ସରକାର ସଂରକ୍ଷଣ ପ୍ରଦାନ ନକରି ପ୍ରତାରଣା କରିଛନ୍ତି । ଏଥି ସହ ପଂଚାୟତ ଓ ପୌର ନିର୍ବାଚନରେ ମଧ୍ୟ ସଂରକ୍ଷଣକୁ ବିଜେଡି ସରକାର ଉଚ୍ଛେଦ କରିଦେଲେ । ବାରମ୍ବାର ଦାବୀ ସତ୍ତ୍ୱେ ପୂର୍ବର ନବୀନ ସରକାର କର୍ଣ୍ଣପାତ କଲେ ନାହିଁ । ଓବିସି ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ କୋର୍ଟରେ ଓକିଲ ଦେଲେ ନାହିଁ । ମିଛ ସର୍ଭେ କରି ଲୋକଙ୍କୁ କେବଳ ଭୁଆଁ ବୁଲାଇବା ରାଜନୀତି କରିଥିଲା ପୂର୍ବର ବିଜେଡି ସରକାର । ବହୁ ଆକାଂକ୍ଷୀ ବିଶ୍ୱକର୍ମା ଯୋଜନାର କାର୍ଯ୍ୟକାରିତାରେ ନିର୍ବାଚିତ ସରପଂଚଙ୍କ ଭୁମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଅଧିକାଂଶ ସରପଂଚ ବିଜେଡି ସମର୍ଥିତ ହୋଇଥିବା କାରଣରୁ ଲକ୍ଷ ଲକ୍ଷ ହିତାଧିକାରୀ ସୁବିଧା ପାଇବାରୁ ବଂଚିତ ହୋଇଛନ୍ତି । ଏ ସମସ୍ତ ପ୍ରସଙ୍ଗରେ କମିଟି ସହ ଆଲୋଚନା କରାଯାଇଛି । ଅନ୍ୟ ପକ୍ଷରେ ଦୀର୍ଘ ୨୪ ବର୍ଷ ଶାସନରେ ରହିବା ପରେ ଓବିସି ବର୍ଗଙ୍କ ପାଇଁ କିଛି କରିନଥିବାରୁ ବିଜେଡି ଦାବୀର କୌଣସି ଯଥାର୍ଥତା ନାହିଁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ଖୋର୍ଦ୍ଧା (ଭାସ୍କର ନ୍ୟୁଜ): ସ୍ଥାନୀୟ ହାବେଲୀ ପଡିଆ ଖୋର୍ଦ୍ଧା ଠାରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦଘାଟିତ ହୋଇଯାଇଛି। ଉକ୍ତ ମେଳାକୁ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଚଞ୍ଚଳ ରାଣା, ମୁଖ୍ୟ ଅତିଥି ଅଧ୍ୟକ୍ଷା ଜିଲ୍ଲାପରିଷଦ ଖୋର୍ଦ୍ଧା ରୁପଶ୍ରିରାଣି ଗୁମାନ୍ସିଂ, ଖୋର୍ଦ୍ଧା ନିର୍ବାହୀ ଯନ୍ତ୍ରୀ (କୃଷି) ସୁଧାଂଶୁ ଶେଖର ଦାସ (କୃଷି) ନୟାଗଡ଼ ଏବଂ ରବିନାରାୟଣ ସେନାପତି ଉଦଘାଟନ କରିଥିଲେ । ଏହି ମେଳାରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକ ରୁ ୫୦୦ ରୁ ଉର୍ଦ୍ଧ ଚାଷୀ ଭାଇମାନେ ଯୋଗଦାନ କରିଛନ୍ତି। ଏହି ମେଳାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଖୋର୍ଦ୍ଧା ଚାଷୀ ଭାଇ ଓ ଭଉଣୀ ମାନଙ୍କ ଆୟ ବୃଦ୍ଧି ପାଇଁ କୃଷି କ୍ଷେତ୍ରରେ ବୃହତ ପରିମାଣରେ କୃଷି ଯନ୍ତ୍ରପାତି ଉପଯୋଗ କରିବାର ଆହ୍ୱାନ ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ତଥା କୃଷି ଉପକରଣ ଯନ୍ତ୍ରପାତିର ମରାମତି ନିମନ୍ତେ ଯୁବ ଉଦ୍ୟଙ୍ଗିଙ୍କୁ ତାଲିମଦେଇ ଖେମତା ବୃଦ୍ଧି କରିବା ସହିତ ଉପାର୍ଜନରର ମାଧ୍ୟମ ସୃଷ୍ଟି କରିବାପାଇଁ ଆହ୍ୱାନ ଦେଇଥିଲେ। ଏହି ମେଳାରେ ସମୁଦାୟ ୬୦ ଟି ଷ୍ଟଲରେ କୃଷି ଓ ଆନୁସଙ୍ଗିକ ବିଭାଗ, କୃଷି ଯନ୍ତ୍ରପାତି ଉତ୍ପାଦକ ଓ ବିତରକ ସଂସ୍ଥା, ଋଣ ପ୍ରଦାନ କାରୀ ସଂସ୍ଥା ଅଂଶଗ୍ରହଣ କରିଥିଲେ।

## ସାଇନାଥଙ୍କ ନବମ ଗୁରୁବାର ଉଦଯାପନୀ ଦିବସ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବଳଦିଆବନ୍ଧ ପଞ୍ଚାୟତର କୁରୁମୁଟାଙ୍ଗର ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ନବମ ଗୁରୁବାର ପୂଜାର ଉଦ୍‌ଯାପନୀ ଉତ୍ସବ ପୂଜକ ଜ୍ୟୋତିରଞ୍ଜନ ଦାସ୍‌ଙ୍କ ଉପସ୍ଥିତରେ ଅନୁଷ୍ଠିତ ହୋଇଯାଇଅଛି । ବାବା ସାଇନାଥଙ୍କ ପୂଜା ଆଜକୁ ଏଗାର ବର୍ଷ ହେବ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି । ଏଥିରେ ମୂଖ୍ୟତଃ ସାଇ ଭକ୍ତ ପ୍ରମୋଦ କୁମାର ମହାପାତ୍ର, ପ୍ରଦୋତ ମହାପାତ୍ର, ପ୍ରତାପ ଖଟୁଆ, ସେବା ଫାଉଣ୍ଡେସନ ବଟକୃଷ୍ଣ ମହାପାତ୍ର, କୁଲେଇଲୋ ସରପଞ୍ଚ ସୁଜାତା ବେଉରା, ସୋମ୍ୟରଞ୍ଜନ ପାତ୍ରଙ୍କ ଦ୍ୱାରା ଦୁଃଖୀ ଦରିଦ୍ରମାନଙ୍କୁ କମ୍ବଳ ବଂଟନ କରାଯିବା ସହ ଶହଶହ ଭକ୍ତ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରି ସାଇନାଥଙ୍କ ଆଶୀର୍ବାଦ ଭିକ୍ଷା ଲାଭ କରିଥିଲେ ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପିଙ୍ଗୁଆ ପରିସରରେ ବାଳିକାମାନଙ୍କୁ ନେଇ ଆଠଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ ଉଦଯାପନୀ ସଭାରେ ରଶ୍ମିବାଳା ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ । ମୂଖ୍ୟ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ନାୟକ, ପ୍ରାକ୍ତନ ଅଧକ୍ଷ ନଗେନ୍ଦ୍ର କୁମାର ବଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳର ଉପାଦେୟତା ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷିତା ତପସ୍ୱିନୀ ସେଠୀ ଅଧ୍ୟାପିକା ଆରତୀ କୁମାରୀ ମୁଦୁଲି ମଧୁସ୍ମିତା ମହାନ୍ତି ଅନନ୍ୟା ପଟ୍ଟନାୟକ, ସୁଚରିତା ବେହେରା ଦେବବ୍ରତ ଦାସ,ବସନ୍ତ କୁମାର ରାଉତ, ଅନନ୍ତ ଚରଣ ସାହୁ ଯୋଗୀନାଥ ଦାସ ଓ ସମସ୍ତ କର୍ମଚାରୀମାନେ ଏବଂ ନିମନ୍ତ୍ରିତ ଅତିଥି ଭାବେ ଶକ୍ତି ଟିଭି ପ୍ଲସ ଓଡ଼ିଶା ବ୍ୟୁରୋ ଚିଫ ପ୍ରଦୀପ କୁମାର ଦାସ ସହଯୋଗ କରିଥିଲେ। ଖେଳଶିକ୍ଷକ ଦିପାଂଶୁ କୁମାର ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆତ୍ମରକ୍ଷା ଶିବିର ସୂଚାରୁରୂପେ ସମ୍ପାଦନ ହୋଇଥିଲା।

## ଦୁର୍ଘଟଣାରେ ମୃତ ଡ୍ରାଇଭରଙ୍କୁ ସହାୟତା

କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ): ସଡକ ଦୁର୍ଘଟଣାରେ ମୃତ ଡ୍ରାଇଭର ମହାସଙ୍ଗ କୋଷାଧକ୍ଷ ହରିରାମ ମିର୍ଗନ୍ନଙ୍କୁ ସହାୟତା ପ୍ରଦାନ କରିଛି ଡ୍ରାଇଭର ସହାସଂଘ। ତାଙ୍କ ଦଶାହ କାର୍ଯ୍ୟରେ ଜିଲ୍ଲା ଡ୍ରାଇଭର ମହାସଙ୍ଗ ସଭାପତି ଅଖୟ ଭାଇ, ସାମ୍ପାଦକ ତାପସ ମଲ୍ଲୀକ, ବ୍ଲକ ଡ୍ରାଇଭର ମହାସଙ୍ଗ ସଭାପତି ଆମର ପାସ୍ୱାନ, ଉପ ସଭାପତି ମୁରଲି ହରିଜନ, ସହ ସମ୍ପାଦକ ହେରମାନ ବାଘ ଯୋଗଦେଇ ପରିବାର ବର୍ଗଙ୍କୁ ଆସ୍ୱାଶନା ଦେଇଛନ୍ତି। ଡ୍ରାଇଭର ମହାସଂଘର ଭାଇ ମାନେ ନିଜ କଷ୍ଟ ଉପାର୍ଜିତ ଟଙ୍କା ମଧ୍ୟରୁ କୋଡିଏ ହଜାର ଟଙ୍କା ମୃତ ହରିରାମଙ୍କ ପରିବାରକୁ ପ୍ରଦାନ କରିଥିଲେ।



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ଶାନ୍ତିଶୃଙ୍ଖଳା ମଧ୍ୟରେ ଶେଷ ହୋଇଛି। ସମିତିର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇ ନିଆଳି ବ୍ଲକର ଉନ୍ନତି ପାଇଁ ଦଳକୁ ପଛରେ ପକାଇ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ନିଆଳି ପଞ୍ଚାୟତ ସମିତି ଅଷ୍ଟମ ସାଧାରଣ ବୈଠକ ବ୍ଲକ୍ ସମ୍ମିଳନୀ ଗୃହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପରେ ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ବିଧାୟକ ଛବି ମଲ୍ଲିକ ଉପସ୍ଥିତ ସଭାକୁ ସମ୍ବର୍ଦ୍ଧନା କରିଥିଲେ। ବିଧାୟକ ତାଙ୍କ ବକ୍ତବ୍ୟରେ ନିଆଳି ପଞ୍ଚାୟତ ସମିତିର ସମସ୍ତ ସଦସ୍ୟ ଦଳଗତ ମନୋଭାବକୁ ଭୁଲି ସାଧାରଣ ଲୋକଙ୍କ କାମ କରିବାକୁ ପରାମର୍ଶ ଦେଇଥିଲେ। ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଯୋଗାଣ ବିଭାଗ, ଭତ୍ତା ବିଭାଗ, ମିଶନ ଶକ୍ତି ବିଭାଗ, ଉନ୍ନୟନ ବିଭାଗ, ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ପାନୀୟ ଜଳ ବିଭାଗ ଉପରେ ବହୁ ସରପଞ୍ଚ ସମିତି ସଭ୍ୟ ଅଭିଯୋଗ ଆଣିବା ପରେ ଅଭିଯୋଗରେ ସତ୍ୟତା ଥିଲେ ଭିଜିଲାନ୍ସ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସିଡିପିଓଙ୍କ କାର୍ଯ୍ୟକୁ ନେଇ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ତୀବ୍ର ବିରୋଧ କରିଥିଲେ। ସିଡିପିଓ ସଞ୍ଜୁକ୍ତା ଘଡେଇ ଆଗକୁ ଏଭଳି ମନମୁଖୀ କାର୍ଯ୍ୟ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଗୃହ ଶାନ୍ତ ପଡିଥିଲା।

# ଜିନ୍ଦଲ ଶ୍ରୀ ଶ୍ରୀ ଏକାଡ଼େମୀର ବାର୍ଷିକ ମହୋତ୍ସବ



ସମ୍ବଲପୁର (ଭାସ୍କର ନ୍ୟୁଜ୍): ଜିଏସ୍ ଦ୍ୱାରା ପରିଚାଳିତ ଜିନ୍ଦଲ ଶ୍ରୀଶ୍ରୀ ଏକାଡ଼େମୀର ବାର୍ଷିକ ମହୋତ୍ସବ ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟୀର ଅଧ୍ୟକ୍ଷା ନିଲମ ସିଂ ଏହି ବାର୍ଷିକ ଉତ୍ସବରେ ଯୋଗଦେଇ, ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ, ଶିକ୍ଷା ହେଉଅଛି ଦାୟିତ୍ୱବାନ ପ୍ରକ୍ରିୟା, ଉତ୍ତମ ନାଗରିକ ଗଢିବାର ମୂଳଦୁଆ ପକାଇଥାଏ। ସମାଜକୁ ସମୃଦ୍ଧି କରିବାରେ ଶିକ୍ଷା ଏକାନ୍ତ ଆବଶ୍ୟକ' .ଜେ.ଏସଡବ୍ଲୁ ବିପିଏସ୍ଏଲ୍ ର ମୁଖ୍ୟ ପରିଚାଳନା ଅଧିକାରୀ ଉମେଶ ରାଏ, ମାନବ ସମ୍ବଳ ବିଭାଗ ମୁଖ୍ୟ ଜେପି ସିଂହ ଦ୍ୱୟ ସମ୍ମାନିତ ଓତିଥି ଭାବରେ ଯୋଗଦେଇ, ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ପଞ୍ଚମହାଭୂତ ଉପରେ ଆଧାରିତ କାର୍ଯ୍ୟକ୍ରମରେ ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶଭୂମିକାରେ ଛାତ୍ର, ଛାତ୍ରୀଗଣ ଚିତାକର୍ଷକ ଭାବେ ପ୍ରଦର୍ଶନ କରିଥିଲେ। ଏଥିସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

# ନୂତନ ମହିଳା ଉପସଭାପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା




ବାରିପଦା(ଭାସ୍କର ନ୍ୟୁଜ୍): କେଶରୀୟା ହିନ୍ଦୁ ବାହିନୀର ପ୍ରାଣ ପ୍ରତିଷ୍ଠାତା ଦିଲ୍ଲୀପ ଦାସଙ୍କ ଅଧ୍ୟକ୍ଷତାରେ ବାରିପଦାର ପ୍ରତିଷ୍ଠାତାଙ୍କ କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗତ ୧୨/୦୧/୨୫ରିଖ ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପ୍ରତିଷ୍ଠାତା ଦିଲ୍ଲିପ କୁମାର ଦାସ,ରାଜ୍ୟ ସଭାପତି ସଞ୍ଜୟ ଭୋଳ,ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ବନ୍ଦନା ଦାସ କାନୁନଗୋ ଏବଂ କମିଟିର ସର୍ବସମ୍ମତିକ୍ରମେ ପ୍ରତିମା ବାରିକଙ୍କୁ କେଶରୀୟା ହିନ୍ଦୁ ବାହିନୀ ଓଡ଼ିଶା ରାଜ୍ୟ ମହିଳା ଉପସଭାପତି ଭାବେ ମନୋନୀତ କରାଯାଇ ଘୋଷଣା କରାଯାଇଥିଲା।ଆଜିର ଏହି ସଭାରେ ମୟୂରଭଞ୍ଜ ଜିଲ୍ଲା ଯୁବ ସଭାପତି ଶାନ୍ତନୁ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ସୁଜୟ ପଣ୍ଡା ଏବଂ ଅନ୍ୟାନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ। ସଭାରେ ଉତ୍ସାହ ଓ ଆନନ୍ଦ ପରିପୂର୍ଣ୍ଣ ପରିବେଶ ମଧ୍ୟରେ ପ୍ରତିମା ବାରିକଙ୍କୁ କେଶରୀୟା ହିନ୍ଦୁ ବାହିନୀର ରାଜ୍ୟ ମହିଳା ମୋର୍ଚ୍ଚାର ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ହେତୁ ତାଙ୍କୁ ଜିଲ୍ଲା କମିଟିରେ ସମ୍ବର୍ଦ୍ଧିତ କରାଗଲା। ତାଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇ ଆଗାମୀ କାର୍ଯ୍ୟକ୍ଷେତ୍ରରେ ସଫଳତାର ଅଭିନନ୍ଦନ ଦିଆଗଲା।ପ୍ରତିମା ବାରିକ ଏହି ମହତ୍ୱପୂର୍ଣ୍ଣ ଦାୟିତ୍ୱ ନିମନ୍ତେ ସଂଘ ପ୍ରତି ଆଭାର ଜଣାଇ ସେ ଅତିଶୟ କୃତଜ୍ଞତା ପ୍ରକାଶ କରିଛନ୍ତି। ସେ ମହିଳା ସଶକ୍ତିକରଣକୁ ଦୃଢ ଓ ସୁସଂଗଠିତ କରିବା ପାଇଁ ସଂକଳ୍ପ ବ୍ୟକ୍ତ କରିଛନ୍ତି। ତାଙ୍କର ଜ୍ଞାନ, କୌଶଳ ଏବଂ ହିନ୍ଦୁ ଜାତି ପ୍ରତି ସମର୍ପଣ ମନୋଭାବ ଆଗାମୀ କାର୍ଯ୍ୟରେ ସଫଳତାର ନୂତନ ଦିଗ ତିଆରି କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଉପସ୍ଥିତ ସମସ୍ତ କମିଟି ସଦସ୍ୟମାନଙ୍କ ମଧ୍ୟରୁ ଏକତାର ଭାବ ବ୍ୟକ୍ତ ହୋଇଥିଲା। ଆଜିର ଏଇ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଯୁବ ସଭାପତି ଶାନ୍ତନୁ ଦାଶ, ଉପସଭାପତି ହ୍ରିତିକ୍ ନାଥ, ଜିଲ୍ଲା ଉପସଭାପତି ମନୋଜ୍ ପଲେଇ, ମାନସ ପାଢ଼ୀ, ଭାଗବତ ଦାସ, ଛାତ୍ର ଉପସଭାପତି ଅଭିଜିତ ପାଲ, ଯୁବ ସମ୍ପାଦକ ଶ୍ରବଣ ପଲେଇ, କୁନ୍ଦନ, ଜିଲ୍ଲା ମହିଳା ସଭାପତି ଇନ୍ଦୁମତି ମହାନ୍ତି, ମହିଳା ପ୍ରବକ୍ତା ରୂପା ଦେବୀ ସମେତ୍ ମୟୂରଭଞ୍ଜ ଜିଲ୍ଲାର ଛାତ୍ର, ଯୁବ,ମହିଳା କମିଟି ଉପସ୍ଥିତ ରହି ସମାବେଶର ଶୋଭାବର୍ଦ୍ଧନ କରିଥିଲେ ଏବଂ ସମସ୍ତେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜଣାଇଛନ୍ତି।

# ମୋରଡା ମା' ତାରିଣୀଙ୍କ ୨୫ତମ ବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ ):ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମୋରଡା ଠାରେ ଅବସ୍ଥିତ ମା' ମୋରଡାଙ୍କ ୨୫ତମ ବାର୍ଷିକ ଉତ୍ସବ ଓ ୨୪ପ୍ରହର ନାମଯଜ୍ଞ ମକର ସଂକ୍ରାନ୍ତି ଠାରୁ ଆରମ୍ଭ କରି ତିନିଦିନ ଧରି ଚାଲିବ ବୋଲି ଅନୁଷ୍ଠାନର ସଭାପତି ପ୍ରାଣନାଥ ବିଶ୍ୱାଳ ସମ୍ପାଦକ ସୁଦର୍ଶନ ପ୍ରଧାନ ସୂଚନା ଦେଇଛନ୍ତି। ଏଥିରେ ଅଞ୍ଚଳ



ର ୧୫ଦଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ନାମ ସଂକୀର୍ତନ ପରିବେଷଣ କରୁଛନ୍ତି। ପ୍ରତ୍ୟେହ ପାଞ୍ଚ ହଜାର ଭକ୍ତଙ୍କ ନିମନ୍ତେ ପ୍ରସାଦ ବ୍ୟବସ୍ଥା କରାଯାଇଥିବା ବେଳେ ଅନୁଷ୍ଠାନର ସକ୍ରିୟ ସଭ୍ୟ ଯୋଗେନ୍ଦ୍ର ନାଥ ପଲେଇ ମଧୁସୂଦନ ସାହୁ ବାବୁଲା ପଲେଇ ପ୍ରମୁଖ ସମସ୍ତ ସଭ୍ୟ ସକ୍ରିୟ ଅଂଶ ଗ୍ରହଣ କରି ଅନୁଷ୍ଠାନ ପରିଚାଳନା କରୁଛନ୍ତି।

# 'ବିଦ୍ୟୁତ୍ ସମସ୍ୟା ଦୂର ନହେଲେ ଛତିଶଗଡ଼ରେ ମିଶିବୁ'

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ଚେତାବନୀ ଦେଲେ ଆକରପାଲ୍ଲୀ ଗ୍ରାମବାସୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଥାନା ଅନ୍ତର୍ଗତ ମାଟାପାକା ପଞ୍ଚାୟତ ଛତିଶଗଡ ସୀମାକୁ ଲାଗିରହିଥିବା ଆକରପାଲ୍ଲୀ ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ପରିବାର ଦୀର୍ଘ ୧ ମାସ ହେବ ବିଦ୍ୟୁତ୍ ସମସ୍ୟା ଭୋଗୁଛନ୍ତି। ବୁଧବାର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଆକରପାଲ୍ଲୀ ଗ୍ରାମର



ନବୀନ ମାଡକାମି, ମୁକା କାର୍ତ୍ତାମୀ ଙ୍କ ସହ ୨୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ତୁରନ୍ତ ସମସ୍ୟା ସମାଧାନ କରା ନ ହେଲେ ଆମେ ଛତିଶଗଡରେ ମିଶିବାକୁ ବାଧ୍ୟହେବୁ ବୋଲି ଗଣମାଧ୍ୟମକୁ କହିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଦୀର୍ଘ ଦିନ ହେଲା ଆକରପାଲ୍ଲୀ ଗ୍ରାମରେ ବିଜୁଳି ନଥିବାରୁ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛତିଶଗଡକୁ ଲାଗିରହିଥିବା ମାତ୍ର ୨ କି.ମି.ଦୂର ଜଙ୍ଗଲ ମଧ୍ୟରେ ଏହି ଗ୍ରାମ ଅବସ୍ଥିତ। ଏଠାରେ ୫୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ଗ୍ରାମରେ ଛାତ୍ରାଛାତ୍ର ପାଠପଢି ପାରୁନାହାନ୍ତି। ରାତିରେ ଯାତାୟାତରେ ଅସୁବିଧା ହେଉଛି। ଏପରିକି ଫୋନ୍ ଚାର୍ଜ ନହେବାରୁ ଯୋଗାଯୋଗ ହୋଇ ପାରୁନାହିଁ ଓ ଅନଲାଇନ୍‌ରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ମଧ୍ୟ ବାଧାପ୍ରାପ୍ତ ହେଉଛି। ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ ଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଜଣାଇଛନ୍ତି।

# ରେଲୱେ ଷ୍ଟେସନ ପୁରୁଣା ବାଡ଼ ଭାଙ୍ଗିବା ବେଳେ ଅଘଟଣ

# ଜଣେ ମୃତ, ଜଣେ ଗୁରୁତର

କଣ୍ଟାବାଞ୍ଜି(ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନର ପୁରୁଣା ବାଡ ଭାଙ୍ଗିବାବେଳେ ଏକ ଅଭାବନୀୟ ଘଟଣା ଗୁରୁବାର ଦିନ ଘଟିଛି। ବାଡ ଭାଙ୍ଗିବା

## ଠିକାଦାରଙ୍କ ଅବହେଳା ଅଭିଯୋଗ



ବେଳେ ଜଣେ ବିହାରି ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି। ଘଟଣାସ୍ଥଳରୁ ସଂଗ୍ରହ ହୋଇଥିବା ଖବର ଅନୁସାରେ ଅମୃତ ଭାରତ ଯୋଜନାରେ କଣ୍ଟାବାଞ୍ଜି ରେଳ ଷ୍ଟେସନର ନିର୍ମାଣ କାର୍ଯ୍ୟ ଚାଲିଛି। ପୁରୁଣା ବାଡ( ବାଉଣ୍ଡରୀ)କୁ ଶ୍ରମିକମାନେ ଭାଙ୍ଗି ଜେସିବି ମେସିନରେ ପକାଉଥିବା ବେଳେ ପୁରୁଣାବାଡ ପଡିଯିବାରୁ ଶ୍ରମିକ ଦ୍ୱୟ ଜେସିବି ମେସିନ ଉପରେ ପଡିଥିଲେ। ଫଳରେ ଘଟଣାସ୍ଥଳରେ ଜଣେ ଶ୍ରମିକ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ହେବାରୁ ତାଙ୍କୁ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଭର୍ତ୍ତିକରାଯାଇଛି। ଏପରିକି ମୃତ ଶ୍ରମିକକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାରେ ରଖାଯାଇଛି। କାର୍ଯ୍ୟବେଳେ ନିୟୋଜିତ ହୋଇଥିବା ଜେସିବି ଟି ଓଡି୦୩ସି୪୯୬୮ ଅଟେ। ଘଟଣା ସ୍ଥଳରେ କଣ୍ଟାବାଞ୍ଜି ରେଳ ବିଭାଗର ବରିଷ୍ଠ ରେଳ ଅଧିକାରୀ ଏ.ଡି.ଇନ, ପି.ଡବ୍ଲୁଆଇ. ତଥା କଂଟାବାଂଜି ଜି.ଆର.ପି ପୋଲିସ ଏବଂ ଆର.ପି.ଏଫ୍ ପୋଲିସ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି। ଶ୍ରମିକ ଦ୍ୱୟ ବିହାର ରାଜ୍ୟର ବୋଲି ଆଲୋଚନା ହେଉଥିବା ବେଳେ ଏହି ଖବର ଲେଖିବା ପର୍ଯ୍ୟନ୍ତ କୌଣସି ସଠିକ ତଥ୍ୟ ମିଳିନାହିଁ।

■ ଗୁଣି ସନ୍ଦେହରେ ଗୋଟିଏ ପରିବାରର ତିନିଜଣଙ୍କୁ ହତ୍ୟା ମାମଲା

# ତଳକୋର୍ଟ ଦେଇଥିବା ୯ ଜଣଙ୍କ ଫାଶୀ ଦଣ୍ଡାଦେଶକୁ କୋହଳ କରି ଆଜୀବନ କାରାଦଣ୍ଡ ଶୁଣାଇଲେ ହାଇକୋର୍ଟ

ଗୁଣୁପୁର((ଭାସ୍କର ନ୍ୟୁଜ୍): ଗୁଣିଗାରେଡି ସନ୍ଦେହରେ ଗୋଟିଏ ପରିବାରର ମାଆ ବାପା ଓ ଝିଅର ତ୍ରିପଲ ମର୍ଡର ଘଟଣାରେ ରାୟଗଡା ଜିଲ୍ଲା ପୁଟାସିଂ ଥାନା କିତୁଙ୍ଗ ଗାଁ ର ୯ ଜଣଙ୍କୁ ଫାଶି ଦଣ୍ଡାଦେଶ ନେଇ ରାୟ ପ୍ରକାଶ ପାଇଥିଲା। ଫାଶି ଦଣ୍ଡାଦେଶକୁ କୋହଳ କଲେ ହାଇକୋର୍ଟଙ୍କ ଖଣ୍ଡପୀଠ। ଦଣ୍ଡାଦେଶ କୋହଳ କରିବା ପରେ ଜେଲ ଦଣ୍ଡ ଭୋଗୁଥିବା ପରିବାର ଲୋକେ ଆଶ୍ୱସ୍ତ ହୋଇଥିବା କହିଛନ୍ତି। ପ୍ରକାଶଥାଉକି ଗୁଣପୁର ଏଡିଜେ କୋର୍ଟ ଗୁଣିଗାରେଡି ସନ୍ଦେହରେ ୩ଜଣଙ୍କୁ ଅମାନୁଷିକ ହତ୍ୟା ଘଟଣାରେ ଐତିହାସିକ ରାୟ ଶୁଣାଇଥିଲେ। ସେଥିରେ ସଂପୃକ୍ତ ଥିବା ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶି ଦଣ୍ଡାଦେଶ ଶୁଣାଇଥିଲେ। ଆସିନ ଶବର ଓ ତାଙ୍କ ସ୍ତ୍ରୀ ଆମ୍ବେୟା ଶବର ଓ ଝିଅ ଆସୁନି ଶବରଙ୍କ ପରିବାରକୁ ପୂର୍ବରୁ ଗୁଣି ସନ୍ଦେହ କରି ତାଗିଦ୍ କରିଥିଲେ। ହେଲେ ମଧ୍ୟ ଶୁଣିନଥିଲେ। ଏମିତରେ ଗାଁ ରେ ଜ୍ୱର ଓ ଝାଡା ଭଳି ରୋଗରେ ପଡି କିଛି ଜଣଙ୍କ ଜୀବନ ମଧ୍ୟ ଚାଲି ଯାଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ୨୦୧୬ ମସିହା ସେପ୍ଟେମ୍ବର ୯ ତାରିଖରେ ପରିବାରର ତିନି ଜଣଙ୍କୁ ଗୁଣି ସନ୍ଦେହରେ -ଗାଁର ଯୁବକମାନେ ଆଣିଥିଲେ। ଏକ ଗୁହାଳରେ ବାନ୍ଧି ରଖିଥିଲେ। ପରେ ସେଠାରେ ମାଆ ଓ ଝିଅଙ୍କ ସମ୍ବେଦନଶୀଳ ସ୍ଥାନରେ ବିଷ ପ୍ରୟୋଗ କରି ଜଘନ୍ୟ ବର୍ବରତା ଭାବେ ଗାଁ ଠାରୁ କିଛି ଦୂର ପାହାଡ ନିକଟରେ ମାଟି ତଳେ ପୋତି ଦେଇଥିଲେ। ହେଲେ କାଳେ ଏହି ଖବର ପ୍ରଘଟ ହେବା ନେଇ ସନ୍ଦେହ ପ୍ରକାଶ ହେବାରୁ ପୁଣି ମାଟି ତଳୁ ବାହାର କରି ପୋଡି ଦେଇ ମାଟି ଘୋଡେଇ ଦେଇଥିଲେ। ୮ ଦିନ ପରେ ଏହି ଖବର ବାହାରକୁ ଆସିଥିଲା। ୧୬ ତାରିଖରେ ପୁଟାସିଂ ପୋଲିସ୍ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ( କେସ୍ ନମ୍ବର ୧୭-୨୦୧୬) ଗାଁର ୧୦ ଜଣଙ୍କୁ ଗିରଫ୍ କରିଥିଲା। ଆଉ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ମାଟି ତଳୁ ନମୁନା ସଂଗ୍ରହ କରିଥିଲା। ଏହି ମାମଲାରେ ଜଣେ ବାଳ ଅପରାଧି ସହ ୧୦ ଜଣଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରାଯାଇଥିଲା। ସେଥିରୁ ଜଣେ ବାଳ ଅପରାଧୀକୁ ରାୟଗଡା ସ୍ଥାନାନ୍ତର କରି ୯ ଜଣଙ୍କୁ ଗୁଣପୁର ଅଣାଯାଇଥିଲା। ସେହି ଦିନଠାରୁ ସମସ୍ତ ୯ ଜଣ ଗୁଣପୁର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଜୀବନ ବିତାଉଥିଲେ। ଏହି ୯ ଜଣ ଙ୍କୁ ଗତ ୨୦୧୮ ମସିହା ଏପ୍ରିଲ ୧୩ ତାରିଖରେ ଏଡିଜେ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିବା ଓ ଦଣ୍ଡ ବିଧାନ ସଦୃଶ ଫାଶି ଦଣ୍ଡାଦେଶ ଶୁଣାଇ ଥିଲେ ମାନ୍ୟବର ଏଡିଜେ ଡ.ଶୁଭେନ୍ଦୁ କୁମାର ପତି। ଫାଶି ଦଣ୍ଡାଦେଶ ପାଇଥିବା ୯ ଜଣ ଅଭିଯୁକ୍ତମାନେ ହେଲେ କିତୁଙ୍ଗ ଗାଁ ର ଡେଙ୍ଗୁନ ଶବର.ଡଲସ ଶବର,ଆଦନ୍ତ ଶବର,ପଡନ୍ତୁ ଶବର, ମାଲାପୁ ଶବର, ଇରୁ ଶବର,ବୁବୁନା ଶବର, ଜାମାସୁ ଶବର ଓ ବସନ୍ତ ଶବର। ପରେ ଫାଶି ଦଣ୍ଡାଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ପୁଣି ପୁନଃ ବିଚାର କରିବା ପାଇଁ ତଳ କୋର୍ଟକୁ ମାମଲା ପଠାଇଥିଲେ। ପରବର୍ତ୍ତୀ ମୂହୁର୍ତ୍ତରେ ତଳ କୋର୍ଟ ମାମଲାର ବିଚାର କରି ରାୟ କାଏମ ରଖିଥିଲେ। ପୁଣି ଏହି ମାମଲା ହାଇକୋର୍ଟ ରେ ପହଞ୍ଚି ଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟ ଙ୍କ ଖଣ୍ଡପୀଠ ( ସଙ୍ଗମ ସାହୁ ଓ ଆର୍ କେ ପଟ୍ଟନାୟକ) ରାୟ ପ୍ରକାଶ କରିଛନ୍ତି। ଫାଶି ଦଣ୍ଡାଦେଶକୁ କୋହଳ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

# ବାଦିପାଲା ମହୋତ୍ସବ ଉଦ୍‌ଯାପିତ

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଡେରାଡିହ ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା' ବୁଢ଼ୀ ଜାଗୁଳାଇଙ୍କ ମନ୍ଦିର ପ୍ରାଙ୍ଗଣରେ ବାଦିପାଲା ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ଏହି ବାଦାପାଲା ମହୋତ୍ସବ ୧୩୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି ବାଦିପାଲା ଉତ୍ସବରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ସ୍ୱନାମଧନ୍ୟ ପାଲାଗାୟକମାନେ ପାଲା ପରିବେଶଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କମିଟିର ସଭ୍ୟ ହରେକୃଷ୍ଣ ମହାନ୍ତି, ନାରାୟଣ ସେଠୀ, ଭାସ୍କର ବେହେରା, କାଙ୍ଗାଳି ଦାସ, କୈଳାସ ସେଠୀ ଓ ବିଷ୍ଣୁ ଚରଣ ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି। ଏହି ପାଲା ମହୋତ୍ସବକୁ ଦେଖିବା ପାଇଁ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ନେତାଜୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀରେ କ୍ରୀଡା ସମାବେଶ




ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳ ରେ ୨୫ବର୍ଷ ହେବ ଉଚ୍ଚ ଶିକ୍ଷାର ବିକାଶ କରିବା ନିମନ୍ତେ ପ୍ରତିଷ୍ଠା ହୋଇଥିବା ନେତାଜୀ ଉଚ୍ଚ ବିଦ୍ୟାଳୟ,ଚିନାସାରୀ ର ରୌପ୍ୟ ଜୟନ୍ତୀ ସମାରୋହ ଚଳିତ ବର୍ଷ ପାଳନ ହେଉଛି। ଏହିକ୍ରମରେ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ବୁଧବାର ଦିନ ଉଦଘାଟନ ହୋଇଥିଲା। ଏହି କ୍ରୀଡା ସମାବେଶରେ ମୁଖ୍ୟ ଅତିଥି ଭାବେ ଶତାୟୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ବରିହା ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଖେଳୁଆଡ଼ ମନୋଭାବନା ଆଗକୁ ବଢ଼ାଇ ନିଜ ଭବିଷ୍ୟତ ନିର୍ମାଣ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନଶିକ୍ଷକ ଇନ୍ଦିରା ମହାପାତ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିବାବେଳେ ସାମାଜିକ ଶିକ୍ଷକ ଘନଶ୍ୟାମ ବେହେରା ଏହାର ତତ୍ତ୍ୱାବଧାନ କରିଥିଲେ। ୩ଦିନ ଧରି ଆୟୋଜିତ ହେଉଥିବା ଏହି କ୍ରୀଡା ସମାବେଶରେ ଜବଲିଙ୍ଗ ଥ୍ରୋ, ଶଟପୁଟ୍, ଡିସ୍କସ, ଦୌଡି ଡିଆଁ, ଦୌଡ଼, କବାଡ଼ି, ଭଲିବଲ, ବ୍ୟାଡ଼ମିଣ୍ଟନ, ଉଚ୍ଚ ଡିଆଁ, ଲମ୍ବା ଡିଆଁ ଭଳି କ୍ରୀଡା ପ୍ରତିଯୋଗିତା ଶିକ୍ଷକ ମଧୁସୂଦନ ପଟନାୟକ, ଘାସିରାମ ରଥ, ଉମା ଦାଶ ଓ ବିଶ୍ୱନାଥ ପାଢ଼ିଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି କୃତି ପ୍ରତିଯୋଗିମାନଙ୍କୁ ଆସନ୍ତା ଜାନୁଆରି ୨୩ ତାରିଖ ରେ ରୌପ୍ୟ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟ ତରଫରୁ କୁହାଯାଇଛି।

# ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଘାଟିତ



କୁଜଙ୍ଗ (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପଗଡ ଗ୍ରାମ ପଞ୍ଚାୟତର ପାରାଦ୍ୱୀପ ଗଡରେ ଅବସ୍ଥିତ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ମହାଆଡମ୍ବର ସହକାରେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ଓ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଆଗାମୀ ଦୁଇବର୍ଷ ମଧ୍ୟରେ ଏହି ବିଦ୍ୟାଳୟକୁ ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟରେ ପରିଣତ କରାଯିବ, ଏଥିପାଇଁ ରାଜ୍ୟ ସରକାର ଗ୍ରାମ ପଞ୍ଚାୟତ ଓ କଳ କାରଖାନାର ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ବିପୁଳ ଅର୍ଥ ପ୍ରଦାନ କରାଯାଇଛି ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ୍ ଅଭିଭାବକ କମିଟିର ସଭାପତି ଜୀବନ ଧନ ବେହେରା, ସିଆରସିସି ସମୀର କୁମାର ଓଝା ଓ ପ୍ରଭାତ ନଳିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମିନର୍ଭା ସ୍ୱାଇଁ, କୁନି ଦିଦି, ମିନାକ୍ଷୀ ପଣ୍ଡା, ବିଜୟ ଲକ୍ଷ୍ମୀ ସ୍ୱାଇଁ, ଦିପିକା ସୋରେନ, ବିଷ୍ଣୁ ପ୍ରିୟା ସ୍ୱାଇଁ, ପ୍ରଶାନ୍ତ ସାହୁ, ସମ୍ପଦ ମୁଦୁଲି, ସାଗରିକା ସ୍ୱାଇଁ ପ୍ରମୁଖ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ରମାକାନ୍ତ ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତା ତିନି ଦିନ ବ୍ୟାପି ଚାଲିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି।

# ୭୭ତମ ସେନା ଦିବସ ପାଳିତ

କନ୍ଧମାଳ (ଭାସ୍କର ନ୍ୟୁଜ୍): ସେବା ନିବୃତ ସୈନିକ ସଂଘ, ଖଜୁରୀପଡ଼ା କନ୍ଧମାଳ ଜିଲ୍ଲାର ସୌଜନ୍ୟରୁ ଫୁଲବାଣୀ ସ୍ଥିତ ପାରିଜାତ କଲ୍ୟାଣ ମଣ୍ଡପ ଠାରେ ଅତି ଉଲ୍ଲାସର ସହିତ ୭୭ ତମ ସେନା ଦିବସ ପାଳନ ହୋଇଯାଇଅଛି। ଏହି ଉତ୍ସବ ମୁଖ୍ୟ ଅତିଥି ଭାବେ ମାନ୍ୟବର ଶ୍ରୀ ଯୁକ୍ତ ଉମ୍ମାଚରଣ ମଲ୍ଲିକ ବିଧାୟକ ଫୁଲବାଣୀ, ସମ୍ମାନିତ ଅତିଥି ସୁବେଦାର୍ ମେଜର ତଥା ହୋରୀ କ୍ୟାପଟେନ ଜେନା ନାୟକ, ସଂଘର ଉପସଭାପତି ସୁବେଦାର ଏନପି କୁମାର ଚୌଧରି ଏବଂ ସେକ୍ରେଟାରୀ ସୁବେଦାର ହଳପାଣି ସେଠି ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲାର ସମସ୍ତ ଭୂତପୂର୍ବ ସୈନିକ ବିରନରୀ ଫେମିଲି ପେନସନ ତଥା ପରିବାର ବର୍ଗ ମାନେ ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ଦେଶ ପାଇଁ କନ୍ଧମାଳ ଜିଲ୍ଲାରୁ ବିର ସହିଦଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ୧୯୭୧ ମସିହାରେ ଭାରତ ପାକିସ୍ଥାନ ଯୁଦ୍ଧରେ ଲଢେଇ କରୁଥିବା ବୀର ସୈନିକ ଓ ସହିଦଙ୍କ ଆଶ୍ରିତ ତଥା ଗଲବାନ ଘାଟିରେ ସହିଦ ସ୍ୱର୍ଗତ ସିପାହୀ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ପିତା ମାତାଙ୍କୁ ସମ୍ମାନିତ କରାଯାଇଥିଲା। ଏତତ୍ ବ୍ୟତୀତ ଦେଶ ପାଇଁ ବଳିଦାନ ଦେଇଥିବା କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ବୀର ସେନାଙ୍କ ପରିବାର ବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ସୁବେଦାର ହଳପାଣି ସେଠି ଏକ୍ସ ଆର୍ମି ସଂଘ ଖଜୁରୀପଡ଼ାର କନ୍ଧମାଳ ସୈନିକ ସଂଘର ବିବରଣୀ ପାଠ କରିଥିଲେ ଏବଂ ଏହାର ମହତ୍ତ୍ୱ ବିଷୟରେ ଉପସ୍ଥିତ ବ୍ୟକ୍ତିଙ୍କୁ ଓ ସେନାର ପରିବାରଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସୈନିକ ମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ମିଳୁଥିବା ମୌଳିକ ସୁବିଧାମାନ ସୂଚିତ କରିଥିଲେ। ସେ ପୁନଃ ସଂଘର ଉନ୍ନତି ପାଇଁ କରାଯାଇଥିବା କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବକୁ ଯେ.ଡବ୍ଲ୍ୟୁ ଟି.ଶିବ ଶଙ୍କର ପାତ୍ର ଚିଫ କୋର୍ଡିନେଟର ସଭା ମଞ୍ଚଟିକୁ ସୂଚାରୁ ରୂପେ ପରି ଚାଳନା କରିଥିଲେ ଏବଂ ସେବା ନିବୃତ ସୈନିକଙ୍କ ସମସ୍ୟା ସମ୍ପର୍କରେ ଉପସ୍ଥିତ ସଦସ୍ୟଙ୍କ ସହିତ କଥୋପ କଥନ କରିଥିଲେ। ଏଥିରେ ବିଧାୟକ ଉପସ୍ଥିତ ଥିବା ଅବସର ପ୍ରାପ୍ତ ସୈନିକ ଓ ସୈନିକ ପରିବାରଙ୍କୁ ମୋ ଦ୍ୱାରା ଯଥା ସମ୍ଭବ ମୁଁ ଏହାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରକାଶ କହିଥିଲେ। ଶେଷରେ ଉପସଭାପତି ମୁଖ୍ୟ ଅତିଥି, ନିମନ୍ତ୍ରଣ ଅତିଥି ଓ ନିମନ୍ତ୍ରଣ କନ୍ଧମାଳ ଅବସରପ୍ରାପ୍ତ ସୈନିକ ସଂଘ ପରିବାର ବର୍ଗଙ୍କୁ ଧନ୍ୟବାଦ୍ ଅର୍ପଣ କରି ଉତ୍ସବକୁ ସମାପ୍ତ ଘୋଷଣା କରିଥିଲେ। ଏହି ଉତ୍ସବରେ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକ୍ ଖଜୁରୀପଡ଼ା, ରାଇକିଆ, କଳିଙ୍ଗା, ଉଦୟଗିରି, ଫୁଲବାଣୀ ସମେତ ବୌଦ୍ଧ ଅଞ୍ଚଳରୁ ଅବସରପ୍ରାପ୍ତ ସୈନିକ ଓ ସହିଦ ହୋଇଥିବା ସୈନିକଙ୍କ ପରିବାର ବର୍ଗ ସମସ୍ତ ଉପସ୍ଥିତ ଥିଲେ।

# ୧୯୯୦ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୦ ମସିହାରେ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଯାଇଛି। ବନ୍ଧୁ ମିଳନ କାର୍ଯ୍ୟକ୍ରମ ପଡୋଶୀ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାମରା ମାଁ ଡଙ୍ଗର୍ ଦେଇ ମନ୍ଦିର ଠାରେ ଅନୁଷ୍ଠିତ ହୋଇଛି। ଦୀର୍ଘ ୩୫ ବର୍ଷ ପରେ ବାଲ୍ୟ ବନ୍ଧୁମାନେ ନିଜ ପରିବାର ସହ ଏକାଠି ମିଶିଥିବାରୁ ହସଖୁସି, ଆନନ୍ଦ ରେ ଦିନଟି କାଟିଥିଲେ। କର୍ମମୟ ଜୀବନରୁ ଗୋଟିଏ ଦିନ ବାହାର କରି ସାଙ୍ଗ ସାଥି ମେଳରେ ସମସ୍ତେ ମିଶିଥିବାରୁ ମାଟ୍ରିକ ପରେ ନିଜ ନିଜ ଜୀବନର ଗତିପଥ ଉପରେ ଆଲୋଚନା କରିଥିଲେ। ଏହି ମସିହାରେ ମୋଟ ୭୦ ଜଣ ପାଠ ପଢୁଥିବା ବେଳେ ୫୦ ଜଣ ନିଜ ପରିବାର ସହ ଉପସ୍ଥିତ ଥିଲେ। ତେବେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପାଇଁ ସମସ୍ତେ ଏକ ୱ୍ହାଟସ୍ଅପ୍ ଗ୍ରୁପ ମାଧ୍ୟମରେ ସମ୍ପର୍କ କରି ସମସ୍ତେ ଏକତ୍ରିତ ହୋଇ ବନ୍ଧୁମିଳନ କରିଥିଲେ। ଆଗାମୀ ଦିନରେ ସମସ୍ତେ ସୁଖ ଦୁଃଖ ରେ ସାମିଲ ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସେଇ ବିଦ୍ୟାଳୟର ଶିକ୍ଷକ ବନମାଳୀ ରଥ ଯୋଗ ଦେଇଥିଲେ। ଗୁରୁଙ୍କୁ ପାଇଁ ସମସ୍ତ ଛାତ୍ରମାନେ ଭକ୍ତି ପୂର୍ବକ ସମ୍ମାନୀତ କରୁଥିଲେ। ଶେଷରେ ଆଗାମୀ ଦିନ ବନ୍ଧୁ ପାଇଁ ର ଭାବନାରେ ଦୁଃଖ ସୁଖର ସାଥୀ ହେବାପାଇଁ ହାତକୁ ହାତ ମିଳାଇ ଆଗକୁ ଯିବା ନିଷ୍ପତି ହୋଇଥିଲା। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

# ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି ଉପଦେଷ୍ଟାମଣ୍ଡଳୀ ବୈଠକ

ଭଞ୍ଜନଗର(ଭାସ୍କର ନ୍ୟୁଜ୍):ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ବୁଧବାର ରୋଗୀ କଲ୍ୟାଣ ସମିତି ଉପଦେଷ୍ଟା ମଣ୍ଡଳୀର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ଜିଲ୍ଲା ଚିକିତ୍ସାଳୟର ମାନ୍ୟତା ଦେବାକୁ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଠାରେ ଦାବି ରଖିଥିବା ଉଲ୍ଲେଖ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଏନେଇ ଏକ ସ୍ୱତନ୍ତ୍ର ଟିମ୍ ଭଞ୍ଜନଗର ମେଡିକାଲକୁ ପଠାଇ ଏହାର ସରଜମିନ ତଦନ୍ତ ସାରି ରିପୋର୍ଟ ପ୍ରସ୍ତୁତ କରିଥିବା ବେଳେ ଖୁବଶୀଘ୍ର ସେ ଭଞ୍ଜନଗର ମେଡିକାଲ ଆସି ଏହା ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ମେଡିକାଲର ସମସ୍ତ ଆନୁସଙ୍ଗିକ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ବିଧାୟକ ଉଲ୍ଲେଖ କରି ଏଦିଗରେ ସ୍ଥାନୀୟ ଲୋକଙ୍କ ସଂପୃକ୍ତି ରହିବା ନିହାତି ଜରୁରୀ ବୋଲି ଉଲ୍ଲେଖ କରିଥିଲେ। ଏହି ମେଡିକାଲ ଉପରେ ବାଲିଗୁଡା ଠାରୁ ଆରମ୍ଭ କରି ଚକାପାଦ ଏପଟେ ଦଶପଲ୍ଲା ଠାରୁ ଆରମ୍ଭ କରି ରାଇକିଆ ଯାଏଁ ସବୁ ଅଞ୍ଚଳର ବହୁ ଜଟିଳ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଥିବାରୁ ଏହାର ବିକାଶ ଘଟିବା ନିହାତି ଜରୁରୀବୋଲି ସେ କହିବାସହ ଏଥିପାଇଁ ସରକାରଙ୍କ ପକ୍ଷରୁ ଯାହା ସବୁ ଆବଶ୍ୟକ ତାକୁ ସେ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଏହି ମେଡିକାଲକୁ ଏକ ନୂତନ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି ବୋଲି ସେ ଘୋଷଣା କରିଥିଲେ। ପ୍ରାରମ୍ଭରେ ହସ୍ପିଟାଲର ବିଭିନ୍ନ ଅଭାବ ଅସୁବିଧା ନେଇ ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର




ସୀତାଂଶୁ ଶେଖର ଶତପଥୀ ଉପସ୍ଥିତ ବିଧାୟକ ତଥା ସମସ୍ତ ଜିବି ମେମ୍ବରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେଡିକାଲର କିଛି ଷ୍ଟାଫ୍ କ୍ୱାର୍ଟର ଇତିମଧ୍ୟରେ ନିର୍ମାଣ ସରିଛି। ନୂଆ ଏମସିଏଚ ବିଲିଡିଙ୍ଗ୍ ପାଇଁ ସ୍ଥାନ ନିରୁପଣ ଫାଇନାଲ ହେଲେ ଏହାର କାମ ଆରମ୍ଭ ହେବ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ ଏଯାଏଁ ଏହି ମେଡିକାଲର ନିଜସ୍ୱ ଜମି ପଟ୍ଟା ନଥିବାରୁ ମେଡିକାଲକୁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ମିଳିପାରୁନଥିବା କହି ଏଦିଗରେ ସମସ୍ତେ ଚେଷ୍ଟା କରିବା ଜରୁରୀ ବୋଲି ସେ ଅନୁରୋଧ କରିଥିଲେ। ମେଡିକାଲକୁ ହାଇମାସ୍କ ଲାଇଟ୍‌ରେ ଆଲୋକିତ କରାଯିବା ଆଦି ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିବାବେଳେ ଏସଂପର୍କରେ ସେ କାଉନସିଲ ବୈଠକରେ ପ୍ରସ୍ତାବ ଗୃହୀତ କରାଇ ମେଡିକାଲରେ ଏହା ଲଗାଇବେ ବୋଲି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା ଘୋଷଣା କରିଥିଲେ। ଏହି ଉପଦେଷ୍ଟା ମଣ୍ଡଳୀ ବୈଠକରେ ବିଧାୟକଙ୍କ ସହ ଉପଜିଲ୍ଲାପାଳ ତଥା ରୋଗୀକଲ୍ୟାଣ ସମିତିର ସଭାପତି ଅନୀଲ କୁମାର ସେଠୀ, ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ସିତାଂଶୁ ଶେଖର ଶତପଥୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ.ସତ୍ୟ ରଞ୍ଜନ ପରିଡା ଓ ମେଡିକାଲ ମ୍ୟାନେଜର ବିଚିତ୍ର କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଗୀକଲ୍ୟାଣ ସମିତିର ସଭ୍ୟ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଲୋକନାଥ କର, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରତାପ ନାୟକ, ସିଡିପିଓ ମିଲିମା ପଣ୍ଡା, ଜନସ୍ୱାସ୍ଥ୍ୟବିଭାଗ ସହକାରୀ ଯନ୍ତ୍ରୀ, ଜିଇଡି ସହକାରୀ ଯନ୍ତ୍ରୀଙ୍କ ସମେତ ସାଉଥକୋ ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମେଡିକାଲ ମ୍ୟାନେଜର ବିଚିତ୍ର କୁମାର ପାଣିଗ୍ରାହୀ ହସ୍ପିଟାଲର ଗତ ଦିନର ଖର୍ଚ୍ଚର ହିସାବ ଦେବାସହ ଆଗାମୀ ବଜେଟ୍ ଉପସ୍ଥାପନ କରିଥିଲେ। ଯାହାକି ତୁରନ୍ତ ଅନୁମୋଦନ କରାଯାଇଥିଲା। ଏହି ଅବସରରେ ରୋଗୀ କଲ୍ୟାଣ ସମିତିର ନୂତନ ଉପଦେଷ୍ଟା ମଣ୍ଡଳୀ ସଦସ୍ୟଭାବେ ପଦ୍ମନାଭ ପ୍ରଧାନ, ବିଷ୍ଣୁପ୍ରସାଦ ପ୍ରଧାନ, ଲକ୍ଷ୍ମୀ ନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମହାନ୍ତି ଓ ଜୟଶ୍ରୀ ମହାପାତ୍ର ଆଦି ୫ଜଣଙ୍କ ନାମ ସର୍ବସମ୍ମତିକ୍ରମେ ଘୋଷଣା କରାଯାଇଥିଲା।



# ଆମ କଳାହାଣ୍ଡି





## 'ଘୁମୁରା' ଉପଲକ୍ଷେ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ୨୭ତମ କଳାହାଣ୍ଡି ଉତ୍ସବ ଅବସରରେ ମହିଳା ଉପ ସମିତି ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆର୍‌ପିଏଫ ୬୪ ବାଟାଲିୟନର ଦୁର୍ଗପତି ପଙ୍କଜ ଚୌଧୁରୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଦୁର୍ଗପତି ପ୍ରଶାନ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଚେତା ପାଣି, ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ମିଶନଶକ୍ତିର ସୁମନ ଦ୍ୱିବେଦୀ, କାର୍ଯ୍ୟକ୍ରମ ଅଧିକାରୀ ସୁଚିତ୍ରା ମହାପାତ୍ର, ମନୀଷା ପ୍ରିୟମ୍ବଦା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମହିଳା ଉପସମିତିର ଅଧକ୍ଷା ଜ୍ୟୋତିରାଣୀ ଦାସଙ୍କ ଅଧକ୍ଷତାରେ ତଥା ସଦସ୍ୟ ସ୍ନେହଲତା ଷଡ଼ଙ୍ଗୀ, ମିନତୀ ପ୍ରଧାନ, ସୁକାନ୍ତି ସରାଫଙ୍କ ତତ୍ତ୍ୱାବଧାନରେ ମହିଳାମାନଙ୍କ ମଧ୍ୟରେ ଝୋଟି, କଳାହାଣ୍ଡିଆ ପାରମ୍ପରିକ ବେଶ ପୋଷାକ, ଏକକ ଅଭିନୟ, ବକ୍ତୃତା, ଶଙ୍ଖ ଫୁଙ୍କା, ହୁଳହୁଳି, ଅନ୍ଧପୁଟୁଳି ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଅବସରରେ ଝୋଟିରେ ଜୟନ୍ତୀ ସିଂହ, ତପସ୍ୱିନୀ ଦଳେଇ, ନିରୁପମା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଇପ୍ସିତା ପଣ୍ଡା, ମିନତୀ ବେହେରା, ମନୀଷା ପ୍ରିୟମ୍ବଦା ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ । କଳାହାଣ୍ଡିଆ ପାରମ୍ପରିକ ବେଶ ପୋଷାକରେ ପ୍ରିୟଦର୍ଶିନୀ ବିଶୋଇ, ମିନତୀ ପ୍ରଧାନ, ପିହୁ ପଟ୍ଟନାୟକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଚାରୁ ଷଡ଼ଙ୍ଗୀ, ନମିତା ମିଶ୍ର, ମିନତୀ ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ । ଏକକ ଅଭିନୟରେ ନିବେଦିତା ମହାନ୍ତି, ପ୍ରିୟଦର୍ଶିନୀ ବିଶୋଇ ଓ ମିନତୀ ପ୍ରଧାନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସ୍ୱର୍ଣ୍ଣକାନ୍ତି ବୈକାର, ପୁଷ୍ପାଞ୍ଜଳି ଦୀପ ଓ ଉମାଶଙ୍କରି ପାଲ ବିଚାରକ ଦାୟିତ୍ୱ ତୁଲାଇଥିଲେ । ବକ୍ତୃତା ପ୍ରତିଯୋଗିତାରେ ପ୍ରିୟଦର୍ଶିନୀ ବିଶୋଇ, ମିନତୀ ପ୍ରଧାନ, ସରିତା ରଥ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ନୂତନ ପାଟଯୋଶୀ ଛନ୍ଦିତା ଦାଶ, ମମତା ତ୍ରିପାଠୀ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଶଙ୍ଖଫୁଙ୍କାରେ ଗୀତାଞ୍ଜଳି ପତି, ଶଙ୍ଖଶିନୀ ମୁଣ୍ଡ ଓ ସୁନୀତା ସାହା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ହୁଳହୁଳି ପ୍ରତିଯୋଗିତାରେ ସୁବାସିନୀ ପାତ୍ର, କବିତା ସାହୁ, ନିବେଦିତା ମହାନ୍ତି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଭୟ ପ୍ରତିଯୋଗିତାରେ ବିଚାରକ ଭାବେ ରାଜେଶ୍ୱରୀ ଜୟରାଜ, ଜାହ୍ନବୀ ସାହୁ, ମନସା ଦାସ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ସେହିପରି ଅନ୍ଧପୁଟୁଳି ପ୍ରତିଯୋଗିତାରେ ଆରକୁଲି ସୁନା ପ୍ରଥମ ଓ ସ୍ନେହଲତା ପରିଡ଼ା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ବିଚାରକ ଭାବେ ମମତା ତ୍ରିପାଠୀ, ମିନତୀ ବେହେରା ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ମହିଳାଙ୍କ ଦ୍ୱାରା ପରିବେଶିତ ମନୋଜ୍ଞ ବୈଶାଖୀ ନୃତ୍ୟ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ।

## ପରବା ମଞ୍ଚରେ ଚମକୁଛନ୍ତି କଳାହାଣ୍ଡିର ଆଗାମୀ ଭବିଷ୍ୟତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ଦ୍ୱିତୀୟ ଦିନ ସଂଧ୍ୟାରେ ପରବା ମଞ୍ଚରେ ଶତାଧିକ ଶିଶୁ କଳାକାରଙ୍କ କଳା ନୈପୁଣ୍ୟତା ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ବିସ୍ମିତ କରିଥିଲା । ଯେପରି କେହି କାହାଠାରୁ କମ୍ ନୁହଁନ୍ତି । ପିଲାଙ୍କ କଳା ପ୍ରଦର୍ଶନ ଦର୍ଶକଙ୍କୁ ବିଭୋର କରିଥିଲା । ଏଭଳି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶିଶୁ ବିଚିତ୍ରା ବିଳମ୍ବିତ ରାତିଯାଏଁ ପାରବା ମଞ୍ଚରେ ହଜାର ହଜାର ଦର୍ଶକଙ୍କୁ ବାନ୍ଧି ରଖିଥିଲା । ୨୭ତମ କଳାହାଣ୍ଡି ଉତ୍ସବର ଦ୍ୱିତୀୟ ସଂଧ୍ୟାର ସାଂସ୍କୃତିକ ସଂସ୍କରଣରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଆଦିବାସୀ ନେତା ତଥା ଦଳିତ, ଆଦିବାସୀ ମହାସଂଘର ସଭାପତି ପରମାନନ୍ଦ ମାଝୀ, ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କବି ଡ. ଭବାନୀଶଙ୍କର ନିଆଲ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ମହମ୍ମଦ ସାହେବ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଦିଲୀପ ମହାରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାକୁ ଧନ୍ୟବାଦ ଅର୍ପଣ କରି ଶେଷକରିଥିଲେ ପ୍ରଗତି ଗ୍ରୁପର ସମ୍ପାଦକ ଅଜୟ କୁମାର ପଣ୍ଡା । ସଭା ପରିଚାଳନା କରିଥିଲେ ସୁଧୀର ନାଏକ ଓ ରିୟାଜ ଖାନ । ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମକୁ ସୌରଭ ମହାପାତ୍ର, ହେମନ୍ତ ସାହୁ, ଡିଲେଶ୍ୱର ରଣା, ଧନଞ୍ଜୟ ପଣ୍ଡା, ଆଶୁତୋଷ ପୁରୋହିତ, ପ୍ରିୟଙ୍କା ପଟ୍ଟନାୟକ, ଆର୍ଯ୍ୟ ନାଏକ, ବିକାଶ ମୁଣ୍ଡ, ଶିବଶକ୍ତି ପୁରୋହିତ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ପ୍ରଗତି ଅନୁଷ୍ଠାନ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରେ ବୃନ୍ଦାବନ ସ୍ମାର୍ଟ ସ୍କୁଲ, ସୋନୀ ଡ୍ୟାନ୍ସ ସ୍କୁଲ, ଡିଜେ ଡ୍ୟାନ୍ସ ଗ୍ରୁପ, ଅଭିଜିତ ସାହୁ, ଅନନ୍ୟା ଅପରାଜିତା, ଜେକେ ଡ୍ୟାନ୍ସ ସ୍କୁଲ, ସୋହାନୀ ପ୍ରିୟଦର୍ଶିନୀ ମହାରଣା, ପରୀ ସିଂହ, ଅମ୍ରିତା ସାହୁ, କେସିଙ୍ଗାସ୍ଥିତ ୟଙ୍ଗବ୍ଲଡ୍ ପବ୍ଲିକ ସ୍କୁଲ, ତସ୍ୱୀକା ପ୍ରଧାନ ଗ୍ରୁପ, ସମୀକ୍ଷା ପାଣିଗ୍ରହୀ, ଏକ୍ସଡିଆର ଡ୍ୟାନ୍ସ ଗ୍ରୁପ, ଆର୍‌ସିଏମ୍ ଟିଉସନ୍ ଡ୍ୟାନ୍ସ ଗ୍ରୁପ, ସକ୍ଷମ ନୃତ୍ୟ ଏକାଡେମୀ, ସିଟିଜେନ ମଡେଲ ଇଂଲିଶ ମିଡ଼ିୟମ ଏକାଡେମୀ, ମୋନିକା ଗହୀର ଓ ସାଥୀ, ମୁକ୍ତିପ୍ରିୟା ବିଶ୍ୱାଳ, ଅର୍ଚ୍ଚିତା ଡ୍ୟାନ୍ସ ଗ୍ରୁପ, ଅନନ୍ୟା ସାହୁ, ଶାସ୍ତ୍ରୀଜୀ ମଡେଲ ସ୍କୁଲ, ପ୍ରଗତି ଶିକ୍ଷାନୁଷ୍ଠାନ, ସୋହିନୀ ପ୍ରେୟସୀ ମହାରଣା, ରଚିକା ମହାଖୁଡ଼ ପ୍ରମୁଖ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ ।

## ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଜନସେବା ଦିବସ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୮୦ ବର୍ଷରୁ ଊର୍ଦ୍ଧ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟଯୋଶୀ ଯୋଗ ଦେଇଥିଲେ । ତାସହିତ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଧର୍ମଗଡ଼ର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଭତ୍ତା ପ୍ରଦାନ କରୁଥିବା କାର୍ଯ୍ୟକ୍ରମର ସିଧାପ୍ରସାରଣ କେନ୍ଦୁଝରର ଜିଲ୍ଲାରୁ ପ୍ରଦର୍ଶିତ କରାଯାଇଥିଲା । କଳାହାଣ୍ଡି ଜିଲ୍ଲାର ୧୩୯୪୪ ଜଣ ହିତାଧିକାରୀ ଏହି ଯୋଜନାରେ ଲାଭାନ୍ୱିତ ହେବେ ବୋଲି ଜଣାପଡିଛି । ଏଣିକି ସେମାନେ ପ୍ରତି ମାସରେ ମାସିକ ୩୫୦୦ ଟଙ୍କା ଲେଖା ଭତ୍ତା ପାଇବେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ କଳାହାଣ୍ଡି ଜିଲ୍ଲାର ୩୦୦ ଜଣ ହିତାଧିକାରୀ ଯୋଗ ଦେଇଥିଲେ ।

## ଭୀମକେଲାରେ ମକରମେଳା ଉତ୍ସବ

ନର୍ଲା, (ଭାସ୍କର ନ୍ୟୁଜ୍) : ଭଗବାନ ବିଷ୍ଣୁ ଓ ରାମେଶ୍ୱର ମହାଦେବଙ୍କ ମିଳନ ପର୍ବକୁ ନେଇ ଭୀମକେଲା ଗ୍ରାମ ଠାରେ ଆରମ୍ଭ ହୋଇଛି ମକର ସଂକ୍ରାନ୍ତିର ମହାନ ଉତ୍ସବ ମକର ମେଳା ବା ହରିହର ମିଳନ ଉତ୍ସବ । ସାନ୍ଦୁଲ ନଦୀ ତଟରେ ଅବସ୍ଥିତ ଶ୍ରୀ ରାମେଶ୍ୱର ମହାଦେବ ମନ୍ଦିର ପରିସରରେ ୩ ଦିନ ଧରି ମକର ସଂକ୍ରାନ୍ତି ପର୍ବ ସହ ଅଖଣ୍ଡ ଷୋହଳ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଛି । ପ୍ରଥମ ଦିନ ପୌଷ ପୂର୍ଣ୍ଣିମାରେ ଗାଁର ମହିଳା ଓ ଝିଅ ମାନଙ୍କ ଦ୍ୱାରା କଳସ ଯାତ୍ରା ବାହାରି ଥିବାବେଳେ ସଂକ୍ରାନ୍ତି ଦିନ ରାମେଶ୍ୱର ମହାଦେବ ମନ୍ଦିର ଓ ବିଷ୍ଣୁ ମନ୍ଦିରରେ ପୂଜାନୀତି ପରିଚାଳନା କରାଯାଇ ହରିହର ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଷ୍ଣୁଙ୍କ କର୍ତ୍ତା ରୂପେ କୁବେର ରଣା ଓ ତାଙ୍କ ଧର୍ମପତ୍ନୀ, ଶିବଙ୍କ କର୍ତ୍ତା ରୂପେ ଲକ୍ଷେଶ୍ୱର ରଣା ଓ ତାଙ୍କ ପତ୍ନୀ, ଚଣ୍ଡୀଙ୍କ କର୍ତ୍ତା ରୂପେ ଗୁପ୍ତେଶ୍ୱର ମାଝୀ ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ନିର୍ବାହ କରିଥିଲେ । ଦେବ ଦେବ ମହାଦେବ ଓ ରକ୍ଷାକର୍ତ୍ତା ବିଷ୍ଣୁଙ୍କର ପ୍ରତିମାକୁ ପାଲିଙ୍କିରେ ଗ୍ରାମ ପରିକ୍ରମା କରାଯାଇ ମକର ଚାଉଳ ଓ ଭୋଗ ବଣ୍ଟନ କରାଯାଇ ଥିଲା । ମକର ସଂକ୍ରାନ୍ତି ପରଦିନ ସକାଳୁ ହରିନାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଷୋହଳ ପ୍ରହର ନାମ ଯଜ୍ଞର ଶୁଭାରମ୍ଭ ହୋଇଥିଲା । ନାମ ଯଜ୍ଞ ସ୍ଥଳୀରେ ପ୍ରହର କର୍ତ୍ତା ରୂପେ ସୀମାଞ୍ଚଳ ସାହୁ ଓ ତାଙ୍କ ଧର୍ମପତ୍ନୀ ଉପସ୍ଥିତ ରହି କାର୍ଯ୍ୟ ନିର୍ବାହ କରିଥିଲେ । ନାମ ଯଜ୍ଞରେ ଭୀମ ଡଙ୍ଗା, କାଣ୍ଡେଲ, ପଲସାପଡା, ରାକ୍ସି, ଭୀମକେଲା, ଖଜୁରିପଡାର ଝିଅ ଦଳ ରାସ୍ତାମାଳର ଝିଅ ଦଳ ଓ ସକ୍ରିଗୁଡାର ଝିଅ ଦଳ ମାନେ ଅଂଶ ଗ୍ରହଣ କରିଥିଲେ । ମକର ସଂକ୍ରାନ୍ତି ପୂଜା କମିଟିର ମୁଖ୍ୟ ଗଣ୍ଡାଲାଲ ଜାଲ, ବିଜୟ ବୈଠାରୁ, ଅକ୍ଷୟ ମାଝୀ, ଉଦେନାଥ ଭୋଇ, ବିଘ୍ନରାଜ ଭୋଇ, ଅରକ୍ଷିତ ଭୋଇ, କେଶବ ଚନ୍ଦ୍ର ଭୋଇ, ଜୟନ୍ତ ଗଉଡ, ରୋହିତ ସ୍ୱାଇଁ, ଝଜ ସା, ଭୁବନେଶ୍ୱର କରୁଆଁ, ହେମସାଗର କରୁଆଁ, କୁବେର ଚନ୍ଦ୍ର ସାହୁ, ଶେଷଦେବ ପୋଢ, ନିତ୍ୟାନନ୍ଦ ସାହୁ, ଲକ୍ଷ୍ମଣ ଗଉଡ, ଜୟ କିଷନ ସୁନା ସହ ଭୀମକେଲା ଗ୍ରାମର ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରି ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲେ ।

## ଧର୍ମଗଡ଼ରେ ଘୁମୁରା ପ୍ରତିଯୋଗିତା

ଧର୍ମଗଡ଼, ( ଭାସ୍କର ନ୍ୟୁଜ ) : କଳାହାଣ୍ଡି ଉତ୍ସବ ଉପଲକ୍ଷେ ଧର୍ମଗଡ ଉତ୍ସବ ପଡିଆରେ କଳାହାଣ୍ଡିର ବୀରବାଦ୍ୟ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଉତ୍ସବ କମିଟିର ଅଧକ୍ଷ ତଥା ଧର୍ମଗଡ ଉପଜିଲ୍ଲାପାଳ ଧୀମାନ ଚୋକମା ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଡ଼ଃ ମୋନିକା ପରଶିରା, ଅର୍ଥ କମିଟି ଉପ ଅଧକ୍ଷା ହୀରା ବାଗ, ଇଙ୍ଗିତ ପଣ୍ଡା, ଘୁମୁରା କମିଟି ଅଧକ୍ଷ ରମଣୀ କାନ୍ତ ଜାଲ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଚାମ୍ପେଶ୍ୱର ଘୁମୁରା ଦଳ ପ୍ରଥମ ସ୍ଥାନ, ମା ଜଗତ ଜନନୀ ଘୁମୁରା ଦଳ ଜୟପାଟଣା ଦ୍ୱିତୀୟ ଏବଂ ମା ଠାକୁରାଣୀ ଘୁମୁରା ଦଳ ରଜାମୁଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ ।

## ବର୍ଦ୍ଧିତ ଭତ୍ତା ବଣ୍ଟନ



କୋକସରା, (ଭାସ୍କର ନ୍ୟୁଜ୍ ): କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ୮୯୭ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ବଣ୍ଟନ କରାଯାଇଛି । ୩୫୯ ଜଣଙ୍କୁ ହାତାହାତି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୫୩୮ ଜଣଙ୍କୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ମଧୁବାବୁ ପେନ୍‌ସନ୍ ଯୋଜନାରେ ୮୦ ପ୍ରତିଶତ ଭିନ୍ନକ୍ଷମ ଥିବା ୧୩୧ ଜଣ ଭତ୍ତା ଟଙ୍କା ୩୫୦୦ ପାଇଥିବାବେଳେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ୨୨୮ ଜଣ, ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ୮୦ ପ୍ରତିଶତ ଭିନ୍ନକ୍ଷମ ୯୨ ଜଣ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ୪୪୬ ଜଣ ହିତାଧିକାରୀ ୩୫ ଶହ ଟଙ୍କା ପାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା ସୂଚନା ଦେଇଛନ୍ତି । ଉଭୟ ମଧୁବାବୁ ଭତ୍ତା ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧିନରେ ଥିବା ୮୦ ବର୍ଷ କିମ୍ବା ୮୦ ବର୍ଷରୁ ଅଧିକ ବୟସ୍କ ହିତାଧିକାରୀ ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କ ଟଙ୍କା ରାଜ୍ୟ ସରକାର ବୃଦ୍ଧି କରିଥିଲେ । ପୂର୍ବରୁ ୧୨୦୦ ଟଙ୍କା ପାଉଥିବାବେଳେ ଏବେ ୩ ହଜାର ୫ ଶହ ଟଙ୍କା ପାଇଛନ୍ତି ।

## ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ସ୍ଥାନୀୟ ଟାଉନହଲଠାରେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଅଛି । ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ଡ. ବିଧୁପ୍ରଭା ରଥ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ସକିତ ରତେ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, କବି ସମ୍ମିଳନୀ ଉପସମିତିର ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲ୍ଲାପାଳ ପ୍ରତାପ ମାଝୀ, ସମିତିର ସହ ଅଧକ୍ଷ ସନ୍ତୋଷ କୁମାର ରଥ, ଉପାଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଯୁବକବି ଜୟଦ୍ରଥ ସୁନା, କଳ୍ପନା ରଥ, ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କବୟିତ୍ରୀ ମଞ୍ଜୁମେଧା ଗୁରୁଙ୍କୁ ମାଟିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । କବି ସମ୍ମିଳନୀ ଉପ ସମିତିର ଅଧକ୍ଷ ଡ.ତପନ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଆବାହକ ଡିଲେଶ୍ୱର ରଣା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ କବି ଯାଦବେନ୍ଦ୍ର ସାହା, ସୁମତୀ ମୁଣ୍ଡ, ଲିପ୍ସାମୟୀ ଦୁବେ, ସଞ୍ଜୀବ କୁମାର ପଣ୍ଡା ପ୍ରମୁଖ କବିତା ସଂଯୋଜନା କରିଥିଲେ । କବି ସମ୍ମିଳନୀ ଉପ ସମିତିର ସମସ୍ତ ସଦସ୍ୟ, ସଦସ୍ୟାଙ୍କ ସହିତ ତପନ କୁମାର ସାହୁ, କର୍ଣ୍ଣ ଗହୀର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଦୁଇଶହରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ ।

## ଧର୍ମଗଡ଼ ଉପଖଣ୍ଡସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ

## ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ





ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳା, ସଂସ୍କୃତିର ଉତ୍ସବ 'କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୫'ର ଶୁଭ ଉଦ୍‌ଘାଟନ ହୋଇଯାଇଛି । ପ୍ରଥମେ ମାଁ ଭଣ୍ଡାରଘରଣୀଙ୍କ ମନ୍ଦିରରୁ ମା'ଙ୍କ କଳସ ବିରାଟ ପଟୁଆର ବାହାରି ସହର ପରିକ୍ରମା କରି ଉତ୍ସବ ପଡିଆକୁ ଆସିବା ପରେ ମଞ୍ଚରେ ସ୍ଥାପିତ କରାଯାଇଥିଲା । କଳାହାଣ୍ଡି ଉତ୍ସବ ଘୁମୁରା ଅଧକ୍ଷ ଧୀମାନ ଚକମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରି, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପଟଯୋଶୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ପୋଲିସ ଅଧିକ୍ଷକ ଅଭିଳାସ ଜି ପ୍ରମୁଖ ଯୋଗଦେଇ କଳାହାଣ୍ଡି ସଂସ୍କୃତିର ଜୟଗାନ କରିଥିଲେ । ଏହି ଉତ୍ସବ ଜିଲ୍ଲାର ବିକାଶର ମାନଚିତ୍ର ଆଙ୍କିବାରେ ସହାୟକ ହୋଇଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଉଦ୍‌ଘାଟନ ସଂଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମର୍ଥ ଦୃଷ୍ଟିହୀନ ସଙ୍ଘ ଘୋଟିଆ କଳାକାର ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା । ପରେ ନୃତ୍ୟ କଳା ଅନୁଷ୍ଠାନ ବଜାସାଲ ଭବାନୀପାଟଣା, ଗାୟତ୍ରୀ କଳା ଅନୁଷ୍ଠାନ ରାୟଗଡା, କଳାଯିବି ବରଗଡ଼, ହରିୟାଣାର ଘୁମେର, ଝାରଖଣ୍ଡର ପଲକ, ପୁରୀର ମାଲଖମ, ବଲାଙ୍ଗୀରର ଗୁଡ଼ଖା ଭଳି ଜିଲ୍ଲା, ରାଜ୍ୟ ,ଏବଂ ରାଜ୍ୟ ବାହାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା । ପରେ ଷ୍ଟାର ନାଇଟ ପ୍ରୋଗ୍ରାମରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ସର୍ବେଶ୍ୱର ଭୋଇ ଓ ସାଥିଙ୍କ ନୃତ୍ୟ ଗୀତରେ ଦର୍ଶକ ଝୁମିଥିଲେ । ହେଲେ କଳାହାଣ୍ଡି ଉତ୍ସବ ଆରମ୍ଭରୁ ଅବ୍ୟବସ୍ଥା ହୋଇଥିବା ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । କମିଟି ସଦସ୍ୟଙ୍କ ମଧ୍ୟରେ ତାଳମେଳ ରହୁନ ଥିବା ଆଲୋଚନା ହେଉଛି । ଏପରିକି ମାଁ ଭଣ୍ଡାରଘରଣୀଙ୍କ ପୀଠରୁ ମଞ୍ଚକୁ କଳସ ଯାତ୍ରା ଯିବା ସମୟରେ କମିଟିର କିଛି ସଦସ୍ୟଙ୍କ ମଧ୍ୟରେ ବାଚଉବାଚ ଦେଖିବାକୁ ମିଳିଥିଲା । ପୂର୍ବରୁ କଳସ ଯାତ୍ରା ସମୟରେ ସମସ୍ତ କମିଟି ସଦସ୍ୟଙ୍କୁ ଆୟୋଜକ କମିଟି ତରଫରୁ ଆଇ-କାର୍ଡ ପ୍ରଦାନ କରାଯାଇଥାଏ । ଚଳିତବର୍ଷ କଳସ ଯାତ୍ରା ସମୟରେ ପ୍ରଦାନ କରାଯାଇଥିବା ଆଇ-କାର୍ଡରେ 'ଏହି କାର୍ଡ କେବଳ କଳସ ଯାତ୍ରା ପାଇଁ ବୈଧ' ବୋଲି ଲେଖାଯାଇଥିଲା । ଯାହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି । ଅନ୍ୟପଟେ- କଳାହାଣ୍ଡି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆସିଥିବା କଳାକାରଙ୍କୁ ଖାଦ୍ୟ ମିଳିନଥିବା ବିଷୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି । ବରଗଡ଼ରୁ ଆସିଥିବା କଳାକାର ଏବଂ ମଞ୍ଚ ପ୍ରସ୍ତୁତ କରୁଥିବା ଅନେକ ଶିଳ୍ପୀ ମଧ ଦିନ ପହର ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଉଲ୍ଲେଖ ରହିଛି । ସେଭଳି ବିଗତ ବର୍ଷମାନଙ୍କରେ ସାମ୍ବାଦିକ ଏବଂ ବିଭିନ୍ନ କମିଟିର ସଦସ୍ୟଙ୍କୁ ଆଇ-କାର୍ଡ ସହ ମୋଟର ଯାନ ପାସ ମଧ୍ୟ ଆୟୋଜକ କମିଟି ତରଫରୁ ଦିଆଯାଇଥାଏ । କିନ୍ତୁ ଚଳିତବର୍ଷ ମୋଟର ଯାନ ପାସ ଦିଆଯିବ ନାହିଁ ଜଣାପଡିବା ପରେ ସାମ୍ବାଦିକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏନେଇ ସାମ୍ବାଦିକମାନେ ଆୟୋଜକ କମିଟିର ଅଧକ୍ଷ ଉପଜିଲ୍ଲାପାଳଙ୍କୁ ଭେଟି ଏହାର ପ୍ରତିବାଦ କରିଥିଲେ । ଏହାପରେ ସାମ୍ବାଦିକମାନଙ୍କୁ ମୋଟର ଯାନ ପାସ ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା । ହେଲେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାସ ମିଳିନଥିବାରୁ ଦୂରଦୂରାନ୍ତରୁ ଆସିଥିବା ଅନେକ ସାମ୍ବାଦିକ ନିରାଶ ହୋଇ ଫେରିଯାଇଥିଲେ । ଖବର ନେବାରୁ ଦିନ ୨ଟାରେ ପାସ କାର୍ଡ ସବୁ ପ୍ରିଣ୍ଟ ହୋଇ ଉପଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । କିନ୍ତୁ କିଛି କରିତକର୍ମା ବ୍ୟକ୍ତି ଅଯଥାରେ ବିଳମ୍ବ କରି କାର୍ଡ ପ୍ରଦାନ କରିଥିଲେ । ମୋଟାମୋଟୀ କହିବାକୁ ଗଲେ ଚଳିତବର୍ଷ ଧର୍ମଗଡ ଉପଖଣ୍ଡସ୍ତରୀୟ କଳାହାଣ୍ଡି ଉତ୍ସବ ପ୍ରାରମ୍ଭରୁ ଅବ୍ୟବସ୍ଥା ହୋଇଥିବା ବେଳେ ଆଗକୁ ଏଥିପ୍ରତି କମିଟି ଧ୍ୟାନ ଦେବ ବୋଲି ଆଶା କରାଯାଏ ।

## ରାଶିଫଳ

**ଶୁକ୍ରବାର, ୧୭ ଜାନୁଆରୀ ୨୦୨୫**



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ । ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢ଼ିପାରେ । ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ । ଆପଣ ବନ୍ଧୁ ଏବଂ ପରିବାରର ଆବଶ୍ୟକତାରେ ଅଟକି ଯାଇପାରନ୍ତି । ପେଟ ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା ଅଛି ।



**ବୃଷ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ । ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ । ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ । ଆର୍ଥିକ ଦିଗ ଦୃଢ଼ ହେବ । ଘରର ଉପଯୋଗୀ ଜିନିଷଗୁଡ଼ିକ ବୃଦ୍ଧି ପାଇବ ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବ । ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ । ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ । ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି । ସମୟ ଭଲ ଅଟେ । ଭ୍ରମଣ ଯୋଗ ମଧ୍ୟ ଅଛି ।



**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡ଼ିକ କିଛି ବିପଦ ବହନ କରିପାରେ । ଚାକିରିରେ ସମସ୍ୟା ହୋଇପାରେ । ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିପାରେ । ନିଦ୍ରା ଅଭାବ ହେବ । ମୁଣ୍ଡବିନ୍ଧା ଏବଂ ଆଖିରେ ଉତ୍ତେଜନା ଦେଖାଦେଇପାରେ ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଆପଣଙ୍କ ଜୀବନସାଥୀ ଆପଣଙ୍କର ଅନୁଭବ ବୁଝିବେ । ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ । ଆପଣ ଧର୍ଯ୍ୟବାନ ହେବା ଉଚିତ୍ ।



**ତୁଳା:** ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ । ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ ।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ । ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ । ସନ୍ଧ୍ୟାରେ ଅତିଥିମାନଙ୍କ ଆଗମନ ସହିତ ଘରର ପରିବେଶ ମଧ୍ୟ ସୁଖଦ ରହିବ । ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ । ମନ୍ଦିରରେ ଘିଅ ଦୀପ ଜାଳନ୍ତୁ, ପତି-ପତ୍ନୀଙ୍କ ସମ୍ପର୍କ ମଜବୁତ ହେବ ।



**ଧନୁ:** ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ । ଆପଣ ବ୍ୟବସାୟରେ ନୂତନ ଯୋଜନା କରିପାରିବେ । ଯାହା ଭବିଷ୍ୟତରେ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ ।



**ମକର:** ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ । ପାରିବାରିକ ସମ୍ପର୍କ ଆନ୍ତରିକ ହେବ । ଚିନ୍ତା ସମାପ୍ତ ହୋଇପାରିବ । କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ । ବିବାହିତ ଲୋକମାନେ ସୁଖ ପାଇପାରିବେ । ପ୍ରେମ ବଢ଼ିବ ।



**କୁମ୍ଭ:** କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍ ।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ । ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ । ଆପଣଙ୍କର ଆୟ ବଢ଼ିବାର ସମ୍ଭାବନା ମଧ୍ୟ ଅଧିକ ।



ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯